ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 8 | 9 | 2 | A | 7 | E | 6 | B | 3 | 4 | 5 | C | 0 |
| 0 | 7 | E | 6 | D | 1 | 5 | C | 2 | 9 | 8 | A | B | 3 | 4 |
| 4 | A | 3 | B | 7 | 5 | 0 | 1 | 9 | C | D | 6 | 8 | 2 | E |
| 6 | 5 | B | 3 | C | E | A | 8 | 4 | 7 | 2 | 0 | 9 | 1 | D |
| C | 2 | 9 | 4 | 8 | 0 | B | 3 | D | E | 5 | 1 | 6 | A | 7 |
| 7 | 9 | 1 | D | E | 3 | 6 | A | C | 4 | 0 | 8 | 2 | B | 5 |
| D | E | 6 | 8 | 4 | 9 | 1 | B | 3 | 5 | 7 | 2 | C | 0 | A |
| 8 | 4 | C | 0 | 6 | 2 | E | 5 | 7 | A | 1 | B | 3 | D | 9 |
| 2 | 3 | A | C | 5 | B | 4 | D | 0 | 6 | E | 9 | 1 | 7 | 8 |
| B | 0 | 5 | A | 1 | 7 | 9 | 2 | 8 | 3 | C | D | 4 | E | 6 |
| 3 | C | 0 | 5 | 9 | 8 | 2 | 4 | E | 1 | A | 7 | D | 6 | B |
| 9 | 1 | 7 | 2 | A | 4 | D | 0 | B | 8 | 6 | C | E | 5 | 3 |
| 5 | 6 | 4 | 1 | B | C | 3 | 7 | A | D | 9 | E | 0 | 8 | 2 |
| E | 8 | D | 7 | 0 | 6 | C | 9 | 5 | 2 | B | 3 | A | 4 | 1 |
| A | B | 2 | E | 3 | D | 8 | 6 | 1 | 0 | 4 | 5 | 7 | 9 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏକକ ପ୍ରଶ୍ନପତ୍ର ସ୍ୱାଗତଯୋଗ୍ୟ

ମହାଶୟ,

ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଏକା ସମୟରେ ସମାନ ପ୍ରଶ୍ନପତ୍ର ମାଧ୍ୟମରେ ପରୀକ୍ଷା କରାଇବା ଉତ୍ତମ ଚିନ୍ତାଧାରା। ଏହାଦ୍ୱାରା ବିଦ୍ୟାଳୟରେ ପରୀକ୍ଷା ପରିଚାଳନାରେ କୌଣସି ବ୍ୟତିକ୍ରମ ହେବନାହିଁ। କାରଣ ପୂର୍ବରୁ ଜିଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ଜିଲାର କୌଣସି ଘରୋଇ ଛାପାଖାନାରେ ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ ବ୍ୟବସ୍ଥା କରି ବହୁ ଅବ୍ୟବସ୍ଥାରେ ପଡୁଥିଲେ। ପୁଣି ଏଥିରେ ସ୍ୱଚ୍ଛତା ନ ଥିଲା। ଦୁର୍ଗମ ଅଞ୍ଚଳରେ ପ୍ରଶ୍ନପତ୍ର ଠିକ୍ ସମୟରେ ପହଞ୍ଚୁ ନ ଥିଲା। ବର୍ତ୍ତମାନ ମଧ୍ୟ ସରକାର ବହୁ ପୂର୍ବରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଇ, ଆଗୁଆ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ପହଞ୍ଚାଇ ପାରିଲେ ପରିଚାଳନାରେ କୌଣସି ତ୍ରୁଟି ହେବନାହିଁ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ଠିକ୍‌ରୂପେ ମପାଯାଇପାରିବ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ କେବେ

ଧରିତ୍ରୀ(୩୧।୧୦)ରେ ସରକାରୀ ମେଡିକାଲ କଲେଜର ବିଭିନ୍ନ କାର୍ଯ୍ୟର ସଂଯୋଜନା ପାଇଁ କେତେକ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦେବା ଖବର ପ୍ରକାଶ ପାଇଛି। ସେଥିରେ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଅନ୍ୟତମ। ଏହି କଲେଜ ପାଇଁ ପୂର୍ତ୍ତ ବିଭାଗ ସଚିବ ତଥା କମିଶନରଙ୍କୁ ସଂଯୋଜକ ଦାୟିତ୍ୱ ଦେବା ଏହି କଲେଜ ପ୍ରତିଷ୍ଠା ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ୨୦୧୬ରେ ଆରମ୍ଭ ହୋଇଥିବା ଏହି କଲେଜ ଶ୍ରୀମନ୍ଦିର ପ୍ରଶାସନର ପ୍ରାୟ ୨୫ ଏକର ଜମିରେ ନିର୍ମିତ ହେବାର କୁହାଯାଉଥିଲେ ମଧ୍ୟ ସଂଲଗ୍ନ ହସ୍ପିଟାଲ ପାଇଁ ଏ ପର୍ଯ୍ୟନ୍ତ ଆବଶ୍ୟକ ଘରୋଇ ଜମି ଅଧିଗ୍ରହଣ ହୋଇନାହିଁ, ଯାହା ଆରମ୍ଭ ହେଲେ ମଧ୍ୟ କେବେ ହସ୍ପିଟାଲ ସରିବ ତା'ର ସ୍ଥିରତା ନାହିଁ। ବହୁ ବାଧାବିଘ୍ନ ସତ୍ତ୍ୱେ କଲେଜ ଠିଆହେଲେ ମଧ୍ୟ ଯଦି ହସ୍ପିଟାଲ ତିଆରି ନ ହୁଏ, ତେବେ କଲେଜରେ ପଢୁଥିବା ଛାତ୍ରୀଛାତ୍ର ସୁଚାରୁରୂପେ ଶିକ୍ଷାଲାଭ କରିପାରିବେ ନାହିଁ। ଯଦି କଲେଜ ଓ ହସ୍ପିଟାଲ ଲାଗି ଏକସଙ୍ଗେ ଜମି ମିଳିବା ପାଇଁ ଉଦ୍ୟମ କରାଯାଇଥାନ୍ତା, ତେବେ ୨୦୨୦-୨୧ ପାଇଁ ପିଲା ଆଡ୍‌ମିଶନ ନେଇ ପାରିଥାନ୍ତେ। ତେବେ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ପୁରୀ ସଦର ମହକୁମା ହସ୍ପିଟାଲକୁ ସାମୟିକ ଏ ଦିଗରେ ବ୍ୟବହାର କରାଯାଇପାରେ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ୩୪ବର୍ଷ ତଳ ହତ୍ୟା ଘଟଣାର ଫେରାର ଅଭିଯୁକ୍ତ ଗିରଫ

ଲୋଇସିଂହା,୧୯।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୁହୁରାମୁଣ୍ଡା ଗାଁରେ ୩୪ବର୍ଷ ତଳେ ଏକ ହତ୍ୟାକାଣ୍ଡ ଘଟଣା ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ସାଲେଭାଟ ଫାଣ୍ଡି ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗ୍ରାମର ସୁଫଲ ତାଣ୍ଡି(୮୦)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହଜାତକୁ ପଠାଇ ଦିଆଯାଇଥିବା ଏଏସଆଇ ଆର୍ତ୍ତତ୍ରାଣ ସାହୁ କହିଛନ୍ତି। ପୋଲିସ ସୂଚନାମତେ, ଆଗଲପୁର ବ୍ଲକ ଲୁହୁରାମୁଣ୍ଡା ଗାଁର ବାଳକୃଷ୍ଣ ବାରିକଙ୍କୁ କେତେକ ଦୁର୍ବୃତ୍ତ ତା୧୯।୧୧।୧୯୮୪ରିଖରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସେତେବେଳେ କେତେଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଆଉ କେତେକ ଫେରାର ଥିଲେ। କିଛିଦିନ ତଳେ ଜଣେ ଅଭିଯୁକ୍ତଙ୍କୁ ଲୋଇସିଂହା ପୋଲିସ ଗିରଫ କରିଥିଲା। ଘଟଣାର ଅନ୍ୟତମ ଅଭିଯୁକ୍ତ ସୁଫଲ ତାଣ୍ଡି ଲୁହୁରାମୁଣ୍ଡାରେ ଥିବା ଜାଣି ଏଏସଆଇ ଆର୍ତ୍ତତ୍ରାଣ ସାହୁଙ୍କ ନେତୃତ୍ୱରେ ଷ୍ଟାପ ଚଢ଼ାଉ କରି ଗରିଫ କରିଥିଲେ।

■ ପେପର ହକର କମଲ ବାଗ୍ ହତ୍ୟା ଘଟଣା ପର୍ଦ୍ଦାଫାଶ

# ହତ୍ୟା କରି କୂଅକୁ ଫିଙ୍ଗିଥିଲେ

କଣ୍ଟାବାଞ୍ଜି, ୧୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଆଶ୍ରମପଡାରେ ଘଟିଥିବା ପେପର ହକର କମଲ ବାଗ୍(୨୫) ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଗ୍ରାମର ଜଣେ ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରିଥିଲେ। ହତ୍ୟାକୁ ଭିନ୍ନ ରୂପ ଦେବା ପାଇଁ ଘର ପଛପଟକୁ ଲାଗିକରି ଥିବା ରାଧାସ୍ୱାମୀ ସତ୍‌ସଙ୍ଗ ଆଶ୍ରମ ପଛପଟ କୂଅରେ ମୃତଦେହ ପକାଇ ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଯୁବତୀଙ୍କ ମା’, ବାପା, କାକା, ଭାଇଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଯୁବତୀଙ୍କ ମା’ ପୁଷ୍ପା ସୁନା (୩୫), ବାପା ଦୁର୍ଜେ ସୁନା(୪୦), ଭାଇ ଗଗନ ସୁନା(୧୯), ବଡବାପା ରଘୁନାଥ ଓରଫ ମଣ୍ଟୁ ସୁନା(୪୬) ଓ କକା ରାଜନ ସୁନା(୩୫)। ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ ଜବତ ହୋଇଛି। ମଙ୍ଗଳବାର କଣ୍ଟାବାଞ୍ଜି ଏସ୍‌ଡିପିଓଙ୍କ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ସନ୍ଦୀପ ମାଡକର।

ତାଙ୍କ ସୂଚନା ଅନୁସାରେ, ପେପର ହକର କମଲ ବାଗ୍ ବିଭିନ୍ନ ଖବର କାଗଜର ବିତରକ ଭାବେ କାମ କରୁଥିଲେ। ଗତ ୧୧ତାରିଖ ରାତିରୁ ହଠାତ୍ ସେ ନିଖୋଜ ହୋଇଥିବା ନେଇ ଥନାରେ ତାଙ୍କ ବଡଭାଇ ନୀଳକଣ୍ଠ ବାଗ ଅଭିଯୋଗ କରିଥିଲେ। ନିଖୋଜର ପାଞ୍ଚଦିନ ପରେ କମଲଙ୍କ ଗଳିତ ମୃତଦେହ ଆଶ୍ରମପଡାସ୍ଥିତ ରାଧାସ୍ୱାମୀ ସତ୍‌ସଙ୍ଗ ଆଶ୍ରମ ପଛପଟେ ଥିବା ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ ପରେ ତାଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ନୀଳକଣ୍ଠଙ୍କ ଅଭିଯୋଗକୁ ଭିତ୍ତି କରି ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଥିଲା। ଏହି ଟିମରେ କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, କଣ୍ଟାବାଞ୍ଜି ଥାନା ଆଇଆଇସି ବିଜୟାନନ୍ଦ କରକରା, ତୁରେକେଲା ଥାନା ଆଇଆଇସି ସତ୍ୟଜିତ କୋଣ୍ଡଙ୍କେଲ, ପାଟଣାଗଡ ଆଇଆଇସି ପ୍ରିୟଙ୍କା ରାଉତରାଏ ଓ କଣ୍ଟାବାଞ୍ଜି ଥାନା ସବ୍‌ଇନ୍ସପେକ୍ଟର ପ୍ରଣୟ ମୁର୍ମୁ ସାମିଲ ଥିଲେ। ଅନୁସନ୍ଧାନକାରୀ ଦଳ ସମସ୍ତ ଦିଗକୁ ତର୍ଜମା କରି ଅନୁସନ୍ଧାନ କରିଥିଲେ। କମଲଙ୍କ ଦୁଇ ସାଙ୍ଗ ସୋନୁ ଓ କୁଲଦୀପଙ୍କୁ ଥାନାକୁ ଆଣି ପଚରାଉଚରା ମଧ୍ୟ କରାଯାଇଥିଲା। ଏଥିରୁ ଖୋଲିଥିଲା ହତ୍ୟା ଘଟଣାର ପେଡି। ସୋନୁ ଓ କୁଲଦୀପ କଣ୍ଟାବାଞ୍ଜି ଷ୍ଟେଶନରେ ଥିବା ଏକ ହୋଟେଲରୁ ବିରିୟାନି ଆଣିଥିଲେ। ତିନିହେଁ ଘଟଣା ଦିନ ମଧ୍ୟରାତିରେ ଆଶ୍ରମପଡାସ୍ଥିତ ଯୁବତୀଙ୍କ ଘର ପାଖକୁ ଯାଇଥିଲେ। ସେଠାରେ କମଲଙ୍କୁ ଛାଡି ଉଭୟେ ପଳାଇ ଆସିଥିଲେ। ଏହାପରେ ପୋଲିସ ସ୍ପଟରକୁ ଆସି ଯାଇଥିଲେ ସେହି ଯୁବତୀଙ୍କ ପରିବାର ଲୋକେ। ପୋଲିସ ଟିମ୍ ସେମାନଙ୍କୁ ଥାନାକୁ ଆଣି ଜେରା କରିବା ପରେ ଅଭିଯୁକ୍ତମାନେ ହତ୍ୟା କରିଥିବା ମାନି ଯାଇଥିଲେ। ସେମାନଙ୍କ ସ୍ୱୀକାରୋକ୍ତି ଅନୁଯାୟୀ, ଯୁବତୀଙ୍କ ମା’ ବିଳମ୍ବିତ ରାତିରେ ଘରର ଛାତ ଉପରକୁ ଯାଇଥିଲେ। ଏହି ସମୟରେ ଛାତ ଉପରେ କମଲ ଓ ଯୁବତୀ ଜଣକ ବିରିୟାନି ଖାଉଥିଲେ। ସେମାନଙ୍କୁ ଦେଖି ମା’ ପୁଷ୍ପା ସୁନା (୩୫) ଚିତ୍କାର କରିଥିଲେ। ପାଟି ଶୁଣି ପୁଷ୍ପାଙ୍କ ସ୍ୱାମୀ ଦୁର୍ଜେ, ପୁଅ ଗଗନ, ଦେଢଶୁର ରଘୁନାଥ ଓ ଦିଅର ରାଜନ ଛାତ ଉପରକୁ ଆସିଥିଲେ। କ୍ରୋଧର ବଶବର୍ତ୍ତୀ ହୋଇ ସେମାନେ ସଂଘବଦ୍ଧଭାବେ କାଠ ଫାଳିଆରେ କମଲଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ସେମାନେ ମୃତଦେହକୁ ଘର ପଛରେ ଥିବା ସତ୍‌ସଙ୍ଗ ଆଶ୍ରମ ପଛପଟେ ଥିବା ପରିତ୍ୟକ୍ତ କୂଅରେ ପକାଇ ଦେଇଥିଲେ। ଘଟଣା ପରଠାରୁ ମୃତକଙ୍କର କୌଣସି ପତ୍ତା ମିଳି ନ ଥିଲା। ପରିବାର ଲୋକେ ଏବଂ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ନିରାଶ ହୋଇଥିଲେ। କିଛିଦିନ ପରେ ଦୁର୍ଗନ୍ଧ ହେବାରୁ ଲୋକଙ୍କଠାରୁ ଖବର ପାଇ ପୋଲିସ ଉକ୍ତ କୂଅରୁ ଗଳିତ ମୃତଦେହ ଉଦ୍ଧାର କରିଥିଲା। ଏ ନେଇ କଣ୍ଟାବାଞ୍ଜି ଥାନାରେ ଦଫା ୩୦୨, ୨୦୧, ୩୪ରେ ଏକ ମାମଲା (ନଂ.୨୬୬/୧୯) ରୁଜୁ କରାଯାଇଥିଲା। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଖବରଦାତା ସମ୍ମିଳନୀରେ କଣ୍ଟାବାଞ୍ଜି ଏସ୍‌ଡିପିଓ ମହାପାତ୍ର, କଣ୍ଟାବାଞ୍ଜି ଥାନା ଆଇଆଇସି କରକରା ଉପସ୍ଥିତ ଥିଲେ।



କମଲ ବାଗଙ୍କ ଫାଇଲ ଫଟୋ।

- ■ ଯୁବତୀଙ୍କ ମା’ବାପାଙ୍କ ସହ ୫ ଗିରଫ
- ■ କାଠଫାଳିଆରେ ପିଟି ମାରିଦେଇଥିଲେ

## ଆଜି କ’ଣ କେଉଁଠି

**ମୁରିବାହାଲ**
■ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ଜମୁନା ଖେଳ ପଡିଆ, ଅପରାହ୍ନ ୨ଟା।

**ଲୋଇସିଂହା**
■ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା, ସ୍କୁଲ ପରିସର, ସକାଳ ୮ଟା।

**ବରଗଡ଼**
■ବରଗଡ଼ ପୁସ୍ତକମେଳାର ଉଦଘାଟନୀ ସମାରୋହ, ଜର୍ଜ ହାଇସ୍କୁଲ ପଡ଼ିଆଳ ବରଗଡ଼, ସନ୍ଧ୍ୟା ୬ଟା ୩୦ମିନିଟ୍ ।

**ବୌଦ୍ଧ**
■ବୌଦ୍ଧ ପୁରୁଣାକଟକଠାରେ ପ୍ରଥମ ମା’ ଭୈରବୀ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ପୁରୁଣାକଟକ ମିନି ଷ୍ଟାଡିୟମ, ସମୟ ସନ୍ଧ୍ୟା ୫ଟା
■ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା, କଚେରି ପଡ଼ିଆ, ସକାଳ ୯ଟା

**ଦେବଗଡ଼**
■ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମ, ଇଣ୍ଡୋର ଷ୍ଟାଡ଼ିୟମ, ସକାଳ ୮ଟା।

**ସମ୍ବଲପୁର**
■ଚାଷୀ ସଙ୍ଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ ଅଫିସ ନିକଟ, ପୂର୍ବାହ୍ନ ସାଢ଼େ ୧୦ଟା ।
■ଓଡ଼ିଶା କଣ୍ଟ୍ରାକ୍ଟର୍ସ ସଂଘର ବୈଠକ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।

# ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସ ପାଇଁ ଲାଞ୍ଚ, ସିନିୟର ଆସିଷ୍ଟାଣ୍ଟ ଗିରଫ

ବରଗଡ଼ ଅଫିସ୍/ପଦ୍ମପୁର,୧୯।୧୧

ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସ ଇସ୍ୟୁ କରିବା ପାଇଁ ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳ ଅଫିସରେ କାର୍ଯ୍ୟରତ ବିଭାଗୀୟ କିରାଣୀ ତଥା ସିନିୟର ଆସିଷ୍ଟାଣ୍ଟ କମ୍ ବେଞ୍ଚ କ୍ଲର୍କ ଡିଲେଶ୍ୱର ଭୁଏ(୩୪) ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଭିଜିଲାନ୍ସ ଟିମ୍ ତାଙ୍କ ପାଖରୁ ରାସାୟନିକ ପ୍ରଲେପ ଲଗାଯାଇଥିବା ନଗଦ ୧୫ହଜାର ଟଙ୍କା ଜବତ କରିଛି । ଡିଲେଶ୍ୱରଙ୍କୁ ଗିରଫ କରାଯାଇ ଥିବାବେଳେ ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଶାଖାଡୁଙ୍ଗୁରୀ ଗ୍ରାମର ଗିରିବାଳା ଚନ୍ଦ୍ର ସାହୁଙ୍କ ଭାଇ ଗିରିଧାରୀ ସମ୍ବଲପୁରରେ ରହୁଛନ୍ତି। ଗିରିଧାରୀ ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସ ପାଇଁ ଆବଶ୍ୟକ କାଗଜାତ ସହିତ ଗତ ଜୁନ୍ ୨୮ତାରିଖରୁ ପଦ୍ମପୁର ଉପଜିଲାପାଳଙ୍କ ଅଫିସରେ ଆବେଦନ କରିଥିଲେ। ଗିରିଧାରୀ ସମ୍ବଲପୁରରେ ରହୁଥିବାରୁ ଗିରିବାଳା ପଦ୍ମପୁର ଉପଜିଲାପାଳ ଅଫିସକୁ ଆସି ସେଠାରେ କାର୍ଯ୍ୟରତ ସିନିୟର ଆସିଷ୍ଟାଣ୍ଟ କମ୍ ବେଞ୍ଚ କ୍ଲର୍କ ଡିଲେଶ୍ୱରଙ୍କୁ ତାଙ୍କ ଭାଇଙ୍କୁ ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସ କରାଇ ଦେବାକୁ ଅନୁରୋଧ କରିଥିଲେ। ମାତ୍ର ଡିଲେଶ୍ୱର ସେଥିପାଇଁ ଉଦ୍ଦିଷ୍ଟ ଫାଇଲ ପ୍ରୋସେସିଂ ପାଇଁ ଗିରିବାଳାଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଅନୁରୂପ ଭାବେ ଗିରିବାଳାଙ୍କ ଜଣେ ବନ୍ଧୁ ଝାରବନ୍ଧ ଥାନା ବୀରବିକ୍ରମାଦିତ୍ୟପୁର ନିବାସୀ ଝସକେତନ ସାହୁଙ୍କ ଭାଇ ସଞ୍ଜୟ ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସ ପାଇଁ ଉକ୍ତ କାର୍ଯ୍ୟାଳୟରେ ଆବେଦନ କରିଥିଲେ ଏବଂ ତାଙ୍କୁ ମଧ୍ୟ ଡିଲେଶ୍ୱର ୧୦ହଜାର ଟଙ୍କା ଦାବି କରିଥିଲେ । ଉଭୟ ଗିରିବାଳା ଓ ଝସକେତନ ଏକାଠି ହୋଇ ପଦ୍ମପୁର ଉପଜିଲାପାଳଙ୍କ ଅଫିସକୁ ଯାଇ ସେମାନଙ୍କ ଭାଇମାନଙ୍କ ଫାଇଲ ପ୍ରୋସେସିଂ କରିବାକୁ ଡିଲେଶ୍ୱରଙ୍କୁ ଅନୁରୋଧ କରିଥିଲେ । ଉଭୟଙ୍କ ଫାଇଲ ପ୍ରୋସେସିଂ କରିବା ପାଇଁ ସେ ଜଣ ପ୍ରତି ୭୫୦୦ ଟଙ୍କା ହିସାବରେ ମୋଟ୍ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ ।ଏହାପରେ ଗିରିବାଳା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ଟିମ୍ ଡିଲେଶ୍ୱରଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ, ଗିରିବାଳା ପଦ୍ମପୁର ଉପଜିଲାପାଳ ଅଫିସକୁ ଯାଇ ଡିଲେଶ୍ୱରଙ୍କୁ ରାସାୟନିକ ପ୍ରଲେପ ଦିଆ ନଗଦ ୧୫ହଜାର ଟଙ୍କା ଦେଇଥିଲେ। ଏହାପରେ ବାହାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ଡିଲେଶ୍ୱରଙ୍କୁ ଧରିଥିଲେ ଏବଂ ତାଙ୍କ ପାଖରୁ ସେହି ଟଙ୍କାତକ ଜବତ କରିଥିଲେ । ବରଗଡ଼ ଭିଜିଲାନ୍ସ ଡିଏସପି ବିରେନ୍ଦ୍ର କୁମାର ନାୟକ, ସମ୍ବଲପୁର ଭିଜିଲାନ୍ସ ଡିଏସପି ଦିଲୀପ କୁମାର କର, ବଲାଙ୍ଗୀର ଭିଜିଲାନ୍ସ ଇନ୍ସପେକ୍ଟର ସଦାନନ୍ଦ ପାଣି, ବରଗଡ଼ ଭିଜିଲାନ୍ସ ଇନ୍ସପେକ୍ଟର ପୁନିତାପ୍ରଭା ବାଗେ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।



ଭିଜିଲାନ୍ସ ହାତରେ ଧରାପଡ଼ିଥିବା କିରାଣି ଡିଲେଶ୍ୱର ଭୁଏ ।

ଆହ୍ଲାବାଦରେ ଦାଦନ ଶ୍ରମିକଙ୍କୁ ହତ୍ୟା

# ଘରକୁ ଆସିପାରୁନି ମୃତଦେହ

**ସ୍ତ୍ରୀ ଓ ଦୁଇ ଶିଶୁ ଅଟକ**

ନୂଆପଡା ଅଫିସ,୧୯।୧୧

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସମରସିଂ ଗାଁର ପାଣ୍ଡବ ବିଭାର(୩୦)ନାମକ ଜଣେ ଦାଦନ ଶ୍ରମିକଙ୍କୁ ଉତ୍ତରପ୍ରଦେଶର ଆହ୍ଲାବାଦରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଗତ ରବିବାର ଏହି ଘଟଣା ଘଟିଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କର ମୃତଦେହ ଘରକୁ ଆସିନାହିଁ । ସେହିପରି ମୃତକଙ୍କ ସ୍ତ୍ରୀ ଓ ଦୁଇ ଶିଶୁ ସେଠାରେ ଅଟକ ହୋଇ ରହିଛନ୍ତି । ଏ ନେଇ ମୃତକଙ୍କ ଶ୍ୱଶୁର ସୋମବାରୁ ସୁନାନୀ ନୂଆପଡା ଏସ୍‌ପିଙ୍କଠାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଶନିବାର ପାଣ୍ଡବ ସ୍ତ୍ରୀ ଓ ଦୁଇ ଶିଶୁଙ୍କୁ ଧରି ଦାଦନ ଖଟିବାକୁ ନୂଆପଡା ଥାନା ହଳଦୀ ଗାଁର ୨ ଜଣ ସର୍ଦ୍ଦାରଙ୍କ ମାଧ୍ୟମରେ ଆହ୍ଲାବାଦ ଯାଇଥିଲେ । ସେଠାରେ ପହଞ୍ଚିବା ମାତ୍ରେ କେହି ଜଣେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଯାଏଁ ତାଙ୍କର ମୃତଦେହକୁ ଛଡାଯାଇ ନ ଥିବାବେଳେ ସେଠାରେ ପୋଡି ଦେବାକୁ ଧମକ ଦିଆଯାଇଛି। ସେଠାରେ ପାଣ୍ଡବଙ୍କ ସ୍ତ୍ରୀ ରୁକ୍ମିଣୀ ଓ ଦୁଇ ଶିଶୁ ଅଟକ ରହିଛନ୍ତି । ଏ ସମ୍ପର୍କରେ ମଙ୍ଗଳବାର ମଧ୍ୟାହ୍ନରେ ସୋମବାରୁ ଗ୍ରାମବାସୀଙ୍କ ସହ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ଭେଟି ମୃତଦେହ ଓ ଅଟକ ଥିବା ପରିବାର ଲୋକଙ୍କୁ ଗାଁକୁ ଆଣିବାକୁ ନିବେଦନ କରିଥିଲେ। ଏସପି ଅଗ୍ରୱାଲ ତୁରନ୍ତ ଆହ୍ଲାବାଦ ଏସ୍‌ପିଙ୍କ ସହିତ କଥା ହୋଇଥିବା ଜଣାପଡିଛି ।



ପାଣ୍ଡବଙ୍କ ଫାଇଲ ଫଟୋ ।

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# କଲେଜ ଅଧ୍ୟକ୍ଷଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ଦୁଇଟି ହଷ୍ଟେଲ ଖୋଲି ବ୍ୟବସାୟ କରୁଥିଲେ

ବାମରା, ୧୯।୧୧ (ଡି.ଏନ.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ଜିଲା ବାମରା ବ୍ଲକ୍ କେସାଇବାହାଲ ସ୍ଥିତ ଯୁକ୍ତ ୨ କଲେଜ ପ୍ରଭୁଦୟାଲ ରୁରାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟପ୍ରକାଶ ପଟେଲଙ୍କ ବାସଭବନ ସହ ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ମଙ୍ଗଳବାର ଭୋର୍‌ରୁ ସମ୍ବଲପୁର, ସୁନ୍ଦରଗଡ, ସୋନପୁର ଓ ରାଉରକେଲା ଭିଜିଲାନ୍ସ ଟିମ୍ ପଟେଲଙ୍କ ବାସଭବନ, ୨ଟି ଛାତ୍ରାବାସ ଓ କଲେଜ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ପରମେଶ୍ୱର କିଷାନ, ରାଉରକେଲା ଡିଏସ୍‌ପି ଦାଶରଥି ସେଠୀ, ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ଅଭୟ ପ୍ରଧାନ, ଟି. କେ. ମହାପାତ୍ର ଓ ରୀତାଞ୍ଜଳି ପଧାନଙ୍କ ସହ ପ୍ରାୟ ୫୦ଜଣ ସାମିଲ ହୋଇଥିଲେ। କଲେଜ ଅଧ୍ୟକ୍ଷ ପଟେଲ ସରକାରୀ ଚାକିରୀରେ ଥାଇ ମଧ୍ୟ କଲେଜ ପଛପଟେ ଏକ ଛାତ୍ରାବାସ ଓ ନିଜ ବାସଭବନରେ ଏକ ଛାତ୍ରୀନିବାସ ଚଳାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଏହା ସହିତ ସେ କେସାଇବାହାଲରେ ୨ଟି କୋଠାଘର ତିଆରି କରିଛନ୍ତି। ମୋଟ ୩ କୋଟି ୧୯ ଲକ୍ଷ ୪୧ ହଜାର ୮୧୯ ଟଙ୍କାର ସମ୍ପତ୍ତି ଆକଳନ କରାଯାଇଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ।



ଜୟପ୍ରକାଶ ପଟେଲଙ୍କ ବାସଭବନରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛନ୍ତି।



ଜୟପ୍ରକାଶ ପଟେଲ

# ଟଁକା ଅଭାବୁ ଉଚଶିକ୍ଷାରୁ ବଁଚିତ ସବିତା

ଲାଠୋର, ୧୯।୧୧ (ଡି.ଏନ.ଏ.)

ସରକାର ଶିକ୍ଷାର ବିକାଶ ଲାଗି କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଅନେକ୍ ଗରିବ୍ ଛାତ୍ରୀଛାତ୍ର କଷ୍ଟେମେଷ୍ଟେ ମାଟ୍ରିକ ପାସ୍ କଲା ଉତାରୁ ଆଗ୍‌କେ ପଢ଼ବାର ଇଛା ଥିଲେ ବି ଅଭାବ ଅନାଟନ ଲାଗି ପଢ଼ି ନାଇଁ ପାରବାର। ଏନ୍ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଁଚେତ୍ ସଦରରେ।

ସୂଚନା ଅନ୍‌ସାରେ ଲାଠୋର ସଦର ଗାଁର କିଷନ ରଣା(୫୭)। ପରିବାର କହେଲେ ମାଏକିନା ନନ୍ଦ, ଝିଁ ସବିତା, ଭୂମିକା ଆର ପୁଓ ଉମ୍ବରୁଧର, ବ୍ରଜକେ ନେଇ ସଁସାର। ପରିବାରଟା ନିହାତି ଗରିବ୍ ସଁପତି ବଲି କିଛି ନାଇଁ, ଦାଦନ ଖଟି ପେଟ୍ ପାଲୁଛନ୍। ସେନ୍ତା ଚଲତି ବଛର ବଡ଼ପୁଓ ଉମ୍ବରୁଧର ଦାଦନ ଖଟି ଯାଇଥିଲାବେଳେ ବାକି ପରିବାର ଲୋକ ଘରେ ଅଛନ୍। କିଷନ ଦାଦନ ଖଟି ପଏସେ ଦୁଇପଏସା ଅଗ୍‌ଲେଇ ଛେଲ୍ ୧୦ପଟ୍ ଘିନିଛନ୍। ସେ ଛେଲ୍ ବିକାଭଂଗା କରି ଯେନ୍ ଦୁଇପଏସା ପାଉଛନ୍ ସେଥିରେ ତାକର ପିଲାଛୁଆ ପାଠ୍ ପଢୁଛନ୍। ହେଲେ ବଡ଼ ଝିଁ ସବିତା ୨୦୧୭ ସାଲେ ମାଟ୍ରିକ ପାସ୍ କରିଥିଲେ ବି ଟଁକା ପଏସା ଅଭାବୁ କଲେଜ୍‌ର ମାଏଟ୍ ମାଡ଼ି ନାଇଁପାରବାର। ଗଲା ୩ ବଛର ହେଲା ସେ ମାଟ୍ରିକ ପାସ କରି ଘରେ ବସି ରହିଛନ୍। ସେନ୍ତା ସାନ୍ ଝିଁ ଭୂମିକା ଏହେଦେ ନବମ ଶ୍ରେଣୀରେ ପଢୁଛନ୍। ସେ ଭଲ ପାଠ୍ ପଢୁଥିଲାବେଳେ ଚଲତି ବଛର ସୁରଭି କାର୍ଯ୍ୟକ୍ରମରେ ଜିଲାରେ ପରଥମ ହେଇ ରାଏଜ୍ୟର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ହେଲେ ଘରେ ଲାଗି ରହିଥିବାର ଅଭାବ ଅନାଟନ ଲାଗି କିଷନ୍ ତାହାକୁ ବି ଆଗ୍‌କେ ପଢ଼େଇ ପାରବେ କି ନାଇଁ ଏବ୍‌ଠାନୁ ଚିନ୍ତାରେ ପଡ଼ିଥିବାର କହିଛନ୍। ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ମିଳୁଥିବାର ୩୦ କେ.ଜି. ଚାଉଲ। ପରିବାରଟା ନିହାତି ଗରିବ୍ ଆର ଅଭାବ ଅନାଟନରେ ଚଲୁଥିଲାବେଳେ ଆଏଜ୍‌ତକ ଭଲ ଘରଖଁଡ଼େ ନାଇଁ କରିପାରି କୁଟୁମ୍ବସିଆ ଗୁଟେ ମାଏଟ୍ ଖପର ଘରେ ମୁଡ଼ ଗୁଁଜିଛନ୍। ଏନ୍ତାଥି ଉପେ ଶୁଭନ୍ କିଷନ ଗଣମାଧ୍ୟମ ଜରିଆରେ ଜିଲା ଆର ଥାନୀଅ ପରଶାସନକେ ଅଧାରୁ ପାଠ୍‌ପଢ଼ା ଛାଡ଼ିଥିବାର ଝିଁ ସବିତା ଲାଗି ଉଚ ଶିକ୍ଷାର ବେବସ୍ତା କରବାର ସଂଗେ ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଗୁହାରି କରିଛନ୍।



ମା’ବାପ୍ ସଂଗେ ସବିତା ରଣା।

## GANGADHAR MEHER UNIVERSITY, SAMBALPUR

**NOTICE**

**No. 6213 / GMU** **IA-06/2020** **Date: 19.11.19**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the M. Phil & Ph. D. Programme in the subject mentioned below. These programs will commence from January 2020.

**M. Phil Programs-** Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Statistics, Zoology and Management Studies (Self-Financing)

**Ph. D. Programs-** Commerce, Economics, Education, Geograpy, Hindi, Philosophy, Political Science, Psychology and Statistics.

For application form and other details, kindly visit the University website- **www.gmuniversity.ac.in**.

**TIME LINE**

1. The last date for Submission of Application Form- 06.12.2019 upto 4.00 PM.
2. The date of Entrance Test Ph.D.- 14.12.2019 (10.00 to 11.00 AM followed by Viva-Voce from 11.30 AM onwards).
3. The date of Entrance Test of M. Phil- 13.12.2019 (10.00 to 11.00 AM followed by Viva-Voce from 11.30 AM onwards).

**Sd./- REGISTRAR,**
**G.M. University, Sambalpur**

# ଝାଡ଼ାବାନ୍ତିରେ ୫୦ ଆକ୍ରାନ୍ତ

ଲଖନପୁର, ୧୯।୧୧(ଡି.ଏନ୍.ଏ.)

- ■ଲଖନପୁର, କୁମ୍ଭାରବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି
- ■ଗ୍ରାମରେ ପହଞ୍ଚିଲେ ଡାକ୍ତରୀ ଦଳ

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଦଲଗାଁ ପଞ୍ଚାୟତ ଅଧୀନ ବଳିଆମୁଣ୍ଡା ଗ୍ରାମରେ ଗତ ସୋମବାରରୁ ଝାଡାବାନ୍ତି ପ୍ରକୋପ ଦେଖାଦେଇଛି। ଏଥିରେ ଗ୍ରାମର ଶତାଧିକ ମହିଳା, ପୁରୁଷ ଓ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ଜିଲା ଓ ବ୍ଲକର ଡାକ୍ତରୀଦଳ, ସ୍ୱାସ୍ଥ୍ୟକର୍ମୀମାନେ ମଙ୍ଗଳବାର ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ଏଥିରେ ୪୩ ଜଣରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏମାନେ ହେଲେ ପୁନି ଓରାମ(୬୫), ଅଞ୍ଜଳି ଓରାମ(୧୫) ଓ ପୁନି ଓରାମ(୫୮) ବୋଲି ଜଣାପଡ଼ିଛି। ଆଉ କେତେକଙ୍କୁ ନିକଟସ୍ଥ କୁମ୍ଭାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଘରକୁ ଛାଡ଼ିଦିଆଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ କୁମୁଦିନୀ ଓରାମ(୨୩), ତାରାପତି ଓରାମ(୪୮), ମୂଳାବତୀ ଓରାମ(୫୦), ମହେଶ୍ୱର ଓରାମ(୧୪), ପିଙ୍କି ଓରାମ(୧୯), ସୁଦର୍ଶନ ଓରାମ(୨୧), ପୂର୍ଣ୍ଣିମା ଓରାମ(୭) ପ୍ରମୁଖ ରହିଛନ୍ତି। ଗ୍ରାମରେ ଡାକ୍ତରୀଦଳ ରୋଗୀଙ୍କୁ ଔଷଧ ବଣ୍ଟନ କରିବା ସହିତ ଖାଦ୍ୟ, ପାନୀୟଜଳ ବ୍ୟବହାର ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି। ଗ୍ରାମରେ ଥିବା କୂଅ, ନଳକୂପ, ପାଣିଟାଙ୍କି, ନାଳନର୍ଦ୍ଦମା ଆଦିରେ ବ୍ଲିଚିଂ ପାଉଡର ପକାଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ନଳକୂପ ଓ କୂଅର ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ପାଣିରୁ ଏଭଳି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଛି। ପାଣି ପରୀକ୍ଷା ପରେ କାରଣ ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ସମ୍ବଲପୁର,
ହୁସେନ ହାଉସ୍, ଅଇଁଠାପାଲି, ସମ୍ବଲପୁର - ୭୬୮୦୦୪(ଓଡିଶା)

**ଦଖଲ ନୋଟିସ୍**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍‌ସର ରୁଲ ୮ ଏବଂ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଅଗ୍ରୱାଲ ପ୍ରୋଭିଜନ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ହନୁମାନ ପ୍ରସାଦ ଅଗ୍ରୱାଲ,** ପିତା: ୪ ତୁଲସୀରାମ ଅଗ୍ରୱାଲ, ସା: ଗୁରୁଦ୍ୱାର ରୋଡ଼, କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୯, ଓଡ଼ିଶା । | **ଜାମିନଦାର: ଶ୍ରୀମତୀ ଖାଜାଞ୍ଚି ବାଇ ଅଗ୍ରୱାଲ,** ସ୍ୱାମୀ: ୪ ତୁଲସୀରାମ ଅଗ୍ରୱାଲ, ସା: ଗୁରୁଦ୍ୱାର ରୋଡ଼, କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୯, ଓଡ଼ିଶା / **ସମ୍ପତ୍ତି ମାଲିକ: ଶ୍ରୀମତୀ ଖାଜାଞ୍ଚି ବାଇ ଅଗ୍ରୱାଲ,** ସ୍ୱାମୀ: ୪ ତୁଲସୀରାମ ଅଗ୍ରୱାଲ । | ଶ୍ରୀମତୀ ଖାଜାଞ୍ଚି **ବାଇ ଅଗ୍ରୱାଲ,** ସ୍ୱାମୀ: ୪ ତୁଲସୀରାମ ଅଗ୍ରୱାଲଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: କଣ୍ଟାବାଞ୍ଜି (ଖ), ଖାତା ନଂ.: ୮୩, ପ୍ଲଟ ନଂ.: ୧୩୫୪, କ୍ଷେତ୍ର : ଏକର ୦.୦୬୦ ଡିସିମିଲ, କିସମ: ଘରବାଡି । | ୦୪.୦୯.୨୦୧୯ | ୧୫.୧୧.୨୦୧୯ | ୦୪.୦୯.୨୦୧୯ ସୁଦ୍ଧା ଟ.୫୧,୨୯,୬୪୬/- ଏବଂ ତତ୍‌ପରବର୍ତ୍ତୀ ସୁଧ + ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ତାରିଖ: ୧୯.୧୧.୨୦୧୯, ସ୍ଥାନ : ସମ୍ବଲପୁର** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

# ଆଜି ପ୍ରଥମାଷ୍ଟମୀ, ପୋଢୁଅାଁ ହେବେ ମହାପ୍ରଭୁ

■ ନିଆଳି ମାଧବ ମନ୍ଦିରରୁ ଆସିଥିବା ଭାରକୁ ନେଇ ଦ୍ୱିମତ
■ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରାଯାଇଛି: ନୀତି ପ୍ରଶାସକ

**ପୁରୀ ଅଫିସ/ନିଆଳି (ଡି.ଏନ୍.ଏ.) ୧୯।୧୧**

ବୁଧବାର ପ୍ରଥମାଷ୍ଟମୀ। ପୋଢୁଅାଁ ହେବେ ମହାପ୍ରଭୁ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ନିଆଳି ମାଧବ ମନ୍ଦିରରୁ ଆସିଛି ପୋଢୁଅାଁ ଭାର। ତେବେ ଏହାକୁ ନେଇ ଏବେ ଦ୍ୱିମତ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବାନନ୍ଦ ଜୀଉ ବୋଲି ଦର୍ଶାଯାଇ ସେଠାରୁ ଏହି ଭାର ଆସିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ କିନ୍ତୁ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରିଛି। ଫଳରେ ମହାପ୍ରଭୁଙ୍କ ମାମୁଘରକୁ ନେଇ ପୁଣି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ମଙ୍ଗଳବାର ନିଆଳି ମାଧବ ମନ୍ଦିରରୁ ଏହି ପୋଢୁଅାଁ ଭାର ଆସିଥିଲା। ଏହି ଭାର ସହ ଶୋଭାଯାତ୍ରାରେ ସଂକୀର୍ତ୍ତନ ଦଳ, ରାଧା-କୃଷ୍ଣ ନୃତ୍ୟ ଦଳ, ରାସ ଦଳ, ଗବେଷକ, ପ୍ରବାଚକ, ଜଗତ୍‌ସିଂହପୁରସ୍ଥିତ ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ପରିଷଦ, ନିଆଳି ମାଧବଜୀଉ ବିକାଶ ପରିଷଦ, ମାଧବାନନ୍ଦ ଜୀଉ ଟ୍ରଷ୍ଟ ବୋର୍ଡର ଶତାଧିକ ଭକ୍ତ ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶା ରାଜ୍ୟ ସଭାପତି ବଦ୍ରି ମିଶ୍ର ଏମାନଙ୍କୁ ସ୍ୱାଗତ କରିଥିଲେ। ନିଆଳି ମାଧବ ମନ୍ଦିର ସେବାୟତ ତ୍ରିଲୋଚନ ପୁଷ୍ପାଳକ, ଅଶୋକ ପୁଷ୍ପାଳକ ଓ ସରୋଜ ନାୟକଙ୍କ ନେତୃତ୍ୱରେ ଗବେଷକ ଧୃତିଧର ଦାଶ, ଅରୁଣ ଆଚାର୍ଯ୍ୟ, ଆର୍ତ୍ତତ୍ରାଣ ପତି, ଶଶିଭୂଷଣ ପରିଡ଼ା, ବିଦ୍ୟାଧର ରାଉତ, ନ୍ୟାୟବ୍ରତ ରାଉତଙ୍କ ପରିଚାଳନାରେ ଏହି ଭାର ସିଂହଦ୍ୱାରଠାରେ ପହଞ୍ଚିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ନିଆଳି ମାଧବ ମନ୍ଦିର ମହାପ୍ରଭୁଙ୍କ ମାମୁଘର ବୋଲି ଦର୍ଶାଯାଇ ପ୍ରଥମାଷ୍ଟମୀରେ ପୋଢୁଅାଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ଲାଗି ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ସେମାନଙ୍କ ଅନୁରୋଧକୁ ରକ୍ଷା କରି ଏହାର ତର୍ଜମା କରାଯାଇଥିଲା। ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବ ମନ୍ଦିର ବୋଲି ସେମିତି କୌଣସି ରେକର୍ଡ କିମ୍ବା ତଥ୍ୟ ନାହିଁ। ସେମାନେ ଆଜି ଯାହା ଆଣିଛନ୍ତି ତାହା ସାଧାରଣ ଭକ୍ତଙ୍କଠାରୁ ଯେଉଁଭଳି ଭାବେ ଦାନ ଗ୍ରହଣ କରାଯାଏ ସେହିଭଳି ଦାନ ଆକାରରେ ଗ୍ରହଣ କରାଯାଇଛି। ପୋଢୁଅାଁ ସହିତ ଏହାର କୌଣସି ସମ୍ପର୍କ ନାହିଁ।

ସୂଚନାଥାଉ କି, ନିଆଳିର ମାଧବାନନ୍ଦ ଜୀଉ ମନ୍ଦିର ମହାପ୍ରଭୁଙ୍କର ମାମୁଘର ବୋଲି ଦର୍ଶାଯାଇ ପ୍ରଥମାଷ୍ଟମୀରେ ପୋଢୁଅାଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ନିମନ୍ତେ ଶ୍ରୀ ଶ୍ରୀମାଧବାନନ୍ଦ ଜୀଉ ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଅନୁରୋଧପତ୍ରରେ ଦର୍ଶାଯାଇଥିଲା ଯେ, ମାଧବାନନ୍ଦ ଜୀଉ ମନ୍ଦିର ମହାପ୍ରଭୁଙ୍କ ମାମୁଘର ବୋଲି ଆମ ସଂସ୍କୃତିରେ ପରିଚିତ ଏବଂ ଉଚ୍ଚାରିତ। ଶ୍ରୀମନ୍ଦିର ନୀତିକାନ୍ତିରେ ମାମୁଘର ପରମ୍ପରାର ପୁନଃ ପ୍ରଚଳନର ଗୁରୁତ୍ୱ ରହିଛି। ଜଗନ୍ନାଥ ସଂସ୍କୃତିର ଆଦ୍ୟ କାଳରୁ ମାଧବାନନ୍ଦ ଜୀଉ ମନ୍ଦିର ତରଫରୁ ପ୍ରତିବର୍ଷ ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀ ଦିନ ପୋଢୁଅାଁ ଭାର ଶ୍ରୀମନ୍ଦିରକୁ ପଠାଯାଏ। ସେଥିଲାଗି ମାଧବାନନ୍ଦଙ୍କ ମନ୍ଦିରରେ ସ୍ୱତନ୍ତ୍ର ମହୋତ୍ସବ ହୁଏ। କାଳକ୍ରମେ ମୋଗଲମାନେ ଶ୍ରୀମନ୍ଦିର ଆକ୍ରମଣ କରିବା ଯୋଗୁ ଠାକୁରମାନେ ବାରମ୍ବାର ଶ୍ରୀମନ୍ଦିର ଛାଡ଼ି ଦୀର୍ଘ ସମୟ ବାହାରେ ରହିଥିଲେ। ଫଳରେ ସେବେଠାରୁ ପ୍ରଥମାଷ୍ଟମୀ ପ୍ରଥା ବନ୍ଦ ହୋଇଯାଇଥିଲା। ସେହି ପ୍ରଥାକୁ ପୁନଃ ପ୍ରଚଳନ କରିବା ନିମନ୍ତେ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା।



କଟକ ନିଆଳିର ମାଧବ ମନ୍ଦିରରୁ ଶୋଭାଯାତ୍ରାରେ ଅଣାଯାଇଥିବା ପୋଢୁଅାଁ ଭାର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓକିଲ ଭାଇ,**
**ଯାହାର ଖାଇବ ତାହାର ଗାଇ।**

ଓକିଲ ବିଚାରାଳୟରେ ମକଦ୍ଦମା ଲଢ଼େ। ପାରିଶ୍ରମିକ ସ୍ୱରୂପ ମହକିଲ ଠାରୁ ପଇସା ନିଏ। ଯାହାଠାରୁ ପଇସା ପାଏ ସେ ତା' ପକ୍ଷ ନେଇ ମକଦ୍ଦମା ଲଢ଼ିଥାଏ। ଏହା ହିଁ ଓକିଲଙ୍କ ପେସା ବା ବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓସ୍ତ ପତର ପାନିଅାଁ**
**ଚଉଧୁରୀ ଝିଅ କନିଅାଁ**
**ସାଆନ୍ତରା ପୁଅ ବର**
**ଅଠର ଖଣ୍ଡ ବାଇଦ ବାଜେ ଢଙ୍ଗର ଢଙ୍ଗର।**

ବଡ଼ଲୋକିଆ ବାହାଘର। ବଡ଼ଘର ଝିଅ, ବଡ଼ଘର ପୁଅ। ତେଣୁ ବାହାଘର ମଧ୍ୟ ସେଭଳି ଜାକଜମକିଆ ହେବା ସ୍ୱାଭାବିକ। ଥିଲାବାଲା ଘର ହେଲେ ବାହାଘରରେ ଖର୍ଚ୍ଚବାର୍ଚ୍ଚର କିଛି ସୀମା ନ ଥାଏ। ଟଙ୍କା ପଇସା ପାଣି ପରି ଖର୍ଚ୍ଚ କରାଯାଉଥିବା ଲକ୍ଷ୍ୟ କରାଯାଇଥାଏ। ଏକ ସମ୍ଭ୍ରାନ୍ତ ପରିବାର ମଧ୍ୟରେ ଅନୁଚିତ ହେଉଥିବା ବାହାଘରରେ ବାହ୍ୟଆଡମ୍ବର ପ୍ରତି ଅଧିକ ଦୃଷ୍ଟି ଦିଆଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଭିଜିଲାନ୍ସ ଜାଲରେ ବରିଷ୍ଠ କିରାଣି

## ଶିକ୍ଷକଙ୍କଠାରୁ ଲାଞ୍ଚ ନେବା ବେଳେ ଗିରଫ

**ଘସିପୁରା/ଆନନ୍ଦପୁର, ୧୯।୧୧(ଡି.ଏନ୍.ଏ.)** ଘସିପୁରା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ମଙ୍ଗଳବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭଗାନଇ ସ୍କୁଲର ଜଣେ ଶିକ୍ଷକଙ୍କଠାରୁ ବର୍ଦ୍ଧିତ ଦରମା କରାଇଦେବା ପାଇଁ ୧ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଗିରଫ କିରାଣୀ ଜଣଙ୍କ ହେଲେ ସନ୍ତୋଷ କୁମାର ଧୀର। ଦୀର୍ଘଦିନ ହେବ ସମ୍ପୃକ୍ତ ଶିକ୍ଷକ ନିଜର ବର୍ଦ୍ଧିତ ଦରମା ମଞ୍ଜୁରୀ ପାଇଁ ବିଇଓଙ୍କ କାର୍ଯ୍ୟାଳୟକୁ ଆସୁଥିଲେ। ମାତ୍ର ବିଭିନ୍ନ ଆଳ ଦେଖାଇ ତାଙ୍କ ଦରମା ମଞ୍ଜୁର କରାଯାଉ ନଥିଲା। ଏହି ସମୟରେ କିରାଣୀ ଜଣଙ୍କ ତାଙ୍କୁ ସେହି କାମ କରାଇବା ପାଇଁ ଅର୍ଥ ଦାବି କରିଥିଲେ। ମଙ୍ଗଳବାର ଶିକ୍ଷକ ଜଣଙ୍କ ଲାଞ୍ଚ ବାବଦକୁ ହଜାର ଟଙ୍କା ଦେବା ସମୟରେ ବାଲେଶ୍ୱର ଓ କେନ୍ଦୁଝରର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ କିରାଣି ସନ୍ତୋଷଙ୍କୁ ଗିରଫ କରିଛନ୍ତି। ଏଥିସହ ଗିରଫ କିରାଣୀଙ୍କୁ ପଚରାଉଚରା କରିବା ପରେ ଗଡ଼ବାନ୍ଦଗୋଡ଼ାସ୍ଥିତ ବାସଭବନକୁ ଯାଇ ଭିଜିଲାନ୍ସ ଟିମ ତନାଘନା ଚଳାଇଥିବା ଜଣାପଡ଼ିଛି।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ

ଧାମନଗର ୧୯।୧୧(ଡି.ଏନ୍.ଏ.)
ଭଦ୍ରକ ଜିଲା ଧାମନଗର ବ୍ଲକ ହସନାବାଦ ଗ୍ରାମର ସତ୍ୟନାରାୟଣ ମଲ୍ଲିକଙ୍କ ଘର ଉପରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରି ନଗଦ ଟଙ୍କା ଏବଂ ବିଭିନ୍ନ କାଗଜପତ୍ର ଜବତ କରିଛି। ଆୟ ବହୁର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଘର ସେମେତ ଶ୍ୱଶୁର ଘର ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ବାସଭବନରେ ଏକ ସମୟରେ ଚଢ଼ାଉ ହୋଇଥିଲା। ସତ୍ୟନାରାୟଣ ଆରଡବ୍ଲ୍ୟୁଏସଏସ ବିଭାଗର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ। ଚଢ଼ାଉ ବେଳେ ପ୍ରାୟ ୫୦ ଲକ୍ଷ ଟଙ୍କାର କାଗଜ ପତ୍ର ଜବତ ହୋଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି।

# ଛାତ୍ରୀଙ୍କୁ ଯୌନ ନିର୍ଯାତନା: ଶିକ୍ଷକ ଅଟକ

**ସୋର, ୧୯।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ନଦୀଗାଁ ପଞ୍ଚାୟତ ଅଞ୍ଚଳରେ ଥିବା ଏକ ଆବାସିକ ବିଦ୍ୟାଳୟର ଜଣେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ଆଇସିୟୁରେ ଭର୍ତ୍ତି କରାଯାଇଛି। ସୋର ପୋଲିସ ଏକ ମାମଲା(ନଂ. ୫୭୬/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ଜଣେ ଶିକ୍ଷକ ଏବଂ ଜଣେ ଛାତ୍ରଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

# ରାଜଗାଙ୍ଗପୁରରେ ବ୍ୟାପୁଛି ଡେଙ୍ଗୁ

## ଜଣେ ଯୁବକ ମୃତ, ମଙ୍ଗଳବାର ହେଲା ଅନ୍ତିମ ସଂସ୍କାର

**ରାଜଗାଙ୍ଗପୁର, ୧୯।୧୧ (ଡି.ଏନ୍.ଏ.)** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖତକୁର ବାହାଲଠାରେ ଡେଙ୍ଗୁ ବ୍ୟାପିବାର କିଛି ଦିନ ପରେ ଏବେ ରାଜଗାଙ୍ଗପୁର ସହରରେ ଡେଙ୍ଗୁରୋଗ କାୟାବିସ୍ତାର କରିବା ଆରମ୍ଭ କରିଛି। ଡେଙ୍ଗୁରେ ରାଜଗାଙ୍ଗପୁର ସହରର ମୁକୁନ୍ଦ ସୋନି (୨୬) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ରାଜଗାଙ୍ଗପୁର ସହରର ତାଲକିପଡାରେ ପ୍ରଦୀପ ସୋନି ବସବାସ କରନ୍ତି। ତାଙ୍କ ପୁତ୍ର ମୁକୁନ୍ଦ ସୋନି ଗତମାସ ୨୬ ତାରିଖ ବିବାହ କରିଥିଲେ। ହେଲେ ଗତ ୧୩ ତାରିଖ ମୁକୁନ୍ଦଙ୍କୁ ଜ୍ୱର ହୋଇଥିଲା। ୧୪ ତାରିଖ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲାସ୍ଥିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁଇ ଦିନ ଚିକିତ୍ସା ହେବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସୋମବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ତାଙ୍କ ମୃତଦେହକୁ ରାଜଗାଙ୍ଗପୁର ଅଣାଯାଇ ଅତି ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲରେ ବ୍ୟାପିଥିବା ଡେଙ୍ଗୁକୁ ପ୍ରଶାସନର ଅକ୍ଳାନ୍ତ ପରିଶ୍ରମ ପରେ ଆୟତ କରାଯାଇଥିଲା। ଏବେ ରାଜଗାଙ୍ଗପୁର ସହରର ତାଲକିପଡା, ମୁସଲିମପଡା ଭଳି ବିଭିନ୍ନ ସାହିରେ ଡେଙ୍ଗୁ ବ୍ୟାପୁଥିବା ଜଣାପଡିଛି। ଡେଙ୍ଗୁ ବ୍ୟାପିବାରେ ଲାଗିଥିବାରୁ ଜିଲା ପ୍ରଶାସନ ରାଜଗାଙ୍ଗପୁରଠାରେ ଡେଙ୍ଗୁ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ବୋଲି ମତପ୍ରକାଶ ପାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨0 ଲକ୍ଷ, ଭଡ଼ା ୬0 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS

EDUCATION

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍ + 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

DHARITRI Career appointment Every Wednesday and Saturday

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାତ୍ରପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ

## ସଂକ୍ଷେପରେ

ଘରେ ପଶି ଚୋରି ସହିତ ମରଣାନ୍ତକ ଆକ୍ରମଣ

### ପୋଲିସ ତଦନ୍ତ ଆରମ୍ଭ

ଭଟଲି,୧୯।୧୧(ଡି.ଏନ.ଏ.)
ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଭଟଲି-ଉଦେପାଲି ରାସ୍ତାର ନିଳଜୀ ଛକରେ ସୋମବାର ମଧରାତ୍ରିରେ ଏକ ଅଭାବନୀୟ ଘଟଣା ଘଟିଛି । ରାତି ପ୍ରାୟ ସାଢେ ୨ଟା ସମୟରେ ୩ଟି ବାଇକ୍ ଯୋଗେ ୫ଜଣ ଦୁର୍ବୃତ୍ତ ଛକ ନିକଟରେ ଥିବା ଶଙ୍କର୍ଷଣ ବାଙ୍କଙ୍କ ଘରକୁ ପଶି ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସୁରେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ପରେ ସେହି ଦୁର୍ବୃତ୍ତମାନେ ଘରେ ପଶି ଟଙ୍କା ଭର୍ତ୍ତି ଗୋଟିଏ ବାକ୍ସ ଏବଂ ୨ଟି ମୋବାଇଲ ନେଇ ଫେରାର ହୋଇଯାଇଥିବା ଭଟଲି ଥାନାରେ ଅଭିଯୋଗ ହୋଇଛି । ଖବର ପାଇ ଭଟଲି ଥାନା ଅଧିକାରୀ ରଞ୍ଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ଡଗ୍ ସ୍କ୍ୱାଡ଼ ସହାୟତାରେ ତଦନ୍ତ କରିଛନ୍ତି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୮୮/୧୯) ରୁଜୁ ହୋଇଛି ।

### ପୂର୍ବତନ ବାର୍ ସଭାପତି ଦେବେନ୍ଦ୍ର ଶତପଥୀଙ୍କ ପରଲୋକ

ବରପାଲି, ୧୯।୧୧ (ଡି.ଏନ.ଏ)
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବାର୍ ସଭାପତି ଦେବେନ୍ଦ୍ର ମୋହନ ଶତପଥି (୬୭)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବରଗଡର ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ପରଲୋକ ଘଟିଥିଲା। ପରେ ହସ୍ପିଟାଲରୁ ମୃତଦେହକୁ ବରପାଲି ଅଣାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ମଙ୍ଗଳବାର ସକାଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବାର୍ ସଭାପତି ତାରାପଦ ତ୍ରିପାଠୀ ଓ ଓକିଲ ସଂଘ ସଦସ୍ୟମାନେ ତାଙ୍କ ବାସଭବନକୁ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ଶତପଥି କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ଥାଇ ବରପାଲି ଏନଏସିର ସିଧାସଳଖ କାଉନସିଲର ଦ୍ୱିତୀୟ ଚେୟାରମ୍ୟାନ ନିର୍ବାଚିତ ହୋଇଥିଲେ । ଏହା ବ୍ୟତୀତ ସେ ବିଭିନ୍ନ ଅନୁଷ୍ଠାନ ସହ ରହିଥିଲେ । ସକାଳେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।



### ରେମଣ୍ଡା ଫୁଟବଲ: ଅତାବିରା ବିଜୟୀ

ଭେଡ଼େନ,୧୯।୧୧(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳ ପଡ଼ିଆରେ ରେମଣ୍ଡା ଫୁଟବଲ ମହୋତ୍ସବ ୨୦୧୯ର ଚତୁର୍ଥ ଦିବସ ମଙ୍ଗଳବାର ମ୍ୟାଚରେ ଅତାବିରା ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବିଜୟୀ ଦଳ ଲୁଇସିରା ଏକାଦଶକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ବିଜୟୀ ଦଳର ସମୀର ମହାପାତ୍ରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ରେମଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ପିତବାସ ସାହୁ ଏବଂ ରେମଣ୍ଡା ଡ଼ାକ୍ତରଖାନାର ଡ଼ା. ପ୍ରଶାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ରେଫରୀ ଅନୀଲ ବାଗ, ନିରଞ୍ଜନ ମହାକୁର ଏବଂ ଗୁଣବନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ତନଭି ସାହୁ ଏବଂ ସଞ୍ଜୟ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ । ବୁଧବାର ଜାଙ୍ଗେଡ଼ ଓ ଚିଚିଣ୍ଡା ମଧରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

### ଆଡ଼ଭୋକେଟ୍ଙ୍କ ପରଲୋକରେ ଶୋକ

ବରଗଡ଼ ଅଫିସ୍,୧୯।୧୧
ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଆଡ଼ଭୋକେଟ୍ ଦେବେନ୍ଦ୍ର ମୋହନ ଶତପଥୀଙ୍କ ପରଲୋକରେ ହୋଇଥିବା ଏହି ଶୋକସଭାରେ ଜିଲା ଓକିଲ ସଂଘର ସଭାପତି ବେଲାଳସେନ ସରାଫ, ସୁବାସ ମଜୁମଦାର, ଶିରିଶ ବଲ୍ଲଭ ମିଶ୍ର, ବିମଳ କିଶୋର ଦେବତା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ । ସଂଘର ଉପସଭାପତି ସରୋଜ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ କୁମାର ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ଓ ଅନ୍ୟ ସଦସ୍ୟ ଶୋକସଭାରେ ଉପସ୍ଥିତ ଥିଲେ ।

# କୃଷିର ଉନ୍ନତି ଲାଗି ଜ୍ଞାନକୌଶଳ ଜରୁରୀ

## ୧୫ତମ ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ



ବୈଜ୍ଞାନିକ ପରାମର୍ଶଦାତା କମିଟି ସଭାରେ ଅତିଥିଗଣ।

ଦେବଗଡ଼, ୧୯।୧୧ (ଡ଼ି.ଏନ୍.ଏ.)

୧୫ତମ ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ ଦେବଗଡ଼ କୃଷି ବୈଜ୍ଞାନିକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ଯୁଗ୍ମ ନିର୍ଦ୍ଦେଶକ ଡ. ଉହାମାୟା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମ୍‌କାନ୍ତ ଏକ୍କା ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ୍ କୁମାର ନାଥ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିଲେ। ଏହା ସହ ୨୦୧୮-୧୯ର କାର୍ଯ୍ୟକ୍ରମର ସଫଳତା, ୨୦୧୯-୨୦ର ଖସଡ଼ା କମିଟି ସମ୍ମୁଖରେ ଉପସ୍ଥାପନା କରିଥିଲେ। ସେହିପରି ବୈଜ୍ଞାନିକ ଭିତ୍ତିଭୂମି ସହ ଜିଲାରେ ବିଭିନ୍ନ ଫସଲର ଉତ୍ପାଦନତା ଏବଂ ଗୁଣବତ୍ତାର ବୃଦ୍ଧି ପାଇଁ ହେଉଥିବା ବିଭିନ୍ନ ଗବେଷଣାତ୍ମକ ତଥ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଭାରତୀୟ କୃଷି ଏବଂ ଗବେଷଣା ଅନୁସନ୍ଧାନ ପରିଷଦର ପ୍ରମୁଖ ବୈଜ୍ଞାନିକ ଡ. ଏସ୍.କେ.ମଣ୍ଡଳ ଯୋଗଦେଇ କାର୍ଯ୍ୟକ୍ରମ ଖସଡ଼ାକୁ କିପରି ଭାବରେ ସଫଳ ରୂପାୟନ କରାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଚକଡ଼ା ନିରୋଧି ଧାନ, ଉନ୍ନତମାନର ଟମାଟୋ, ଲିଚୁ, କମଳା, ତରଭୁଜ ଇତ୍ୟାଦିର ଗୁଣବତ୍ତା ବୃଦ୍ଧି ନିମନ୍ତେ ବିଭିନ୍ନ କେନ୍ଦ୍ରୀୟ ଗବେଷଣାଗାରରୁ ଅଣାଯାଇ ବୈଜ୍ଞାନିକ ଭିତ୍ତିରେ ଜିଲାରେ କାର୍ଯ୍ୟକାରୀ ଓ ପରୀକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନାବାର୍ଡ଼ର ମୁଖ୍ୟ ପ୍ରବନ୍ଧକ ଦେବେଶ ବେହେରା ପ୍ରତିଟି ବିଭାଗ ନିଜ ଭିତରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ସହ ନିଜ ବିଭାଗର ସଫଳତା କାହାଣୀ ଉପସ୍ଥାପନା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କେ.କେ.ମହାଲିଙ୍ଗ ଉନ୍ନତ କିଷମର କନ୍ଦମୂଳ ଫସଲ, ମହୁମାଛି ଚାଷ, କଲମୀ ବାଇଗଣ ଚାରା ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରିବାକୁ ମତାମତ ଦେଇଥିଲେ। ଜିଲା ଜଳ ବିଭାଜିକା ମିଶନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଢ଼ିପଜମି ଅଞ୍ଚଳରେ ଉପଯୁକ୍ତ ଫସଲ ପର୍ଯ୍ୟାୟ ସମ୍ମିଳିତ ଜ୍ଞାନକୌଶଳ କୃଷି ବିଜ୍ଞାନ କେନ୍ଦ୍ରର ସହଯୋଗରେ କରିବାକୁ ପରାମର୍ଶ ଦେଇଥିଲେ। ଜିଲା କୃଷି ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁ ମରୁଡ଼ି ସହନଶକ୍ତି ଧାନ କିସମର ପରୀକ୍ଷଣ ନିମନ୍ତେ ମତପୋଷଣ କରିଥିଲେ। ଓଡ଼ିଶା ଜୀବିକା ମିଶନର ଅଧିକାରୀ ସ୍ମରଣିକା ମହାପାତ୍ର କୃଷି ବିଜ୍ଞାନ କେନ୍ଦ୍ରର ସହଯୋଗରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପନିପରିବା ଓ ଫୁଲଚାଷ ଉପରେ ଜ୍ଞାନକୌଶଳ ପ୍ରଦାନ କରିବାକୁ ମତାମତ ଦେଇଥିଲେ। ସେହିପରି ଜିଲାର ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ତଥା ସମସ୍ତ ଜିଲା ପଦାଧିକାରୀ ଉପସ୍ଥିତ ଥିଲେ।



ସାମାଜିକ ସଚେତନତା ସଭାରେ ମଞ୍ଚାସୀନ ଅତିଥି।

## ସାମାଜିକ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୯।୧୧(ଡ଼ି.ଏନ୍.ଏ.)

ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ କଟକ ସିଆଇଡ଼ି କ୍ରାଇମ୍ ବ୍ରାଞ୍ଚ ସବ୍-ଇନସ୍‌ପେକ୍ଟର ତପନ କୁମାର ନାୟକଙ୍କ ସଭାପତିତ୍ୱରେ ସାମାଜିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସୋନପୁର ଭିଜିଲାନ୍ସ କାର୍ଯ୍ୟାଳୟର ଏ.ଏସ୍.ଆଇ. ରିଙ୍କି ଭୋଇ, ସମାଜସେବୀ ରିତା ପ୍ରଧାନ ଯୋଗ ଦେଇ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ, କୁସଂସ୍କାର, ମହିଳା ନିର୍ଯାତନା, ନିରକ୍ଷରତା ପ୍ରଭୃତିର ନିବାରଣ ନିମନ୍ତେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ଆଇନଜିବୀ ମିଲୁ ଚରଣ ରଣଜିତ୍ ଓ ସମ୍ମାନିତ ଅତିଥି ଭାବରେ ପି.ଏଲ୍.ଭି. ଅଶ୍ୱୀନୀ ସାଗର ଯୋଗ ଦେଇ ଉତ୍ତମ ସମାଜ ଓ ଉତ୍ତମ ରାଷ୍ଟ୍ର ଗଠନ ପାଇଁ ଆମକୁ ପ୍ରଥମେ ଉତ୍ତମ ନାଗରିକ ହେବା ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ସମେତ ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ବୌଦ୍ଧ ଓ ସୋନପୁର ଅଞ୍ଚଳରୁ ବହୁ ସାମାଜିକ କର୍ମୀ ଯୋଗ ଦେଇଥିଲେ।

ଲୋକ ସଭାରେ କେନ୍ଦ୍ର ସରକାର ଜଣାଇଲେ

## ୧୦ ସଂସ୍ଥାକୁ ଦିଆଯାଇଛି ଫୋନ୍ ଟ୍ୟାପିଙ୍ଗ୍ ଅନୁମତି

ନୂଆଦିଲ୍ଲୀ,୧୯।୧୧(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଭଳି ୧୦ଟି ତଦନ୍ତକାରୀ ସଂସ୍ଥାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଫୋନ୍ ଟ୍ୟାପିଙ୍ଗ୍ ପାଇଁ ଅନୁମତି ଦିଆଯାଇଛି। କୌଣସି ବ୍ୟକ୍ତିଙ୍କୁ ସର୍ଭିଲାନ୍ସରେ ରଖିବା ପୂର୍ବରୁ ସେହି ସଂସ୍ଥାଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁମତି ନେବା ଜରୁରୀ ବୋଲି ମଙ୍ଗଳବାର ଲୋକ ସଭାରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଟ୍ସଆପ୍ କଲ୍ ଓ ମେସେଜ୍ ଟ୍ୟାପିଙ୍ଗ୍ ସମ୍ପର୍କିତ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି, କୌଣସି କମ୍ପ୍ୟୁଟରରେ ସୂଚନା ପ୍ରସ୍ତୁତ, ପ୍ରେରଣ, ଗ୍ରହଣ ବା ସଂରକ୍ଷଣ କରାଯାଇଥିଲେ ତାକୁ ଆୟତ୍ତ, ଅନୁଧ୍ୟାନ କିମ୍ବା ବିଗୁଢ଼ କରିବା ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ, ୨୦୦୦ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଛି।

## ସାମାଜିକ ସୁରକ୍ଷା ଯୋଜନାରେ ସହାୟତା ପ୍ରଦାନ




ଜମନକିରାରେ ଜଣେ ହିତାଧିକାରୀଙ୍କୁ ସହାୟତା ଦିଆଯାଉଛି।

ଜମନକିରା,୧୯।୧୧( ଡି.ଏନ୍.ଏ.)

ଜମନକିରା ବ୍ଲକ୍ ସାମାଜିକ ସୁରକ୍ଷା ସଶକ୍ତି କରଣ ଯୋଜନାରେ ୧୭ ଜଣ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଡ. ଶୁଭମ ସକ୍ସେନା, ଏସ୍‌ପି କନୱାର ବିଶାଲ ସିଂ, ଉପ-ଜିଲାପାଳ ବିଶ୍ୱରଞ୍ଜନ ନାଏକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ ପ୍ରମୁଖ ଯୋଗ ଦେଇ ସହାୟତା ପ୍ରଦାନ କରିଥିଲେ। ବିପିଏଲ୍ ପରିବାରର ୧୮ରୁ ୬୦ ବର୍ଷ ମଧ୍ୟରେ ଘରର ମୁରବୀଙ୍କ ମୃତ୍ୟୁ ହୋଇଯାଇଥିବା ୫ ଜଣ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିବା ବେଳେ ପରିବାର ମଙ୍ଗଳ ଯୋଜନାରେ ୬ ଜଣଙ୍କୁ ସମାନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଦିବ୍ୟାଙ୍ଗ ଯୋଜନାରେ ୪ ଜଣ ହିତାଧିକାରୀଙ୍କୁ ୪ଟି ଟ୍ରାଇ ସାଇକେଲ ଏବଂ ୨ଜଣ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ବ୍ଲକ୍ ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗରୁ ଅଜିତ କୁମାର ସାହୁ ଏବଂ ସୁଧୀର ସେନାପତି ସହଯୋଗ କରିଥିଲେ।

## ଅଏଁଲାପାଲି ରେ ସଂକ୍ରାନ୍ତି ଉତ୍ସବ ଉଦ୍‌ଯାପିତ

ଭେଡ଼େନ,୧୯।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଶ୍ରୀରାମ ମନ୍ଦିର ପରିସରରେ ଜୟ ଶ୍ରୀରାମ ସତସଙ୍ଗ ମଣ୍ଡଳୀ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ଏକାଦଶ ବାର୍ଷିକ ସଂକ୍ରାନ୍ତି ଉତ୍ସବ ସୋମବାର ଅପରାହ୍ନରେ ଉଦଯାପିତ ହୋଇଛି। ରବିବାର ସକାଳୁ କଳସ ଶୋଭାଯାତ୍ରା ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ରବିବାର ଗୁଲିହାପଦର ଗ୍ରାମର ପ୍ରବଚକ ବ୍ୟାସଦେବ, ମହଦା ଗ୍ରାମର ପ୍ରବଚକ ଅଏଁଠୁ ସାହୁ ପ୍ରବଚନ ପ୍ରଦାନ କରିଥିବା ବେଳେ ସୋମବାର ପ୍ରଶାନ୍ତ ପ୍ରଧାନ ଏବଂ ପ୍ରବଚିକା ହରିପ୍ରିୟା ପ୍ରଧାନ ପ୍ରବଚନ ଦେଇଥିଲେ। ଏହାସହ ସିଂହେନପାଲିର ଭଜନମଣ୍ଡଳୀ ଭାଗବତ ପାରାୟଣ ପରିବେଷଣ କରିଥିଲେ । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବୀରବର ସାହୁ ଏବଂ ବବିତା ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ଲଳିତ ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

ସମ୍ବଲପୁର, ୧୯।୧୧ (ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୨ତମ ଜୟନ୍ତୀ ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଛି । ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନେତା ଓ କର୍ମୀମାନେ ଇନ୍ଦିରାଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସୁରେଶ୍ୱର ମିଶ୍ର, ସୁତାପ୍ତା ମିଶ୍ର, ପ୍ରଣତି ପଟ୍ଟନାୟକ, ଅଶୋକ ବେରିହା, ଜଗଦୀଶ ନନ୍ଦ, ପ୍ରେମ ସାହାଣୀ, ସୁରେଖା ସାହୁ, ଦୀନବନ୍ଧୁ ପରିଡା, ବିଜୟ ଲକ୍ଷ୍ମୀ ବେହେରା, ସୁମିତ ଷଡଙ୍ଗୀ, ଶିବ ପ୍ରଧାନ, ପ୍ଲାବନ ବହିଦାର, ରେଣୁ କରିମ, ମହମ୍ମଦ ମୁଖ୍ତାର, ଆନନ୍ଦ ମିଶ୍ର, ସୁରମା ସାହୁ, ସଲମା ୱାସିମ, ଫରିମ ନାଜ, ସଲମା ପରିନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।



ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

## ଛାତ୍ରୀଛାତ୍ର ଡେବ୍ରିଗଡ଼ ଅଭୟାରଣ୍ୟ ବୁଲିଲେ

ସମ୍ବଲପୁର,୧୯।୧୧(ବ୍ୟୁରୋ)
ସମ୍ବଲପୁର ଜିଲା ପ୍ରଶାସନ ଓ ବନ୍ୟ ପ୍ରାଣୀ ବିଭିଗ ପକ୍ଷରୁ ଶିଶୁମାନଙ୍କୁ ନେଇ ଡେବ୍ରିଗଡ ଅଭୟାରଣ୍ୟ ପରିଦର୍ଶନ କରାଯାଇଛି। ଫୁଲଝରଣସ୍ଥିତ ସାନ୍ତ୍ୱା ଆଇଜାକ ବାଳ ନିକେତନ ଓ ଧନକଉଡା ବାଳାଶ୍ରମର ଅନ୍ତେବାସୀଙ୍କୁ ନିଆଯାଇଥିଲା । ସଫାରୀରେ ବୁଲି ସେମାନେ ବନ୍ୟ ପ୍ରାଣୀ ଦେଖିଥିଲେ । ଉପସ୍ଥିତ ବନ କର୍ମଚାରୀ ପିଲାମାନଙ୍କୁ ସୂଚନା ଦେଇଥିଲେ । ଡିସିପିଓ ସୁଚସ୍ମିତା ପଟ୍ଟନାୟକ, ଝୁଝୁମୁରା ବିଡିଓ ସରୋଜ ବିଶ୍ୱାଳଙ୍କ ସମେତ ଧନକଉଡା ବ୍ଲକର ଅଧିକାରୀମାନେ ଉପସ୍ଥିତ ଥିଲେ।



ଡେବ୍ରିଗଡ ଅଭୟାରଣ୍ୟ ବୁଲିବା ଅବସରରେ ପିଲାମାନେ ।

## ୨୨ରେ ଜିଲା କଂଗ୍ରେସ କମିଟିର ବିକ୍ଷୋଭ, ଧାରଣା

ଦେବଗଡ,୧୯।୧୧,(ଡ଼ି.ଏନ୍.ଏ.)- ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ବିଜେଡ଼ି ଓ ଭାଜପା ସରକାରର ଚରମ ବିଫଳତା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି, ସରକାରୀ ଓ ବେସରକାରୀ ସ୍ତରରେ ନିଯୁକ୍ତିର କାଟ ଯୋଗୁ ବେରୋଜଗାରୀ ବୃଦ୍ଧି, ନାରୀ ନିର୍ଯାତନା ଓ ଆଇନ୍ ଶୃଙ୍ଖଳାର ଘୋର ଅବନତି, ପିସି କାରବାର ଦୁର୍ନୀତି ଓ ଭ୍ରଷ୍ଟାଚାର ରୋକିବାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ। ଏହା ବିରୁଦ୍ଧରେ ଆସନ୍ତା ୨୨ ଶୁକ୍ରବାର ୧୦ଟା ଠାରୁ ୨ଟା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ତରଫରୁ ଯୁଗେସ ଅଗ୍ରୱାଲା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଦେବଗଡ଼ ଜିଲା କଂଗ୍ରେସ କମିଟି ସଭାପତି ଉମା ଶଙ୍କର ସାହୁ ସୂଚନା ଦେଇଛନ୍ତି।

ମିଲେଟ ମିଶନରେ ମଡିଆ ଚାଷ୍

# ଚାଷୀ ଅଭାବୀ ବିକ୍‌ରିର ଶିକାର ଅଭିଯୋଗ

ବିଜେପୁର, ୧୯।୧୧ (ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକ ଗୁଟେ ଶୁଖା ଅଂଚଲ। ଇଠାନର ଚଷୀଭାଇମାନେ ବରଷା ପାଏନ୍‌କେ ଆଶ୍ରା କରି ଚାଷବାସ୍ କରସନ୍। ସେନ୍‌ତା ବରଷା ପାଏନ୍ ଅଭାବୁ ୨୦୧୫ନୁ ୨୦୧୮ ତକ୍ ଲାଗ୍ ଲାଗ୍ ମର୍‌ଡି ପଡ଼ିଥିଲା। ଯେନ୍‌ଥିରଲାଗି ଚାଷୀର ମେରୁହାଡ଼ ଭାଂଗି ଯାଇଥିଲା। ଇଟାକେ ନିଘା କରି କୃଷି ବିଭାଗ ପହେଲା କରି ଚଲିତି ବଛର ବିଜେପୁର ବ୍ଲକରେ ମିଲେଟ୍ ମିଶନ ଜରିଆରେ ୬୮ ହେକ୍ଟର ଜମିରେ ମଡିଆ ଚାଷ ମୂଲ କରିଛେ। ଚଲତି ବଛର ପହେଲା ହୁମଡ଼ାଥି ମେଘ୍ ପାଏନ୍ ଛାଡ଼ି ଦେଲାକେ ମଡିଆ ଚାଷୀ ବନିହାଁ ନୁକ୍‌ସାନ ସହିଛନ୍। ଏଛେନ୍ ମଡିଆ ବିକ୍‌ରି କଟକନା ଲାଗି ଚାଷୀ ଅଭାବି ବିକ୍‌ରିର ଶିକାର ହେଉଥିବାର ଅଭିଯୋଗ ହେଉଛେ। ଇ ବାବଦେ ଆମେ ଭେଟିଥିଲୁଁ କେତେ ମଡିଆ ଚାଷୀକୁଁ।



ମହିଳାମାନେ ମଡିଆ ମଡ଼ାଦଲା ଉତାରୁ ସାଉଁଟୁଛନ୍।

### ଇମାନେ ଯାହା କହିଛନ୍...

“ଚଲତି ବଛର୍‌ପହେଲା କରି ଗୁଟେ ହେକ୍ଟର ଆଟ୍‌ଥି ମଡିଆ ଚାଷ କରିଥିଲି। ହେଲେ ବରଷା ପାଏନ୍ ଛାଡ଼ ଆର୍ ମହିଷା ରୋଗଥି ଅଧା ଫସଲ ଖପିଗଲା। ବାକି ଫସଲରେ ଆଠ ହଜାର ଟଁକା ଖରଚ କରି ୭ କୁଇଣ୍ଟାଲ ମଡିଆ ଅମଲ କରିଛେଁ। ହେଲେ ଦୁଖର କଥା ହେକ୍ଟର ପିଛା ୯ନେ ଚାଷୀ ୩ କୁଇଣ୍ଟାଲ ନ ମଡିଆ ବିକି ପାରବା ବଲି ପରଶାସନ କଟକନା ଜାରି କରିଛେ। ଯେନଥିରଲାଗି ବାକି ୪ କୁଇଣ୍ଟାଲକେ ଅଲପ୍ ଦାମ୍‌ଥି ବେପାରିକେ ଦେବାକେ ପଡ଼ବା।

-ଗୋପାଳ ପଧାନ, ଚାଷୀ।

“ଗୁଟେ ହେକ୍ଟର ଜମିଥି ଆମର ଗ୍ରୁପ୍‌ର ସଭେ ମିଶି ମଡିଆ ଚାଷ କରିଥିଲୁଁ। ଭୁତି ଭୁତିଏର୍ ଛାଡ଼ି ସାର, ଉଷୋ, ବିହନ, ହଲନଂଗଲ ବାବ୍‌ଦେ ୫ରୁ ୬ ହଜାର ଟଁକା ଖରଚା ହେଇଛେ। ଗଲା ବଛରମାନ୍‌କେ ମୁଗ୍, ମୁଗ୍‌ଫଲି ଚାଷ କରୁଥିଲୁଁ। କୃଷି ବିଭାଗର ଆଗିଆଁମାନେ ଆସି ଆମକୁ ମଡିଆ ଚାଷ୍ କରବାକେ ମତାଲେ। କମ୍ ପାଏନ୍, କମ୍ ମେହେନତରେ ଭଲ ଫାଏଦା ମିଲୁଛେ। ହେଲେ ସରକାରୀ ପୋରଛାହନ୍ ମିଲ୍‌ଲେ ଆରଟିକେ ଭଲ ହେତା।

-ଚିତ୍ରରେଖା ଜାଲ, ମା' ଗାୟତ୍ରୀ, ଏସ୍‌ଏଚ୍‌ଜି, ଅଇଲପୁର।

“ଜହ ପାଏନ୍ ହେଲେ ମୁଗ୍, ମୁଗ୍‌ଫଲି ଫସଲ ନୁକ୍‌ସାନ ହେସି। ହେଲେ ମଡିଆ ଫସଲକେ ପାଏନର ଡର ନାଁଇଁନ। ଇ ଚାଷରେ ଭଲ ଦୁଇ ପଏସା ଲାଭ ହେବା ବଲି ଆଶ୍ ଅଛେ। ହେକ୍ଟର ପିଛା ୫ ହଜାର ଟଁକା ପୋରଛାହନ୍ ଦିଆଯିବା ବଲି ପରଶାସନ୍ କହିଥିଲା। ହେଲେ ଚାଷବାସ ସରିଗଲା ଉତାରୁ ଭିଲ୍ କାଣି କଉଡ଼ିଟେ ନୁହେ ମିଲେ। ସେନ୍‌ତା ଅମଲ ହେଲା ସବୁ ମଡିଆକେ ସରକାର ଘିନ୍‌ଲେ ଚାଷୀ ଭାଇମାନେ ଇ ଚାଷକେ ଖୁବ୍ ମନ୍ କରବେ।

-ଯତିନ ସାହୁ, ଅଇଲପୁର।

“ଚଲତି ବଛର ବିଜେପୁର ବ୍ଲକରେ ୨୦୦ ହେକ୍ଟର ମଡିଆ ଚାଷ ହେବା ବଲି ଧାର୍ୟ୍ ହେଇଥିଲା। ପାଏନ୍‌କାଁଜ୍ ଲାଗି ୬୮ ହେକ୍ଟରରେ ଇ ଚାଷ ହେଇଛେ। ଅର୍ଡା ଆର ଏମ୍ ଶ୍ରୀଗିଡ଼ା ଧାନ ମଣ୍ଡିରେ ଚାଷୀକଁର ମଡିଆକେ କୁଇଣ୍ଟାଲ ପିଛା ୩୧୫୦ ଟଁକାରେ ଘିନବାର ଯୋଜନା ରହିଛେ। ଚାଷୀ ମଣ୍ଡିରେ ମଡିଆ ବିକି ସାଏଲେ ନିଅମ୍ ହିସାବେ ସରକାରୀ ପୋରଛାହନ୍ ଯୁଗେଇ ଦିଆଯିବା। ୨୦୦ କୁଇଣ୍ଟାଲ ମଡିଆ ଘିନବାର ବେବସ୍‌ତା କରାଯାଇଛେ।

-ଲକ୍ଷ୍ମୀପ୍ରସାଦ ପଟେଲ, ବ୍ଲକ ସହକାରୀ କୃଷି ଅଧିକାରୀ, ବିଜେପୁର।



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଉଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ୨୯ରେ ଓଏସ୍ଓୟୁ ତୃତୀୟ ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୧୯।୧୧(ବ୍ୟୁରୋ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ଆସନ୍ତା ୨୯ତାରିଖରେ ସମ୍ବଲପୁରସ୍ଥିତ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ କୁଳାଧିପତି ତଥା ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଧ୍ୟକ୍ଷତା କରିବେ ଏବଂ ମୁଖ୍ୟ ଅତିଥି ଭାବେ ଡ.ବାବାସାହେବ ଆମ୍ବେଡକର ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଆମିୟୁ.ଉପାଧ୍ୟାୟ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ। ଯେଉଁ ଛାତ୍ରୀଛାତ୍ରମାନେ ତାଙ୍କ ଆକାଡେମିକ ବିଷୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବେ ସେମାନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ବକ୍ତୃତା ପ୍ରତିଯୋଗିତା

**ସମ୍ବଲପୁର, ୧୯।୧୧ (ବ୍ୟୁରୋ)** ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାନସେଲର୍ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଇଂଲିଶରେ ବୁର୍ଲା ଭିଏସଏସ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପୀୟୂଷ ପ୍ରତୀକ ପ୍ରଥମ, ଭବାନୀପାଟଣା ସ୍ୱୟଂ ଶାସିତ କଲେଜର ଅଭିଲିପ୍ସା ପଟ୍ଟନାୟକ ଦ୍ୱିତୀୟ, ବୈଦିକ ଡିଗ୍ରୀ କଲେଜର ଜାହ୍ନବୀ ଶର୍ମା ଓ ବିଇଡି କଲେଜର ଟିକେଚାନ୍ଦ ବେହେରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଓଡିଆରେ ରାଉରକେଲା ୟୁଏଚଏମସିଏଚ ଛାତ୍ରୀ ତେଜସ୍ୱିନୀ ମିଶ୍ର ପ୍ରଥମ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ସ୍ନାତକୋତ୍ତର ଛାତ୍ରୀ ତୃପ୍ତିମୟୀ ପାତ୍ର ଦ୍ୱିତୀୟ ଓ ବରଗଡ ମହିଳା କଲେଜର ଇପ୍ସିତା ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଚଳିତ ମାସ ୨୯ ତାରିଖ ଜ୍ୟୋତିବିହାର ପରିସର ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ହେବାକୁ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବାକୁ ସ୍ଥିର ହୋଇଛି ।

### ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୧୯।୧୧ (ବ୍ୟୁରୋ)** ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ସମ୍ବଲପୁର ଜୋନର ୯ମ ପ୍ରତିଷ୍ଠା ଦିବସ ଅଇଁଠାପାଲିସ୍ଥିତ ଯାନ୍ତ୍ରିକ ଭବନଠାରେ ପାଳିତ ହୋଇଯାଇଛି । ସଂଘ ରାଜ୍ୟ ସଭାପତି ପ୍ରଶାନ୍ତ ମହାନ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜୋନ ସମ୍ପାଦକ ସଦାଶିବ ବିଶୋଇ ପ୍ରାରମ୍ଭିକ ସୂଚନା ଓ ଅତିଥି ସ୍ୱାଗତ କରିଥିଲେ । ଗୋକୁଳି ଚନ୍ଦ୍ର ପ୍ରଧାନ, ଚକ୍ରଧର ସାହୁ, ପଦ୍ମଲୋଚନ ସାହୁ, ଅନନ୍ତଚରଣ ଦାଶ, ଗଣେଶ ବାଗ, ଅଞ୍ଜନ ପଟେଲ, ଦିଲୀପ କୁମାର ସାହୁ, ମଙ୍ଗଳୁଚରଣ ରଣା, ସନ୍ତୋଷ ବଡ଼େଇ, ଦିଲେଶ ରେଡ୍ଡୀ, ଆଧାର ମଲ୍ଲିକ, ଅଭିନାଶ ପଲେଇ, ଗୌତମ ଧଳ, ଲକ୍ଷ୍ମୀଧର ପ୍ରଧାନ, ପୀତାମ୍ବର ମଲ୍ଲିକ, ନାରାୟଣ ନାଗ, ଭାନୁ କିଶୋର ମହନ୍ତ, ପ୍ରଦୀପ ପାଣିଗ୍ରାହୀ, ମନୋଜ କୁମାର ଦାସ ଯୋଗଦେଇ କର୍ମଚାରୀମାନଙ୍କ ସମସ୍ୟା ଉପରେ ପର୍ଯ୍ୟାଲୋଚନା କରିଥିଲେ। ଝାରସୁଗୁଡା, ବରପାଲି, ଅତାବିରା, କୁଚିଣ୍ଡା, ବୁର୍ଲା, ହୀରାକୁଦ, ସମ୍ବଲପୁର ଓ ରେଢ଼ାଖୋଲ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ।

### ନାଟ୍ୟକଳା ପରିଷଦର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୧୯।୧୧ (ବ୍ୟୁରୋ)-** ସମ୍ବଲପୁର ନାଟ୍ୟକଳା ପରିଷଦର ୪୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସହସମ୍ପାଦକ ସତ୍ୟନାରାୟଣ ଠାକୁର ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଦିଲୀପ ପୃଷ୍ଟି ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଶିବନାରାୟଣ ଶତପଥୀ ସୂଚନା ଦେଇଥିଲେ। ଅଶୋକ ମିଶ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ସୂର୍ଯ୍ୟ ପାଣିଗ୍ରାହୀ, ବୋଧରାମ ଦାଶ, ଗୌରେଖଲାଲ ଦାଶ, ବିରୂପାକ୍ଷ ପ୍ରଧାନ, ଡ. ସିଦ୍ଧାର୍ଥ ପଣ୍ଡା, ଦେବାର୍ଚ୍ଚନ ଠାକୁର ଆଲୋଚନାରେ ଭାଗ ନେଇଥିଲେ।

# ଟୋକନ୍ ବ୍ୟବସ୍ଥାକୁ ଚାଷୀଙ୍କ ବିରୋଧ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ରାଜ୍ୟ ସରକାର ଧାନ ସଂଗ୍ରହରେ ଟୋକନ ବ୍ୟବସ୍ଥା ଲାଗୁ କରିଛନ୍ତି । ଏହାକୁ ବିରୋଧ କରି ସମ୍ବଲପୁର ଜିଲାରେ ୩ ଦିନ ହେଲା ଧାନ ସଂଗ୍ରହରେ ଅଚଳାବସ୍ଥା ଲାଗି ରହିଛି। ମଙ୍ଗଳବାର ଚାଷୀମାନେ ସମ୍ବଲପୁର ଜିଲାର ରେଙ୍ଗାଲି ବିଧାୟକ ନାଉରି ନାଏକ, ରେଢ଼ାଖୋଲ ବିଧାୟକ ତଥା ଉପମୁଖ୍ୟ ସଚେତକ ରୋହିତ ପୂଜାରୀଙ୍କ ଘର ସମ୍ମୁଖରେ ଧାନ ଭର୍ତ୍ତି ଟ୍ରାକ୍ଟର ରଖି ଆନ୍ଦୋଳନ କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଘର ସମ୍ମୁଖରେ ମଧ୍ୟ ଧାନ ବସ୍ତା ରଖି ଯାତାୟାତ ଠପ୍ କରି ଦେଇଥିଲେ। ଚାଷୀମାନେ ପ୍ରଥମେ ରେଙ୍ଗାଲି ବିଧାୟକ ନାଏକଙ୍କ ଘରକୁ ଯାଇଥିଲେ। ମହାବୀର ପଡା ମୁଖ୍ୟ ଛକରେ ଚାଷୀମାନେ ଏକାଠି ହୋଇଥିଲେ। ଦୁଇଟି ଧାନ ବୋଝେଇ ଟ୍ରାକ୍ଟର ନେଇ ରାଲିରେ ବିଧାୟକଙ୍କ ଘରକୁ ଯାଇଥିଲେ। ସେଠାରେ ନାରାବାଜି କରିବା ସହ ବିଧାୟକଙ୍କ ଘର ଆଗ ଗେଟ୍ ସମ୍ମୁଖରେ ଟ୍ରାକ୍ଟର ରଖି ବନ୍ଦ କରି ଦେଇଥିଲେ। ପରେ ବୁଢ଼ାହିଲରେ ଥିବା ବିଧାୟକ ପୂଜାରୀଙ୍କୁ ଘରକୁ ର୍ୟାଲିରେ ଯାଇଥିଲେ। ସେଠାରେ ମଧ୍ୟ ନାରାବାଜି କରିବା ସହ ଧାନ ଭର୍ତ୍ତି ଟ୍ରାକ୍ଟର ରଖି ଦେଇଥିଲେ। ସମ୍ବଲପୁର ବିଧାୟକ ମିଶ୍ରଙ୍କ ଘରକୁ ଟ୍ରାକ୍ଟର ଯିବାରେ ସମସ୍ୟା ହେବାରୁ ଚାଷୀମାନେ ବାଇକ୍‌ରେ ଧାନ ବସ୍ତା ନେଇ ତାଙ୍କ ଘର ସମ୍ମୁଖରେ ପହଞ୍ଚିଥିଲେ। ଜୟଙ୍କ ଘର ସମ୍ମୁଖରେ ଧାନ ବସ୍ତା ରଖି ରାସ୍ତା ବନ୍ଦ କରି ଦେଇଥିଲେ। ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ସଂଗଠନର ଆବାହକ ପ୍ରଧାନ କହିଛନ୍ତି ଯେ, ଆନ୍ଦୋଳନ ଚାଲିବ। ଗୁରୁବାର ବରେଇପାଲି ମାର୍କେଟରେ ଏକ ବିଶାଳ ଚାଷୀ ସମାବେଶ ହେବ। ଏହାପରେ ୫୫ ନମ୍ବର ଜାତୀୟ ରାଜପଥକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ରେଢ଼ାଖୋଲ ବିଧାକଙ୍କ ସମ୍ବଲପୁରସ୍ଥିତ ବାସଭବନ ସମ୍ମୁଖରେ ଚାଷୀମାନେ ଧାନଭର୍ତ୍ତି ଟ୍ରାକ୍ଟର ନେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନ୍ୟାୟ ପାଇଁ ସୁରକ୍ଷାକର୍ମୀ ପ୍ରଶାସନର ଦ୍ୱାରସ୍ଥ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସରେ କେତେକ ସୁରକ୍ଷାକର୍ମୀ ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ହୀରାକୁଦ ଏଫସିଆଇ ଓ ବିଭିନ୍ନ ସ୍ଥାନରେ କାମ କରୁଥିଲେ। ହେଲେ ଏବେ ବିନା କାରଣରେ ନ ଜଣାଇ ଚାକିରିରୁ ବାହାର କରି ଦିଆଯାଇଛି। ଏମାନେ ସମସ୍ତେ ଗରିବ ପରିବାରର। ଏବେ ପରିବାର ଚଳାଇଇବା କଷ୍ଟକର ହୋଇ ପଡିଛି। ୯ ବର୍ଷ କାଳ କାମ କରିଥିଲେ। ହେଲେ ଏବେ କୁଆଡେ କାମ କରିବାକୁ ଯିବେ ବୋଲି କହିଛନ୍ତି। ଅନ୍ୟପଟେ ଏମାନେ ବହିଷ୍କାରକୁ ନେଇ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ହେଲେ ହାଇକୋର୍ଟଙ୍କ ଆଦେଶ କାମ ଦେଉନି। ତେଣୁ ନ୍ୟାୟ ପାଇଁ ପଦାକ୍ଷପ ନେବାକୁ ଏମାନେ ଜଣାଇଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ନ୍ୟାୟ ମାଗିବାକୁ ଆସିଥିବା ସୁରକ୍ଷାକର୍ମୀ।



ଏମସିଏଲ ପକ୍ଷରୁ ସମ୍ବଲପୁର ଫୁଲଝରନଠାରେ ରେଡକ୍ରସ ପାର୍ବତୀ ଗିରି ମାତୃଭବନର ଶିଳାନ୍ୟାସ କରାଯାଉଛି।

# ରେଡକ୍ରସ୍ ପାର୍ବତୀଗିରି ମାତୃଭବନର ଶିଳାନ୍ୟାସ

**ସମ୍ବଲପୁର, ୧୯।୧୧ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ଫୁଲଝରନରେ ରେଡକ୍ରସ ପାର୍ବତୀ ଗିରି ମାତୃଭବନର ଶିଳାନ୍ୟାସ କରାଯାଇଛି। ଜାଗୃତି ମହିଳା ମଣ୍ଡଳ ଅଧକ୍ଷା ମଞ୍ଜୁଳା ଶୁକ୍ଲା ଏହି ନୂତନ ଗୃହର ଶିଳାନ୍ୟାସ କରିଥିଲେ। ଏହି ଗୃହ ନିର୍ମାଣ ସକାଶେ କମ୍ପାନୀ ପକ୍ଷରୁ ୭୨.୭୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥିରେ ୧୨ଟି କୋଠରି, ୪ଟି ଗାଧୁଆ ଘର, ୪ଟି ଶୌଚାଳୟ ରହିବ। ସୂଚନାଯୋଗ୍ୟ ଯେ, ଏଠାରେ ୨୫ଜଣ ବୃଦ୍ଧା ରହୁଛନ୍ତି।

# ଟ୍ରେନ୍‌ରୁ ପଡ଼ି ଯାତ୍ରୀଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ୍/ ଲଖନପୁର,୧୯।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ରୋଡ ଷ୍ଟେଶନରେ ମଙ୍ଗଳବାର ଏକ ପାସେଞ୍ଜର ଟ୍ରେନ୍‌ରେ ଜଣେ ଯାତ୍ରୀ ଚଢୁଥିବାବେଳେ ଅସାବଧାନତାବଶତଃ ଖସିପଡ଼ି ଚକା ତଳେ ପଡ଼ିଯାଇଥିଲେ। ଏଥିରେ ତାଙ୍କର ୨ଟି ଯାକ ଗୋଡ଼ କଟିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଝାରସୁଗୁଡ଼ା ଜିଆର୍‌ପି ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରଛି। ଜିଆର୍‌ପି ପୋଲିସ ସୂଚନା ଅନୁଯାୟୀ ମୃତ ଯାତ୍ରୀ ଜଣକ ହେଉଛନ୍ତି ଛତିଶଗଡ଼ ହଙ୍କରର ସଞ୍ଜୟ କର(୩୧)। ଏନେଇ ଜିଆର୍‌ପି ପୋଲିସ ମୃତକଙ୍କ ପରିବାରବର୍ଗଙ୍କୁ ଖବର ଦେଇଛି। ସୂଚନା ଅନୁଯାୟୀ ସମ୍ବଲପୁରରୁ ରାଉରକେଲା ଯାଉଥିବା ଡିଏମ୍‌ୟୁ ଟ୍ରେନ୍ ଝାରସୁଗୁଡ଼ା ରୋଡ ଷ୍ଟେଶନରେ ଅଟକିଥିଲା। ଏହି ସମୟରେ ଯାତ୍ରୀ ଜଣଙ୍କ ଟ୍ରେନ୍‌ରେ ଚଢୁଥିବାବେଳେ ଅସାବଧାନତା ଯୋଗୁ ଟ୍ରେନ୍ ଚକାତଳେ ପଡ଼ିଯାଇଥିଲେ।

# ଘରପଟ୍ଟା ଦାବିକଲେ ମିର୍ଗାମୁଣ୍ଡା ଗ୍ରାମବାସୀ

**ସମ୍ବଲପୁର,୧୯।୧୧(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ ନମ୍ବର ୱାର୍ଡର ମିର୍ଗାମୁଣ୍ଡା ଓରାମପଡାବାସୀ ଘର ଡିହ ପଟ୍ଟା ଦେବା ପାଇଁ ଦାବି କରିଛନ୍ତି । ମାନେଶ୍ୱର ତହସିଲ ଅଫିସକୁ ଯାଇ ଏମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ କ୍ରମେ ବହୁ ବର୍ଷରୁ ଏହି ପଡାରେ ଘର କରି ଏମାନେ ରହି ଆସୁଛି। ହେଲେ ପଟ୍ଟା ମିଳି ପାରି ନାହିଁ। ଫଳରେ ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ଏମାନଙ୍କୁ ସାମିଲ କରାଯାଉ ନାହିଁ। ନିଜ ପାଖରେ ଘର ତିଆରି କରିବା ପାଇଁ ଟଙ୍କା ନାହିଁ ବୋଲି ସଞ୍ଜୟ ଛୁରିଆ, ବିଳାସିନୀ ଓରାମ, ଆରତୀ ଷଣ୍ଡ, ଲକ୍ଷ୍ମୀ ଓରାମ, ଅଷ୍ଟମୀ ଓରାମ, ପଦ୍ମିନୀ ଓରାମ ପ୍ରମୁଖ ୨୦ରୁ ଅଧିକ ମହିଳା ତହସିଲ ଅଫିସରେ ଉପସ୍ଥିତ ରହି ଅଭିଯୋଗ କରିଥିଲେ।



ମାନେଶ୍ୱର ତହସିଲ ଅଫିସ ସମ୍ମୁଖରେ ମିର୍ଗାମୁଣ୍ଡା ଓରାମପଡା ବାସୀ।



ସମ୍ବଲପୁର ଧନୁପାଲି ଥାନା ଅଧିକାରୀଙ୍କୁ ଅଭିଯୋଗ କରାଯାଉଛି।

# ଜାତୀୟ ସଙ୍ଗୀତକୁ ଅସମ୍ମାନ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ସମ୍ବଲପୁର ସାକ୍ଷୀପଡାସ୍ଥିତ ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲ ପୁଣି ବିବାଦରେ ଛନ୍ଦି ହୋଇଛି। ଏହି ସ୍କୁଲ ପାଠ୍ୟକ୍ରମ ପୁସ୍ତକରେ ଜାତୀୟ ସଙ୍ଗୀତକୁ ତ୍ରୁଟିପୂର୍ଣ୍ଣ ଭାବେ ଲେଖା ଯାଇଥିବା ନେଇ ଧନୁପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ସ୍କୁଲ କର୍ତ୍ତୃପକ୍ଷ ଜାତୀୟ ସଙ୍ଗୀତକୁ ଅସମ୍ମାନ କରିଛନ୍ତି। ପୁସ୍ତକରେ ତ୍ରୁଟି ଥାଇ କିଭଳି ଭାବେ ପଢା ଯାଉଛି, ଶିକ୍ଷୟିତ୍ରୀ ଶିକ୍ଷକ କିପରି ଜାଣି ପାରିଲେ ନାହିଁ ବୋଲି ପ୍ରଶ୍ନ କରାଯାଇଛି। ଏହା ଆଇନଗତ ଅପରାଧ। ତେଣୁ ସ୍କୁଲ ଅଧକ୍ଷ ଓ ଶିକ୍ଷୟିତ୍ରୀ ନାମରେ ମାମଲା ରୁଜୁ କରିବାକୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହା ସହ ସମ୍ପୃକ୍ତ ସ୍କୁଲ ବ୍ୟବସାୟିକ ଭିତ୍ତିରେ ଚାଲିଛି। ବାରମ୍ବାର ଫି ବୃଦ୍ଧି କରା ଯାଉଛି। ଏହାର ତଦନ୍ତ କରାଯାଉ ବୋଲି ଦାବି କରାଯାଇଛି। ଜୟବ୍ରତ ଦେ, ଦେବାଶିଷ ପୁରୋହିତ, ବିଜୟ ଅଗ୍ରୱାଲ ପ୍ରମୁଖ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି ଯେ, ଅଭିଯୋଗକୁ ଭିତ୍ତିକରି ଷ୍ଟେସନ ଡାଏରୀ କରି ତଦନ୍ତ କରାଯାଉଛି।

## ଏଲ୍‌ଆଇସି ପ୍ରଥମ ଶ୍ରେଣୀ ଅଧିକାରୀ ସଂଘର ବାର୍ଷିକ ଅଧିବେଶନ

# ପଲିସିଧାରୀଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାକୁ ଆହ୍ୱାନ

**ସମ୍ବଲପୁର, ୧୯।୧୧ (ବ୍ୟୁରୋ)**

ଏଲଆଇସି ସମ୍ବଲପୁର ମଣ୍ଡଳ ପ୍ରଥମ ଶ୍ରେଣୀ ଅଧିକାରୀ ସଂଘର ୩୧ତମ ବାର୍ଷିକ ଅଧିବେଶନ ଅଇଁଠାପାଲିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ନୃସିଂହଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ମଣ୍ଡଳ ସମେତ ଭୁବନେଶ୍ୱର, ବ୍ରହ୍ମପୁର, କଟକ ମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ। ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବ କ୍ଷେତ୍ରୀୟ ଜୋନ ସମ୍ପାଦକ ଧର୍ମେନ୍ଦ୍ର କୁମାର, ଜୋନାଲ ସଭାପତି ପ୍ରବୀର କୁମାର ରଥ, ଜୋନାଲ ସାଂଗଠାନିକ ସମ୍ପାଦକ ରମେଶ ଚନ୍ଦ୍ର ସାହାଣୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରଥମ ଶ୍ରେଣୀ ଅଧିକାରୀମାନେ ପଲିସିଧାରୀଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ସମ୍ପାଦକ ଅଶୋକ କୁମାର ବେରିହା ସ୍ୱାଗତ ସଂଗୀତ ଗାନ କରିଥିଲେ। ଖୋଲା ଅଧିବେଶନରେ ସମ୍ବଲପୁର ମଣ୍ଡଳ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ମୀନକେତନ ବିଶି, ଏସସି/ଏସଟି ୱେଲଫେୟାର ସଂଘ ସମ୍ପାଦକ ଶରତ ଚନ୍ଦ୍ର ପରିଛା, ବ୍ରହ୍ମପୁରର ଅଜୟ ପଟ୍ଟନାୟକ, କଟକର ଆର.ଏନ. ପତି, ଭୁବନେଶ୍ୱରର ମନୋଜ କୁମାର ତ୍ରିପାଠୀ ଉଦ୍‌ବୋଧନ ଦେଇଥିଲେ। ଓଡିଶାର ସମସ୍ତ ମଣ୍ଡଳ ସାରା ଦେଶରେ ଅତ୍ୟନ୍ତ ଉତ୍ତମ ପ୍ରଦର୍ଶନ କରୁଛି। କିନ୍ତୁ ଭୁବନେଶ୍ୱରଠାରେ ନୂତନ ଜୋନ ଓ ଅଡିଟ ସେଣ୍ଟର, ବାଲେଶ୍ୱର ଓ କେବିକେ ଜିଲାରେ ନୂତନ ମଣ୍ଡଳ ଗଠିତ ହେଉନାହିଁ। ଏଥିପାଇଁ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସୁଧୀର କିଶାନ ସଭାପତି, ବିଜୟ କୁମାର ସାହୁ ସମ୍ପାଦକ, ନୃସିଂହଚରଣ ବିଶ୍ୱାଳ ଉପସଭାପତି, ସହଦେବ ପେରା ଯୁଗ୍ମ ସମ୍ପାଦକ, କମଳାକାନ୍ତ କର ଓ ପ୍ରସନ୍ନ ଆଚାର୍ଯ୍ୟ ସାଂଗଠାନିକ ସମ୍ପାଦକ ରହିଛନ୍ତି।

## ଫଟୋରେ ଖବର






ସମ୍ବଲପୁର ମୁଦିପଡା ଘୋଷିରିଯୋଡା ବନ୍ଧ ଲକ୍ଷାଧିକ ଟଙ୍କାରେ ଉନ୍ନତିକରଣ କରାଯାଇଥିଲା, ହେଲେ ବର୍ଷେ ନ ପୂରୁଣୁ ଅନାବନା ଘାସରେ ପରିପୂର୍ଣ୍ଣ ହୋଇ ପଡିରହିଛି(ବାମ)। ମଙ୍ଗଳବାର ସମ୍ବଲପୁରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଝାନସୀରାଣୀ ଲକ୍ଷ୍ମୀବାଇଙ୍କ ଜୟନ୍ତୀରେ କର୍ମକର୍ତ୍ତା ଓ ସଭ୍ୟମାନେ।

# ଉତ୍ତର ମିଳିଲାନି, ଉଠି ପଳାଇଲେ ଚାଷୀ

ଜମନକିରା,୧୯।୧୧(ଡି.ଏନ୍.ଏ.)

ଜମନକିରା ବ୍ଲକ୍ ଉପ-ପ୍ରାଙ୍ଗଣରେ ମଙ୍ଗଳବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ୨୦୧୯-୨୦ ଖରିଫ ବିପଣନ ବର୍ଷର ଧାନ ସଂଗ୍ରହ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ଆଲୋଚନା ବେଳେ ପ୍ରଶାସନ ପକ୍ଷରୁ ଧାନ କ୍ରୟବିକ୍ରୟ ଉପରେ ଟୋକନ ବ୍ୟବସ୍ଥା ନେଇ ଚାଷୀମାନେ ପଚାରିବା ବେଳେ ଠିକ ଉତ୍ତର ନ ପାଇବାରୁ ଶିବିର ଅଧାରୁ ଉଠି ଚାଲିଯାଇଥିଲେ। ଉପଖଣ୍ଡ ପ୍ରଶାସନ ପକ୍ଷରୁ ମାନ ନିର୍ଣ୍ଣୟ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପ-ଜିଲାପାଳ ତଥା ବଜାର ନିୟନ୍ତ୍ରୀତ କମିଟିର ସଭାପତି ବିଶ୍ୱରଞ୍ଜନ ନାଏକ ଅଧକ୍ଷତା କରିଥିଲେ। ପ୍ରଶିକ୍ଷଣ ଦେବା ପାଇଁ ଉପଖଣ୍ଡସ୍ତରୀୟ ଯୋଗାଣ ଅଧିକାରୀ ଦେବାଶିଶ ମହାନ୍ତି, ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ପଧାନ, ଏସ୍ଏଆର୍ସିଏସ୍ ହରିହର ସେଠ, ଅତିରିକ୍ତ ତହସିଲଦାର ସଞ୍ଜିବ କୁଲୁ, ଜମନକିରା ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ହରିଚନ୍ଦନ,



ଜମନକିରାରେ ମଙ୍ଗଳବାର ପ୍ରଶିକ୍ଷଣ ଶିବିରରେ ଚାଷୀମାନେ।

ଆର୍ଏମ୍ସି ସମ୍ପାଦକ ମନୋଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଏଫ୍ଏକ୍ୟୁ ମାନ 'କ' ଶ୍ରେଣୀର ଧାନର ମୂଲ୍ୟ ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ସାଧାରଣ କିସମର ଧାନର ମୂଲ୍ୟ ୧୮୧୫ ଟଙ୍କା ରଖାଯାଇଛି। ଜମନକିରା ବ୍ଲକ୍‌ରେ ଉପପ୍ରାଙ୍ଗଣ ବଜାର ସମେତ ସରଡ଼ା, ଟିକିଲିପଡ଼ା, ବଡ଼ମାଳ, ଭୋଜପୁର, ସିରିଡ଼, ଡିମିରିମୁଣ୍ଡା, କୁଲୁଣ୍ଡି, ମୁଣ୍ଡେନପାଲି, ବଡ଼ରମା, ଫାଶିମାଲ, ଗୁଣ୍ଡୁରୁଚୁଆଁ, ଧୁଡ଼ିପାଲି, କେନାଡ଼ିପା, ମେଣ୍ଢାବାହାଲ, ଚକୁଲିଆବାହାଲ ଓ ସୁବର୍ଣ୍ଣପାଲିରେ ମଣ୍ଡି ଖୋଲିବା ପାଇଁ ନିର୍ଦ୍ଧାରିତ ହୋଇଥିବା ବେଳେ ନୂତନ ଭାବେ ସୁବର୍ଣ୍ଣପାଲିରେ ଜୟମା' ଗଜଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଧାନ କ୍ରୟ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଅନ୍ୟ ମଣ୍ଡିରେ ଜମନକିରା, ଫାଶିମାଲ ଓ କୁଲୁଣ୍ଡିର ଲ୍ୟାମ୍ପସ କିଣିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ପ୍ରଶିକ୍ଷଣ ଶିବିରରେ ଚାଷୀମାନେ ଚଳିତ ବର୍ଷ ନୂତନ ଟୋକନ ବ୍ୟବସ୍ଥାରେ ୮୦ କୁଇଣ୍ଟାଲ ଧାନ ପ୍ରଥମ ପର୍ଯ୍ୟାୟରେ ଥରକେ ବିକ୍ରୟ କରିପାରିବେ ବୋଲି ଜାଣିବା ପରେ କେତେକ ଚାଷୀ ପରବର୍ତ୍ତି କେତେ ଦିନ ଅନ୍ତରାଳରେ ଧାନ ପୁନର୍ବାର ବିକ୍ରି କରିବା ପାଇଁ ସମର୍ଥ ହେବେ, ଆଉ କେତେ ପରିମାଣ ବୋଲି ପଚାରିବାରୁ ପ୍ରଶାସନ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ଏଥିରେ ଉପସ୍ଥିତ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ପ୍ରଶିକ୍ଷଣ ବୈଠକର ଅଧାରୁ ଉଠି ଚାଲି ଯାଇଥିଲେ। ପ୍ରଶାସନ ପକ୍ଷରୁ ଅନୁରୋଧ ସତ୍ତ୍ୱେ ବୈଠକୁ ବର୍ଜନ କରିଥିଲେ। ଚଳିତ ଟୋକନ ବ୍ୟବସ୍ଥାକୁ ତୀବ୍ର ବିରୋଧ କରାଯାଇଥିବା ଦେଖା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆର୍ଏମ୍ସି କର୍ମଚାରୀ, ଯୋଗାଣ କର୍ମଚାରୀ, ତିନୋଟି ଲ୍ୟାମ୍ପସ୍ ଅଧିକାରୀ ଓ କର୍ମଚାରୀ, ମହିଳା ସଂଗଠନର କର୍ମକର୍ତ୍ତା, ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭିମ୍ସାର କାର୍ଯ୍ୟକାରିଣୀ ନିର୍ଦ୍ଦେଶକ ନିଯୁକ୍ତି

ସମ୍ବଲପୁର, ୧୯।୧୧ (ବ୍ୟୁରୋ) ସମ୍ବଲପୁର ଭିମ୍ସାର କାର୍ଯ୍ୟକାରୀ ନିର୍ଦ୍ଦେଶକ ଭାବେ ଡା. ପ୍ରଭାତି ଦତ୍ତଙ୍କୁ ନିଯୁକ୍ତ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠି ସଂ. ୨୯୪୩୮ରେ ଯୁଗ୍ମ ସଚିବଙ୍କ ଅଫିସରୁ ଚିଠି ଜାରି କରାଯାଇଛି। ପୂର୍ବରୁ କଟକ ଏସ୍ସିବି ମେଡିକାଲ କଲେଜର ପ୍ରଫେସର ଡା. ଡି.ଏନ. ମହାରଣା ଏହି ଦାୟିତ୍ୱରେ ରହିଥିଲେ। ତେଣୁ ଭିମ୍ସାରରେ ବିଭିନ୍ନ ସମସ୍ୟା ଦେଖା ଦେଇଥିଲା। କାର୍ଯ୍ୟକାରୀ ନିର୍ଦ୍ଦେଶକ ନ ଥିବାରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଠପ ହୋଇପଡିଥିଲା। ଏକଜିକ୍ୟୁଟିଭ ବୋର୍ଡ ବୈଠକ ମଧ ବସି ପାରୁ ନ ଥିଲା। ଏହାକୁ ନେଇ ବାରମ୍ବାର ଦାବି କରାଯାଉଥିଲା। ପରିଚାଳନା ବୋର୍ଡ ସଦସ୍ୟ ଡା. ବିକାଶ ରଞ୍ଜନ ହୋତା ସମସ୍ୟାକୁ ନେଇ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ ଯେ, ଭିମ୍ସାରରେ ସ୍ଥାୟୀ ନିର୍ଦ୍ଦେଶକ ପଦ ପାଇଁ ବାରମ୍ବାର ବିଜ୍ଞାପନ ପ୍ରକାଶ ପାଉଥିଲେ ମଧ କେହି ଆବେଦନ କରୁନାହାନ୍ତି।

### ଝାରସୁଗୁଡା ଏୟାରପୋର୍ଟକୁ କାର୍ଗୋସେବା ଦାବି

ସମ୍ବଲପୁର,୧୯।୧୧(ବ୍ୟୁରୋ) ଝାରସୁଗୁଡା ଏୟାରପୋର୍ଟକୁ କାର୍ଗୋ ସେବା ଯୋଗାଇ ଦେବାକୁ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ସୁବାସ ଚୌହାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଝାରସୁଗୁଡା ଏୟାରପୋର୍ଟ ଉପରେ ପଶ୍ଚିମ ଓଡିଶା ସହିତ ଛିତଶଗଡ ଓ ଝାଡ଼ଖଣ୍ଡର ଲୋକମାନେ ନିର୍ଭର କରୁଛନ୍ତି। ଝାରସୁଗୁଡା ଏୟାରପୋର୍ଟ ଯାତ୍ରୀ ସୁବିଧା ଯୋଗାଇ ଦେଇ ଆସୁଛି। ହେଲେ କାର୍ଗୋ ବିମାନ ସେବା ହେଲେ ଲୋକେ ଆହୁରି ଲାଭ ପାଇ ପାରିବେ। ହୀରାକୁଦ ଡ୍ୟାମ୍ ଅଞ୍ଚଳରେ କୃଷିଜାତ ଦ୍ରବ୍ୟ ଉତ୍ପାଦିତ ହେଉଛି। ରାଉରକେଲା, ଝାରସୁଗୁଡାରେ ଅନେକ ଛୋଟକ ବଡ କଳ କାରଖାନା ରହିଛି। ତେଣୁ ଏହି ସେବା ଯୋଗାଇ ଦେଲେ ଲାଭ ମିଳିବ ବୋଲି ସେ କହିଛନ୍ତି।

### ହୀରାକୁଦ ମତ୍ସ୍ୟ ସମବାୟ ସମିତି ପୁରସ୍କୃତ

ସମ୍ବଲପୁର, ୧୯।୧୧ (ବ୍ୟୁରୋ) ରାଜ୍ୟସ୍ତରୀୟ ସମବାୟ ସମିତି ସପ୍ତାହ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ମାଛ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବା ହୀରାକୁଦ ଅଞ୍ଚଳର ମହମ୍ମଦପୁର ମହିଳା ସମବାୟ ସମିତିକୁ ପୁରସ୍କୃତ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ କୃଷିମନ୍ତ୍ରୀ ଅରୁଣ ସାହୁ ଏହି ସମିତିର ସଭାପତି ଅହଲ୍ୟା ପ୍ରଧାନ ଓ ସମ୍ପାଦକ ବିଶିକେଶନ ମିର୍ଦ୍ଧାଙ୍କୁ ସମ୍ମାନିକକେତ କରିଛନ୍ତି।

### ଧୂଳି ନ ଉଡ଼ାଇବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୋଟିସ

ସମ୍ବଲପୁର, ୧୯।୧୧ (ବ୍ୟୁରୋ) ସମ୍ବଲପୁର ଜିଲାରେ ସ୍ୱେରେଜ ପ୍ରକଳ୍ପ ନିର୍ମାଣ କାମ ଚାଲିଛି। ଏହାକୁ ନେଇ ସହରର ରାସ୍ତା, ଗଳିକନ୍ଦି ଖୋଳି ଦିଆଯାଇଛି। ବାରମ୍ବାର ଲୋକେ ରାସ୍ତା ମରାମତି କରିବାକୁ ଦାବି କୁିଛନ୍ତି। ୨ଦିନ ତଳେ ଭବାନୀ ଫିଲ୍ଡ ଲୋକମାନେ ରାସ୍ତାରୋକ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରଦୂଷଣ ବିଭାଗ ରାସ୍ତା କାମ କରୁଥିବା ସରକାରଙ୍କ ବିଭିନ୍ନ ବିଭାଗ ଓ ସ୍ୱେରେଜ କାମ କରୁଥିବା ଅଧିକାରୀଙ୍କୁ ନୋଟିସ କରିଛି। ଧୂଳିଗୁଣ୍ଡ ନ ଉଡିବ ଯେମିତି ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୧୦ କେ.ଜି ଗଞ୍ଜେଇ ଜବତ, ୨ ଗିରଫ

ରେଢାଖୋଲ,୧୯।୧୧(ଡି.ଏନ.ଏ.) ଚାରମାଲ ପୋଲିସ ମଙ୍ଗଳବାର ଗଞ୍ଜେଇ ଚୋରାଚାଲାଣ କରୁଥିବା ଉତ୍ତରପ୍ରଦେଶର ୨ ଜଣଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୦ କେଜି ଗଞ୍ଜେଇ ଓ ୮୫୦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ଲଳିତପୁର ଜିଲା ବାର ଥାନା ଦେଓରାନ ଗ୍ରାମର ଲାଲସିଂ କୁସୱା (୨୬) ଓ କଟୱାଲି ଥାନା ଆଜାଦପୁର ଗ୍ରାମର ନରେନ୍ଦ୍ର କୁସୱା (୨୪)। ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି ଯେ, ଏ ନେଇ ଏକ ମାମଲା (ନଂ. ୧୪୨) ରୁଜୁ କରାଯାଇଛି। ବୁଧବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ। ସୂଚନାଯୋଗ୍ୟ, ଏମାନେ ୫୫ ନଂ ଜାତୀୟ ରାଜପଥର ଚାରମାଲ ଥାନା ଲମ୍ବଖେତା ଗ୍ରାମ ନିକଟରେ ବସ୍‌କୁ ଅପେକ୍ଷା କରିଥିବା ବେଳେ ସୂଚନା ପାଇ ପୋଲିସ ଚଢାଉ କରିଥିଲା।

# ୧୫୪ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ

ଜମନକିରା,୧୯।୧୧(ଡି.ଏନ୍.ଏ.) ଜମନକିରା ବ୍ଲକ୍ ଟିକିଲିପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୋଟ ୧୫୪ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ୨୭ ଜଣ ରୋଗୀଙ୍କୁ ମୋତିଆ ବିନ୍ଦୁ ହୋଇଥିବା ବେଳେ ସେମାନେ ଅସ୍ତ୍ରୋପଚାର କରିବା ପାଇଁ ସହମତି ପ୍ରକାଶ କରିଥିଲେ। ଏହି ଶିବିରକୁ ସମ୍ବଲପୁର ଜିଲାପାଳ ଡ. ଶୁଭମ୍ ସକ୍ସେନା, ଏସ୍‌ପି କନୱାର ବିଶାଳ ସିଂ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସୁକାନ୍ତ ତ୍ରିପାଠୀ, ଉପ-ଜିଲାପାଳ ବିଶ୍ୱରଞ୍ଜନ ନାଏକ, ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ନାଏକ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏଥିରେ ଡା: ବିକ୍ରାନ୍ତ ପଟେଲ, ଡା: ଦିବ୍ୟରଞ୍ଜନ ବେହେରା, ଲିଲିମା ମୁଣ୍ଡା, ଜିତେନ୍ଦ୍ର ଡାଗ୍ରା, ଜ୍ୟୋତି ପଣ୍ଡା, ଅବଦୁଲ ହାମଜା ପ୍ରମୁଖ ଉପସ୍ଥିତ ରହି ରୋଗୀ ପରୀକ୍ଷା ଏବଂ ଔଷଧ ବଣ୍ଟନରେ ସହଯୋଗ କରିଥିଲେ।

# ଖେଳକୁଦରେ ଭାଗ ନେଲେ ଦିବ୍ୟାଙ୍ଗ


ରେଢାଖୋଲ ଭୀମ ଭୋଇ ମିନିଷ୍ଟାଡିୟମଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା ଦିବ୍ୟାଙ୍କ ଛାତ୍ରୀଛାତ୍ର।

ରେଢାଖୋଲ,୧୯।୧୧ (ଡି.ଏନ.ଏ.)

ରେଢାଖୋଲ ଭୀମ ଭୋଇ ମିନିଷ୍ଟାଡିୟମ ଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୬୧ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗ ଦେଇ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୬ରୁ ୧୨ ବର୍ଷ ଓ ୧୨ରୁ ୧୮ ବର୍ଷ ମଧରେ ୨ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବିଡିଓ ପରିକ୍ଷିତ ସାହୁ ମୁଖ୍ୟ ଅତିଥି, ଜିପିଇଓ ପଞ୍ଚାନନ ବେହେରା, ବିଏସ୍ଏସ୍ଓ ସୌରେନ୍ଦ୍ରି ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ପ୍ରକାଶଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଈଶ୍ୱରଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଏବିଇଓ ଚନ୍ଦ୍ରମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନରେନ୍ଦ୍ର ଦେହୁରୀ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରକାଶଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରାଣୀ ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ମାନବିକତା ଦେଖାଇଲେ କନଷ୍ଟେବଲ

ବାମରା, ୧୯।୧୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନାର ଜଣେ କନଷ୍ଟେବଲ ଡ୍ୟୁଟିରୁ ଛୁଟି ନେଇ ଜଣେ ନିରୁଦ୍ଦିଷ୍ଟ ଯୁବକଙ୍କୁ ତାଙ୍କ ପରିବାର ସହ ମିଶାଇବା ଭଳି ମହତ କାର୍ଯ୍ୟ କରିଥିବାରୁ ବର୍ତ୍ତମାନ ଅଞ୍ଚଳରେ ତାଙ୍କ ପ୍ରଶଂସା ହେଉଛି। ଘଟଣା ଅନୁସାରେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ହାଡିଗ୍ରାମ ଥାନା ଶଙ୍କରପୁର ଜାମନଗିରପୁରର ଇସମାଇଲ ଶେଖଙ୍କ ପୁଅ କିରଣ ଶେଖ (୨୨) ବାମରା ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ସନ୍ଦେହ ହେବାରୁ ସ୍ଥାନୀୟ ଲୋକ ତାଙ୍କୁ ଗୋବିନ୍ଦପୁର ପୋଲିସକୁ ଜିମା ଦେଇଥିଲେ। ତାଙ୍କ ପକେଟରେ ଆଧାର କାର୍ଡ ଓ ଏକ ମୋବାଇଲ ନମ୍ବର ଥିଲା। ଉକ୍ତ ନମ୍ବରରେ ପୋଲିସ ଯୋଗାଯୋଗ କରିବା ପରେ ଉକ୍ତ ଯୁବକ ମାନସିକ ରୋଗୀ। ସେ ନିରୁଦ୍ଦିଷ୍ଟ ଥିବା ଜାଣିବାକୁ ମିଳିଥିଲା। ହେଲେ ତାଙ୍କ ପରିବାର ଲୋକ ଅର୍ଥ ଅଭାବ ଯୋଗୁ ତାଙ୍କୁ ନେବା ପାଇଁ ବାମରା ଆସିବାକୁ ଅକ୍ଷମତା ପ୍ରକାଶ କରିଥିଲେ। ତାଙ୍କୁ ତାଙ୍କ ପରିବାର ସହ ମିଶାଇବା ପାଇଁ ଗୋବିନ୍ଦପୁର ଥାନାରେ କାର୍ଯ୍ୟରତ କନଷ୍ଟେବଲ ରମେଶ କର୍ଷ ସ୍ଥିର କରିଥିଲେ। ମାତ୍ର ଏଥିପାଇଁ ସରକାରୀ ସ୍ତରରେ ଅନେକ ନିୟମ ଓ ସମୟ ଅଭାବରୁ ସେ ନିଜେ ଡ୍ୟୁଟି ଛୁଟି କରି ତାଙ୍କୁ ତାଙ୍କ ଘରରେ ନେଇ ପହଞ୍ଚାଇଥିଲେ। ସେଠାରେ ତାଙ୍କ ମାଆ ନିଜ ନିରୁଦ୍ଦିଷ୍ଟ ପୁଅକୁ ପାଇ ଭାବବିହ୍ୱଳ ହୋଇ ପଡିଥିଲେ। ଏଥିପାଇଁ ଗୋବିନ୍ଦପୁର ଆଇଆଇସି ପ୍ରତାପ ରଣା, ଏସ୍ଆଇ ଥୋମାସ କେର୍କେଟା ଓ ରେଳବାଇ ପୋଲିସ କନଷ୍ଟେବଲ ରମେଶ କର୍ଷଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇଥିଲେ।

# କୁଚିଣ୍ଡା ବିଧାୟକଙ୍କ ଘର ସମ୍ମୁଖରେ ଚାଷୀଙ୍କ ଧାରଣା

କୁଚିଣ୍ଡା, ୧୯।୧୧ (ଡି.ଏନ.ଏ.)

୨୦୧୮-୧୯ର ଫସଲ ବୀମା, ବକେୟା ପ୍ରାପ୍ୟ ବିଳମ୍ବ ଏବଂ ଧାନ କିଣା ବିକାରେ ରାଜ୍ୟସ୍ତରୀୟ ଟୋକନ ବ୍ୟବସ୍ଥାକୁ ବିରୋଧ କରି ମିଳିତ କୃଷକ ସଂଗଠନ ପକ୍ଷରୁ କୁଚିଣ୍ଡା ବିଧାୟକଙ୍କ ପତ୍ରାପାଲିଠାରେ ଥିବା ବାସଭବନ ଆଗରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଷୀମାନେ ଧାରଣାରେ ବସିଥିଲେ। ଏହି ଧାରଣାରେ ସଂଗଠନ ସଭାପତି ଜୟନ୍ତ ପ୍ରଧାନ, ଧନିରାମ ପୃଷେଠ, ପ୍ରଶାନ୍ତ ନାଏକ, କୁଳମଣୀ ପୃଷେଠ, ଫକୀର ଦାଶ, ଯୁଧିଷ୍ଠିର ନାଏକ, ସଞ୍ଜିବ ନାୟକ, ଶିବନାରାୟଣ ନାୟକ, ରବିନ୍ଦ୍ର ବେହେରା, ବିରଞ୍ଚି ନାଏକଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।


କୁଚିଣ୍ଡା ବିଧାୟକଙ୍କ ଘର ସମ୍ମୁଖରେ ଚାଷୀ ଧାରଣାରେ ବସିଛନ୍ତି।

# ବାଟଗାଁରେ ଚାଇଲ୍ଡ ଲାଇନ ସେ ଦୋସ୍ତୀ କାର୍ଯ୍ୟକ୍ରମ

ନାକଟିଦେଉଳ, ୧୯।୧୧ (ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁରେ ମଙ୍ଗଳବାର ଆଶା ଚାଇଲ୍ଡ ଲାଇନ ସବ ସେଣ୍ଟର ପକ୍ଷରୁ ଚାଇଲ୍ଡ ଲାଇନ ସେ ଦୋସ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଟଗାଁ ପଞ୍ଚାୟତ ପରିସରସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଶା ଚାଇଲ୍ଡ ଲାଇନର ଟିମ୍ ଲିଡ଼ର ସଞ୍ଜୟ ସାଗର, ସଭ୍ୟ ଗୋବିନ୍ଦ ଭବସାଗର, ସଭ୍ୟା ଦ୍ରୌପଦୀ ପ୍ରଧାନ, ସାଗର ନନ୍ଦିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କର ଯତ୍ନ ଏବଂ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ହିତସରା ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବାଲ୍ମୀକ କିସାନ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ଶ୍ରମିକ ସମସ୍ୟା, ବାଲ୍ୟ ବିବାହ, ଶିଶୁ ନିର୍ଯାତନା, ଶିଶୁ ଆଶ୍ରୟ, ଶିଶୁ ନିଖୋଜ ଏବଂ ଶିଶୁ ଚାଲାଣ କିପରି ରୋକା ଯାଇପାରିବ ସେ ନେଇ ସଂପୃକ୍ତ ସଂସ୍ଥାର କାର୍ଯ୍ୟକର୍ତ୍ତା ଆଲୋକପାତ କରି ଏ ଦିଗରେ ଅଭିଭାବକ ଏବଂ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏଥି ସହିତ ଏ ଦିଗରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଅପର ପକ୍ଷରେ ଶିଶୁ ନ୍ୟାୟ ଅଧିକାର ଉପରେ ଜିଲା ସ୍ତରରେ ଶିଶୁ କଲ୍ୟାଣ ସମିତି ଏବଂ ଜିଲା ଶିଶୁ ସୁରକ୍ଷା ସଂସ୍ଥା କାର୍ଯ୍ୟ କରୁଥିବାରୁ ଜନସାଧାରଣ ଆବଶ୍ୟକ ସ୍ଥଳେ ଏଠାରେ ମଧ ନିଜର ଅଭିଯୋଗ ଦାଖଲ କରିବା ସହ ଶିଶୁ ସମସ୍ୟା ସମ୍ପର୍କରେ ସୂଚନା ମଧ ଦେଇପାରିବେ ବୋଲି ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି, ମହିଳା ସ୍ୱଂୟ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ଯୁବକ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ଅପର ପକ୍ଷରେ ଶିଶୁମାନଙ୍କର ଅଧିକାର ଏବଂ ଯେ କୌଣସି ସମସ୍ୟା ସମ୍ପର୍କରେ ମାଗଣା ସେବା ପାଇଁ ୧୦୯୮ ଟୋଲ୍ ଫ୍ରି ନମ୍ବରରେ କଲ୍ କରିବା ଉପରେ ଅଧିକ ପ୍ରଚାର ପ୍ରସାର ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା। ଅପରାହ୍ନରେ ଦ୍ୱିତୀୟ ପର୍ଯ୍ୟାୟରେ ସଂପୃକ୍ତ ସଂସ୍ଥା ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଏ ସମ୍ପର୍କରେ ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କୃଷି, ହସ୍ତଶିଳ୍ପ ବିକାଶରେ ସମବାୟ ଭୂମିକା ନିଭାଉଛି

ସମ୍ବଲପୁର,୧୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲା କୃଷି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ୬୬ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଜିଲା ସମବାୟ ସହ ନିବନ୍ଧକ ବୃନ୍ଦାବନ ଛତ୍ରିଆ ଏଥିରେ ଅଧକ୍ଷତା କରିଥିଲେ। ସମବାୟ ନିରୀକ୍ଷକ ସୁଶୀଲ କୁମାର ମିଶ୍ର ସଂଯୋଜନା କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ପୂର୍ବତନ ସଭାପତି ରାଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିବ ଶଙ୍କର ନନ୍ଦ, ସମ୍ମାନନୀୟ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ, ଉପ ପ୍ରକଳ୍ପ ଅଧିକାରୀ ସୁରେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଦେଶରେ କୃଷକ ଓ କୃଷି କ୍ଷେତ୍ରରେ ବିକାଶ ପାଇଁ ସମବାୟ ସମିତିର ମୁଖ୍ୟ ଭୂମିକା ରହିଛି। ସମବାୟ ଏବେ ହସ୍ତଶିଳ୍ପ କ୍ଷେତ୍ରରେ ମଧ କାମ କରୁଛି। ଦେଶର ବିକାଶରେ ସମବାୟ ପ୍ରମୁଖ ମାଧ୍ୟମ ହୋଇ ରହିବ ବୋଲି ଅତିଥିମାନେ କହିଥିଲେ। ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକ ଝାଙ୍କରପାଲି ସମବାୟ ସମିତି ସଭାପତି ବାଳକୃଷ୍ଣ ଦାସଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ନୂଆ ଓଡ଼ିଶା ତଥା ନୂଆ ଭାରତ ଗଠନରେ ସମବାୟର ଭୂମିକା ଶୀର୍ଷକ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ମହିଳା କଲେଜର ରୋଜାଲିନ୍ ମହାପାତ୍ର ପ୍ରଥମ ଓ ପ୍ରିନ୍ସି ଯାଦବ ଦ୍ୱିତୀୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସୁପ୍ରୀତି ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲାର ବିଭିନ୍ନ ସମବାୟ ସମିତିର ସଭାପତି, ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ସମବାୟ ନିରୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, କର୍ମଚାରୀ ସନ୍ତୋଷ ଦୀପ, ପ୍ରଣବରଞ୍ଜନ ପଟ୍ଟନାୟକ ଓ ଅନୀଲ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ନୁନଭେଟ ଗାଁକୁ ବିଶ୍ୱ ଚିହ୍ନିବ

ଜମନକିରା,୧୯।୧୧ (ଡି.ଏନ୍.ଏ.)

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ନୁନଭେଟ ଗାଁକୁ ବିଶ୍ୱସ୍ତରରେ ପରିଚିତ କରାଇବାକୁ ଓଡ଼ିଶା ବନ୍ୟାଞ୍ଚଳ ପ୍ରକଳ୍ପ ବାମରା ବନଖଣ୍ଡ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଗାଁକୁ ଜାପାନ ଭିତ୍ତିକ 'ସାତୋୟାମା' ଗ୍ରାମରେ ପରିଣତ କରିବାକୁ ଉଦ୍ୟମ ରହିଛି। ସାତୋୟାମା ପଦ୍ଧତିକୁ ଏବେ ବିଶ୍ୱରେ ଅନୁକରଣ କରାଯାଉଛି। ମଣିଷ ସମାଜ ଓ ପ୍ରାକୃତିକ ସମ୍ପଦର ସହବାସ୍ଥାନ ବଜାୟ ରଖିବା ସହ ପରିବେଶ ସୁରକ୍ଷା ତଥା ଗ୍ରାମୀଣ ଜନ ସମୂହର ଆର୍ଥିକ ଅବସ୍ଥାରେ ସୁଧାର ଏହି ପଦ୍ଧତିର ଲକ୍ଷ୍ୟ। ଏହି ଅବସରରେ ଅନୁଷ୍ଠିତ ସଭାରେ ଜୈବ ବିବିଧତା ବିଶେଷଜ୍ଞ ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥିଭାବେ ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସୁକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥିଭାବେ ସମ୍ବଲପୁର ଡିଏଫ୍ଓ ସଞ୍ଜିତ କୁମାର, ଉପ-ଜିଲାପାଳ ବିଶ୍ୱରଂଜନ ନାଏକ, ଡିଏଫ୍ଓ ସନତ



ନୁନଭେଟ ଗାଁକୁ ବିଶ୍ୱସ୍ତରୀୟ କରିବା ପାଇଁ ମଙ୍ଗଳବାର ଅନୁଷ୍ଠିତ ସଭାରେ ଅତିଥିମାନେ।

କୁମାର, ବାମରା ଡିଏଫ୍ଓ ନୃସିଂହ ଚରଣ ମିଶ୍ର, ରେଢ଼ାଖୋଳ ବନଖଣ୍ଡ ଅଧିକାରୀ ସଂଗ୍ରାମ କେଶରୀ ବେହେରା, ଜମନକିରା ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜମନକିରା ଅତିରିକ୍ତ ତହସିଲଦାର ସଞ୍ଜିବ କୁଲୁ, ଜମନକିରା ବିଡ଼ିଓ ଅଜୟ ତିୱାରୀ, ଆର୍‌ଟିଏ ପବିତ୍ର ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦୁଶାସନ ପ୍ରହରାଜ, ସହକାରୀ କୃଷି ଅଧିକାରୀ ଜ୍ୟୋତିପ୍ରକାଶ ସେଠୀ, ୱେସକୋ ଅଧିକାରୀ ବିଭୂତିଭୂଷଣ ସତପଥୀ, ଡିପିଏମ୍ (ଓଏଲ୍ଏମ୍)ଡ. ପୁଷ୍ପାଶ୍ରୀ ନାୟକ, କନିଷ୍ଠ ଯନ୍ତ୍ର ଅବନିଶ ମିଶ୍ର, ସନ୍ତୋଷ ପଟ୍ଟନାୟକ, ଜିଲା ଏବଂ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରକଳ୍ପ ଅଧୀନରେ ଉଷାକୋଠୀ ଜଙ୍ଗଲର ୯ ନମ୍ବର କମ୍ପାର୍ଟମେଣ୍ଟ ମଧ୍ୟରେ ଥିବା ୧୨ ହେକ୍ଟର ପରିମିତ ଜଙ୍ଗଲ ମଧ୍ୟରୁ ଆତୁଣ୍ଡି ଲତା କାଟି ସଫା କରି ଗଛ ବଢ଼ିବା ତଥା ବନ୍ୟ ପ୍ରାଣୀଙ୍କ ଆବାସ ସ୍ଥଳୀ ତିଆରି କରିବା, ଜଙ୍ଗଲ ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ଧୂଆଁ ବିହୀନ କମ୍ ଇନ୍ଧନ ଖର୍ଚ୍ଚ ହେଉଥିବା ଚୁଲିର ବିତରଣ ଓ ବ୍ୟବହାର, ପଥପାର୍ଶ୍ୱରେ ୨୫୦ଟି ଲିମ୍ବ ଚାରା ରୋପଣ କରି ସେଗୁଡ଼ିକ ଯତ୍ନ ନେବା, ଗ୍ରାମବାସୀଙ୍କ ଦ୍ୱାରା କୀଟନାଶକ ବିନା ରାସାୟନିକ ସାରରେ ଜୈବିକ ଚାଷ କରିବାକୁ ପ୍ରୋତ୍ସାହନ, ପ୍ଲାଷ୍ଟିକ ମୁକ୍ତ ଗ୍ରାମରେ ପରିଣତ କରିବା ସହିତ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଲୁପ୍ତ ପ୍ରାୟ ଭଜନା ଧାନ ଏବଂ ଅନେକ ପାରମ୍ପରିକ ବିହନର ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଥିବା ପ୍ରକାଶ କରିବା ସହ ଗ୍ରାମକୁ ବଣୁଆ ହାତୀ ଉପଦ୍ରବରୁ ସୁରକ୍ଷା ପାଇଁ ତାରବାଡ଼ ମୃତ୍ତିକା ସଂରକ୍ଷଣ ପାଇଁ ଆଡ଼ିବନ୍ଧ ପ୍ରସ୍ତୁତି, ଗ୍ରାମରେ ସୌରବତୀ ପ୍ରଚଳନ, ଆର୍ଥିକ ସ୍ଥିତିରେ ଉନ୍ନତି କରଣ, ଛତୁ ଓ ମହୁ ଚାଷ ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନେବା କାର୍ଯ୍ୟକ୍ରମ ରହିଥିବା ଜଣାଇଥିଲେ। ସଭାରେ ପିଡ଼ି ଡିଆର୍‌ଡିଏ ଶ୍ରୀ ତ୍ରିପାଠୀ ଗ୍ରାମବାସୀ ବିଭିନ୍ନ ଅଭିଯୋଗ ଶୁଣିବା ପରେ ଦୀର୍ଘ ଦିନରୁ ବାକି ରହିଯାଇଥିବା ଅର୍ଦ୍ଧ ନିର୍ମିତ ସ୍କୁଲ ଗୃହ, ବିଛିନ୍ନ ହୋଇଥିବା ବିଦ୍ୟୁତ ସଂଯୋଗ, ଉନ୍ନତ ମାନର ଗୁହାଳ ପାଇଁ ସହାୟତା, ଯୋଗ୍ୟ ହିତାଧିକାରୀଙ୍କ ଭତ୍ତା ତାଲିକାରେ ସାମିଲ କରିବା, ଉଠା ଜଳ ସେଚନ କାର୍ଯ୍ୟକାରିତାରେ ସୁଧାର ଆଣିବା, ବାକି ରହିଥିବା ଶୌଚାଳୟ ଗୁଡ଼ିକର କାର୍ଯ୍ୟାଦେଶ ଦେବା, ଆଇଟିଡିଏ ପକ୍ଷରୁ ବୈଦ୍ୟୁତିକ ଯାନଦେଇ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା ବ୍ୟବସ୍ଥା ପ୍ରଭୃତି ଅନେକ ଜନ ହିତକର କାର୍ଯ୍ୟ ସମାପନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶନା ଦେବା ସହିତ ଡିସେମ୍ବର ୧ ତାରିଖ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ଅଧିକାରୀ ତାଗିଦ କରିଥିଲେ। ସଭାରେ ୨ ଜଣ ଚାଷୀ ନିଜର ଅନୁଭୂତିରୁ ସାତୋୟାମା କାର୍ଯ୍ୟକ୍ରମରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଫଳ ହେଲେ ରାଜ୍ୟ ତଥା ରାଜ୍ୟ ବାହାରେ ପରଦର୍ଶକମାନେ ଏହି ଗାଁକୁ ବୁଲିବାକୁ ଆସିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ଛାୟାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।



## ଗୋଲାପ ଗଛର କାଣ୍ଟଛାଣ୍ଟ ନ କଲେ...

ଗୋଲାପ ଚାଷରେ କାଣ୍ଟଛାଣ୍ଟ ଏକ ପ୍ରଧାନ ପ୍ରକ୍ରିୟା। ପ୍ରତିବର୍ଷ ଗୋଲାପ ଗଛରୁ ଅନେକ ଗୁଡିଏ ନୂଆଡାଳ ବାହାରେ ଓ ଗଛ ଝଙ୍କାଳିଆ ହୋଇଯାଏ। ଏଗୁଡିକ କାଟି ନ ଦେଲେ ଫୁଲର ଆକାର ଛୋଟ ହୁଏ ଏବଂ ପରେ ଫୁଲ ଅମଳ କମିଯାଏ। ଗଛକୁ କାଣ୍ଟଛାଣ୍ଟ କରି ଅଳ୍ପ କେତେକ ସୁସ୍ଥ ସବଳ ଡାଳ ରଖିଲେ ଏହା ବଡ ତଥା ଉଚ୍ଚମାନର ଫୁଲ ଉତ୍ପନ୍ନ କରେ। ସାଧାରଣତଃ କାଣ୍ଟଛାଣ୍ଟ କରାଯିବାର ୬-୮ ସପ୍ତାହ ମଧ୍ୟରେ ପ୍ରଥମ ଫୁଲ ଆସିଥାଏ। କାଣ୍ଟଛାଣ୍ଟ କରିବା ସମୟରେ ବୁଦା ପ୍ରତି ୬-୧୦କେଜି ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ। ଖତ ପ୍ରୟୋଗ ପରେ ବୁଦା ମୂଳରେ ଯଥେଷ୍ଟ ପାଣି ଦିଅନ୍ତୁ। କାଣ୍ଟଛାଣ୍ଟ କରିବାର ୭-୧୦ଦିନ ପରେ ବୁଦା ପ୍ରତି ୧୦୦ଗ୍ରାମ୍ ହିସାବରେ ସାର ପ୍ରୟୋଗ କରନ୍ତୁ।

## ଧନିଆ କିସମ



ସାଧାରଣତଃ ଧନିଆ ଅକ୍ଟୋବରରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଏହାକୁ ଚାଷ କରାଯାଏ। ସି.ଓ -୧,ସି.ଓ-୨,ସିଓ-୩,ସ୍ୱାତୀ ,ସାଧନା,ଲାମସିଲେକ୍ସନ,ଓ ୟୁଡି ଆଦି କିସମ ବ୍ୟବହାର କରନ୍ତୁ। ଜମିକୁ ଭଲଭାବରେ ଚାଷ କରି ମାଟିଗୁଣ୍ଡକରି ଶେଷ ଓଡ ଚାଷରେ ଏକର ପ୍ରତି ୧ଟନ୍ ସଢ଼ା କମ୍ପୋଷ୍ଟ ଖତ ପ୍ରୟୋଗ କରନ୍ତୁ। ଏହା ସହିତ ଏକର ପ୍ରତି ୪କିଗ୍ରା ଯବକ୍ଷାରଜାନ ଓ ୧୬କିଗ୍ରା ଫସଫରସ ସାର ମାଟିରେ ମିଶାନ୍ତୁ। ୧୫ବର୍ଗ ମିଟର ଛୋଟ ପଟାଳି କରି ଚାରିପଟେ ପାଣି ନାଳି ଛାଡନ୍ତୁ। ଏକର ପ୍ରତି ୬କିଗ୍ରା ବିହନକୁ ଥିରାମ ବା କାପଟାନ୍‌ରେ ବିଶୋଧନ କରି ୧୦-୧୨ଘଣ୍ଟା ପାଣିରେ ଭିଜାଇ ଛୋଟ ଛୋଟ ପଟାଳି ରେ ୨୫ରୁ ୩୦ସେ.ମି ବ୍ୟବଧାନରେ ଧାଡିରେ ବୁଣନ୍ତୁ।

## ବାମନ କଦଳୀ

ଶୁଖିଲା ପାଗ ଓ ଉପଯୁକ୍ତ ତାପମାତ୍ରା ଯୋଗୁ ନଭେମ୍ବର ମାସ ହେଉଛି ବାମନ କଦଳୀ ଲଗାଇବାର ପ୍ରକୃଷ୍ଟ ସମୟ। କ୍ୟାଭେଣ୍ଡିସ ଓ ରୋବେଷ୍ଟା ଆଦି କିସମ ଲଗାନ୍ତୁ। ୨x୨ମିଟର ଦୂରତାରେ ୦.୫x୦.୫x୦.୫ ମିଟର ଗାତକରି ଗଛ ଲଗାନ୍ତୁ। ବଳିଷ୍ଟ ଖଣ୍ଡାପୁଆ (୩ରୁ ୪ମାସିଆ)୩୦୦ରୁ ୪୦୦ଗ୍ରାମ୍ ଓଜନର ରୋଗ ବିହୀନ ପୁଆ କିମ୍ବା ଟିସୁ କଲଚର ପୁଆ ଲଗାନ୍ତୁ।



# ସୋରିଷ ଚାଷର ସଫଳ ଉପାୟ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ



ଭାରତୀୟ ରନ୍ଧନ ପ୍ରକ୍ରିୟାରେ ସୋରିଷର ଏକ ବିଶେଷ ଅବଦାନ ରହିଛି। ସୋରିଷ ତେଲ ରନ୍ଧା ତେଲ ହିସାବରେ ବ୍ୟବହୃତ ହେଉଥିବାବେଳେ ଗୋଟା ସୋରିଷ ଫୁଟଣ ହିସାବରେ, ବଟା ସୋରିଷ ମସଲା ହିସାବରେ ଏବଂ ସୋରିଷଗୁଣ୍ଡ ଆଚାରରେ ବ୍ୟବହୃତ ହୋଇଥାଏ। ବିଭିନ୍ନ ଅଞ୍ଚଳରେ ସୋରିଷ ଶାଗକୁ ପରିବା ହିସାବରେ ଖିଆଯାଉଥିଲାବେଳେ ସୋରିଷ ପିଡ଼ିଆ ଗୋଖାଦ୍ୟ ଓ ଖତ ରୂପେ ବ୍ୟବହୃତ ହୋଇଥାଏ। ଏହାଛଡ଼ା ସୋରିଷର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି।

ଭାରତରେ ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ହରିୟାଣା ଏବଂ ଆସାମରେ ବହୁଳ ଭାବେ ସୋରିଷ ଚାଷ ହେଉଥିଲେ ମଧ୍ୟ ଆମ ରାଜ୍ୟର କେତେକ ଅଞ୍ଚଳରେ ଚାଷୀମାନେ ସୋରିଷ ଚାଷ କରିଥାନ୍ତି। ରବିଋତୁରେ ସୋରିଷ ଚାଷ କରାଯାଇଥାଏ। ଅକ୍ଟୋବର ଶେଷଭାଗ ଏବଂ ନଭେମ୍ବର ମାସ ସୋରିଷ ବୁଣିବା ପାଇଁ ପ୍ରକୃଷ୍ଟ ସମୟ। ବାଲିଆ ଦୋରସା ଏବଂ ହାଲୁକା ମଟାଳ ମାଟିରେ ସୋରିଷ ଫସଲ ଭଲ ହୁଏ। ଶୁଷ୍କ ଏବଂ ଥଣ୍ଡା ଜଳବାୟୁ ସୋରିଷ ଚାଷ ପାଇଁ ଉପଯୁକ୍ତ। ୧୫ରୁ ୨୫ ଡିଗ୍ରୀରୁ ଆରମ୍ଭ କରି ୩୦ଡିଗ୍ରୀ ସେଣ୍ଟିଗ୍ରେଡ ତାପମାତ୍ରାରେ ମଧ୍ୟ ସୋରିଷ ଚାଷ ହୋଇପାରିବ। ସୋରିଷ ଫସଲ ପାଇଁ ମାଟିକୁ ୨ରୁ ୩ ଓଡ଼ ଚାଷ କରି ଗୁଣ୍ଡ କରନ୍ତୁ ଏବଂ ମଇ ଦେଇ ଜମିକୁ ସମତୁଲ କରନ୍ତୁ। ୧ କି.ଗ୍ରା. ମଞ୍ଜିକୁ ବୁଣିବା ପୂର୍ବରୁ ୩ ଗ୍ରାମ ଥିରାମ ବା ୧ ଗ୍ରାମ୍ ଭିଟାଭାକ୍ସ ଗୋଳାଇ ବିଶୋଧନ କରନ୍ତୁ। ଯଦି ଜମିରେ ଖାଲି ସୋରିଷ ଚାଷ ହେଉଥିବ ତାହାହେଲେ ଏକର ପିଛା ୨ରୁ ୨.୫କି.ଗ୍ରା. ସୋରିଷ ବିହନ ବ୍ୟବହାର କରନ୍ତୁ। ଯଦି ସୋରିଷ ମିଶ୍ରିତ ଫସଲ ହିସାବରେ ଚାଷ କରାଯାଉଥାଏ ତା'ହେଲେ ଏକର ପିଛା ଅଧକିଲୋରୁ ଏକ କିଲୋ ମଞ୍ଜି ବ୍ୟବହାର କରନ୍ତୁ। ସୋରିଷକୁ ଧାଡ଼ି ବା ଛଟାବୁଣା କରି ଲଗାଯାଇ ପାରେ। ସୋରିଷକୁ ଧାଡ଼ିରେ ବୁଣିଲେ ସୂର୍ଯ୍ୟାଲୋକ ଠିକ୍ ମିଳୁଥିବାରୁ ଅଧିକ ଅମଳ ମିଳେ। ସୋରିଷ ଦୁଇ କିସମର। ତୋରିଆ ଓ ରାଇ। ଅଣ ଜଳସେଚିତ ତୋରିଆ ଫସଲରେ ଏକର ପ୍ରତି ୧୬ କେ.ଜି. ଯବକ୍ଷାରଜାନ, ୮କେ.ଜି. ପଟାସ ଏବଂ ୮କେ.ଜି. ଫସଫରସ୍ ସାର ଆବଶ୍ୟକ ହୁଏ। ଅଣ ଜଳସେଚିତ ରାଇ ଫସଲରେ ଏକର ପିଛା ୨୦କି.ଗ୍ରା. ଯବକ୍ଷାରଯାନ, ୧୦କି.ଗ୍ରା. ପଟାସ ଏବଂ ୨୦ କି.ଗ୍ରା. ଫସଫରସ୍ ସାର ଦରକାର। ଜଳସେଚିତ ତୋରିଆ ଫସଲରେ ୨୦କି.ଗ୍ରା. ଯବକ୍ଷାରଯାନ, ୧୦କି.ଗ୍ରା. ପଟାସ ଏବଂ ୨୦ କି.ଗ୍ରା. ଫସଫରସ୍ ସାର ଆବଶ୍ୟକ ହୁଏ। ଜଳସେଚିତ ରାଇ ଫସଲରେ ୩୨କି.ଗ୍ରା. ଯବକ୍ଷାରଯାନ, ୧୬କେ.ଜି. ପଟାସ ଏବଂ ୧୬କି.ଗ୍ରା. ଫସ୍‌ଫରସ ସାର ଏକର ପିଛା ଆବଶ୍ୟକ ହୋଇଥାଏ। ଅଣଜଳସେଚିତ ଫସଲରେ ସମସ୍ତ ସାର ମଞ୍ଜି ବୁଣିବା ପୂର୍ବରୁ ପ୍ରୟୋଗ ହୁଏ। ଜଳସେଚିତ ଫସଲରେ ସମଗ୍ର ଯବକ୍ଷାରଯାନ, ପଟାସ, ଫସଫରସ ସାରର ଅଧା ମୂଳ ସାର ହିସାବରେ ପ୍ରୟୋଗ ହେଉଥିଲାବେଳେ ଅବଶିଷ୍ଟ ସାର ବୁଣିବାର ୩ ସପ୍ତାହ ପରେ ଘାସ ବାଛି ପ୍ରୟୋଗ କରାଯିବା ଉଚିତ। ସଲଫର ଓ ବୋରନ ଅଭାବ ଥିବା ମାଟିରେ ଏକର ପିଛା ୮କି.ଗ୍ରା. ସଲଫର ଏବଂ ୪୦୦ ଗ୍ରାମ ବୋରନ ପ୍ରୟୋଗ କରିବା ଉଚିତ।

ବହଳିଆ ଗଛ ଉଠିଥିଲେ ଗଛକୁ ପତଳା କରି ଠିକ୍ ଦୂରତା ରଖିବା ଆବଶ୍ୟକ। ଜଳସେଚିତ ଫସଲ ହୋଇଥିଲେ ଗଛ ଉଠିବାର ୨୫ଦିନ ପରେ ପ୍ରଥମ ଓ ଫଳ ଧରିବା ଅବସ୍ଥାରେ ଦ୍ୱିତୀୟ ଥର ପାଇଁ ଜଳସେଚନ କରନ୍ତୁ। ସୋରିଷ ଫସଲରେ ଜଉପୋକ, କରତିଆ ମାଛି, ଚିତ୍ରିତ ବଗ୍‌ପତ୍ର, ସୁଡ଼ଙ୍ଗୀ ପୋକ ଇତ୍ୟାଦି ଦେଖାଯାଇଥାନ୍ତି। ଅନ୍ୟାନ୍ୟ ପୋକ ପାଇଁ କ୍ଲୋରୋପାଇରିଫସ୍ ଏବଂ ଜଉପୋକ ପାଇଁ ୨% ଡାଇମିଥୋଏଟ୍ ସିଞ୍ଚନ କରି ପୋକ ନିୟନ୍ତ୍ରଣ କରିହେବ। ସେହିଭଳି ପତ୍ରପୋଡ଼ା, ପତ୍ରଦାଗ, ଧଳାଫିମ୍ପି ଏବଂ ପାଉଁଶିଆ ଫିମ୍ପି ରୋଗ ପାଇଁ ମାନ୍‌କୋଜେବ ଏବଂ ସଲଫର-୭୫ ଗୁଣ୍ଡର ୫ ପ୍ରତିଶତ ଦ୍ରବଣ ସିଞ୍ଚନ କରି ରୋଗ ଦାଉରୁ ସୋରିଷ ଫସଲକୁ ରକ୍ଷା କରାଯାଇଥାଏ।

ଗଛରେ ଛୁଇଁଗୁଡ଼ିକ ହଳଦିଆ ପଡ଼ିଗଲେ ଏବଂ ଗଛରୁ ପତ୍ର ଝଡ଼ିବା ଅବସ୍ଥାରେ ସୋରିଷ ଗଛଗୁଡ଼ିକୁ କାଟନ୍ତୁ। ଗଛ କାଟିଲା ପରେ ସେଗୁଡ଼ିକୁ ବିଡ଼ା ବାନ୍ଧି ୫ରୁ ୬ଦିନ ଟାଣ ଖରାରେ ଶୁଖାନ୍ତୁ। ଶୁଖିଯାଇଥିବା ସୋରିଷ ବିଡ଼ାଗୁଡ଼ିକ ପିଟି କିମ୍ବା ବାଡ଼ିରେ ପିଟି ସୋରିଷ ଅମଳ କରନ୍ତୁ ଏବଂ ମଞ୍ଜିକୁ ଭଲଭାବରେ ପାଛୁଡ଼ି ଶୁଖାଇ ରଖନ୍ତୁ। ଉତ୍ତମ ତୋରିଆ ଚାଷରେ ଏକର ପିଛା ୩ରୁ ୪ କୁଇଣ୍ଟାଲ ଅମଳ ମିଳିଥାଏ ଏବଂ ରାଇସୋରିଷରୁ ତୋରିଆ ଅପେକ୍ଷା ଅଧିକ ଅମଳ ମିଳିଥାଏ।

ଆମ ରାଜ୍ୟରେ ଏମ-୨୭, ପିଟି-୩୦୩ , ପିଟି ୫୦୭, ବିନୟ, ପାର୍ବତୀ, ଅନୁରାଧା ଓ ଅଧିକ ଅମଳକ୍ଷମ ତୋରିଆ ସୋରିଷ ଚାଷ କରାଯାଉଥିଲାବେଳେ ପୁଷା ବାହାର, ପୁଷାଜୟ କିଷାନ, ବରୁଣ, କ୍ରିଷ୍ଣା ଓ ଲକ୍ଷ୍ମୀ ଆଦି ଉନ୍ନତ ରାଇ ବିହନ କିସମଗୁଡ଼ିକ ଚାଷ କରାଯାଇଥାଏ। ତୋରିଆ ବିହନଗୁଡ଼ିକ ଅଢ଼େଇମାସରୁ ୩ ମାସ ମଧ୍ୟରେ ଅମଳ ହୁଏ ଏବଂ ରାଇ ବିହନ କିସମଗୁଡ଼ିକ ସାଢ଼େ ତିନିମାସରୁ ସାଢ଼େ ଚାରିମାସ ମଧ୍ୟରେ ଅମଳ ହୋଇଥାଏ।

*ମୋ: ୭୮୯୪୩୩୫୩୭୧*

## ଲାଖ ଚାଷ ସମ୍ପର୍କରେ...

(ଦ୍ୱିତୀୟ ଭାଗ)

କେଉଁ ଗଛରୁ ଓ କେତେ ଜମିରୁ କେତେ ଫସଲ ମିଳିବ ତାହା ଠିକ୍ ଭାବରେ କହିବା ସମ୍ଭବ ନୁହେଁ । କାରଣ ଏହା ଅଧିକ ମାତ୍ରାରେ ବାହ୍ୟ ପରିବେଶ ଉପରେ ନିର୍ଭର କରେ ଯଥା- ଜଳବାୟୁ, ଉତ୍ତାପର ପରିମାଣ, ଫସଲ ସମୟରେ ବୃଷ୍ଟି, ଶତ୍ରୁକୀଟ, ନିୟମିତ ବୃକ୍ଷ ସଂସ୍କରଣ, ଆଶ୍ରୟ ବୃକ୍ଷ, ବିହନ ଲାଖର ମାନ ଇତ୍ୟାଦି । କୁସୁମୀ ଲାଖ (ଅଘାନୀ ଏବଂ ଜେଠୁଇ) ବିହନ ସଞ୍ଚରଣ ୫/୬ ମାସ ପରେ ଅମଳ ମିଳିଥାଏ । ରଙ୍ଗିଣୀ ଲାଖ, କାର୍ତ୍ତିକି ଫସଲରେ ବିହନ ସଞ୍ଚରଣ ୪ ମାସରେ ଏବଂ ବୈଶାଖୀରେ ୮ ମାସରେ ଅମଳ ମିଳିଥାଏ । ଅମଳର ପରିମାଣ ବିହନ ପରିମାଣର ପ୍ରାୟ ୩ ଗୁଣ ଏବଂ ବେଳେବେଳେ ୫/୭ ଗୁଣ ପର୍ଯ୍ୟନ୍ତ ହୋଇଥାଏ । ଗୋଟିଏ ମଧ୍ୟମ ଆକୃତିର ପଳାଶ ଗଛରେ ୨-୩ କେଜି, ବରକୋଳି ଗଛରେ ୬-୭ କେଜି, କୁସୁମ ଗଛରେ ୫୦-୬୦ କେଜି ଲାଖ ଉତ୍ପାଦନ ହୁଏ ।

**ଲାଖ ନଷ୍ଟ ହେବାର ମୁଖ୍ୟ କାରଣ:**

-ପ୍ରବଳ କୁହୁଡ଼ି, -କୁଆ ପଥର, -ଭୀଷଣ ଓ କ୍ରମାଗତ ବର୍ଷା, -ଅଧିକ ଗରମ ବା ଥଣ୍ଡା, -ଶତ୍ରୁକୀଟ, -ପକ୍ଷୀ, ବାଦୁଡ଼ି, ମାଙ୍କଡ, ଗୁଣ୍ଡୁଚିମୂଷା ଓ ମୂଷା ଏବଂ ଜଙ୍ଗଲରେ ନିଆଁ ଇତ୍ୟାଦି।

ବାସ୍ତବରେ ପାରମ୍ପରିକ ଚାଷ କରି ଅନେକ କୃଷକ ଭାଇ ନିଜ ନିଜର ଗୁଜୁରାଣ ମେଣ୍ଟାଇବାରେ ଅସମର୍ଥ ହେଉଥିବା ବେଳେ ଲାଖ ଚାଷ ପରି ଏକ ଅଭିନବ ତଥା ଅଧିକ ରୋଜଗାର ପ୍ରଦାନ କରୁଥିବା ଚାଷକୁ ପ୍ରସାର ଏବଂ ଆଦୃତ କରାଇବାରେ ଭୂମିକା ଗ୍ରହଣ କରିବା ଆବଶ୍ୟକ । ଉପଯୁକ୍ତ ଜ୍ଞାନକୌଶଳ ଗ୍ରହଣ କରି ଆମ ରାଜ୍ୟର ଚାଷୀଭାଇମାନେ ଲାଖ ଚାଷ ଦ୍ୱାରା ଅଧିକ ଲାଭବାନ ହେବା ସହିତ ପରିବେଶକୁ ରକ୍ଷା କରିବାର ପଦକ୍ଷେପ ନେଇପାରିବେ ।

-ଗୟାଧର ଶିଅଳ
-ଉମାଶଙ୍କର ନାୟକ



## ଆଖୁ ଚାଷ ଲାଗି ଜମି ପ୍ରସ୍ତୁତି

ଆମ ରାଜ୍ୟର ଜଳବାୟୁ ଦୃଷ୍ଟିରୁ ନଭେମ୍ବର ଠାରୁ ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ଆଖୁ ଲଗାଇବା ପାଇଁ ଉପଯୁକ୍ତ ସମୟ। ମନ୍ଦା ପ୍ରଣାଳୀ ଆଖୁ ଚାଷ ନିଗିଡା, ନିଶ୍ଚିତ ଜଳସେଚନ ସୁବିଧା ଥିବା ମଧ୍ୟମ କିସମ ଜମିରେ କରନ୍ତୁ। ମନ୍ଦା ପ୍ରଣାଳୀରେ ସମସ୍ତ କ୍ଷେତକୁ ଚାଷ କରିବା ଦରକାର ନାହିଁ। ତେଣୁ ଏକ ଫୁଟ ଲମ୍ବ,ଏକ ଫୁଟ ଓସାର ଓ ଏକ ଫୁଟ ଗଭୀରରେ ମନ୍ଦା ଖୋଳନ୍ତୁ। ମନ୍ଦାକୁ ମନ୍ଦା ଦୁଇ ଫୁଟ ଓ ଧାଡିକୁ ଧାଡି ଚାରି ଫୁଟ ବ୍ୟବଧାନ ରଖନ୍ତୁ। ପ୍ରତି ମନ୍ଦାର ଅଧା ପର୍ଯ୍ୟନ୍ତ ଖତ ଓ ଗୁଣ୍ଡ ମାଟିର ମିଶ୍ରଣ ପୂରଣ କରନ୍ତୁ। ଉଇ ଆକ୍ରମଣର ରକ୍ଷାପାଇଁ କ୍ଲୋରୋପାଇରିଫସ୍ ଗୁଣ୍ଡ କିମ୍ବା ତରଳ ପ୍ରୟୋଗ କରନ୍ତୁ। ଲଗାଇବା ବେଳେ ଗାତ ପିଛା ୧୫ଗ୍ରାମ ଡିଏପି ସାର ଭଲଭାବରେ ମାଟିରେ ମିଶାଇ ଦିଅନ୍ତୁ। ଆଠ ମାସିଆ ରୋଗ ପୋକ ଲାଗି ନ ଥିବା ଆଖୁ ବିହନ ଲାଗି ସଂଗ୍ରହ କରନ୍ତୁ। ଯଦି ଆଖୁ ଫସଲ ୮ମାସରୁ ଅଧିକ ହୋଇଥାଏ ତେବେ ଆଖୁ ଗଛର ଉପର ଦୁଇ ତୃତୀୟାଂଶକୁ ବିହନ ପାଇଁ ବ୍ୟବହାର କରିପାରିବେ। ଏକ ଆଖିଆ ଆଖୁ ଖଣ୍ଡ ପ୍ରତି ମନ୍ଦାରେ ୩ଟି କରି ଲଗାନ୍ତୁ। ଜମିରେ ବତର ଥିବା ଅବସ୍ଥାରେ ଆଖୁ ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ।



# ପିଜୁଳି ଫସଲରେ ଫଳବିନ୍ଧା ମାଛି ଦମନ



ଡ. ବିଷ୍ଣୁଚରଣ ଜେନା



ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପନିପରିବା, ଖାଦ୍ୟ ସାମଗ୍ରୀ ସହିତ ଫଳ ଖାଇବା ଆବଶ୍ୟକ। ସମସ୍ତ ଫଳ ମଧ୍ୟରେ ପିଜୁଳି ଅତି ଉପକାରୀ। ଏପରିକି ମଧୁମେହ ରୋଗୀମାନେ ଏହି ଫଳକୁ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦିଅନ୍ତି। ତେବେ ପିଜୁଳି ଫସଲକୁ ଆକ୍ରମଣ କରୁଥିବା ୮୦ ପ୍ରଜାତିର ପୋକ ମଧ୍ୟରୁ ଫଳବିନ୍ଧା ମାଛି ଅତ୍ୟନ୍ତ କ୍ଷତିକାରକ। ପିଜୁଳି ଫସଲକୁ ଆକ୍ରମଣ କରିବା ସହିତ ଏହା କଦଳୀ, ଲେମ୍ବୁ, ଜାମୁକୋଳି, ଆମ୍ବ, ତରଭୁଜ ଓ ଅମୃତଭଣ୍ଡା ଫସଲକୁ ଆକ୍ରମଣ କରେ। ଏହି ପୋକ ପ୍ରାୟ ୧ରୁ ୨ କିଲୋମିଟର ପର୍ଯ୍ୟନ୍ତ ଉଡିଯାଇ ଫସଲକୁ ଆକ୍ରମଣ କରନ୍ତି। ଫଳରେ ଫଳଗୁଡିକ ବଜାରରେ ବିକ୍ରି ହେବା ପାଇଁ ଉପଯୁକ୍ତ ହୁଏ ନାହିଁ।

ଏହି ପୋକଟି ବର୍ଷତମାମ ଫସଲକୁ ଆକ୍ରମଣ କରେ। ଗ୍ରୀଷ୍ମ ଋତୁରେ ଏହି ପୋକଗୁଡିକ କଖାରୁ ଜାତୀୟ ପରିବାରେ ନିଜର ବଂଶ ବିସ୍ତାର କରି ଶୀତ ଋତୁରେ ଫଳ ବଗିଚାରେ ପ୍ରବେଶ କରନ୍ତି। ପୂର୍ଣ୍ଣାଙ୍ଗପ୍ରାପ୍ତ ମାଛିଗୁଡିକ ଜଉପୋକରୁ ନିର୍ଗତ ହେଉଥିବା ମଧୁ କଣିକାକୁ ଖାଇ ବଞ୍ଚନ୍ତି। ଅତ୍ୟଧିକ ଥଣ୍ଡା ସମୟରେ ପୂର୍ଣ୍ଣାଙ୍ଗ ପ୍ରାପ୍ତ ପୋକଗୁଡିକ ନିଷ୍କ୍ରିୟ ହୁଅନ୍ତି ଏବଂ ବସନ୍ତ ଋତୁରେ ସକ୍ରିୟ ହୁଅନ୍ତି।

**କ୍ଷତି କରିବାର ଲକ୍ଷଣ :** ସ୍ତ୍ରୀ ପୋକଟି ପାଚିଲା ଫଳର ଅତି କୋମଳ ଅଂଶରେ ଅଣ୍ଡାଦିଏ। ଅଣ୍ଡାରୁ ଛୁଆ ବାହାରି ଫଳର ଭିତର ଅଂଶକୁ ଯାଇ ଏହାର ମାଂସଳ ଅଂଶକୁ ଖାଏ। ଆକ୍ରାନ୍ତ ଫଳରେ ଖାଲ ଅଂଶ ଦେଖାଯାଏ ଓ ଏଥିରେ ଗାଢ ସବୁଜ ରଙ୍ଗର ଛିଦ୍ରମାନ ଦେଖାଯାଏ। ଆକ୍ରାନ୍ତ ଫଳକୁ କାଟିଲେ ସେଥିରେ ମାଗଟ ବା ଛୁଆମାନେ ଫଳକୁ ଖାଉଥିବାର ଦେଖାଯାଏ। ପରବର୍ତ୍ତୀ ଅବସ୍ଥାରେ ଆକ୍ରାନ୍ତ ଫଳଟି ବିକୃତ ରୂପ ଧାରଣ କରେ ଏବଂ କ୍ରମଶଃ ଶଢିଯାଇ ନଷ୍ଟ ହୁଏ ଓ ତଳେ ପଡିଯାଏ। ପୂର୍ଣ୍ଣାଙ୍ଗ ମାଗଟ ଫଳରୁ ବାହାରି ଆସି ମାଟିତଳେ କୋଷାରେ ପରିଣତ ହୁଏ। ମାଟିତଳେ ୭ରୁ ୧୩ ଦିନ ରହିବା ପରେ ପୂର୍ଣ୍ଣାଙ୍ଗ ପୋକ ହୁଏ।

**ଦମନ ପ୍ରଣାଳୀ :** ଆକ୍ରାନ୍ତ ଫଳଗୁଡିକୁ ଗଛରୁ ଏବଂ ତଳୁ ସଂଗ୍ରହ କରି ପୋତି ଦିଅନ୍ତୁ। ବଗିଚାର ମାଟିକୁ ଚାଷ କରି ସେଥିରୁ କୋଷା ସଂଗ୍ରହ କରି ପୋଡ଼ନ୍ତୁ। ମିଥାଇଲ ୟୁଜିନୋଲ ଯନ୍ତା ବଗିଚାରେ ରଖି ଫଳବିନ୍ଧା ମାଛି ସଂଗ୍ରହ କରି ମାରିଦେବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ଫଳଗୁଡିକ ପାକଳ ହେବା ଓ ପାଚିବା ପୂର୍ବରୁ ଗଛରୁ ତୋଳି ଦିଅନ୍ତୁ। ଫଳ ପାଚିବା ପୂର୍ବରୁ ଏକଲିଟର ପାଣିରେ ୨ ମିଲିଲିଟର ମାଲାଥିୟନ ୫୦ ପ୍ରତିଶତ ସହିତ ଏକ ଗ୍ରାମ ଗୁଡ ମିଶାଇ ୧୫ ଦିନ ବ୍ୟବଧାନରେ ଫଳ ଗଛକୁ ସମ୍ପୂର୍ଣ୍ଣ ରୂପେ ସିଞ୍ଚନ କରନ୍ତୁ।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର*



"ଆଇଆଇଟି ଏବଂ ଏନ୍ଆଇଆଇଟିଗୁଡ଼ିକ ପ୍ରଦୂଷଣ ସମସ୍ୟାର ସମାଧାନ କରିପାରିବେ ବୋଲି ବିଶ୍ୱାସ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି



## ସଂକ୍ଷେପରେ

### ୪ ଜେଇଏମ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୧୯।୧୧(ପି.ଟି.) :** ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ବିସ୍ଫୋରଣ କରିଥିବା ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ସଙ୍ଗଠନର ୪ ସହଯୋଗୀଙ୍କୁ ଗିରଫ କରାଯାଇଛି। ଗତ ଜୁଲାଇରେ ଆରିହଲ୍ ଅଞ୍ଚଳରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ମାମଲାର ତଦନ୍ତ କରାଯାଉଥିବାବେଳେ ଏମାନଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ବିଦେଶରୁ ଆତଙ୍କବାଦୀଙ୍କୁ ଆଣୁଥିବା ମାଷ୍ଟରମାଇଣ୍ଡ ଶାରିକ୍ ଅହମଦଙ୍କୁ ଧରିବା ପରେ ଅନ୍ୟ ୩ ଜଣ ଜେଇଏମ୍ ସଦସ୍ୟ ଆକିବ୍ ଅହମଦ, ଆଦିଲ୍ ଅହମଦ ଓ ଓୱାଇସ୍ ଅହମଦଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଛି। ଆରିହଲ୍ ଅଞ୍ଚଳରେ ମଧ ଏମାନେ ବିସ୍ଫୋରଣ କରିଥିବା ଜଣାପଡ଼ିଛି। ଏମାନଙ୍କଠାରୁ ଅନେକ ବିସ୍ଫୋରକ ଓ ଆପତ୍ତିଜନକ ଜିନିଷ ଜବତ କରାଯାଇଛି। ଏନେଇ ଅଧିକ ପୋଲିସ ତଦନ୍ତ ଜାରି ରହିଥିବା ପ୍ରକାଶ।

### ୩ ମାସ ପରେ କଶ୍ମୀରରେ ଖୋଲିଲା ସ୍କୁଲ

**ଶ୍ରୀନଗର, ୧୯।୧୧(ପି.ଟି.) :** ଦୀର୍ଘ ୩ ମାସ ପରେ ପୁଣି କଶ୍ମୀରରେ ମଙ୍ଗଳବାର ସ୍କୁଲ ଖୋଲିଛି। ୩୭୦ ଅନୁଚ୍ଛେଦ ହଟାଇ ଦିଆଯିବା ପରେ ପରିସ୍ଥିତିକୁ ଦେଖି ଅଘୋଷିତ ଭାବେ ଏଠାକାର ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ଏବେ ସ୍ଥିତି ସାମାନ୍ୟ ହେବାରେ ଲାଗିଛି। ଅନେକ ଘରୋଇ ସ୍କୁଲ ମଙ୍ଗଳବାର କଶ୍ମୀରରେ ଖୋଲିଥିବା ଜଣାପଡ଼ିଛି। ସେହିପରି ଯାତ୍ରୀ ପରିବହନ ବ୍ୟବସ୍ଥାରେ ମଧ ସୁଧାର ଆସିଛି। ସ୍କୁଲଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଖୋଲିଥିବାବେଳେ ବିନା ୟୁନିଫର୍ମରେ ପିଲାଙ୍କୁ ଆସିବା ଲାଗି କୁହାଯାଇଛି। ଗତ ରବିବାର ଶ୍ରୀନଗରରୁ ବନିହାଲ ରେଳ ଚଳାଚଳ କରିଥିଲା।

**[ଇତିହାସର ଆଇନାରେ]**

**ନଭେମ୍ବର ୨୦ରେ ପ୍ରମୁଖ ଘଟଣା**

### ଅଗ୍ନିକାଣ୍ଡରେ ୪୧ ମୃତ

୧୯୯୬ ନଭେମ୍ବର ୨୦ରେ ହଂକଂର ଏକ ୧୬ ମହଲା କମର୍ସିଆଲ ବିଲ୍ଡିଂରେ ଅଗ୍ନିକାଣ୍ଡ ଘଟିବାରୁ ୪୧ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ନିଆଁର ପ୍ରକୋପରେ ୮୧ ଗୁରୁତର ହୋଇପଡ଼ିଥିଲେ। ତଳ ୩ ମହଲା ଓ ଉପର ୨ ମହଲା ଏହାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ନିଆଁ ଲିଭାଇବା ଲାଗି ୨୦୦ ଅଗ୍ନିସମ ବିଭାଗର କର୍ମଚାରୀ ଓ ୩୫ ଇଞ୍ଜିନିୟର ନିୟୋଜିତ ହୋଇଥିଲେ।

### କୋଇଲା ଖଣିରେ ବିସ୍ଫୋରଣ

୧୯୬୮ ନଭେମ୍ବର ୨୦ରେ ପଶ୍ଚିମ ଭିର୍ଜିନିଆର ଫାର୍ମିଂଟନସ୍ଥିତ ଏକ କୋଇଲା କାରଖାନାରେ ବିସ୍ଫୋରଣ ହେବାରୁ ୭୮ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ବେଳେ ଖଣି ଭିତରେ ୯୯ ଶ୍ରମିକ କାର୍ଯ୍ୟରତ ଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ୧୯ ମୃତକଙ୍କୁ ଚିହ୍ନି ହେଉ ନ ଥିଲା।



ଅହମଦାବାଦରେ 'ପ୍ରାଣୀଙ୍କୁ ସୁରକ୍ଷା ଓ ସମ୍ମାନ' ଶୀର୍ଷକ ଏକ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଭାଗନେଇଥିବା ପ୍ରାଣୀଙ୍କ ପ୍ରତି କ୍ରୁରତା ନିବାରଣ ପାଇଁ ସୋସାଇଟି (ଏସ୍‌ପିସିଏ) କର୍ମକର୍ତ୍ତାମାନେ ହାତୀଙ୍କୁ ଖାଦ୍ୟ ଖୁଆଉଛନ୍ତି।



ଚେନ୍ନାଇରେ ଆଦିବାସୀ ସାଂସ୍କୃତିକ ଉତ୍ସବ 'ପାଲାଙ୍ଗୁଡ଼ି ନାଥମ୍' ପାଳନ ଅବସରରେ ମୁଣ୍ଡରେ ଗୋଧିକୁ ବସାଇ କୌଶଳ ପ୍ରଦର୍ଶନ କରୁଛନ୍ତି ଜଣେ କଳାକାର।




ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ରୀଛାତ୍ରଙ୍କୁ କୁଳପତିଙ୍କ ବ୍ୟବହାର ଏବଂ ପୋଲିସର ଲାଠି ଚାର୍ଜ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଅଧ୍ୟାପକମାନେ।

### ମହାରାଷ୍ଟ୍ର ରାଜନୀତି: ଶିବସେନା ସୂତ୍ରରୁ ପ୍ରକାଶ

# ପାୱାରଙ୍କୁ 'ରାଷ୍ଟ୍ରପତି' ଲୋଭ ଦେଖାଇଛି ଭାଜପା

**ମୁମ୍ବାଇ,୧୯।୧୧**

ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ମହାରାଷ୍ଟ୍ରରେ ଭାଜପା ଯଦି ୫୦:୫୦ ସୂତ୍ରକୁ ଗ୍ରହଣ କରିବ ତେବେ ଶିବସେନା ପୁନର୍ବାର ମେଣ୍ଟକୁ ଫେରିବ। ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଡ଼ିବସିବା ପରେ ଭାଜପା ସହ ୩ ଦଶନ୍ଧିର ସମ୍ପର୍କ ଛିନ୍ନ କରିଥିବା ଶିବସେନା ପକ୍ଷରୁ ମଙ୍ଗଳବାର ଏଭଳି ସଙ୍କେତ ଦିଆଯାଇଛି। କାରଣ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସକୁ ଧରି ଶିବସେନାର ସରକାର ଗଠନ ସ୍ୱପ୍ନ ମଉଳିଯାଇଛି। ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ଭାଜପା ରାଷ୍ଟ୍ରପତି ପଦ ଲୋଭ ଦେଖାଇଥିବାରୁ ସେ ସରକାର ଗଠନ ପାଇଁ ସମର୍ଥନ ଘୋଷଣା କରୁ ନ ଥିବା ଶିବସେନା ପକ୍ଷରୁ କୁହାଯାଇଛି।

ମହାରାଷ୍ଟ୍ରରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବା ପରେ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି। ଫିଫ୍ଟି ଫିଫ୍ଟି ଫର୍ମୁଲାରେ ସରକାର ଗଠନ ଦାବିକୁ ଭାଜପା ପ୍ରତ୍ୟାଖ୍ୟାନ କରିଦେବାରୁ ଶିବସେନା ଅଲଗା ହୋଇଯାଇଛି। ଏନ୍‌ସିପି ଏବଂ କଂଗ୍ରେସ ସହ ମିଶି ସରକାର ଗଠନ କରିବାକୁ ଉଦ୍ଧବ ଠାକ୍‌ରେଙ୍କ ଦଳ ଚାହୁଁଛି। କିନ୍ତୁ ବିରୋଧୀ ଏନ୍‌ସିପି-କଂଗ୍ରେସ ମେଣ୍ଟ ପକ୍ଷରୁ ସବୁଜ ସଙ୍କେତ ମିଳୁନାହିଁ। ଏନ୍‌ସିପି ମୁଖ୍ୟ ଶରଦ ପାୱାର ସୋମବାର



ଶରଦ ପାୱାର

**ପାର୍ଲାମେଣ୍ଟରେ ଏନ୍‌ସିପିକୁ ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ**

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି ପ୍ରାୟ ଘଣ୍ଟାଏ ଧରି କଥାବାର୍ତ୍ତା ହେବା ପରେ ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଅଧିକ ଆଲୋଚନା ଆବଶ୍ୟକ ବୋଲି କହିଥିଲେ। ଏହାକୁ ନେଇ ମଙ୍ଗଳବାର ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ପାୱାରଙ୍କ ସହ ଆମ ମେଣ୍ଟକୁ ନେଇ ଚିନ୍ତା କରିବା ଅନୁଚିତ। ଖୁବ୍‌ଶୀଘ୍ର ଅର୍ଥାତ୍ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଶିବସେନା ନେତୃତ୍ୱରେ ଏକ ସ୍ଥିର ସରକାର ଗଠନ ହୋଇଯିବ। ଅନ୍ୟପକ୍ଷରେ ଶିବସେନାର ଅନ୍ୟ ନେତାମାନେ ସ୍ୱୀକାର କରିଛନ୍ତି ଯେ, ମହାରାଷ୍ଟ୍ରରେ ସରକାର ଗଢ଼ିବା ଦୌଡ଼ରୁ ଶିବସେନାକୁ ବାଦ୍ ଦେବା ପାଇଁ ଚାହୁଁଥିବା ଭାଜପା ଏନ୍‌ସିପିକୁ ଧରି ଖେଳ କରିବା ପାଇଁ ଉଦ୍ୟମ ଚଳାଇଛି। ମହାରାଷ୍ଟ୍ର ସରକାରରେ ବଡ଼ ଭୂମିକା ଦିଆଯିବ ବୋଲି ପାୱାରଙ୍କ ଦଳକୁ ବୁଝାଶୁଝା କରୁଛି। କେବଳ ଏତିକି ନୁହେଁ, ପାୱାରଙ୍କୁ ଭାରତର ରାଷ୍ଟ୍ରପତି କରିବା ପାଇଁ ମଧ ଭାଜପା ଲୋଭ ଦେଖାଇଛି। ଏଥିପାଇଁ ଶିବସେନାକୁ ସମର୍ଥନ ଦେବା ପାଇଁ ପୂର୍ବରୁ ରାଜି ହୋଇଥିବା ଏନ୍‌ସିପି ଏବେ ସମର୍ଥନ ଘୋଷଣା କରୁନାହିଁ। ଶିବସେନାର ଦାବି ହେଉଛି ଏନ୍‌ସିପି-କଂଗ୍ରେସ ସହ ଗୋଟିଏ ସର୍ତ୍ତରେ ମେଣ୍ଟ ସରକାର ଗଠନ କରାଯିବ। ତାହା ହେଉଛି ସମ୍ପୂର୍ଣ୍ଣ ୫ ବର୍ଷ ପାଇଁ ଶିବସେନା ପାଖରେ ମୁଖ୍ୟମନ୍ତ୍ରୀ ପଦ ରହିବ। କିନ୍ତୁ ଭାଜପା ସହିତ ମେଣ୍ଟ କଲେ ୫୦:୫୦ ସୂତ୍ର ଏବେ ବି ଗ୍ରହଣୀୟ ବୋଲି ଶିବସେନା ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିବାବେଳେ ଫଳାଫଳ ୨୪ ତାରିଖରେ ଆସିଥିଲା। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାକୁ ୧୦୫ ଆସନରେ ସଫଳତା ମିଳିଛି। ଶିବସେନା ୫୬ ଆସନ ଦଖଲ କରିବା ପରେ ପ୍ରଥମ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନିଜେ ରଖିବା ପାଇଁ ଭାଜପା ନିକଟରେ ଦାବି ରଖିଥିଲା, ଯାହାକି ଅଗ୍ରାହ୍ୟ ହୋଇଯାଇଛି। ବିରୋଧୀ ଏନ୍‌ସିପିକୁ ୫୪ ଓ କଂଗ୍ରେସକୁ ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଶିବସେନା ଓହରିବା ପୂର୍ବରୁ ତାକୁ ସମର୍ଥନ କରିବା ନେଇ ଏନ୍‌ସିପି ପକ୍ଷରୁ ଯେତିକି ତତ୍ପରତା ପ୍ରକାଶ ପାଉଥିଲା, ଏବେ ସେଭଳି ଦେଖିବାକୁ ମିଳୁନାହିଁ। ଇତିମଧ୍ୟରେ ପାର୍ଲାମେଣ୍ଟର ଶୀତ ଅଧିବେଶନର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ସିପିକୁ ପ୍ରଶଂସା କରିଥିଲେ। ଏନ୍‌ସିପି ଏବଂ ବିଜେଡିଠାରୁ ଅନ୍ୟ ଦଳଗୁଡ଼ିକ ଶୃଙ୍ଖଳା ଶିଖିବା ଉଚିତ ବୋଲି ମୋଦି କହିଥିଲେ। ଏହି ସବୁ ସମୀକରଣକୁ ଦେଖିଲେ ପାୱାରଙ୍କୁ ରାଷ୍ଟ୍ରପତି ପଦ ଯଚାଯିବା ନେଇ ହେଉଥିବା ଚର୍ଚ୍ଚା ଅମୂଳକ ନୁହେଁ ବୋଲି କେତେକ ମହଲରେ କୁହାଯାଉଛି।

### ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ପିଡିପି ଏମ୍‌ପିଙ୍କ ଚିଠି

# ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରାଯାଉ

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସହ ଗୃହବନ୍ଦୀ ଥିବା ରାଜ୍ୟର ସମସ୍ତ ରାଜନେତାମାନଙ୍କୁ ତୁରନ୍ତ ମୁକ୍ତକରିବା ଲାଗି ପିଡିପିର ରାଜ୍ୟ ସଭା ଏମ୍‌ପି ମହମ୍ମଦ ଫୟାଜ୍ ମିର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ ଲେଖିଛନ୍ତି, ଜମ୍ମୁ-କଶ୍ମୀରରେ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଫଳରେ ରାଜ୍ୟବାସୀ ନାହିଁ ନ ଥିବା ସମସ୍ୟା ଭୋଗକରୁଛନ୍ତି। ନେତାଶୂନ୍ୟ ହୋଇପଡ଼ିଥିବା ଏହି ଅଞ୍ଚଳର ଲୋକେ ଭୟର ବାତାବରଣ ମଧ୍ୟରେ ଅଛନ୍ତି। ତେଣୁ ୩୭୦ ଅନୁଚ୍ଛେଦ ହଟାଯିବା ପରେ ଅଗଷ୍ଟ ୫ରୁ ଅଟକ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି, ଫାରୁକ୍ ଅବଦୁଲ୍ଲା ଓ ଓମାର ଅବଦୁଲ୍ଲାଙ୍କ ସହ ସମସ୍ତ ରାଜନେତା ଓ କର୍ମୀଙ୍କୁ ତୁରନ୍ତ ମୁକ୍ତ କରାଯାଉ। ଉପତ୍ୟକାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଜାରି ରଖିବା ଲାଗି ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରାଯିବା ଜରୁରୀ ବୋଲି ପିଡିପି ନେତା ଦର୍ଶାଇଛନ୍ତି। ଗତ ୧୦୯ ଦିନ ହେବ କଶ୍ମୀରରେ ଭୟ ଓ ରାଜନୈତିକ ସଙ୍କଟ ଲାଗିରହିଛି। ଅଞ୍ଚଳରେ ସେନା ଛାଉଣୀ ଲାଗିରହିଛି। ମାନବାଧିକାର କ୍ଷୁଣ୍ଣ ହେବାରେ ଲାଗିଛି ବୋଲି ମଧ ସେ ଚିଠିରେ ଉଲ୍ଲେଖ କରିଛନ୍ତି।

### ଆଟେନ୍‌ବରୋଙ୍କୁ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ବିଶିଷ୍ଟ ପ୍ରକୃତିବାଦୀ ତଥା ପ୍ରସାରକ ଭାବେ ଜଣାଶୁଣା ବ୍ରିଟେନର ସାର୍ ଡେଭିଡ୍ ଆଟେନ୍‌ବରୋଙ୍କୁ ୨୦୧୯ ବର୍ଷର ଇନ୍ଦିରା ଗାନ୍ଧୀ ଶାନ୍ତି, ନିରସ୍ତ୍ରୀକରଣ ଓ ବିକାଶ ପୁରସ୍କାର ପ୍ରଦାନ କରାଯିବ। ତାଙ୍କ ନାମକୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ନେତୃତ୍ୱରେ ଗଠିତ ଅନ୍ତର୍ଜାତୀୟ ବିଚାରକମଣ୍ଡଳୀ ଓ ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟ୍ରଷ୍ଟ ଦ୍ୱାରା ମନୋନୀତ କରାଯାଇଛି।

# ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ବିରୋଧରେ ମାମଲା ରୁଜୁ

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ବିକ୍ଷୋଭରତ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ଛାତ୍ରୀଛାତ୍ରଙ୍କ ବିରୋଧରେ ମଙ୍ଗଳବାର ପୋଲିସ ମାମଲା ରୁଜୁକରିଛି। ହଷ୍ଟେଲ ଫି ବୃଦ୍ଧିକୁ ନେଇ ଏମାନେ ପ୍ରତିବାଦ ସ୍ୱରୂପ ବିକ୍ଷୋଭ କରୁଥିବାବେଳେ ସୋମବାର ଏମାନଙ୍କ ଉପରେ ପୋଲିସ ଲାଠିଚାର୍ଜ କରିଥିଲା। ଏବେ ଆଇପିସିର ଧାରା ୧୮୬, ୩୫୩, ୩୩୨, ୧୮୮, ୧୪୭, ୧୪୯ ଆଦି ଲଗାଯାଇ ପୋଲିସ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିକରିଛି। କିଷନଗଡ଼ ପୋଲିସ ଷ୍ଟେଶନ ଓ ଲୋଧି କଲୋନୀ ପୋଲିସ ଷ୍ଟେଶନରେ ଏହି ମାମଲା ରୁଜୁ କରାଯାଇଥିବା ଡିସିପି(ସାଉଥ୍) ଅତୁଲ୍ କୁମାର ଠାକୁର ପ୍ରକାଶ କରିଛନ୍ତି। ସରକାରୀ ସମ୍ପତ୍ତି ନଷ୍ଟକରିବା, ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିକରିବା, ଦଙ୍ଗା ଓ ବିଶୃଙ୍ଖଳା କରି ଏକାଠି ହେବା ଭଳି ଅନେକ ସଙ୍ଗିନ ଅଭିଯୋଗ ଛାତ୍ରୀଛାତ୍ରଙ୍କ ବିରୋଧରେ ଲଗାଯାଇଛି। ସୋମବାର ଶତାଧିକ ଛାତ୍ରୀଛାତ୍ର ଦିଲ୍ଲୀରେ ବିକ୍ଷୋଭକରିବା ସହ ଫି ବୃଦ୍ଧିକୁ ବିରୋଧ କରି ମାର୍ଚ୍ଚ କରିଥିଲେ। ପୋଲିସ ଅଟକାଇବାରୁ ସଂଘର୍ଷ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଦମନ କରିବା ଲାଗି ପୋଲିସ ଲାଠିଚାର୍ଜ କରିଥିବା ଅଭିଯୋଗ ହୋଇଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀମାନେ ଏହାକୁ ଅସ୍ୱୀକାର କରିଥିଲେ। ସଂଘର୍ଷରେ ୩୦ ପୋଲିସ ଓ ୧୫ ଛାତ୍ରୀଛାତ୍ର ଆହତ ମଧ ହୋଇଥିଲେ। ୮ ଘଣ୍ଟା ଧରି ଅଞ୍ଚଳ ରଣକ୍ଷେତ୍ର ପାଲଟିଥିଲା। ଏଥିରେ ଦିଲ୍ଲୀର ଅନ୍ୟ ବିଶ୍ୱବିଦ୍ୟାଳୟର ହଜାର ହଜାର ଛାତ୍ରୀଛାତ୍ର ମଧ ସାମିଲ ଥିଲେ। ବ୍ୟାରିକେଡ୍ ଭାଙ୍ଗି ଛାତ୍ରୀଛାତ୍ରମାନେ ଆଗକୁ ମାଡ଼ିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଜେଏନ୍‌ୟୁ ଛାତ୍ର ସଂଘ ସଭାପତି ଏ.ଘୋଷ୍, ସମ୍ପାଦକ ସତୀଶ୍ ଚନ୍ଦ୍ର ଯାଦବଙ୍କ ସମେତ ଶତାଧିକ ଛାତ୍ରୀଛାତ୍ରଙ୍କୁ ପୋଲିସ ଅଟକ ରଖିଥିଲା।

## 'ଆଇନଗତ ପଦକ୍ଷେପ ନିଆ ନ ଯାଉ'

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କ ବିରୋଧରେ କୌଣସି ପ୍ରଶାସନିକ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଉ ବୋଲି ଜେଏନ୍‌ୟୁ ଛାତ୍ରସଂଘ ପକ୍ଷରୁ ଦାବି କରାଯାଇଛି। ଛାତ୍ରସଂଘ ସଭାପତି ଏ. ଘୋଷ୍ କହିଛନ୍ତି, ମାନବସମ୍ବଳ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ସହ ଆଲୋଚନା କରାଯାଇ ଛାତ୍ରୀଛାତ୍ରଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆ ନ ଯିବା ଲାଗି ଅନୁରୋଧ କରାଯାଇଛି। ଇ-ମେଲ୍ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନୋଟିସ ପଠାଯାଇଥିଲେ ହେଁ କେହି ଟଙ୍କାଟିଏ ବି ଜରିମାନା ଦେବେନାହିଁ। ମଧ୍ୟସ୍ଥତା ଲାଗି ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ପ୍ୟାନେଲ ସହ ଆଲୋଚନା କରିବାକୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମନା କରିଦେବା ଉଚିତ ନ ଥିଲା। ଏହା ଦ୍ୱାରା ଛାତ୍ର ଅଶାନ୍ତି ବୃଦ୍ଧି ପାଇବ। ଛାତ୍ରୀଛାତ୍ରଙ୍କ ଦାବି ପୂରଣ ନ ହେବା ଓ ଫି ବୃଦ୍ଧି ପ୍ରତ୍ୟାହାର କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ଛାତ୍ରସଂଘ ପକ୍ଷରୁ କୁହାଯାଇଛି।

## ପୋଲିସ ଦମନଲୀଳାକୁ ନେଇ ଗୃହରେ ତାତି

**ନୂଆଦିଲ୍ଲୀ, ୧୯।୧୧(ପି.ଟି.) :** ଫି ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ କରୁଥିବା ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନର ତାତି ମଙ୍ଗଳବାର ପାର୍ଲାମେଣ୍ଟରେ ଦେଖିବାକୁ ମିଳିଛି। କେନ୍ଦ୍ରକୁ ଏନେଇ ବିରୋଧୀ ସମାଲୋଚନା କରିଛନ୍ତି। ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ନିରୀହ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ସହରୀ ମାଓବାଦୀ କାର୍ଯ୍ୟକଳାପ ସହ ସମାନ ବୋଲି ମତ ଦେଇଛନ୍ତି। ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ପୋଲିସର ଦମନଲୀଳାକୁ ଲଜ୍ଜାଜନକ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି। ବିରୋଧୀ ସଦସ୍ୟମାନେ ଏଥିରେ ସ୍ୱରମିଳାଇ ରାଜ୍ୟ ସଭାରେ ହଙ୍ଗାମା କରିବାରୁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।

### ଶିଶୁଙ୍କ ବିରୋଧରେ ଯୌନ ହିଂସା

# ତଦନ୍ତ, ଶୁଣାଣି ସ୍ଥିତି ଚିନ୍ତାଜନକ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ଦେଶରେ ଶିଶୁଙ୍କ ବିରୋଧରେ ଯୌନ ହିଂସା ବଢ଼ିବାରେ ଲାଗିଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଶିଶୁଙ୍କୁ ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ତଦନ୍ତ ଓ ଶୁଣାଣି ସ୍ଥିତି ଅଚମ୍ଭିତ କରିଦେବା ଭଳି ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଏହାସହ ଏଭଳି ମାମଲାଗୁଡ଼ିକର ତଦନ୍ତ ତୁରନ୍ତ କରାଇ ଶୁଣାଣି ସମ୍ପୂର୍ଣ୍ଣ କରାଇବା ସକାଶେ କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାରଙ୍କୁ ଅଧିକ ତତ୍ପରତା ଦେଖାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶିଶୁ ବଳାତ୍କାର ମାମଲା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ନେଇ ନିଜଆଡୁ ବିଚାର ଆରମ୍ଭ କରିଛନ୍ତି। ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ୧୦୦ରୁ ଅଧିକ ମାମଲା ରୁଜୁ ହୋଇଥିବା ଜିଲାଗୁଡ଼ିକରେ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ଗୋଟିଏ ଲେଖାଏ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା ସମେତ କେତେକ ନିର୍ଦ୍ଦେଶନାମା ଏହା



ପୂର୍ବରୁ ଜାରି କରିଥିଲେ। ସୁପ୍ରିମକୋର୍ଟ ରେଜିଷ୍ଟ୍ରାର ସୁରିନ୍ଦର ଏସ୍. ରାଠିଙ୍କ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟକୁ ଗତ ୧୩ ତାରିଖରେ ତତ୍କାଳୀନ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଗ୍ରହଣ କରିଥିଲେ। ଉକ୍ତ ରିପୋର୍ଟରୁ ଚକିତ କରିଦେବା ଭଳି ତଥ୍ୟ ମିଳିଛି। ଶୁଣାଣି ସମ୍ପର୍କରେ ନ କହିବା ଭଲ। ବର୍ଷକରେ ମାତ୍ର ୨୦% ମାମଲାର ବିଚାର ହୋଇପାରିଛି। ପୀଡ଼ିତାଙ୍କୁ ସହାୟତା ଦେବା ପାଇଁ କାହାକୁ ଦାୟିତ୍ୱ ଦିଆଯାଇ ନାହିଁ କିମ୍ବା ସେମାନଙ୍କୁ କ୍ଷତିପୂରଣ ମଧ ମିଳିନାହିଁ। ପ୍ରାୟ ଦୁଇ-ତୃତୀୟାଂଶ ମାମଲା ବର୍ଷାଧିକ ସମୟ ଧରି ପଡ଼ିରହିଛି। ତେଣୁ ପୋକ୍ସୋ ଆଇନ ଅନୁସାରେ ଶିଶୁଙ୍କ ବିରୋଧରେ ଯୌନ ଅପରାଧ ମାମଲାଗୁଡ଼ିକର ଶୁଣାଣି ବର୍ଷକ ମଧ୍ୟରେ ଶେଷ କରିବାକୁ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ନେଇ ଗଠିତ ଖଣ୍ଡପୀଠ କହିଥିଲେ।

# ହତ୍ୟାର ତୃତୀୟ କାରଣ ପ୍ରେମ

**ନୂଆଦିଲ୍ଲୀ,୧୯।୧୧**

ଭାରତରେ ହତ୍ୟାର ତୃତୀୟ ବଡ଼ କାରଣ ହେଉଛି ପ୍ରେମ ବ୍ୟାପାର। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟାନୁସାରେ ୨୦୦୧ରୁ ୨୦୦୭ ମଧ୍ୟରେ ପ୍ରେମକୁ ନେଇ ହତ୍ୟାକାଣ୍ଡ ସବୁଠୁ ବେଶି ବୃଦ୍ଧି ପାଇଛି। ବିଶ୍ୱର ଅଧିକାଂଶ ଦେଶ ଭଳି ଭାରତରେ ମଧ ହତ୍ୟାର ହାର ବିଗତ କିଛି ବର୍ଷ ମଧ୍ୟରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। କିନ୍ତୁ ଯେତିକି ହତ୍ୟାକାଣ୍ଡ ଘଟୁଛି ତା' ପଛରେ ତୃତୀୟ ମୁଖ୍ୟ କାରଣ ସାଜିଛି ପ୍ରେମ ବ୍ୟାପାର। ନିକଟରେ ଜାରି ହୋଇଥିବା ଏନ୍‌ସିଆର୍‌ବି ତଥ୍ୟରୁ ଜଣାପଡ଼ିଛି ଯେ, ୨୦୦୧ରେ ୩୬,୨୦୨ ହତ୍ୟା ମାମଲା ରୁଜୁ ହୋଇଥିଲା। କିନ୍ତୁ ୨୦୧୭ ବେଳକୁ ଏହି ସଂଖ୍ୟା ୨୮,୬୫୩କୁ ଖସିଯାଇଥିଲା। ଅର୍ଥାତ୍ ଏହି ଅବଧି ମଧ୍ୟରେ ହତ୍ୟା ମାମଲା ୨୧% ହ୍ରାସ ପାଇଥିଲା। ଏହି ହତ୍ୟାକାଣ୍ଡଗୁଡ଼ିକ ପଛର କାରଣ ବ୍ୟକ୍ତିଗତ ଶତ୍ରୁତା ୪.୩% ଏବଂ ସମ୍ପତ୍ତି ବିବାଦ ୧୨% ଦାୟୀ। ସେହିପରି ପ୍ରେମ ବ୍ୟାପାର ଓ ଅନୈତିକ ସମ୍ପର୍କ ଯୋଗୁ ୨୮% ହତ୍ୟାକାଣ୍ଡ ଘଟିଥିବା ଏନ୍‌ସିଆର୍‌ବି ରିପୋର୍ଟର ବିଶ୍ଳେଷଣରୁ ଜଣାପଡ଼ିଛି।



### ୧୪ ରାଜ୍ୟରେ ନଂ.୧ ହତ୍ୟାକାରୀ ପ୍ରେମ

୨୦୧୭ରେ ଅବିଭକ୍ତ ଆନ୍ଧ୍ରପ୍ରଦେଶରେ ହାରାହାରି ୩୮୪ ଲୋକ ପ୍ରେମଜନିତ ହିଂସା କାରଣରୁ ହତ୍ୟାର ଶିକାର ହୋଇଛନ୍ତି। ଅର୍ଥାତ୍ ଆନ୍ଧ୍ର ଓ ତେଲଙ୍ଗାନାରେ ଦିନକୁ ଅନ୍ୟୂନ ଜଣଙ୍କ ଜୀବନ ପ୍ରେମ ଯୋଗୁ ଯାଉଛି।

### ସବୁଠୁ ଆଗରେ ଉତ୍ତରପ୍ରଦେଶ

ପ୍ରେମଜନିତ ହତ୍ୟାକାଣ୍ଡରେ ଦେଶରେ ସବୁଠୁ ଆଗରେ ରହିଛି ଉତ୍ତରପ୍ରଦେଶ। ଏହା ପଛକୁ ରହିଛି ତାମିଲନାଡୁ, କର୍ନାଟକ ଓ ଦିଲ୍ଲୀ। ଅଧିକାଂଶ ରାଜ୍ୟରେ ପ୍ରେମ ବ୍ୟାପାର ହତ୍ୟା ପଛର ତୃତୀୟ କିମ୍ବା ଚତୁର୍ଥ ବଡ଼ କାରଣ। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ଛତିଶଗଡ଼, ଓଡ଼ିଶା, ମଧ୍ୟପ୍ରଦେଶ, ହରିୟାଣା, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ ଓ ଆସାମ।

### କେରଳ, ପଶ୍ଚିମବଙ୍ଗରେ ସବୁଠୁ କମ୍

କେରଳ ଓ ପଶ୍ଚିମବଙ୍ଗରେ ଯେତିକି ହତ୍ୟାକାଣ୍ଡ ଘଟୁଛି ତା'ର ଟପ୍ ୫ କାରଣ ମଧ୍ୟରେ ପ୍ରେମ ରହିଛି। ଏହାସତ୍ତ୍ୱେ ଏହି ଦୁଇ ରାଜ୍ୟରେ ସବୁଠୁ କମ୍ ପ୍ରେମଜନିତ ହତ୍ୟାକାଣ୍ଡ ଘଟିଛି।

### ଅନର୍ କିଲିଂ: ୨୦୧୬ରେ ୭୧, ୨୦୧୭ରେ ୯୨

ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂଚନା ମୁତାବକ ପ୍ରେମକୁ ନେଇ ହତ୍ୟାର ମୁଖ୍ୟ କାରଣ ହେଉଛି ତ୍ରିକୋଣୀୟ ପ୍ରେମ ବା ଅନୈତିକ ସମ୍ପର୍କ। ସେହିପରି ଅନର୍ କିଲିଂ ମଧ ଏହାର ଅନ୍ୟତମ ପ୍ରମୁଖ କାରଣ। ୨୦୧୬ରେ ସମ୍ମାନ ପାଇଁ ୭୧ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ୨୦୧୭ରେ ଅନରକିଲିଂ ଯୋଗୁ ୯୨ ଜଣଙ୍କ ଜୀବନ ଯାଇଥିଲା। ଭିନ୍ନ ଜାତି, ବର୍ଗ ଓ ଧର୍ମରେ ବିବାହ ଯୋଗୁ ପ୍ରେମୀ ଯୁଗଳ ପରିବାର ଏବଂ ସମ୍ପର୍କୀୟ ଲୋକଙ୍କ ହତ୍ୟାର ଶିକାର ହେଉଛନ୍ତି।

# ବାଚସ୍ପତି ନିରପେକ୍ଷ ହେବା ଜରୁରୀ: ବିରୋଧୀ ଦଳ ନେତା

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

- ଭୁଲ ସ୍ୱୀକାର କଲେ ବାଚସ୍ପତି
- ମୋଦିଙ୍କର ବିଜେଡିକୁ ପ୍ରଶଂସା ପରେ ଭାଜପା ଚୁପ୍
- ସ୍ମିତାରାଣୀ ମୃତ୍ୟୁ ରହସ୍ୟ
- ଭାଜପାର ଅଭିଯୋଗ: ୪ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି କିଏ



ଯାଜପୁର ଜିଲା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ସ୍ମିତାରାଣୀଙ୍କ ମୃତ୍ୟୁକୁ ନେଇ ଭାଜପା ଚଳିତ ଅଧିବେଶନ ଆରମ୍ଭରୁ ତୁମ୍ବିତୋଫାନ କରୁଥିଲା। ସୋମବାର ବାଚସ୍ପତି ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ ସୁଯୋଗ ଦେଇ ନ ଥିଲେ। ପଏଣ୍ଟ ଅଫ ଅର୍ଡର ଜରିଆରେ ସେ କହିବା ଆରମ୍ଭ କରିବା ମାତ୍ରେ ବାଚସ୍ପତି ଗୃହକୁ ତୁରନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ବାଚସ୍ପତିଙ୍କ ଗୃହ ପରିଚାଳନାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ପ୍ରଦୀପ୍ତ ସୋମବାର ସନ୍ଧ୍ୟାରେ ଗୃହ ଚଳାଇ ଦେବେ ନାହିଁ ବୋଲି ଚେତାବନୀ ଦେଲେ। ହେଲେ ରାତି ପାହିବା ବେଳକୁ ସବୁ କିଛି ଓଲଟା। ବିରୋଧୀ ଦଳ ନେତାଙ୍କର ଆଉ ସେ ଟାଣ ନ ଥିଲା କି ଭାଜପା ସଦସ୍ୟମାନଙ୍କର ବିରୋଧ ବି ନ ଥିଲା। ଗୃହ କାର୍ଯ୍ୟରେ ଭାଜପା ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଧ୍ୟ ନିଜର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିଥିଲେ। ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିବାରୁ ଭୁଲ ହୋଇଥିବା ସ୍ୱୀକାର କରିଥିଲେ। ଏହାକୁ ନେଇ ଉଭୟ ଭାଜପା ଓ ବିଜେଡିକୁ କଂଗ୍ରେସ ସମାଲୋଚନା କରିଛି।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି କଂଗ୍ରେସ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ଏହା ପରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ଡାକିଥିଲେ। ବିରୋଧୀ ଦଳ ନେତା କହିବା ପୂର୍ବରୁ ବାଚସ୍ପତି ନିଜର ଭୁଲ ସ୍ୱୀକାର କଲେ। ସେ କହିଲେ ଗତକାଲି ଗୃହରେ ସୂଚିତ କାର୍ଯ୍ୟକ୍ରମ ଶେଷ ହେବା ପୂର୍ବରୁ ଗୃହ କାର୍ଯ୍ୟକ୍ରମ ବନ୍ଦ କରି ଦେଇଥିଲି। ପଏଣ୍ଟ ଅଫ୍ ଅର୍ଡର ଜରିଆରେ ବିରୋଧୀ ଦଳ ନେତା କିଛି କହିବାକୁ ଚେଷ୍ଟା କରିଥିଲେ। ତାଙ୍କ ମନୋଭାବ ଠିକ୍‌ରେ ମୁଁ ବୁଝିପାରି ନ ଥିଲି। ମୋର ଭୁଲ ହୋଇଥିଲା। କହିବାକୁ ସୁଯୋଗ ନ ଦେବା ମୋର ଉଦ୍ଦେଶ୍ୟ ନ ଥିଲା ବୋଲି ବାଚସ୍ପତି କହିଥିଲେ। ଏହି ସମୟରେ ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କହିଲେ ସାର୍ ଆପଣ ଭୁଲ ମାଗିଲେ। ବାଚସ୍ପତି କହିଲେ ଭୁଲ ହୋଇଥିଲେ ସ୍ୱୀକାର କରିବାରେ କିଛି ଅସୁବିଧା ନାହିଁ।

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ ଯେ ପାର୍ଲାମେଣ୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀ ବିରୋଧୀ ଦଳରେ ଥିବାବେଳେ ତତ୍କାଳୀନ ଲୋକ ସଭା ବାଚସ୍ପତି ବଳରାମ ଝାକର ତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିଲେ। ସେହି ସମୟରେ ବାଜପେୟୀ କହିଥିଲେ, ଶାସକ ଦଳ ସଂଖ୍ୟା ବଳରେ ସରକାର ଚଳାଇପାରିବେ। ମାତ୍ର ବିରୋଧୀଙ୍କୁ ଅଣଦେଖା କରି ଗୃହ ଚଳାଇପାରିବେ ନାହିଁ। ମୁଁ ଗତକାଲି ମୋର ବକ୍ତବ୍ୟ ଆରମ୍ଭ କରୁ କରୁ ବାଚସ୍ପତି ଗୃହକୁ ବନ୍ଦ କରିଥିଲେ। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବିଧାନସଭା ଚାଲିଛି। ଗୃହ କାର୍ଯ୍ୟରେ ବିଭ୍ରାଟ ନ ହେବା ପାଇଁ ଆମେ ଗାନ୍ଧୀମୂର୍ତ୍ତି ତଳେ ବସି ନୀରବ ପ୍ରତିବାଦ କରିଥିଲୁ। ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ ନିଜ ନିରପେକ୍ଷତା ପାଇଁ ଦଳକୁ ଛାଡିଥିଲେ। ବାଚସ୍ପତି କୌଣସି ଦଳର ନୁହନ୍ତି, ଗୃହର ସମସ୍ତ ସଦସ୍ୟଙ୍କ ପାଇଁ ନିରପେକ୍ଷତା ଅବଲମ୍ବନ କରିଥାନ୍ତି। ମାତ୍ର ଆପଣ କେବଳ ନିଜ ଦଳୀୟ ମନୋଭାବ ରଖୁଛନ୍ତି। ଏହାକୁ ଆମେ ନିନ୍ଦା କରୁଛୁ। ଗୃହରେ ମୋର ଯେତିକି କହିବାର ଅଧିକାର, ନରସିଂହ ବାବୁ ଏବଂ ଲକ୍ଷ୍ମଣ ମଣ୍ଡାଙ୍କର ମଧ୍ୟ ସେତିକି ଅଧିକାର ଅଛି। ନରସିଂହ ମିଶ୍ର, ଭୂପିନ୍ଦର ସିଂ, ବିଜୁ ପଟ୍ଟନାୟକ ଏବଂ ଜାନକୀ ପଟ୍ଟନାୟକ ବିରୋଧୀ ଦଳର ନେତା ଥିଲେ। ମୋତେ କମ୍ ବୟସରେ ସେହି ସୁଯୋଗ ମିଳିଛି।

ସ୍ମିତାରାଣୀ ପ୍ରସଙ୍ଗ ଉଠାଇ ପ୍ରଦୀପ୍ତ କହିଲେ ଯେ ସ୍ୱାମୀ ଡ୍ୟୁଟିରେ ଥିବାବେଳେ ସେ ଆତ୍ମହତ୍ୟା କରିବା ଗ୍ରହଣୀୟ ନୁହେଁ। ଏଥିରେ ଜଡିତ ୫ଜଣଙ୍କ ମଧ୍ୟରୁ ମାତ୍ର ଜଣଙ୍କୁ ଗିରଫ କରାଯାଇଛି। ଦୁଇଜଣ ସମିତି ସଭ୍ୟ, ଜଣେ ଜିଲା ପରିଷଦ ସଭ୍ୟ ଏବଂ ରାମ୍‌କୋ ସିମେଣ୍ଟ କମ୍ପାନୀର ଜଣେ ଅଧିକାରୀଙ୍କୁ ଏ ପର୍ଯ୍ୟନ୍ତ କାହିଁକି ଗିରଫ କରାଯାଇ ନାହିଁ। ଆତ୍ମହତ୍ୟା ପରେ ରୂପେଶ ଭଦ୍ରାଙ୍କୁ ହସ୍ପିଟାଲ ନେବା ପାଇଁ କିଏ ଅନୁମତି ଦେଇଥିଲେ। ଆତ୍ମହତ୍ୟା ବେଳେ କବାଟ ବନ୍ଦ ଥିଲା କି ନାହିଁ ତାହା ତଦନ୍ତ ହେବା ଦରକାର। ଯାଜପୁର ଏସ୍‌ପି ମୃତକଙ୍କ ନାମରେ ଆପତ୍ତିଜନକ ମନ୍ତବ୍ୟ ଦେଲେ। ସେହି ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉନାହିଁ। ରାଜ୍ୟ ମହିଳା କମିଶନର ସ୍ମିତାରାଣୀଙ୍କ ପରିବାର ସଦସ୍ୟଙ୍କୁ ନ ପଚାରି ହତ୍ୟା ଅଭିଯୁକ୍ତଙ୍କୁ ଯାଇ କାହିଁକି ଭେଟିଲେ। ପଦ୍ମପୁରଠାରୁ ଆରମ୍ଭ କରି କୁନ୍ଦୁଲି, ପିପିଲି ସମସ୍ତ ଘଟଣାକୁ ଚାପି ଦିଆଯାଇଛି। ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ଆଇନ ତା ବାଟରେ ଯିବ ବୋଲି କହୁଛନ୍ତି। ଆଇନ କେଉଁ ବାଟରେ ଯାଉଛି। ଅଭିଯୁକ୍ତଙ୍କୁ ୩୦୨ ଦଫାରେ ଗିରଫ କରା ନ ଯାଇ ୩୦୬ରେ କରାଯାଉଛି। କଂଗ୍ରେସ ସରକାର ଦୁର୍ନୀତିଗ୍ରସ୍ତ ହୋଇଥିଲେ ମଧ୍ୟ ଏଭଳି ଘଟଣା କେବେ ଘଟି ନ ଥିଲା। ଅଞ୍ଜନା ପାଇଁ କଂଗ୍ରେସ ଶାସନରୁ ଚାଲିଗଲା। ଏତେ ଘଟଣା ପରେ ବିଜେଡିକୁ ଲୋକମାନେ କିପରି ଭୋଟ ଦେଉଛନ୍ତି ତାହା ବୁଝାପଡୁ ନାହିଁ। ସ୍ମିତାରାଣୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

ବିଜେଡି ସଭ୍ୟ ଅମର ଶତପଥୀ ଗୃହ ପରିଚାଳନାରେ ବିରୋଧୀ ଦଳଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଚଳିତ ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିଥିଲେ। ବିଜେଡି ବିରୋଧୀ ଦଳରେ ଥିଲେ ମଧ୍ୟ ଗୃହ ମଧ୍ୟରେ ହୋହଲ୍ଲା କରିନାହିଁ। ସେଥିପାଇଁ ପ୍ରଧାନମନ୍ତ୍ରୀ ବିଜେଡିକୁ ପ୍ରଶଂସା କରିଛନ୍ତି। କେବଳ ପ୍ରଶଂସା କରିନାହାନ୍ତି, ବିରୋଧୀ ଦଳର ଭୂମିକା କେମିତି ହେବା ଦରକାର ସେନେଇ ମଧ୍ୟ ସୂଚାଇଛନ୍ତି। ପ୍ରଶ୍ନ ବାହାରେ ଅନେକ ଆଲୋଚନା ହେଉଥିବାରୁ ନୂଆ ବିଧାୟକମାନେ କହିବାକୁ ସୁଯୋଗ ପାଉନାହାନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିରୋଧୀ ଦଳର ଉପନେତା ବିଷ୍ଣୁଚରଣ ସେଠୀ ଅମରଙ୍କୁ ଆକ୍ଷେପ କରି କହିଲେ ଯେ ବିଗତ ଅଧିବେଶନରେ ଆପଣ ମଧ୍ୟ ବାଚସ୍ପତିଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଗୃହ ଯେମିତି ପରିଚାଳନା ହେଉଛି, ତାହା ସମସ୍ତେ ଜାଣନ୍ତି। ଗୃହ କାର୍ଯ୍ୟ ନଷ୍ଟ ନ ହେବ ବୋଲି ଆମେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲୁ। ପ୍ରଧାନମନ୍ତ୍ରୀଙ୍କ କଥାକୁ ନେଇ ବିଜେଡି ସାର୍ଟିଫିକେଟ୍ ଗୋଟାଉ ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ପ୍ରଧାନମନ୍ତ୍ରୀ ବିଜେଡିକୁ ପ୍ରଶଂସା କରିବା ପରେ ଏତେ ଚିତ୍କାର କରୁଥିବା ଭାଜପା ସଦସ୍ୟମାନେ ପୂରା ଚୁପ ହୋଇ ଯାଇଛନ୍ତି।

## ଜିଲା ଚିଠି
### ଯାଜପୁର



## ଉପୁରିଆ ବିକାଶ

ପ୍ରକୃତି ଦତ୍ତ ନଦୀ, ନାଳ ପ୍ରଭୃତି ଜଳଉତ୍ସ ଯାଜପୁରରେ ଭରପୂର ରହିଛି। ଜିଲାର ସୁକିନ୍ଦା, ଦାନଗଦୀ, ଧର୍ମଶାଳା, ରସୁଲପୁର, ବରୀ ଓ ଯାଜପୁର ବ୍ଲକ ଦେଇ ବ୍ରାହ୍ମଣୀ ଓ ଖରସ୍ରୋତା, କୋରେଇ, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଦେଇ ବୈତରଣୀ ଓ ଏହାର ଶାଖା ନଦୀ ପ୍ରବାହିତ ହେଉଛି। ବାକି ବଡ଼ଚଣା ବ୍ଲକକୁ ବିରୂପା ଓ କେଲୁଅ, କୁଶେଇ ଆଦି ନଦୀ ଲାଗିଛି। ଏହାବାଦ ଛୋଟବଡ଼ ଝରଣା ପ୍ରବାହିତ ହେଉଛି। ବ୍ରିଟିଶ ଅମଳରୁ ନିର୍ମିତ ବୈତରଣୀ-ବୁଢ଼ା ଆନିକଟ ଦ୍ୱାରା ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ମାତ୍ର ୧୩,୦୯୯ ହେକ୍ଟର ଜମିରେ ଜଳସେଚନ ହୋଇ ଆସୁଥିବା ଦାବି କରାଯାଉଛି। ଏହାବାଦ ଜଗତପୁର-ଜେନାପୁର କେନାଲ ସାହାଯ୍ୟରେ ୯,୦୭୪ ହେକ୍ଟର ଜମିରେ ଖରିଫ ଋତୁରେ ପାଣି ମାଡିଥାଏ। ଜିଲାର ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୬୬,୬୧୩ ହେକ୍ଟର ଏବଂ ରବି ଋତୁରେ ୩୮,୦୫୪ ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଶତାଧିକ କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନ ପ୍ରକଳ୍ପ କାମରେ ଆସୁନାହିଁ। ଜଳସେଚନ କ୍ଷେତ୍ରକୁ ଅବଲୋକନ କଲେ ଏହା କେବଳ ଉପୁରିଆ ବିକାଶ ବୋଲି ସହଜେ ଅନୁମେୟ। କୋର ନେଟୱାର୍କ ହିସାବରେ ଯାଜପୁର ଜିଲାର ମୋଟ ୧୭୮୧ ରୁ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡକ ସଂଯୋଗ କରିବା ପାଇଁ ବାକି ଅଛି। ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ଼ ସେହି ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି। କିନ୍ତୁ ଦୁର୍ବଳ ନେତୃତ୍ୱ ତଥା ଠିକାଦାରି ରାଜନୀତି ବିକାଶର ଧାରାକୁ ପଛକୁ ପକାଇ ଦେଇଥିବାବେଳେ ଉପୁରିଆ ବିକାଶ କଥା କହି ବାହୁସ୍ଫୋଟ ମାରିବା ଏଠାରେ ସାର ହେଉଛି। ଫଳରେ ଏବେବି ଜିଲାର ଅଧିକାଂଶ ଅଞ୍ଚଳରେ ଲୋକଙ୍କ ଜୀବନଧାରଣ ମାନରେ ସେତେଟା ଉନ୍ନତି ପରିଲକ୍ଷିତ ହୋଇନାହିଁ। ଜିଲାର ପ୍ରତିନିଧିତ୍ୱ କରୁଥିବା ରାଜନୈତିକ ନେତୃବର୍ଗ ଏବଂ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଓ ଆନ୍ତରିକତା ଅଭାବ ଯୋଗୁ ଜିଲାର ବିକାଶ ପରାହତ ହେଉଛି। ଦାୟିତ୍ୱରେ ଥିବା ଅଧିକାଂଶ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିରେ ବୁଡି ରହିଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସରକାରଙ୍କ ୫-ଟି ଆଇନ ସେଭଳି ଢଙ୍ଗରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ଉପୁରିଆ ବିକାଶ କଥା ଆଳରେ ବାସ୍ତବ ବିକାଶର ଧାରା ପଛକୁ ଠେଲି ହୋଇ ଯାଉଛି।

- ହର୍ଷବର୍ଦ୍ଧନ ବେହେରା

# ଚାକିରି କରାଇଦେବାକୁ କହି ୪୮ ଲକ୍ଷ ଟଙ୍କା ଠକେଇ

ରଣପୁର,୧୯।୧୧(ସ୍ୱ.ପ୍ର.)

- ନକଲି ଭିଜା, ଫ୍ଲାଇଟ୍ ଟିକେଟ ଦେଇ ଫସିଲେ ୩ କର୍ମଚାରୀ
- ଏୟାରପୋର୍ଟରୁ ୩ କର୍ମଚାରୀଙ୍କୁ ଉଠାଇନେଲେ ଯୁବକ

ମାଲେସିଆରେ ଚାକିରି କରାଇଦେବାକୁ କହି ୪୮ ଲକ୍ଷ ଟଙ୍କା ଠକେଇ ହୋଇଛି। ନୟାଗଡ଼ ଜିଲା ରଣପୁର ବ୍ଲକ, ଖୋର୍ଦ୍ଧା ଜିଲା ବାଣପୁର, ବାଲୁଗାଁ ଅଞ୍ଚଳର ପ୍ରାୟ ୬୦ ଜଣ ଯୁବକ ଏହି ଠକେଇର ଶିକାର ହୋଇଛନ୍ତି। ନକଲି ଭିଜା ଓ ଫ୍ଲାଇଟ୍ ଟିକେଟ ଦେଇ ଖସିଯାଉଥିବା ୩ କର୍ମଚାରୀଙ୍କୁ ବେକାର ଯୁବକମାନେ ଭୁବନେଶ୍ୱର ଏୟାରପୋର୍ଟରୁ ଉଠାଇଆଣି ରଣପୁର ଅଞ୍ଚଳରେ ଅଟକ ରଖିଛନ୍ତି। ହେଲେ ଏ ନେଇ ରଣପୁର ଥାନା ପୋଲିସ କିମ୍ବା କମିଶନରେଟ ପୋଲିସ ପାଖରେ ଖବର ନାହିଁ। ଧରପଗଡକୁ ଆଖିଆଗରେ ରଖି ବେକାର ଯୁବକମାନେ ଅଟକ ୩ କର୍ମଚାରୀଙ୍କ ବାରମ୍ବାର ସ୍ଥାନ ବଦଳାଉଥିବା ଜଣାପଡିଛି।

ପ୍ରାପ୍ତ ସୂଚନା ଅନୁସାରେ ରଣପୁର ବ୍ଲକର ୧୭, ନୟାଗଡ଼ ବ୍ଲକର ୧୫, ବାଣପୁର, ବାଲୁଗାଁ ଅଞ୍ଚଳର ୨୮ ଏପରି ମୋଟରେ ୬୦ ଜଣ ଯୁବକ ମାଲେସିଆରେ ଚାକିରି କରିବା ପାଇଁ ୮୦ ହଜାର ଟଙ୍କା ଲେଖାଏ ନୟାଗଡ଼ର ଜଣେ ଦଲାଲଙ୍କୁ ଦେଇଥିଲେ। ସୋମବାର ରାତିରେ ଏହି ଯୁବକମାନେ ଫ୍ଲାଇଟ୍‌ରେ ମାଲେସିଆ ଯିବାର ଥିଲା। ଏଣୁ ଯୁବକମାନେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିଥିଲେ। ରାତି ପ୍ରାୟ ୧୦ଟାରେ ସେମାନଙ୍କୁ ସମ୍ପୃକ୍ତ ଦଲାଲଙ୍କ ୩ଜଣ କର୍ମଚାରୀ ଭେଟି ଭିସା ଓ ଫ୍ଲାଇଟ ଟିକେଟ୍ ଦେଇଥିଲେ। ତେବେ ଭିସାକୁ ଦେଖି କେତେଜଣ ଯୁବକଙ୍କ ସନ୍ଦେହ ହୋଇଥିଲା। ସେହିପରି ରାତି ୧ଟାରେ ଯେଉଁ ଫ୍ଲାଇଟ୍ ଟିକେଟ କରାଯାଇଥିଲା ତାହା ମଧ୍ୟ ସନ୍ଦେହଘେରକୁ ଆସିଥିଲା। ସେ ସମୟରେ ମାଲେସିଆକୁ କୌଣସି ଫ୍ଲାଇଟ୍ ଯାଉ ନ ଥିଲା। ଭିସା ଓ ଫ୍ଲାଇଟ ଟିକେଟ ନକଲି ବୋଲି ଜଣାପଡିବା ପରେ ବେକାର ଯୁବକମାନେ ଉତ୍ତେଜିତ ହୋଇ ନୟାଗଡ ଅଞ୍ଚଳର ମ୍ୟାନେଜର, ସେଲସ୍ ମ୍ୟାନ ଓ ଆକାଉଣ୍ଟାଣ୍ଟ ପ୍ରମୁଖ ୩ କର୍ମଚାରୀଙ୍କୁ ଉଠାଇ ନେଇଥିଲେ। ସୋମବାର ବିଳମ୍ବିତ ରାତିରୁ ଏହି ୩ ଯୁବକ ଅଟକ ଅଛନ୍ତି। ଘଟଣାର ୧୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ପରିବାର ସଦସ୍ୟ ଓ ପୋଲିସ ଅନ୍ଧାରରେ ଅଛନ୍ତି। ଅନ୍ୟପକ୍ଷେ ଚାକିରି ପାଇବା ଆଶାରେ କିଏ ଜମି ବିକିଛି ତ ଆଉ କିଏ ସ୍ତ୍ରୀଙ୍କ ଗହଣା ବିକି ଟଙ୍କା ଦେଇଛି। କେତେଜଣ କରଜ କରି ଟଙ୍କା ଦେଇଥିବା କହିଛନ୍ତି। ଠକେଇର ଶିକାର ହେବା ପରେ ସେମାନେ ବାଧ ହୋଇ ୩ କର୍ମଚାରୀଙ୍କୁ ଅଟକ ରଖିଛନ୍ତି ବୋଲି ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ କୁହନ୍ତି, ଲିଖିତ ଅଭିଯୋଗ ହୋଇନି। ତେବେ ଅଟକ କର୍ମଚାରୀଙ୍କୁ ଉଦ୍ଧାର କରାଯିବା ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଏସ୍ଆଇଟି ତଦନ୍ତ ଉପରେ ଭରସା କରିପାରୁନାହାନ୍ତି ପରିବାର ଲୋକ

## କୁନ୍ଦୁଲି ଗଣବଳାତ୍କାର ମାମଲା

ଜୟପୁର, ୧୯।୧୧(ନି.ପ୍ର): କୁନ୍ଦୁଲି ଗଣବଳାତ୍କାର ମାମଲା ଆଜକୁ ୨ ବର୍ଷରୁ ଅଧିକ ସମୟ ବିତିଲାଣି। ହେଲେ ଏହାର ସତ୍ୟତା ଆଜିବି ଲୋକ ଲୋଚନକୁ ଆସିପାରିନାହିଁ। ଏହି ମାମଲାର ତଦନ୍ତ କରିବାକୁ ଏସ୍ଆଇଟି ଗଠନ କରାଯାଇଛି। ହେଲେ ଏହି ଏସ୍ଆଇଟି ଉପରେ ଭରସା ନାହିଁ ବୋଲି ମଙ୍ଗଳବାର ପୀଡ଼ିତାଙ୍କ ଖୁଡ଼ୀ ରାଧିକା ଖାତି ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ହେଲାଣି ଆମେ ସିବିଆଇ ତଦନ୍ତ ଦାବି କରି ଆସୁଛୁ। ପୀଡ଼ିତା ବଞ୍ଚିଥିବା ବେଳେ ତତ୍କାଳୀନ ଡିଆଇଜି ଏହି ଘଟଣାର ତଦନ୍ତ କରିଥିଲେ। ବର୍ତ୍ତମାନ ଝିଅ ଆତ୍ମହତ୍ୟା କରିଛି। ବାହାର ୩ ଜଣ ଡିଆଇଜି ଆସି ଆଉ ଅଧିକ କ'ଣ ତଦନ୍ତ କରିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସରକାରଙ୍କ ଲାଗି ଆମ ଝିଅର ଜୀବନ ଗଲା। ଝିଅ ବଞ୍ଚିଥିବା ବେଳେ ସରକାର ଚାହିଁଥିଲେ ସତ ବାହାରକୁ ଆଣି ପାରିଥାନ୍ତେ। ଇତିମଧ୍ୟରେ ଝିଅର ମୃତ୍ୟୁ ୨ ବର୍ଷ ବିତିଥିଲେ ମଧ୍ୟ ଏହାର ସତ୍ୟତା ପଦାକୁ ଆସୁ ବୋଲି ସରକାର ଚାହୁଁ ନାହାନ୍ତି। ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲେ, ଯାହାକୁ ଆମେ ଆରମ୍ଭ ରୁ ହିଁ ବିରୋଧ କରୁଥିଲୁ। ଉକ୍ତ ତଦନ୍ତକୁ ମଧ୍ୟ ହାଇକୋର୍ଟ ଠିକ୍ ହୋଇଥିବା ସ୍ପଷ୍ଟ କରିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ମାମଲାର ଶୁଣାଣି କରି ଏସଆଇଟି ଗଠନ କରିବାକୁ ରାଜ୍ୟ ସରକାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ପୀଡ଼ିତାଙ୍କ ଭାଇ ଭଗବାନ ପ୍ରଥମେ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ଲାଗି ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ,୨୦୧୭ ଅକ୍ଟୋବର ୧୦ରେ କୁନ୍ଦୁଲିଠାରେ ଜଣେ ନବମଶ୍ରେଣୀ ଛାତ୍ରୀଙ୍କୁ ୪ ଜଣ ଦୁର୍ବୃତ୍ତ ଯବାନ ପୋଷାକରେ ଗଣବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ନିଆଁ ଜଳିଥିଲା। ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ଘେରିଥିବା ବେଳେ ବିଭିନ୍ନ ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଘଟଣାକୁ ନିନ୍ଦା କରିବା ସହିତ ତ୍ୱରିତ ନ୍ୟାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



କ୍ଷୀରେଶ୍ୱର



ଶରତ



ମହେଶ୍ୱର



ସ୍ୱାଗତ



ସଚିନ୍ଦ୍ର



ସତ୍ୟଜିତ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)


ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦/-
Ph : 7894458655
(Call Timing : 12.00-6.00 ମଧ୍ୟରେ)

REQUIRED
A LEADING DETERGENT COMPANY
of Kanpur requires experience Sales Officer and Sales Executive for all District of Odisha.
Mail - psenterprise97@gmail.com
Contact : 9437004176, 7289899143

REQUIRED
For Accountant Qualification - Graduation in Commerce with PGDCA and 2 years Experienced in Accounts.
Age - 22 years on words
Contact No. 8249808851 7978388286

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Part Time / Full Time
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

REQUIREMENT
Sales Manager - 4 Nos.
For Bhubaneswar with Good Salary
Contact : 9778239557

ଆବଶ୍ୟକ "ଡିମାଣ୍ଡ ମସଲା" ଏବଂ "ଡିମାଣ୍ଡ ବଜାର" କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ/ପଞ୍ଚାୟତ ସ୍ତରୀୟ ଉଭୟ ପୁରୁଷ/ମହିଳା Stockist, Distributor, Business Development Manager, Sales Officer ଆବଶ୍ୟକ। ଦରମା: ଟ. ୧୦,୦୦୦/- ରୁ ଟ.୨୦,୦୦୦/- + ବୋନସ୍। ଶିକ୍ଷାଗତ ଯୋଗ୍ୟତା: ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ତଦୂର୍ଦ୍ଧ୍ୱ।
9938826988, 7064545450, 8338055696

WALK-IN-INTERVIEW
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ। ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ୍ୱ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

RAILWAY JOB
- SUPERVISORS (+2,+3) : Rs.15000/-
- SITE INCHARGE (+2,+3) : Rs.17000/-
10112/13/0017/1920

## ସଂକ୍ଷେପରେ

### କୋହଲିଙ୍କୁ ମିଳୁନି ଛୁଟି

**ନୂଆଦିଲ୍ଲୀ,୧୯।୧୧:** ଭାରତୀୟ ଅଧିନାୟକ ବିରାଟ କୋହଲି ବିଶ୍ୱର ଅନ୍ୟତମ ଫିଟ୍ କ୍ରିକେଟର। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ୩୧ ବର୍ଷୀୟ ବ୍ୟାଟ୍ସମ୍ୟାନ କଦାପି ୱାର୍କଆଉଟ ସେସନ ମିସ୍ କରନ୍ତି ନାହିଁ ଓ ସର୍ବଦା ନିଜ ଡାଏଟ୍‌ରେ ରୁହନ୍ତି। ବାଂଲାଦେଶ ବିପକ୍ଷ ଦିବାରାତ୍ର ଟେଷ୍ଟ ପୂର୍ବରୁ କୋହଲି ଜିମ୍‌ରେ କସରତ କରୁଥିବାବେଳର ଏକ ଭିଡିଓ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ଭାରତୀୟ ଅଧିନାୟକ ନିଜ ୮ ପ୍ୟାକ ଆବ୍ସ ଦେଖାଇ ପୁଲ ଅପ୍ସ କରୁଛନ୍ତି। ଏହାର କ୍ୟାପଶନରେ ସେ ଲେଖିଛନ୍ତି, ନୋ ଡେଜ ଅଫ୍। ଏହାର ଅର୍ଥ ଛୁଟି ମିଳୁନାହିଁ। ବାଂଲାଦେଶ ବିପକ୍ଷ ଇନ୍ଦୋର ଟେଷ୍ଟ ୩ ଦିନରେ ଶେଷ ହେଲା ପରେ ପିଙ୍କ ବଲ ଟେଷ୍ଟ ଲାଗି ପ୍ରସ୍ତୁତି ଚାଲିଛି। ଏହାସତ୍ତ୍ୱେ କୋହଲି ଜିମ୍‌ରେ ଝାଳ ବୁହାଉଛନ୍ତି।

### ଡେନମାର୍କ, ସୁଇଜରଲାଣ୍ଡକୁ ୟୁରୋ ଯୋଗ୍ୟତା

**ପ୍ୟାରିସ,୧୯।୧୧(ଏଏଫ୍‌ପି):** ଡେନମାର୍କ ଓ ସୁଇଜରଲାଣ୍ଡ ୟୁରୋ ୨୦୨୦ ଇଭେଣ୍ଟରେ ସ୍ଥାନ ପକ୍କା କରିଛନ୍ତି। ରବର୍ଟୋ ମାନସିନିଙ୍କ ଇଟାଲି ଦଳ ୮ ଗୋଲର ବୃହତ୍ ବିଜୟ ସହ ଯୋଗ୍ୟତା ପର୍ଯ୍ୟାୟ ଅଭିଯାନ ଶେଷ କରିଛି। ଆୟର୍ଲାଣ୍ଡକୁ ୨୪ ଦଳକୁ ନେଇ ଆଗାମୀ ବର୍ଷ ଅନୁଷ୍ଠିତ ହେବାକୁ ଥିବା ୟୁରୋପିଆନ ଚାମ୍ପିୟନଶିପ ଯୋଗ୍ୟତା ଅର୍ଜନ କରିବା ପାଇଁ ଡେନମାର୍କକୁ ହରାଇବାର ଥିଲା। କିନ୍ତୁ ମ୍ୟାଟ ହୋହର୍ଟି(୭୩ତମ ମିନିଟ୍)ଙ୍କ ଗୋଲ ଯୋଗୁ ମ୍ୟାଚ୍‌ରେ ଡେନମାର୍କ ଅଗ୍ରଣୀ ହାସଲ କରିଥିଲା। ମ୍ୟାଚ୍ ୮୫ତମ ମିନିଟ୍‌ରେ ମାର୍ଟିନ ବ୍ରାଥୱେଟ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର କରିଥିଲେ। ୧୯୯୨ ସଂସ୍କରଣ ଚାମ୍ପିୟନ ଡେନମାର୍କ ତା'ର ରାଜଧାନୀ କୋପେନ୍‌ହାଗେନଠାରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ। ସେଡ୍ରିକ ଇଟେନଙ୍କ ଡବଲ ଗୋଲ ବଳରେ ସୁଇଜରଲାଣ୍ଡ ୬-୧ ଗୋଲରେ ଦୁର୍ବଳ ଗିବ୍ରାଲ୍‌ଟରକୁ ହରାଇ ଦେଇଛି। ସେହିଭଳି ପୂର୍ବରୁ ଗ୍ରୁପ୍ -ଜେ'ରୁ ଯୋଗ୍ୟତା ହାସଲ କରିସାରିଥିବା ଇଟାଲି ୯-୧ର ବୃହତ୍ ବ୍ୟବଧାନରେ ଆର୍ମେନିଆକୁ ପରାସ୍ତ କରିଛି। ବିଜୟୀ ଦଳ ଲାଗି ୭ ଜଣ ଖେଳାଳି ସ୍କୋର କରିଥିଲେ।

### ଚଣ୍ଡିପ୍ରସାଦ ସଭାପତି, ସନ୍ତୋଷ ସମ୍ପାଦକ

**ଭୁବନେଶ୍ୱର, ୧୯।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଚଣ୍ଡିପ୍ରସାଦ ଦାସ ସଭାପତି, ଶକ୍ତିରଞ୍ଜନ ସ୍ୱାଇଁ ଉପସଭାପତି, ସନ୍ତୋଷ କୁମାର ଚୌଧୁରୀ ସମ୍ପାଦକ, ଦୀପ୍ତି ପ୍ରକାଶ ସୁବୁଦ୍ଧି ଯୁଗ୍ମ ସମ୍ପାଦକ, ଶ୍ରୀମନ୍ତ କୁମାର ମିଶ୍ର କୋଷାଧକ୍ଷ ଏବଂ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ବିଭାସ କୁମାର ପରିଡ଼ା କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି।



ମୁଁ ବଲର ଲେନ୍ଥରେ ପରିବର୍ତ୍ତନ କରିବା ଜାରି ରଖିବି ଯାହା ବ୍ୟାଟ୍ସମ୍ୟାନଙ୍କୁ ଅନୁମାନ କରିବାକୁ ବାଧ କରିବ।

—ମହମ୍ମଦ ଶାମି, ଭାରତୀୟ ଦ୍ରୁତ ବୋଲର



ଟେଷ୍ଟ କ୍ରିକେଟର ଲୋକପ୍ରିୟତା ଫେରାଇ ଆଣିବା ପାଇଁ ଦିବା ରାତ୍ର ଟେଷ୍ଟ ଏକମାତ୍ର ଉପାୟ ନୁହେଁ। କିନ୍ତୁ ଏହା କରାଯିବାର ଆବଶ୍ୟକତା ରହିଛି।

—ରାହୁଲ ଦ୍ରାବିଡ୍, ପୂର୍ବତନ ଭାରତୀୟ କ୍ରିକେଟର

# 'ରିଷ୍ଟ ସ୍ପିନରଙ୍କୁ ଫାଇଦା ମିଳିବ'

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ଭାରତ ଏହାର ସର୍ବପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟ କୋଲକାତାର ଇଡେନ ଗାର୍ଡେନରେ ଖେଳିବାକୁ ଯାଉଛି। ବାଂଲାଦେଶ ବିପକ୍ଷ ଏହି ଟେଷ୍ଟ ପିଙ୍କ୍‌ବଲ୍‌ରେ ଖେଳାଯିବ। ଫ୍ଲଡ୍‌ଲାଇଟ୍‌ରେ ପିଙ୍କ୍‌ବଲର ବ୍ୟବହାର କିପରି ରହିବ ଏହାକୁ ନେଇ ବିଭିନ୍ନ ପ୍ରକାର କଳ୍ପନା ଜଳ୍ପନା ପ୍ରକାଶ ପାଉଛି। ଏହି ଟେଷ୍ଟରେ ଫିଙ୍ଗର ସ୍ପିନରଙ୍କ ଅପେକ୍ଷା ରିଷ୍ଟ ସ୍ପିନର ଅଧିକ ଉପାଦେୟ ସାବ୍ୟସ୍ତ ହେବେ ବୋଲି ଅନୁଭବ କରୁଛନ୍ତି ଟିମ୍ ଇଣ୍ଡିଆ ସିନିୟର ଅଫ୍ ସ୍ପିନର ହରଭଜନ ସିଂ। ରିଷ୍ଟ ସ୍ପିନରଙ୍କୁ ଖେଳିବା ସହଜ ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ପିଙ୍କ୍‌ବଲ୍‌ରେ ବ୍ଲାକ୍ ଷ୍ଟିଚ୍ ରହିଥିବାରୁ ଏହାର ସିମ୍ ଧରିବା କଷ୍ଟସାଧ୍ୟ ହେବ। ତେଣୁ ଏ କ୍ଷେତ୍ରରେ ରିଷ୍ଟ ସ୍ପିନରମାନେ ଫାଇଦାରେ ରହିବେ ବୋଲି ସେ କହିଛନ୍ତି। ଭାରତୀୟ ଦଳରେ ଜଣେ ରିଷ୍ଟ ସ୍ପିନର କୁଲଦୀପ ଯାଦବ ରହିଛନ୍ତି। ତେବେ ହରଭଜନ ଚୟନ ପ୍ରକ୍ରିୟା ସମ୍ପର୍କରେ କିଛି କହିବାକୁ ଚାହିଁନାହାନ୍ତି। "କେଉଁମାନେ ଦଳରେ ଚୟନ ହେବେ ତାହା ଟିମ୍ ମ୍ୟାନେଜମେଣ୍ଟ ସ୍ଥିର କରିବ। ତା' ଉପରେ ମୁଁ କିଛି ମନ୍ତବ୍ୟଦେବା ଠିକ୍ ହେବନାହିଁ। ତେବେ ସ୍ପିନରମାନେ ସେମାନଙ୍କ ଖେଳ ଦେଖାଇବା ପୂର୍ବରୁ ଦ୍ରୁତ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ଭାରତୀୟ ସିମରଙ୍କୁ ମୁକାବିଲା କରିବାକୁ ପଡ଼ିବ"



ବୋଲି ହରଭଜନ କହିଛନ୍ତି। ୩ଟା ୩୦ରୁ ୪ଟା ୩୦ ମଧ୍ୟରେ କୋଲକାତାରେ ସୂର୍ଯ୍ୟାସ୍ତ ହୋଇଥାଏ। ଏହି ସମୟରେ ଦ୍ରୁତବୋଲରମାନେ ସର୍ବାଧିକ କ୍ଷତି ଘଟାଇ ଥାଆନ୍ତି। ଭବିଷ୍ୟତରେ ଦିବାରାତ୍ର ଟେଷ୍ଟ ଖେଳିବା ଜାରିରଖିବାକୁ ହେଲେ ଆମକୁ ସ୍ପିନରଙ୍କ ସମ୍ପର୍କରେ ଅଧିକ ଭାବିବାକୁ ପଡ଼ିବ ବୋଲି ସେ କହିଛନ୍ତି।

୨୦୧୬ ଦୁଲିପ ଟ୍ରଫି ପିଙ୍କ୍‌ବଲ୍‌ରେ ଖେଳାଯାଇଥିଲା। ଏଥିରେ କୁଲଦୀପ କିପରି ଘାତକ ସାବ୍ୟସ୍ତ ହୋଇଥିଲେ ତାହାକୁ ମନେ ପକାଇଛନ୍ତି ଏହି ଅଭିଜ୍ଞ ସ୍ପିନର। "୨୦୧୬ ଦୁଲିପ ଟ୍ରଫିରେ କେହି ଜଣେ ମଧ୍ୟ କୁଲଦୀପଙ୍କ ବୋଲିଂକୁ ଠିକ୍‌ଭାବେ ବୁଝିପାରି ନ ଥିଲେ। ଏହି ସଂସ୍କରଣରେ ଲେଗ୍ ସ୍ପିନରମାନେ ଅଧିକ ଉଇକେଟ ପାଇଥିଲେ। ଜଣେ ଫିଙ୍ଗର ସ୍ପିନର ବୋଲିଂ କଲାବେଳେ ବଲ୍ ସିମ୍ ସହିତ ରିଲିଜ୍ ହୋଇଥାଏ। ତେଣୁ ସେଥିରୁ ଟର୍ନ ଓ ବାଉନ୍ସ ମିଳିଥାଏ। ବୋଲର ଗୁଗ୍ଲି ବୋଲିଂ କଲାବେଳେ ସିମ୍ ଧରିବା କଷ୍ଟସାଧ୍ୟ ହୋଇଯାଇଥାଏ। ତେବେ ଫିଙ୍ଗର ସ୍ପିନର ହୋଇଥିଲେ ହେଁ ମୁଥୟା ମୁରଲୀଧରନ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ସେ ପିଙ୍କ୍ ବଲ୍‌ରେ ମଧ୍ୟ ସଫଳତା ପାଇଥାନ୍ତି। କାରଣ ସେ ଭିଡ଼ାଓଟରା ହୋଇଯାଇଥିବା ସିମ୍ ସହାୟତାରେ ଅଫ୍ ସ୍ପିନ ଏବଂ ଦୁସ୍‌ରା ବୋଲିଂ କରିପାରନ୍ତି" ବୋଲି ସେ କହିଛନ୍ତି।

ପିଙ୍କ୍ ଏସ୍‌ଜି ବଲ୍ ସ୍ପିନରଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ। କାରଣ ଲାଇଟ୍‌ରେ ଏହା ପରିଷ୍କାର ଦେଖା ଯିବାପାଇଁ ଗାଢ଼ା ରଙ୍ଗର ପ୍ରଲେପ ବ୍ୟବହାର କରାଯାଇଥାଏ। ଗାଢ଼ା ରଙ୍ଗ ଅର୍ଥ ବଲ୍‌ର ଗ୍ରୀପ୍ ଭଲ ରହି ନ ଥାଏ। ଏ କ୍ଷେତ୍ରରେ ଫିଙ୍ଗର ସ୍ପିନରଙ୍କ ହାତରୁ ବଲ୍ ଖସିଯିବାର ସମ୍ଭାବନା ଥାଏ। କାକର ସମୟରେ ଧଳା ବଲ୍ ଓ ପିଙ୍କ୍ ବଲ୍‌ରେ ବୋଲିଂର ପାର୍ଥକ୍ୟ ସମ୍ପର୍କରେ ସେ କହିଲେ ଯେ, ଦିବାରାତ୍ର ଗେମ୍ସରେ ଧଳା ବଲ୍ ହାତରୁ ସାବୁନ ଖଣ୍ଡ ପରି ଖସିଥାଏ ବୋଲି ଅନେକଙ୍କ ଧାରଣା ରହିଛି। ମାତ୍ର ତାହା ଠିକ୍ ନୁହେଁ। ଧଳା ବଲ୍ ହାତରୁ ଖସିଥାଏ ତାହାର କାରଣ ହେଲା ତା ଉପରେ ଥିବା ଆସ୍ତରଣ ଛାଡ଼ି ଯାଇଥାଏ ଏବଂ ବଲ୍ ଓଜନିଆ ହୋଇ ଯାଇଥାଏ। ପିଙ୍କ୍ ବଲ୍‌ରେ ଅତିରିକ୍ତ ଆସ୍ତରଣ ଥିବାରୁ ଏହା ସହଜରେ ଛାଡ଼ି ନ ଥାଏ, ତେଣୁ ବଲ୍ ଓଜନିଆ ହୋଇ ନ ଥାଏ। ମାତ୍ର ଏହାର ଷ୍ଟିଚ୍ ଗୁଡ଼ିକ ଓଦା ହୋଇ ଯାଇଥାଏ, ଯାହାକି ଫିଙ୍ଗର ସ୍ପିନରଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ।

୫୦ କିମ୍ବା ୨୦ ଓଭର ଖେଳରେ ବଲ୍ ଓଦା ହୋଇଗଲେ ଲେନ୍ଥ ପରିବର୍ତ୍ତନ କରି ବ୍ୟାଟ୍ସମ୍ୟାନଙ୍କୁ ବ୍ୟାକ୍‌ଫୁଟ୍‌ରେ ଖେଳିବାକୁ ବାଧ କରାଯାଇପାରେ। ମାତ୍ର ଟେଷ୍ଟରେ ସେପରି ଫିଲ୍ଡ ସେଟିଂ କରାଯାଇପାରିବ ନାହିଁ। ବଲ୍‌କୁ ଠିକ୍‌ଭାବେ ପିଚ୍ କରାଇବାକୁ ପଡ଼ିବ। ଓଦା ସିମ୍‌ରେ ୬ଟି ବଲ୍‌କୁ ଗୋଟିଏ ସ୍ଥାନରେ ପିଚ୍ କରାଇବା ସହଜ କଥା ନୁହେଁ। ଘରୋଇ କ୍ରିକେଟରେ ପିଙ୍କ୍‌ବଲରେ ଅଧିକ ଗେମ୍ କରାଯିବା ଆବଶ୍ୟକ। ଏହା ହେଲେ ସ୍ପିନରମାନେ ପ୍ରଭାବୀ ହୋଇପାରିବେ। ରଣଜୀ ଟ୍ରଫିରେ ଶୀର୍ଷ ସ୍ଥାନୀୟ ଜାତୀୟ ଖେଳାଳିଙ୍କ ପାଇଁ ବିସିସିଆଇ ଏକ ୱିଣ୍ଡୋ ବାହାର କରିପାରିଲେ ସେମାନେ ଅଧିକ ଅଭିଜ୍ଞ ହୋଇପାରିବେ।

**ଦିବାରାତ୍ର ଟେଷ୍ଟ**

# ଗୋଧୂଳି ସମୟ ଗୁରୁତ୍ୱପୂର୍ଣ୍ଣ

**କୋଲକାତା, ୧୯।୧୧ (ପି.ଟି.):** ଦିବାରାତ୍ର ଟେଷ୍ଟରେ ପିଙ୍କ୍ ବଲ୍ ବ୍ୟବହାର ହେଉଥିବାରୁ ଏହା କେବଳ ବ୍ୟାଟ୍ସମ୍ୟାନଙ୍କ ପାଇଁ ନୁହେଁ ଅମ୍ପାୟରଙ୍କ ପାଇଁ ମଧ୍ୟ ଚ୍ୟାଲେଞ୍ଜ ସଦୃଶ ହେବ। ତେଣୁ ନୂଆ ରଙ୍ଗ ସହିତ ଅଭ୍ୟସ୍ତ ହେବାପାଇଁ ଅମ୍ପାୟରମାନେ ମଧ୍ୟ କିଛି ଅଭ୍ୟାସ ସେସନରେ ଯୋଗଦେବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ସାଇମନ ଟଫେଲ ପ୍ରକାଶ କରିଛନ୍ତି। ଆଡିଲେଡ୍‌ରେ ସର୍ବପ୍ରଥମ ପିଙ୍କ୍‌ବଲ୍ ଟେଷ୍ଟ ହେବା ସମୟରେ ଟଫେଲ ଆଇସିସି ଅମ୍ପାୟର ପରଫରମାନ୍ସ ଆଣ୍ଡ ଟ୍ରେନିଂ ମ୍ୟାନେଜର ଥିଲେ। ସ୍ପଷ୍ଟଭାବେ ଦେଖିବା ପାଇଁ ଅମ୍ପାୟରମାନେ କୃତ୍ରିମ ଲେନ୍ସ ବ୍ୟବହାର କରିବା ଉଚିତ ବୋଲି ସେ କହିଛନ୍ତି।

ବଲ୍‌କୁ ଭିନ୍ନଭାବେ ଦେଖିବା ପାଇଁ ଅମ୍ପାୟରମାନେ କୌଣସି ସ୍ୱତନ୍ତ୍ର ଲେନ୍ସ ବ୍ୟବହାର କରିବେ କି ନାହିଁ ତାହା ତାଙ୍କ ନିଜ ଉପରେ ନିର୍ଭରକରେ। ମାତ୍ର ସେମାନେ ଯଥା ସମ୍ଭବ ଅଧିକ ନେଟ୍ସ ସେସନରେ ଭାଗନେବା ଆବଶ୍ୟକ। ଏହା ହେଲେ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ ଏବଂ ଉପଯୁକ୍ତ ସମୟରେ ଠିକ୍ ନିଷ୍ପତ୍ତି ନେଇପାରିବେ ବୋଲି ଟଫେଲ କହିଛନ୍ତି। ଗୋଧୂଳି ସମୟରେ ଆଲୋକ ପରିବର୍ତ୍ତନ ହୋଇଥାଏ। ସେତେବେଳେ ସୂର୍ଯ୍ୟ କିରଣ ଅପେକ୍ଷା କୃତ୍ରିମ ଆଲୋକ ଅତ୍ୟନ୍ତ ଉଜ୍ଜ୍ୱଳ ରହିଥାଏ। ସେତେବେଳେ ବଲ୍ ଉପରେ ନଜର ରଖିବା ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ଅମ୍ପାୟରଙ୍କ କ୍ଷେତ୍ରରେ ମଧ୍ୟ ତାହା ହେବ ବୋଲି ମୁଁ ଭାବୁଛି।



ସାଇମନ ଟଫେଲ

ଅମ୍ପାୟରଙ୍କ ପାଇଁ ମଧ୍ୟ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଟଫେଲ ପ୍ରକାଶ କରିଛନ୍ତି। ନିଜ ପୁସ୍ତକ 'ଫାଇଣ୍ଡିଂ ଦ ଗ୍ୟାପ୍ସ'ର ପ୍ରମୋଟ କରିବା ପାଇଁ ଟଫେଲ ଏବେ ଭାରତ ଗସ୍ତରେ ଆସିଛନ୍ତି। ସେ ଆଗାମୀ ଦିବାରାତ୍ର ଟେଷ୍ଟ ଦେଖିବା ସମ୍ଭାବନା ରହିଛି। ଦିବାରାତ୍ର ଟେଷ୍ଟ ପାଇଁ ବାଂଲାଦେଶ ଖେଳାଳିଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଭାରତର ଅନେକ ଖେଳାଳି ଘରୋଇ କ୍ରିକେଟରେ ପିଙ୍କ୍‌ବଲ୍‌ରେ ଖେଳିବାରେ ଅଭ୍ୟସ୍ତ ଅଛନ୍ତି। ମାତ୍ର ବାଂଲାଦେଶ ଖେଳାଳଙ୍କର ଏଥିରେ ବିଶେଷ ଅଭିଜ୍ଞତା ନାହିଁ। ୨୦୧୩ରେ ବାଂଲାଦେଶ ଏକ ୪ ଦିନିଆ ଦିବାରାତ୍ର ମ୍ୟାଚ ଖେଳିଥିଲା। ମାତ୍ର ସେତେବେଳେ ଖେଳିଥିବା ଖେଳାଳିମାନେ ବର୍ତ୍ତମାନ ଟିମ୍‌ରେ ନାହାନ୍ତି। ତେଣୁ ବାଂଲାଦେଶ ପାଇଁ ଏହି ଟେଷ୍ଟ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଟଫେଲ କହିଛନ୍ତି।

## ଶାହଦତଙ୍କ ବାସନ୍ଦ ୫ ବର୍ଷ ବଢ଼ିଲା



ଶାହଦତ ହୋସେନ (ମଝି)।

**ଢାକା,୧୯।୧୧:** ବାଂଲାଦେଶ ଘରୋଇ ଟୁର୍ଣ୍ଣାମେଣ୍ଟରେ ସାଥୀ ଖେଳାଳିଙ୍କୁ ଆକ୍ରମଣ କରିଥିବା ଘଟଣାରେ ପୂର୍ବତନ ପେସର ଶାହଦତ ହୋସେନଙ୍କୁ ୫ ବର୍ଷ ବାସନ୍ଦ କରାଯାଇଛି। ଏଥିସହ ଜରିମାନା ବାବଦକୁ ତାଙ୍କୁ ୩ ଲକ୍ଷ ଟାକା ଦେବାକୁ ପଡ଼ିବ। ବୋର୍ଡର ଟେକନିକାଲ କମିଟି ଏହି ଦଣ୍ଡାଦେଶ ଧାର୍ଯ୍ୟ କରିଛି। ଏହି ଘଟଣା ଢାକା ଡିଭିଜନ ଓ ଖୁଲନା ଡିଭିଜନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଘଟିଥିଲା। ବଲ୍‌କୁ ରିଭର୍ସ ସୁଇଙ୍ଗ୍ କରିବା ପାଇଁ ଶାହାଦତଙ୍କ ଦକ୍ଷତା ଉପରେ ଆରାଫତ ପ୍ରଶ୍ନ ଉଠାଇଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ବାଂଲାଦେଶ ପାଇଁ ଶାହାଦତ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ତରରେ ଖେଳି ୧୦୦ରୁ ଅଧିକ ଉଇକେଟ ନେଇଛନ୍ତି। ୩୩ ବର୍ଷୀୟ ପେସର ବାଂଲାଦେଶ ପାଇଁ ୩୮ ଟେଷ୍ଟ, ୫୧ ଦିନିକିଆ ଓ ୬ ଟି୨୦ ଖେଳିଛନ୍ତି।

## ଶ୍ରୀଲଙ୍କା ସ୍ପିନରଙ୍କ ଅନଅର୍ଥଡକ୍ସ ବୋଲିଂ ଷ୍ଟାଇଲ ଭାଇରାଲ

**କଲମ୍ବୋ,୧୯।୧୧:** ଶ୍ରୀଲଙ୍କାରେ ବହୁ ଅନ୍‌ଅର୍ଥଡକ୍ସ ଷ୍ଟାଇଲର ବୋଲର ସୃଷ୍ଟି ହୋଇଛନ୍ତି। ଲସିଥ ମାଲିଙ୍ଗା ଏହାର ସଫଳତମ ଉଦାହରଣ। ବର୍ତ୍ତମାନ ଏହି ତାଲିକାରେ ସାମିଲ ହୋଇଛନ୍ତି ୨୧ ବର୍ଷୀୟ ସ୍ପିନର କେଭିନ କୋଥାଥିଗୋଡା। ଏହି ଗାଲେ ଖେଳାଳିଙ୍କ ବୋଲିଂ ଷ୍ଟାଇଲ ପ୍ରାୟତଃ ପୂର୍ବତନ ଦକ୍ଷିଣ ଆଫ୍ରିକା ସ୍ପିନର ପଲ ଆଡାମ୍ସଙ୍କ ଭଳି। କୋଥାଥିଗୋଡା ଏବେ ଆବୁଧାବି ଟି୧୦ ଲିଗ୍‌ରେ ବାଂଲା ଟାଇଗର୍ସ ପାଇଁ ଖେଳୁଛନ୍ତି। ତାଙ୍କର ଅଜବ ଷ୍ଟାଇଲର ବୋଲିଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ବୋଲିଂ କଲାବେଳେ ତାଙ୍କ ମୁହଁ ବ୍ୟାଟ୍ସମ୍ୟାନଙ୍କ ଆଡ଼କୁ ରହିବା ପରିବର୍ତ୍ତେ ଅମ୍ପାୟରଙ୍କ ଆଡ଼କୁ ରହୁଛି। ହାତକୁ ସେ ପିଠି ପଛ ପଟେ ବୁଲାଇ ବଲ ପକାଉଛନ୍ତି। ତେବେ ସେ କଦାପି ଆଡାମ୍ସଙ୍କ ବୋଲିଂ ଷ୍ଟାଇଲ ଦେଖି ନ ଥିବା କହିଛନ୍ତି। ମୁଁ ଆରମ୍ଭରୁ ଏଭଳି ଷ୍ଟାଇଲରେ ବଲ ପକାଉଛି। ଶ୍ରୀଲଙ୍କା ପାଇଁ ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ବର୍ଗରେ ମଧ୍ୟ ଖେଳିଛି।

## ମହିଳା ଟ୍ରାପରେ ରାଜେଶ୍ୱରୀଙ୍କ ଜାତୀୟ ରେକର୍ଡ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ପଞ୍ଜାବର ରାଜେଶ୍ୱରୀ କୁମାରୀ ୬୩ତମ ଜାତୀୟ ଶର୍ଟଗନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ଟ୍ରାପ ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏ ନେଇ ଭାରତୀୟ ରାଇଫଲ ଆସୋସିଏଶନ (ଏନ୍‌ଆରଏଆଇ) ମଙ୍ଗଳବାର ସ୍ପଷ୍ଟ କରିଛି। ଯୋଗ୍ୟତା ପର୍ଯ୍ୟାୟରେ ମୋଟ ଉପରେ ୧୨୫ରୁ ରାଜେଶ୍ୱରୀ ୧୧୮ ସ୍କୋର କରିଥିଲେ। ୫ ରାଉଣ୍ଡ ବିଶିଷ୍ଟ ଇଭେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ପଞ୍ଜାବ ଶୁଟର ଯଥାକ୍ରମେ ୨୪, ୨୩, ୨୪, ୨୪ ଓ ୨୩ ସ୍କୋର କରି ଶୀର୍ଷସ୍ଥାନ ହାତେଇ ଥିଲେ। ସେ ପୂର୍ବ ରେକର୍ଡକୁ ଦୁଇ ପଏଣ୍ଟ ବ୍ୟବଧାନରେ ପଛରେ ପକାଇଛନ୍ତି। ପୂର୍ବରୁ ସୀମା ତୋମାର, ଶ୍ରେୟାସୀ ସିଂ ଓ ମନୀଷ କିର ୧୧୬ ସ୍କୋର କରି ଜାତୀୟ ରେକର୍ଡର ଯୁଗ୍ମ ଅଧିକାରୀ ଥିଲେ। ସୀମା ଓ ଶ୍ରେୟାସୀ ଇଣ୍ଡୋନେସିଆରେ ଅନୁଷ୍ଠିତ ଇଭେଣ୍ଟବେଳେ ରେକର୍ଡ ଅଧିକାରୀ ହୋଇଥିବାବେଳେ ମନୀଷ ଜୟପୁର ଜାତୀୟ ଇଭେଣ୍ଟରେ ରେକର୍ଡ ସମକକ୍ଷ ହୋଇଥିଲେ। ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲେ ମଧ୍ୟ ମୁଁ ଜାତୀୟ ରେକର୍ଡ ଅଧିକାରୀ ହୋଇଥିବାରୁ ଗର୍ବିତ। ଏକଦା ଏହାକୁ ମୋ ବାପା ମଧ୍ୟ ହାସଲ କରିଥିଲେ। ବାପାଙ୍କୁ ସଫଳତାର ସହ ଅନୁକରଣ କରିପାରି ଥିବାରୁ ମୁଁ ବହୁତ ଖୁସି ବୋଲି ରାଜେଶ୍ୱରୀ କହିଛନ୍ତି। ଅନ୍ୟ ଭାରତୀୟ ଶୁଟର ଶଗୁନ ଚୌଧାରୀ ମଧ୍ୟ ପୂର୍ବତନ ଜାତୀୟ ରେକର୍ଡ(୧୧୬)ଠାରୁ ଅଧିକ ସ୍କୋର କରିଛନ୍ତି। ସେ ୧୧୭ ପଏଣ୍ଟ ସହ ରାଜେଶ୍ୱରୀଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।



ରାଜେଶ୍ୱରୀ କୁମାରୀ

# ସେମିରେ ସୁବ୍ରତ-ଅବିନାଶ, କୁନାଲ-ଆଶୁତୋଷ

**କଟକ ଅଫିସ,୧୯।୧୧**

କଟକ କ୍ଲବଠାରେ ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍ଏଓ) ଓ ଓଡ଼ିଶା ମାଇନିଂ କର୍ପୋରେଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଅଲ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଂ ଚାମ୍ପିୟନଶିପର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଦ୍ୱିତୀୟ ଦିବସରେ ସିନିୟର ବିଲିୟାର୍ଡସ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ଇଭେଣ୍ଟରେ ସୁବ୍ରତ ଦାସ, ଅବିନାଶ ମହାପାତ୍ର, କୁନାଲ ଅଗ୍ରୱାଲ ଓ ଆଶୁତୋଷ ପାଢ଼ୀ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ସୁବ୍ରତ-ଅବିନାଶ, କୁନାଲ-ଆଶୁତୋଷଙ୍କ ଭିତରେ ସେମି ମୁକାବିଲା ହେବ। ସିନିୟର ବିଲିୟାର୍ଡସର କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକରେ ଆଶୁତୋଷ ୩-୦ ଫ୍ରେମରେ ରୋହିତ ଶର୍ମାଙ୍କୁ, ସୁବ୍ରତ ୩-୦ ଫ୍ରେମରେ ନିଶାନ୍ତ ବିଶ୍ୱାଳଙ୍କୁ, କୁନାଲ ୩-୦ ଫ୍ରେମରେ ସୌଭାଗ୍ୟ ବେହେରାଙ୍କୁ ଓ ଅବିନାଶ ମହାପାତ୍ର ୩-୦ ଫ୍ରେମରେ ସମୀର ଅଲ୍ଲୀଙ୍କୁ ପରାସ୍ତ କରିଥିଲେ। ବୁଧବାର ସିନିୟର ବିଲିୟାର୍ଡସ ଚାମ୍ପିୟନଶିପ ଶେଷ ହେବା ସହ ସିନିୟର ସ୍ନୁକର ଚାମ୍ପିୟନଶିପ ଆରମ୍ଭ ହେବ।



ଆଶୁତୋଷ ପାଢ଼ୀ

# ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ପାକିସ୍ତାନ ପ୍ରସ୍ତୁତ

**ବ୍ରିସ୍‌ବେନ,୧୯।୧୧(ଏଏଫ୍‌ପି)**

ସ୍ଥାନୀୟ ବ୍ରିସ୍‌ବେନ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଗୁରୁବାର ଖେଳାଯିବ। ଅଷ୍ଟ୍ରେଲିଆ ମାଟିରେ ପାକିସ୍ତାନର ରେକର୍ଡ ସେତେଟା ଭଲ ନାହିଁ। ଥରେ ମାତ୍ର ଅଷ୍ଟ୍ରେଲିଆ ବିପକ୍ଷରେ ପାକିସ୍ତାନ ଟେଷ୍ଟ ସିରିଜ ଡ୍ର ରଖିଥିଲା। ପୁଣି ୧୯୯୫ରେ ପାକିସ୍ତାନ ଶେଷଥର ପାଇଁ ଟେଷ୍ଟ ବିଜୟ ହାସଲ କରିଥିଲା। ମାତ୍ର କେତେଜଣ ଖେଳାଳି ଅଧିନାୟକ ଆଝାର ଅଲି, ବାବାର ଆଜମ ଓ ଇନ୍-ଫର୍ମ ଆସାଦ ସାଫିକ ଗତ ୨୦୧୬/୧୭ ଅଷ୍ଟ୍ରେଲିଆ ଗସ୍ତରେ ଆସିଥିଲେ। ଏହି ଗସ୍ତରେ ପାକିସ୍ତାନ ୩-୦ରେ ପରାସ୍ତ ହୋଇ ହ୍ୱାଇଟ୍‌ୱାଶ୍‌ର ସମ୍ମୁଖୀନ ହୋଇଥିଲା। ସେତେବେଳର ଅଧିନାୟକ ମିସ୍‌ବା ଉଲ୍ ହକ ଏବେ ଦଳରେ କୋଚ୍ ରହିଛନ୍ତି। ଅଷ୍ଟ୍ରେଲିଆରେ ପୂର୍ବ ରେକର୍ଡ ଭଲ ନ ଥିଲେ ମଧ୍ୟ ଏହା ଆମ ଉପରେ ଚାପ ପକାଇପାରିବ ନାହିଁ ବୋଲି ମିସ୍‌ବା କହିଛନ୍ତି। ଅଷ୍ଟ୍ରେଲିଆ ମାଟିରେ ଆମେ ଭଲ ପ୍ରଦର୍ଶନ କରିବାକୁ ସୁଯୋଗ ପାଇଛୁ। ଭଲ ପ୍ରଦର୍ଶନ କରିବାକୁ ଏହା ଆମକୁ ମୋଟିଭେଟ୍ କରିବ। ଅତୀତରେ ଯାହା କରିପାରି ନ ଥିଲୁ ଏବେ ତାହା କରି ଦେଖାଇବୁ ବୋଲି ସେ କହିଛନ୍ତି। ଯୁବ ଖେଳାଳିଙ୍କୁ ନେଇ ଆମ ଦଳ ଗଠିତ ଓ ସଫଳତା ପାଇଁ ସମସ୍ତେ ବ୍ୟଗ୍ର ଅଛନ୍ତି। ଚ୍ୟାଲେଞ୍ଜ୍ ଗ୍ରହଣ କରିବାକୁ ଓ ଶ୍ରେଷ୍ଠ ପ୍ରଦର୍ଶନ କରବାକୁ ଆମେ ପ୍ରସ୍ତୁତ। ଭଲ କ୍ରିକେଟ ଖେଳି ଜିତିବାକୁ ଆମେ ଚିନ୍ତା କରୁଛି ବୋଲି ସେ କହିଛନ୍ତି। ବାବର ଆଜମ ଓ ଆସାଦ୍ ସାଫିକଙ୍କ ଉପରେ ପାକିସ୍ତାନ ଅଧିକ ନିର୍ଭରଶୀଳ ହୋଇପଡିଛି। ୩ ବର୍ଷ ତଳେ ଏହି ଦୁଇ ଖେଳାଳି ବ୍ରିସ୍‌ବେନ୍‌ରେ ଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆ ଏ' ଓ କ୍ରିକେଟ ଅଷ୍ଟ୍ରେଲିଆନ ଏ' ବିପକ୍ଷରେ ଏମାନେ ମଧ୍ୟ ଶତକ ହାସଲ କରିଛନ୍ତି।

ଗତ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୨-୨ରେ ସିରିଜ ଡ୍ର ରଖି ଆଶେସ ବଜାୟ ରଖିଥିଲା। ଗତ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ୨-୦ରେ ପାକିସ୍ତାନକୁ ଟି୨୦ରେ ହରାଇଥିଲା। ଏହି ଉଇକେଟରେ ଦ୍ରୁତ ବୋଲରଙ୍କ ସ୍ୱର୍ଗ ରୂପେ ଜଣାଅଛି। ତେଣୁ ଦ୍ରୁତ ବୋଲରମାନେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଆଶା କରାଯାଉଛି। ପ୍ୟାଟ କ୍ୟୁମିନ୍ସ, ମିଚେଲ ଷ୍ଟାର୍କ ଓ ଜୋସ୍ ହାଜେଲଉଡଙ୍କୁ ନେଇ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ବିଭାଗ ବେଶ୍ ଦୃଢ଼ ମନେହେଉଛି। ତେବେ ଗାଳିଗୁଲଜ କରି ବାସନ୍ଦ ହୋଇଥିବା ଜେମ୍ସ ପାଟିନସନ ପ୍ରଥମ ଟେଷ୍ଟରୁ ବାଦ୍ ପଡିଛନ୍ତି।

୧୬ ବର୍ଷୀୟ ଟିନଏଜ୍ ଦ୍ରୁତ ବୋଲର ନସୀମ ଶାହ ପାକିସ୍ତାନ ତରଫରୁ ଡେବ୍ୟୁ କରିବେ। ୧୯ ବର୍ଷୀୟ ସାହିନ ଆଫ୍ରିଦି ଓ ମୁସା ଖାଁଙ୍କ ସମେତ ମହମ୍ମଦ ଆବାସ ଓ ଅଭିଜ୍ଞ ଇମ୍ରାନ ଖାଁ ସିନିୟରଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ୍, ଆଶେସରେ ଦୁର୍ବଳ ପ୍ରଦର୍ଶନ କରିଥିବା ଡେଭିଡ ୱାର୍ନର, ମାର୍ନସ ଲାବୁସେନ, ଟ୍ରାଭିସ୍ ହେଡ ଓ ମାଥ୍ୟୁ ହେଡ୍ ଏହି ସିରିଜରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆଡିଲେଡରେ ଖେଳାଯିବ। ଏହା ଦିବାରାତ୍ର ଭିତ୍ତିକ ହେବ।



ଅଭ୍ୟାସ ଅବସରରେ ଅଷ୍ଟ୍ରେଲିଆ ଅଧିନାୟକ ଟିମ ପେନ।

- **ଅଷ୍ଟ୍ରେଲିଆ ଦଳ:** ଟିମ ପେନ (ଅଧିନାୟକ), କ୍ୟାମେରନ ବ୍ୟାନ୍‌କ୍ରଫ୍ଟ, ଜୋ ବର୍ନ୍ସ, ପ୍ୟାଟ୍ କ୍ୟୁମିନ୍ସ, ଜୋସ ହାଜେଲଉଡ, ଟ୍ରାଭିସ ହେଡ, ମାର୍ନସ ଲାବୁସେନ, ନାଥାନ ଲିୟନ, ମିଚେଲ ନେସେର, ଜେମ୍ସ ପାଟିନସନ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ମାଥ୍ୟୁ ୱେଡ ଓ ଡେଭିଡ ୱାର୍ନର।
- **ପାକିସ୍ତାନ ଦଳ:** ଆଝାର ଅଲି (ଅଧିନାୟକ), ଅବିଦ ଅଲି, ଆସାଦ ସାଫିକ, ବାବର ଆଜମ, ହାରିସ୍ ସୋହେଲ, ଇମାମ- ଉଲ- ହକ, ଇମ୍ରାନ ଖାଁ ସିନିୟର, ଇଫ୍‌ତିଖାର ଅହମ୍ମଦ, କାଶିଦ ଭଟ୍ଟି, ମହମ୍ମଦ ଅବାସ, ମହମ୍ମଦ ରିଜୱାନ, ମୁସା ଖାଁ, ନସୀମ ଶାହ, ଶାହିନ ଆଫ୍ରିଦି, ଶାନ ମାସୁଦ ଓ ୟାସିର ଶାହ।

ଆଇଟିଏଫ୍‌ର ଅନ୍ୟାୟ ଓ ଅନୁଚିତ ନିଷ୍ପତ୍ତିକୁ ମୁଁ ବିରୋଧ କରିବି। ପାକିସ୍ତାନ ବାହାରେ ମ୍ୟାଚ୍ ହେଲେ ମୁଁ ଅଂଶଗ୍ରହଣ କରିବି ନାହିଁ।

–ଐସମ ଉଲ ହକ୍ କୁରେଶି, ପାକିସ୍ତାନ ଟେନିସ ଖେଳାଳି



ପିଙ୍କ୍ ବଲର ସିମ୍ ଧରିବା କଷ୍ଟକର ହେବ। ଏଥିଯୋଗୁ ରିଷ୍ଟ ସ୍ପିନରମାନେ ଟିକେ ଫାଇଦାରେ ରହିବେ।

–ହରଭଜନ ସିଂ, ଭାରତୀୟ ଭେଟେରାନ୍ ସ୍ପିନର



## ସଂକ୍ଷେପରେ

### ଲିନ୍‌ଙ୍କ ରେକର୍ଡ



**ଆବୁଧାବି,୧୯।୧୧:** ଆବୁଧାବିରେ ଟି୧୦ ଲିଗ୍‌ର ତୃତୀୟ ସଂସ୍କରଣ ଏବେ ଖେଳାଯାଉଛି। ଏହି ଲିଗ୍‌ରେ ଅଷ୍ଟ୍ରେଲିଆ ଓପନର କ୍ରିସ ଲିନ ମରାଠା ଆରବିୟାନ୍ସ ପାଇଁ ଖେଳୁଛନ୍ତି। ସୋମବାର ଲିନ ବିସ୍ଫୋରକ ବ୍ୟାଟିଂ କରି ରେକର୍ଡ ଭଙ୍ଗ କରିଛନ୍ତି। ଟିମ୍ ଆବୁ ଧାବି ବିପକ୍ଷ ମ୍ୟାଚ୍‌ରେ ସେ ୩୦ ବଲରୁ ୯୧ ରନ୍ କରିଥିଲେ। ଏହା ଟି୧୦ ଫର୍ମାଟ ଇତିହାସରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ରେକର୍ଡ ଇନିଂସରେ ୯ ଚୌକା ଓ ୭ ଛକା ସାମିଲ ଥିଲା। ସେ କେବଳ ବାଉଣ୍ଡ୍ରିରେ ୭୮ ରନ୍ କରିଥିଲେ। ଏଥିଯୋଗୁ ଆରବିୟାନ୍ସ ଦଳ ଧାର୍ଯ୍ୟ ୧୦ ଓଭରରେ ୨ ଉଇକେଟ ହରାଇ ୧୩୮ ରନ୍ କରିଥିଲା। ଜବାବରେ ଆବୁ ଧାବି ଦଳ ୩ ଉଇକେଟ ହରାଇ ୧୧୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମରାଠା ଆରବିୟାନ୍ସ ଦଳ ୨୪ ରନ୍‌ରେ ମ୍ୟାଚ୍ ଜିତି ନେଇଥିଲା। ଏଥିପୂର୍ବରୁ ଏହି ଛୋଟିଆ ଫର୍ମାଟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଲେକ୍ସ ହେଲ୍ସଙ୍କ ନାମରେ ଥିଲା। ସେ ଗତ ସିଜନରେ ୩୨ ବଲରେ ୮୭ ରନ୍ କରିଥିଲା। ଉଲ୍ଲେଖଥାଉ କି, ଆଇପିଏଲରେ କେକେଆର ପାଇଁ ୪୧ ମ୍ୟାଚ୍ ଖେଳିଥିବା ଲିନ ୧୪୦ ଷ୍ଟ୍ରାଇକ ରେଟ୍‌ରେ ୧୨୮୦ ରନ୍ କରିଛନ୍ତି। ସେ ଡିସେମ୍ବର ୨୦ ତାରିଖରେ ଆଇପିଏଲ ଖେଳାଳିଙ୍କ ନିଲାମ ପ୍ରକ୍ରିୟାର ସମ୍ମୁଖୀନ ହେବେ।

### ଅମ୍ପାୟରଙ୍କ ତ୍ରୁଟି ଯୋଗୁ ବ୍ୟାଟ୍ସମ୍ୟାନଙ୍କ ଜୀବନ ଗଲା

**ହାଇଦ୍ରାବାଦ,୧୯।୧୧:** କ୍ରିକେଟରେ ଅମ୍ପାୟରଙ୍କ ତ୍ରୁଟି କରିବା କିଛି ନୂଆ କଥା ନୁହେଁ। ମାତ୍ର ଅମ୍ପାୟର ତ୍ରୁଟି ଯୋଗୁ ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଏତେ ବିଚଳିତ ହୋଇ ଉଠିଥିଲେ ଯେ, ତାଙ୍କୁ ହୃଦ୍‌ଘାତ ସମ୍ମୁଖୀନ ହେବାକୁ ପଡ଼ିଥିଲା। ଫଳରେ ଉକ୍ତ ଖେଳାଳିଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ହାଇଦ୍ରାବାଦରେ କ୍ଲବ ସ୍ତରୀୟ ମ୍ୟାଚ୍‌ବେଳେ ଘଟିଛି। ଏହି ଦୁଃଖଦ ଘଟଣା କ୍ରିକେଟ ପ୍ରଶଂସକଙ୍କୁ ଚକିତ କରି ଦେଇଛି। ୪୧ ବର୍ଷୀୟ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ନାୟକ ଜବରଦସ୍ତ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। କିନ୍ତୁ କିଛି ସମୟ ପରେ ଅମ୍ପାୟରଙ୍କ ଭୁଲ ନିଷ୍ପତ୍ତିର ଶୀକାର ହୋଇ ସେ ଆଉଟ ହୋଇଥିଲେ। ବିରକ୍ତ ହୋଇ ସେ ପ୍ୟାଭିଲିଅନ ଫେରିଗଲେ। ସେଠାରେ ତାଙ୍କୁ ଆଟାକ ଆସିଥିଲା। ଗଣମାଧ୍ୟମରେ ପ୍ରକାଶ ପାଇଥିବା କିଛି ରିପୋର୍ଟ ଅନୁଯାୟୀ, ୬୬ ରନ୍ କରି ଖେଳୁଥିବାବେଳେ ନାୟକଙ୍କୁ ଆଉଟ୍ ଦେଇଥିଲେ ଅମ୍ପାୟର। ହେଲେ ବଲ ତାଙ୍କ ବ୍ୟାଟରେ ନୁହେଁ ଅନ୍ୟ କୌଣସି ସାଉଣ୍ଡ ଯୋଗୁ କ୍ୟାଚ୍ ଆଉଟ ଦିଆଯାଇଥିଲା।

# ନୁର-ସୁଲତାନରେ ଇଣ୍ଡୋ-ପାକ୍ ମୁକାବିଲା

**ନୂଆଦିଲ୍ଲୀ,୧୯।୧୧ (ପି.ଟି.)**

ପାକିସ୍ତାନର ରିଭ୍ୟୁ ଅପିଲକୁ ପ୍ରତ୍ୟାଖ୍ୟାନ କରିଛି ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍)। ଅନ୍ୟପଟେ ଆଇଟିଏଫ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଅୟୋଜନ ହେବାକୁ ଥିବା ଡେଭିସ୍ କପ୍ ଟାଇ ପାଇଁ ଏକ ନିରପେକ୍ଷ ଭେନ୍ୟୁର ନାମ ଘୋଷଣା କରିଛି। ଏହି ବିବାଦୀୟ ତଥା ବହୁଚର୍ଚ୍ଚିତ ମ୍ୟାଚ୍ କାଜାଖସ୍ତାନର ରାଜଧାନୀ ନୁର-ସୁଲତାନରେ ଆୟୋଜନ ହେବ ବୋଲି ଆଇଟିଏଫ୍ ମଙ୍ଗଳବାର ସ୍ପଷ୍ଟ କରିଛି।

ଏହ ପୂର୍ବରୁ ପାକିସ୍ତାନ ଟେନିସ ଫେଡେରେଶନ (ପିଟିଏଫ୍) ଗତ ୪ ତାରିଖରେ ଡେଭିସ୍ କପ୍ ମ୍ୟାଚ୍‌କୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରିବା ନେଇ ଆଇଟିଏଫ୍‌ର ନିଷ୍ପତ୍ତି ବିରୋଧରେ ରିଭ୍ୟୁ ଅପିଲ୍ କରିଥିଲା। ଏହି ମ୍ୟାଚ୍ ଆସନ୍ତା ୨୯ରୁ ୩୦ ତାରିଖ ମଧ୍ୟରେ ଆୟୋଜନ ହେବ। ଯଦି ଭାରତୀୟ ତୀର୍ଥଯାତ୍ରୀ ବିନା ସୁରକ୍ଷା ଭୟରେ ପାକିସ୍ତାନ ଯାତ୍ରା କରିପାରୁଛନ୍ତି, ତାହାଲେ ଭାରତୀୟ ଦଳ କାହିଁକି ଇସ୍‌ଲାମାବାଦ୍‌ରେ ମ୍ୟାଚ୍ ଖେଳିବ ନାହିଁ ବୋଲି ପିଟିଏଫ୍ ଯୁକ୍ତି ବାଢ଼ିଥିଲା। ତେବେ ଆଇଟିଏଫ୍ ଟ୍ରିବ୍ୟୁନାଲ ଏହାକୁ ଶେଷରେ ପ୍ରତ୍ୟାଖ୍ୟାନ କରିଛି। ପୁଣି ପାକିସ୍ତାନ କୌଣସି ନିରପେକ୍ଷ ଭେନ୍ୟୁ ନେଇ ପ୍ରସ୍ତାବ ଦେଇନାହିଁ। ଫଳରେ ନୁର-ସୁଲତାନକୁ ଭେନ୍ୟୁ ରୂପେ ଚୟନ କରାଗଲା ବୋଲି ଆଇଟିଏଫ୍ କହିଛି। ଅତ୍ୟଧିକ ଥଣ୍ଡା କାରଣରୁ ମ୍ୟାଚ୍‌ଗୁଡିକ ଇନ୍‌ଡୋର କୋର୍ଟରେ ଖେଳାଯିବ। ଇନ୍‌ଡୋର ପରିବେଶ ଆମ ଖେଳାଳିଙ୍କୁ ସୁହାଇବ। ଏହା ଦ୍ୱାରା କେବଳ ଗ୍ରାସ୍ କୋର୍ଟ ନୁହଁ ହାର୍ଡ କୋର୍ଟରେ ମଧ ଆମ ଖେଳାଳିମାନେ ଭଲ ଖେଳିପାରିବେ ବୋଲି ଭାରତୀୟ କୋଚ୍ ଜଶାନ ଅଲି କହିଛନ୍ତି। ଇନ୍‌ଡୋରରେ ଖେଳିଲେ ମଧ ଥଣ୍ଡା ପରିବେଶ ଦ୍ୱାରା ଆମ ଖେଳାଳିଙ୍କ ଶରୀର ପ୍ରଭାବିତ ହେବ ନାହିଁ ବୋଲି ସେ କହିଛନ୍ତି। ଏହା ଦ୍ୱାରା କ୍ୱାଲିଟି ଟେନିସ ଦେଖିବାକୁ ମିଳିବ। କାରଣ ଇନ୍‌ଡୋରରେ ଖେଳିଲେ ସୂର୍ଯ୍ୟ କିରଣ ଓ ପବନ ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଏହି ମ୍ୟାଚ୍ ଇସ୍‌ଲାମାବାଦ୍‌ରେ ପ୍ରଥମେ ସେପ୍ଟେମ୍ବରରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ପାକିସ୍ତାନରେ ସୁରକ୍ଷା ନେଇ ଆପତ୍ତି ଉଠାଇବାରୁ ଏହାକୁ ନଭେମ୍ବର ୨୯-୩୦ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ଏହି ଡେଭିସ୍ କପ୍ ଟାଇ ପାଇଁ ଭାରତ ଏକ ପୂର୍ଣ୍ଣ କ୍ଷମତାସମ୍ପନ୍ନ ଦଳ ଘୋଷଣା କରିଛି। ଇସ୍‌ଲାମାବାଦରେ ଖେଳିବାକୁ ଭାରତୀୟ ଖେଳାଳିମାନେ ଅନିଚ୍ଛା ପ୍ରକାଶ କରିବା ସହ ନିରପେକ୍ଷ ଭେନ୍ୟୁରେ ଖେଳିବା ପାଇଁ ସମ୍ମତି ଜଣାଇଥିଲେ। ଦୁଇ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଓ ରାମକୁମାର ରମାନାଥନ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେହିପରି ଅଭିଜ୍ଞ ଲିଆଣ୍ଡର ପେସ ଓ ଜୀବନ ନେଦୁଞ୍ଚେଝିଆନ୍ ଡବଲ୍ସ ପାର୍ଟନର ହିସାବରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। କାନ୍ଧରେ ଆଘାତ ସମସ୍ୟା କାରଣରୁ ଶ୍ରେଷ୍ଠ ଡବଲ୍ସ ଖେଳାଳି ରୋହନ ବୋପାନ୍ନା ଏହି ଟାଇରୁ ଓହରିଯାଇଛନ୍ତି। ଅନ୍ୟପଟେ ଯଦି ଟାଇ ସ୍ଥାନାନ୍ତର ହୁଏ ତେବେ ପାକିସ୍ତାନର ଶ୍ରେଷ୍ଠ ଟେନିସ ଖେଳାଳି ଐସାମ-ଉଲ -ହକ କୁରେସି ଏଥିରୁ ଓହରିଯିବେ ବୋଲି ଧମକ ଦେଇଛନ୍ତି। ତେବେ ଏ ନେଇ ଆମର କିଛି କରିବାର ନାହିଁ ବୋଲି ଜଶାନ କହିଛନ୍ତି।

DAVIS CUP
THE WORLD CUP OF TENNIS®



## ଜନ୍ମଦିନ ଶୁଭେଚ୍ଛା



**Debasmita Panda (Shree)**

କଙ୍କାଲୁ, ଢେଙ୍କାନାଳ

ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ତଥା ତୋର ଚଲାପଥକୁ କୁସୁମିତ କରାନ୍ତୁ।

**ଶୁଭେଚ୍ଛା ସହ:**

ଅଜା, ଆଈ, ପିଉସୀ, ପିଉସା, କକା, ସୁପାଲି, ଦିପାଲି ତଥା ପରିବାରବର୍ଗ।

ଧ-୬୮୬୧୧

## Marriage Wish



**Bikash (Viky) & Sushmita (Ranu)**

May Shree Jagannath Mahaprabhu shower his choicest blessings upon you....

With best compliments from friends and relatives....

D-15316

# କଳିଙ୍ଗ ଷ୍ଟାଡିୟମରେ କମଲ ହାସନ



କମଲ ହାସନ (ବାମରୁ ଦ୍ୱିତୀୟ)ଙ୍କୁ ଓଡ଼ିଶା ଏଫ୍‌ସି ଜର୍ସି ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ସମ୍ପ୍ରତି ଓଡ଼ିଶା ଗସ୍ତରେଥିବା ବଲିଉଡ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ପଦ୍ମଶ୍ରୀ କମଲ ହାସନ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଷ୍ଟାଡିୟମରେ ଉପଲବ୍ଧ ସୁବିଧା ସୁଯୋଗ ଏବଂ ବିଶ୍ୱସ୍ତରୀୟ ଭିତ୍ତିଭୂମି ଦେଖି ସେ ଅଭିଭୂତ ହୋଇଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ ଓ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ଷ୍ଟାଡିୟମ ପରିଦର୍ଶନ ଅବସରରେ କମଲ ଓଡ଼ିଶା ଏଫସି ଖେଳାଳିଙ୍କ ସହିତ ମିଶିଥିଲେ। ଓଡ଼ିଶା ଏଫସି ପକ୍ଷରୁ ତାଙ୍କୁ ଏକ ଜର୍ସି ଉପହାରଭାବେ ପ୍ରଦାନ କରାଯାଇଥିଲା। ଏହାପରେ ସେ ହକି କମ୍ପ୍ଲେକ୍ସକୁ ଯାଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ସେଠାରେ ମଧ ତାଙ୍କୁ ଭାରତୀୟ ଦଳର ଏକ ଜର୍ସି ପ୍ରଦାନ କରାଯାଇଥିଲା। ପରେ ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ ସିଂ, ତାରକା ଗୋଲକିପର ପି.ଆର. ଶ୍ରୀଜେଶ ପ୍ରମୁଖ ତାଙ୍କ ସହ ଫଟୋ ଉଠାଇଥିଲେ। ଆଗାମୀ ଦିନରେ ହେବାକୁଥିବା ଟୁର୍ନାମେଣ୍ଟ ପାଇଁ ଖେଳାଳିମାନଙ୍କୁ କମଲ ଶୁଭେଚ୍ଛା ଜଣାଇଥିଲେ।

## ୨୦୨୦ ଅଲିମ୍ପିକ୍ସରୁ ୩ ଅଷ୍ଟ୍ରେଲୀୟ ଫୁଟବଲର ବାଦ୍

**ସିଡ୍‌ନୀ, ୧୯।୧୧ (ଏଏଫ୍‌ପି):** ଅଷ୍ଟ୍ରେଲିଆର ୩ଜଣ ୨୩ ବର୍ଷରୁ କମ୍ ଫୁଟବଲର ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସରୁ ବାଦ୍ ପଡିଛନ୍ତି। କାମ୍ବୋଡିଆରେ ଜଣେ ମହିଳା ଏମାନଙ୍କ ବିରୋଧରେ ଅଭିଯୋଗ ଆଣିବାରୁ ଆସନ୍ତାବର୍ଷ ଅଗଷ୍ଟ ପର୍ଯ୍ୟନ୍ତ ଏମାନଙ୍କୁ ବାସନ୍ଦ କରାଯାଇଛି। ଫଳରେ ଏମାନେ ସ୍ୱତଃ ଅଲିମ୍ପିକ୍ସରୁ ବାଦ୍ ପଡିଛନ୍ତି। ଏହି ୩ଜଣ ଫୁଟବଲର ହେଲେ ନାଥାନିଏଲ ଅଟକିନ୍‌ସନ, ଲାଚଲାନ ୱେଲ୍ସ ଓ ବ୍ରାଣ୍ଡନ ୱିଲିସନ। ଗତ ମାର୍ଚ୍ଚରେ କାମ୍ବୋଡିଆରେ ଏଏଫ୍‌ସି ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ଖେଳିବା ଅବସରରେ ଏହି ୩ ଖେଳାଳି ଆଚରଣବିଧି ଉଲ୍ଲଂଘନ କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଣ ପେସାଦାର ଆଚରଣ ପ୍ରଦର୍ଶନ କରିଥିବାରୁ ଏମାନଙ୍କୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଦଳରୁ ବାସନ୍ଦ କରାଯାଇଛି। ସେହିପରି ରିଲେ ମ୍ୟାକ- ଗ୍ରୀ ନାମକ ଆଉ ଜଣେ ଫୁଟବଲରଙ୍କୁ ଏପ୍ରିଲ ୧' ତାରିଖ ପର୍ଯ୍ୟନ୍ତ ବାସନ୍ଦ କରାଯାଇଛି ବୋଲି ଫୁଟବଲ ଫେଡେରେଶନ ଅଫ୍ ଅଷ୍ଟ୍ରେଲିଆ (ଏଫ୍‌ଏଫ୍‌ଏ) ତରଫରୁ କୁହାଯାଇଛି। ଏହି ଖେଳାଳିମାନଙ୍କ ବିରୋଧରେ ଜଣେ ମହିଳା ଅସଦ୍ ଆଚରଣ ପ୍ରଦର୍ଶନ କରିବା ନେଇ ଅଭିଯୋଗ ଆଣିଥିଲେ। ଏ ସଂକ୍ରାନ୍ତରେ ଅଧିକ କିଛି ତଥ୍ୟ ମିଳନାହିଁ। ସମ୍ମାନ ଓ ଦାୟିତ୍ୱବୋଧତା ନେଇ କୌଣସି ବୁଝାମଣା କରାଯିବ ନାହିଁ ବୋଲି ଏଫ୍‌ଏଫ୍‌ଏ ତରଫରୁ କୁହାଯାଇଛି। ତେବେ ବାସନ୍ଦାଦେଶ ବିରୋଧରେ ଅପିଲ କରିବାର ଅଧିକାର ଖେଳାଳିଙ୍କର ରହିଛି ବୋଲି ଏଫ୍‌ଏଫ୍‌ଏ କହିଛି।

# ବାରବାଟୀ ଫ୍ଲଡ୍‌ଲାଇଟ୍ ମରାମତି ଆରମ୍ଭ

**କଟକ ଅଫିସ,୧୯।୧୧**



ଡିସେମ୍ବର ୨୨ରେ ହେବାକୁ ଥିବା ଅନ୍ତର୍ଜାତୀୟ ଏକଦିବସୀୟ କ୍ରିକେଟ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପ୍ରସ୍ତୁତି ଆରମ୍ଭ କରିଛି। ସୋମବାର 'ଦେବ ମସ୍କୋ' ଟିମ୍ ଫ୍ଲଡ୍‌ଲାଇଟ୍ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ମରାମତି କରୁଥିବା ଉକ୍ତ ଟିମ୍‌ର ମାଲିକ ହେଉଛନ୍ତି କିମ୍ବଦନ୍ତୀ କ୍ରିକେଟର କପିଳ ଦେବ। ଯଥାଶୀଘ୍ର ଏହି ଟିମ୍ ଫ୍ଲଡଲାଇଟ୍ ମରାମତି ଶେଷ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଫନୀ ଝଡ଼ରେ ଷ୍ଟାଡିୟମର ୮ଟି ଯାକ ଫ୍ଲଡଲାଇଟ୍ କ୍ଷତିଗ୍ରସ୍ତ ହୋଇଛି।

# ୨୦୧୯-୨୦ ଆଇ-ଲିଗ୍ କାର୍ଯ୍ୟସୂଚୀ ଘୋଷଣା

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ମଙ୍ଗଳବାର ୨୦୧୯-୨୦ ସିଜନ ଲାଗି ଆଇ ଲିଗ୍ କାର୍ଯ୍ୟସୂଚୀ ଘୋଷଣା କରିଛି। ଚଳିତ ମାସ ୩୦ ତାରିଖରେ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ପୂର୍ବତନ ଚାମ୍ପିୟନ ମୋହନ ବାଗାନ ଓ ଆଇଜଲ ଏଫ୍‌ସି ମଧ୍ୟରେ ମିଜୋରାମର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ମୁକାବିଲା ହେବ। ନିକଟରେ ଲିଗ୍‌ର ପ୍ରସାରଣ ଅଧିକାର ଡିସ୍ପୋର୍ଟକୁ ଦିଆଯାଇଥିବା ଏଆଇଏଫ୍‌ଏଫ୍ ପକ୍ଷରୁ ଘୋଷଣା କରାଯାଇଥିଲା। ବୋର୍ଡର ଏହି ପଦକ୍ଷେପକୁ ବହୁ କ୍ଲବ ସମର୍ଥନ କରିଥିଲେ। ମାର୍କେଟିଂ ପାର୍ଟନର ଏଫ୍‌ଏସ୍‌ଡିଏଲ, ପ୍ରସାରଣକାରୀ ସଂସ୍ଥା ଡିସ୍ପୋର୍ଟ ଓ ପ୍ରତିଯୋଗିତାର ସମସ୍ତ ଦଳ ସହ ଆଲୋଚନା କ୍ରମେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ବୋଲି ହିରୋ ଆଇ ଲିଗ୍ ସିଇଓ ସୁନାନ୍ଦୋ ଧରି କହିଛନ୍ତି। ଲିଗ୍‌ର ସମସ୍ତ ମ୍ୟାଚ୍ ଅପରାହ୍ନ ୨ଟା, ୫ଟା ଓ ସନ୍ଧ୍ୟା ୭ଟାରେ ଖେଳାଯିବ। ମୁଁ ନିଶ୍ଚିତ ଅଛି, ଏହା ସମସ୍ତ କ୍ଲବକୁ ଖୁସି କରିଥିବ। ସବୁଥର ଭଳି ଏଥର ମଧ ଆମେ ଭଲ ସିଜନ ହେବ ବୋଲି ଆଶା କରୁଛୁ। ଅଂଶଗ୍ରହଣକାରୀ ସମସ୍ତ କ୍ଲବକୁ ଶୁଭକାମନା ଦେଉଛି ବୋଲି ସେ କହିଛନ୍ତି।

## ରଜତଙ୍କ ପୁନଃ ଅବସ୍ଥାନ ନେଇ ଓମ୍ବୁଡ୍ସମ୍ୟାନଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୧୯।୧୧(ପି.ଟି.):** ଅଧକ୍ଷ ହିସାବରେ ବରିଷ୍ଠ ପତ୍ରକାର ରଜତ ଶର୍ମାଙ୍କ ପୁନଃ ଅବସ୍ଥାନ ନେଇ ଓମ୍ବୁଡ୍ସମ୍ୟାନ ଦେଇଥିବା ନିର୍ଦ୍ଦେଶକୁ ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ଆପେକ୍ସ କାଉନସିଲ ପ୍ରତ୍ୟାଖାନ କରିଛି। ରଜତ ଶନିବାର ଡିଡିସିଏ ଅଧକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଚାପରେ କାର୍ଯ୍ୟ କରିବାରେ ଅସୁବିଧା ହେଉଥିବାରୁ ସେ ପଦ ଛାଡିଥିଲେ। ତେବେ ଡିଡିସିଏ ଓମ୍ବୁଡ୍ସମ୍ୟାନ ରବିବାର ରଜତଙ୍କ ଇସ୍ତଫାକୁ ଗ୍ରହଣ କରି ନ ଥିଲେ ଓ ତାଙ୍କୁ ପୁଣି ପଦ ସମ୍ଭାଳିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସେ ଆସନ୍ତା ୨୭ ତାରିଖରେ ଏ ନେଇ ଔପଚାରିକ ଭାବେ ଶୁଣାଣି କରିବାକୁ ସମ୍ମତି ପ୍ରକାଶ କରିଥିଲେ। ତେବେ ତାଙ୍କର ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇ ନ ଥିଲା। ଆପେକ୍ସ କାଉନସିଲର ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ୯ ଜଣ ବିଭିନ୍ନ କାରଣ ଦର୍ଶାଇ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆପଣଙ୍କ ପୁନଃ ଯୋଗଦାନ କୌଣସି କାମକୁ ନୁହଁ ବୋଲି କାଉନସିଲ ରଜତଙ୍କୁ ଚିଠି ଲେଖି ଜଣାଇଛି। ଉଲ୍ଲେଖଥାଉ କି, ରଜତ ଶର୍ମାଙ୍କ ସହିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ଦୁଇ ସଦସ୍ୟ ସୁନୀଲ ଭାଲସନ ଓ ଯଶପାଲ ଶର୍ମା, ମୁଖ୍ୟ କାର୍ଯ୍ୟନିର୍ବାହୀ ରବି ଚୋପ୍ରା ମଧ ଇସ୍ତଫା ଦେଇଥିଲେ। ତେବେ ଚୋପ୍ରା ସୋମବାର କାର୍ଯ୍ୟରେ ପୁଣି ଯୋଗ ଦେଇଥିଲେ।

# ଓଡ଼ିଶା ଏଫ୍‌ସିର କୋଚ୍ ଏଡୁକେଶନ କର୍ମଶାଳା

**ଭୁବନେଶ୍ୱର, ୧୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ଓଡ଼ିଶା ଏଫ୍‌ସି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏକ କ୍ୟୁରେଟେଡ କୋଚ୍ ଏଡୁକେଶନ ୱାର୍କଶପ୍ ଆୟୋଜନ କରିଛି। ସ୍ଥାନୀୟ କୋଚ୍‌ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏହି ୱାର୍କଶପ୍‌କୁ କ୍ଲବର ମୁଖ୍ୟ କୋଚ୍ ଜୋସେଫ୍ ଗାମ୍ବାଉ ଓ ସହକାରୀ କୋଚ୍ ଥାଙ୍ଗବୋଇ ଶିଙ୍ଗଟୋ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୧ଜଣ କୋଚ୍ ଏଥିରେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶାରେ କୁନି ଫୁଟବଲ ପ୍ରତିଭାମାନଙ୍କ ସହିତ କାର୍ଯ୍ୟକରୁଥିବା ସ୍ଥାନୀୟ କୋଚ୍‌ମାନଙ୍କୁ ଆମେ ସାହାଯ୍ୟ ସହଯୋଗ କରିବାକୁ ଚାହୁଁଛୁ ବୋଲି ଗାମ୍ବାଉ କହିଛନ୍ତି। ଏହାଦ୍ୱାରା ଏହି ଫୁଟବଲ ପ୍ରତିଭାଙ୍କର ବିକାଶ ହୋଇପାରିବ ଓ ଏମାନେ ଯୁବାବସ୍ଥାରେ ଜଣେ ଜଣେ ବିକଶିତ ଫୁଟବଲର ହୋଇପାରିବେ। ପିଲାମାନେ ହେଉଛନ୍ତି ଏଫ୍‌ସି ଓ ଭାରତୀୟ ଫୁଟବଲ ଦଳ ଭବିଷ୍ୟତ। ଏହି ୱାର୍କଶପ୍ ରାଜ୍ୟ, ଓଡ଼ିଶା ପାଇଁ ହିତକର ବୋଲି ସେ କହିଛନ୍ତି।



ୱାର୍କଶପ୍‌ରେ ଯୋଗଦେଇଥିବା କୋଚ୍‌ମାନେ।

ଷ୍ଟାଡିୟମରେ ସିନିୟର ଦଳର ଅଭ୍ୟାସ ଦେଖି ସ୍ଥାନୀୟ କୋଚ୍‌ମାନେ ଉଭୟ ଥିଓରି ଓ ପ୍ରାକ୍ଟିକାଲ ସେସନରେ ମଧ ସାମିଲ ହୋଇଥିଲେ। କ୍ଲବ ତରଫରୁ ହେଡ୍ ଅଫ୍ ଫୁଟବଲ ଡେଭଲପ୍‌ମେଣ୍ଟ ଆକାଶ ନରୁଲା, ଗ୍ରାସ୍‌ରୁଟ ମ୍ୟାନେଜର ସାୟନ୍ତାନ ଗାଙ୍ଗୁଲି ଓ ଆସିଷ୍ଟାଣ୍ଟ ଗ୍ରାସ୍‌ରୁଟ ମ୍ୟାନେଜର ଶୁଭମ ଦାସ ଏହି ଅବସରରେ ଉପସ୍ଥିତ ଥିଲେ। ଭଲ ଖେଳାଳି ସୃଷ୍ଟି କରିବାକୁ ହେଲେ ଭଲ କୋଚ୍ ଅବଶ୍ୟକ ହୋଇଥାନ୍ତି। ଏଥିପାଇଁ କୋଚ୍ ଏଡୁକେଶନାଲ ୱାର୍କଶପ୍ ନିହାତି ଦରକାର ବୋଲି ନରୁଲା କହିଛନ୍ତି। ଏକ ଆଇଏସ୍‌ଏଲ କ୍ଲବ ହିସାବରେ ଆମେ ଓଡ଼ିଶାର ବହୁ କୋଚ୍‌ଙ୍କୁ ସାହାଯ୍ୟ କରିବାକୁ ଚାହୁଁଛୁ। ଆଜିର କାର୍ଯ୍ୟକ୍ରମ ବେଶ୍ ଭଲ ଥିଲା ଓ ସ୍ଥାନୀୟ କୋଚ୍‌ମାନେ ଏଥିରେ ଉତ୍ସାହର ସହିତ ଭାଗ ନେଇଥିବାରୁ ଆମେ ବହୁତ ଖୁସି। ଏଥିପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ସରକାରଙ୍କ ସହଯୋଗକୁ ଧନ୍ୟବାଦ ଜଣାଉଛି ବୋଲି ସେ କହିଛନ୍ତି।

## ମନେ ପଡ଼ନ୍ତି

### ସପ୍ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଦଣ୍ଡପାଣି ପଟ୍ଟନାୟକ**

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ଜଙ୍କିଆ, ଖୋର୍ଦ୍ଧା

ଆବିର୍ଭାବ: ତା.୦୪।୦୩।୧୯୩୧ (ଦୋଳପୂର୍ଣ୍ଣିମା)

ତିରୋଧାନ: ତା.୦୭।୧୨।୨୦୧୨ (ପ୍ରଥମାଷ୍ଟମୀ)

ଆପଣଙ୍କ ସ୍ମୃତି ପ୍ରତିଟି ମୁହୂର୍ତ୍ତରେ ଆମପାଇଁ ଜୀବନ୍ତ ହୋଇରହିଛି। ଆପଣଙ୍କର ଅନାବିଳ ସ୍ନେହ ଆମମାନଙ୍କ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଅଛୁ।

**ଶୋକସନ୍ତପ୍ତ:**

ସ୍ତ୍ରୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୬୭୮୦୩

### ୨୬ତମ ଶ୍ରାଦ୍ଧ ବାର୍ଷିକୀ



**ସ୍ୱର୍ଗତ ବଳରାମ ପଟ୍ଟନାୟକ**

ଆବିର୍ଭାବ : ୦୯.୦୮.୧୯୨୮

ତିରୋଧାନ : ୦୬.୧୨.୧୯୯୩

ଆଜି ଏହି ୨୬ ତମ ଶ୍ରାଦ୍ଧ ବାର୍ଷିକୀ ରେ ଆମ୍ଭେମାନେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସଭାବ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ତୁମର ଧର୍ମପତ୍ନୀ, ବାବୁ, ଟୁଟୁ, ମୁନା, ମନି ଏବଂ ପରିବାର ବର୍ଗ।

ଧ-୬୭୭୨୧

### 13th Death Anniversary



**LATE PRAVIN PATTANAIK (BABUL)**

DOB:25.11.1986

DOD: 20.11.2006

You are always with us though you are far away from us beyond the celestial bodies in the heaven. Every moment we miss your absence and feel you in the very core of our hearts and shall cherish your sweet memories till the end of our life. Its also our joy unspokable to wish you a very happy birthday ! Since today is also your auspicious birthday.

**Your's**

**Mamuni, Babuji and Others**
**Malipada, BBSR**

ଧ-୧୫୩୦୨

# ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍, ଚାଳକଙ୍କ ମୃତ୍ୟୁ

ଅତାବିରା, ୧୯।୧୧ (ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅଧୀନ ୫୪ ନମ୍ବର ରାଜ୍ୟ ରାଜପଥର ଭାଲଡୁଙ୍ଗୁରୀ ନିକଟରେ ମଙ୍ଗଳବାର ସକାଳ ୯ଟାରେ ଏକ ବାଲି ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୋଡବାଡି ବାବାଟିକ୍ରାର ମହାଦେବ ଭୋଇ(୨୨)। ଏହି ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବାଇକ୍ ଆରୋହୀ ଜଣକ ସୋନପୁର ଜିଲା ବିନିକା ଥାନା ଚର୍ଦ୍ଧା ଗ୍ରାମର ବୋଲି ପୋଲିସ କହୁଥିବାବେଳେ ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ୭ଟା) ତାଙ୍କ ନାମ ଜଣାପଡିନାହିଁ । ଗୋଡଭଗା ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ସହ ଏକ ମାମଲା (ନଂ. ୨୩୯/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । ସୂଚନା ଅନୁସାରେ, ଏକ ବାଲି ବୋଝେଇ ହାଇୱା ଗାଡି (ନଂ. ଓଡି୦୯ଜେ/୭୭୫୫) ଦ୍ରୁତଗତିରେ ଯାଉଥିବା ବେଳେ ଭାଲଡୁଙ୍ଗୁରୀ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଡ୍ରାଇଭର ମହାଦେବ ଟ୍ରକ୍ ତଳେ ଚାପି ହୋଇ ରହିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସେଠାକୁ ପହଞ୍ଚି ତାଙ୍କ ମୃତାହତଙ୍କୁ ଉଦ୍ଧାର କରିଥିଲେ।

# ବିଦ୍ୟୁତ୍ ତାର ବିଛାଇ ଦନ୍ତାହାତୀ ଶିକାର

ଅମରପାଲି, ୧୯।୧୧ (ଡି.ଏନ.ଏ)

- ଉଲୁଣ୍ଡା ରେଞ୍ଜ ସାରସଦାଦର ଜଙ୍ଗଲ
- ଶିକାର ପରେ ନେଇଗଲେ ଦାନ୍ତ
- ୭ଦିନ ପରେ ମୃତ ହାତୀ ପାଖରେ ପହଞ୍ଚିଲା ବନବିଭାଗ
- ବନ ବିଭାଗର ଅବହେଳା ଅଭିଯୋଗ



ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଅନ୍ତର୍ଗତ କୋଟସମଲାଇ ପଞ୍ଚାୟତ ସାରସଦାଦର ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀ ଶିକାର କରାଯାଇଛି । ଶିକାର ପରେ ହାତୀର ଦାନ୍ତକୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଦନ୍ତାକୁ ପ୍ରାୟ ୭ଦିନ ପୂର୍ବରୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ବାର୍ହା ଶିକାର ପାଇଁ ୧୧କେଭି ଲାଇନ୍‌ରୁ ଜେଇ ତାର ଲଗାଇ ବାର୍ହା ଶିକାର କରାଯାଉଥିବା ବେଳେ ଏଥିରେ ଲାଗି ହାତୀର ମୃତ୍ୟୁ ହୋଇଛି । ଠେଙ୍ଗୋ ଡ୍ୟାମକୁ ଯାଇଥିବା ମୁଖ୍ୟ ରାସ୍ତାରୁ ସାରସଦାଦର ଗ୍ରାମକୁ ଯାଇଥିବା ମୁଖ୍ୟରାସ୍ତାରୁ ପ୍ରାୟ ୧୦୦ ମିଟର ଦୂରରେ ହାତୀର ମୃତଦେହ ଉଦ୍ଧାର କରାଯାଇଛି । ମୃତଦନ୍ତା ପଡିଥିବା ସ୍ଥାନରେ ଏକ ପୋଖରୀ ଅଛି । ସେହି ଅଞ୍ଚଳ ଦେଇ ସୁନାପାଲି, ସାରସଦାଦର ଓ ସାଗଯୋରୀ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ପୋଖରୀକୁ ପାଣି ପିଇବାକୁ ବାର୍ହାମାନେ ଆସୁଥିବାରୁ ଶିକାର ଉଦ୍ଦେଶ୍ୟରେ ତାର ବିଛା ଯାଇଥିଲା । ଏବେ ଫସଲ ଅମଳ ସମୟ ହୋଇଥିବାରୁ ହାତୀପଲ ଆସି ଉକ୍ତ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରୁଥିଲେ । ବିଭିନ୍ନ ସମୟରେ ବନବିଭାଗ ଗ୍ରାମବାସୀଙ୍କ ସହ ମିଶି ହାତୀ ଘଉଡାଉଥିଲେ। ଉକ୍ତ ଦନ୍ତାହାତୀ ପଲରୁ ଅଲଗା ହୋଇ ଉକ୍ତ ଅଞ୍ଚଳକୁ ଆସି ନିକଟସ୍ଥ ପୋଖରୀକୁ ପାଣି ପିଇବା ପାଇଁ ଯାଉଥିବା ବେଳେ ବିଦ୍ୟୁତ ତାରରେ ଲାଗି ମୃତ୍ୟୁ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳକୁ ଆସିଥିବା ସୁବର୍ଣ୍ଣପୁର ଡିଏଫଓ ସୁଶିଲ ସାମନ୍ତରାଏଙ୍କୁ ପଚାରିବାରୁ ଗୋଟିଏ ପଲରେ ୨୯ଟି ହାତୀ ଉକ୍ତ ଅଞ୍ଚଳର ଜଙ୍ଗଲରେ ଥିଲେ। ସେମାନଙ୍କୁ ବନବିଭାଗ ପକ୍ଷରୁ ୮ଟି ଟିମ କରାଯାଇ କର୍ମଚାରୀମାନେ ପ୍ରତ୍ୟହ ଟ୍ରାକିଂ କରୁଥିଲେ । କିଛି ଦିନ ହେଲା ଉକ୍ତ ହାତୀଟି ପଲରୁ ଅଲଗା ହୋଇଯାଇଥିଲା । ହାତୀ ମୃତ୍ୟୁ ପରେ ଦୁର୍ବୃତ୍ତମାନେ ଦାନ୍ତ ଚୋରି କରିନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ସେ କହିଛନ୍ତି । ତେବେ ଘଟଣାସ୍ଥଳରୁ ଶିକାରରେ ବ୍ୟବହୃତ କୌଣସି ତାର ମିଳିପାରିନାହିଁ । ଉଲୁଣ୍ଡା ରେଞ୍ଜ ଅଧିକାରୀ ଶିବପ୍ରସାଦ ନାଏକ, ଫରେଷ୍ଟର ଜନାର୍ଦ୍ଦନ ସ୍ୱାଇଁ, ଗୋବିନ୍ଦ କଅଁର, ଦିନେଶ କୁମାର ମାଝୀ, କିରନ କୁମାର ବିଶୋଇଙ୍କ ସମେତ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଉଲୁଣ୍ଡା ଭିଏସ ଡା. ସତ୍ୟନାରାୟଣ ସାହୁ ମୃତ ହାତୀର ବ୍ୟବଚ୍ଛେଦ ପରେ ବନବିଭାଗ ପୋତି ଦେଇଥିବା କହିଛନ୍ତି।


## ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବିଜ୍ଞାପନ

**Rationalization Of Timing Of Stage Carriages Plying On Bhubaneswar - Cuttack to Jajpur Town, Bari, Bandhadiha & Bhubaneswar - Cuttack to Jajpur Road, Anandapur, Ghatagaon, Karanjia, Keonjhar Route**

**(କେନ୍ଦ୍ରୀୟ ସମୟ ସାରଣୀ)**

ଏତଦ୍‌ଦ୍ୱାରା ଭୁବନେଶ୍ୱର / କଟକ – ବରୀ, ଯାଜପୁର ଟାଉନ, ବନ୍ଧଡିହ ଏବଂ ଭୁବନେଶ୍ୱର / କଟକ – ଯାଜପୁର ରୋଡ, ଆନନ୍ଦପୁର, ଘଟଗାଁ, କରଞ୍ଜିଆ, କେନ୍ଦୁଝର ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହି ବସ୍ ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ବସ୍ ମାଲିକଙ୍କର ଯାତାୟତ କରୁଥିବା ସମୟକୁ ସୁବ୍ୟବସ୍ଥାକରଣ (Rationalized Time) କରି ସମୟ ସାରଣୀ ପ୍ରସ୍ତୁତ କରାଯାଇଅଛି, ଯାହାକି STA websiteରେ ଉପଲବ୍ଧ ଅଟେ ।

ପ୍ରସ୍ତୁତ କରାଯାଇଥିବା ସୁବ୍ୟବସ୍ଥାକରଣ (Rationalized Time) ସମୟ ସାରଣୀରେ ଯଦି କୌଣସି ବସ୍ ମାଲିକଙ୍କ କିଛି ଅଭିଯୋଗ ଥାଏ ଏବଂ ଯଦି କୌଣସି ଗାଡି ଉକ୍ତ ସମୟ ସାରଣୀରେ ସ୍ଥାନ ପାଇ ନଥାନ୍ତି ତେବେ ସେମାନେ ତାଙ୍କର ଲିଖିତ ଅଭିଯୋଗ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟରେ ଖବରକାଗଜରେ ପ୍ରକାଶିତ ଦିନଠାରୁ ୧୫ଦିନ ମଧ୍ୟରେ କରିପାରିବେ । ଯଦି ଅଭିଯୋଗ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରାନଯାଏ ତେବେ ସୁବ୍ୟବସ୍ଥାକରଣ (Rationalized Time) ସମୟ ସାରଣୀକୁ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ନିଆଯିବ । ଯେଉଁ ଯାତ୍ରୀବାହି ବସ୍‌ଗୁଡିକୁ ସୁବ୍ୟବସ୍ଥାକରଣ (Rationalized Time)ରେ ଅନ୍ତର୍ଭୁକ୍ତ କରାଯାଇଅଛି ଉକ୍ତ ବସ୍‌ଗୁଡିକର ପଞ୍ଜିକୃତ ନମ୍ବର ଓ ସମୟ ସାରଣୀ STA wbesite ରେ ଉପଲବ୍ଧ ଅଛି । STA Websiteର ଠିକଣା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

Website :- www.orissatransport.nic.in / www.odishatransport.gov.in

ସଚିବ

ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ


# ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ: ଚାଳକ ମୃତ, ୫ ଗୁରୁତର

କୁଆଁରମୁଣ୍ଡା, ୧୯।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ହାତୀବାରୀ–କୁଆଁରମୁଣ୍ଡା ରାସ୍ତାର କାଲୋସିହିରିଆ ପଞ୍ଚାୟତ ସାଧୋବସ୍ତି ନିକଟରେ ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ଦୁର୍ଘଟଣା ଘଟିଛି । ଏକ ସ୍କର୍ପିଓ (ନଂ. ଓଡି ୧୪ଏଫ୍ ୫୭୩୨) ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲା । ଏଥିରେ ଥିବା ଚାଳକ ଦୀପଚନ୍ଦ୍ର ଖେସ (୨୬)ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା । ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୫ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଚାନ୍ଦିପୋଷ ଅଞ୍ଚଳର ଜଗନ୍ନାଥ ମୁଣ୍ଡାରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ତାଙ୍କୁ ଆଇଜିଏଚ୍‌ର ଆଇସିୟୁରେ ରଖାଯାଇଛି । ସ୍କର୍ପିଓରେ ଥିବା ୧୦ଜଣଙ୍କ ମଧ୍ୟରୁ ୩ଜଣ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥିବା ବେଳେ ୫ଜଣ ଆଇଜିଏଚ୍‌ରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ.୧୪୩/୧୯) ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓକୁ ଜବତ କରିଛି । ପୋଲିସ ସୂଚନାନୁସାରେ, କୁଆଁରମୁଣ୍ଡାସ୍ଥିତ ଡନବସ୍କୋ ସ୍କୁଲର ଜନୈକ ଶିକ୍ଷକଙ୍କ ପୁଅର ମୃତ୍ୟୁ ପରେ କବର ସ୍ଥାନରେ ମାଟି ଦେବା ପାଇଁ ଉକ୍ତ ଛାତ୍ରମାନେ ସ୍କର୍ପିଓରେ ଝୁନ୍‌ମୁରସ୍ଥିତ ଶିକ୍ଷକଙ୍କ ଘରକୁ ଯାଇଥିଲେ । ସେମାନେ ଝୁନମୁରରୁ ହାତୀବାରୀ–କୁଆଁରମୁଣ୍ଡା ରାସ୍ତା ଦେଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।







MARUTI SUZUKI

NEXA

# KEEP THE CELEBRATIONS GOING WITH EXCITING OFFERS




LIMITED PERIOD OFFERS ONLY

VALID TILL 30th NOVEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹25,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹10,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹35,000 | ₹62,400 | ₹55,000 | ₹1,12,900 | ₹65,000 | ₹87,700 |

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**SAMBALPUR: NEXA SAMBALPUR HIGHWAY** (ODYSSEY MOTORS PH: 8599039994).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5-year warranty (2-year standard warranty + 3-year extended warranty) on all NEXA Diesel cars.


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ହାତୀ ଆକ୍ରମଣରେ ମୃତ ଚାଷୀଙ୍କୁ ସହାୟତା ଦେବାକୁ ଦାବି

**ଲୋଇସିଂହା, ୧୯।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଧଉଁରାଦାଦର ଗାଁର ଯୁବଚାଷୀ ଶ୍ରୀରାମ ବିଶାଳଙ୍କ ଗତ ୧୬ତାରିଖ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଜିଲା ଆଦିବାସୀ କଲ୍ୟାଣ ସଂଘ ଆଗଲପୁର ବ୍ଲକ ଶାଖା ସଭାପତି ବଳଦେବ ଭୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା, ଜିଲାପରିଷଦ ସଭ୍ୟ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଜିଲା ଅରକ୍ଷୀ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ, ଆଗଲପୁର ବିଡିଓ, ତହସିଲଦାର, ଲୋଇସିଂହା ରେଞ୍ଜ ଅଫିସର ଓ ଥାନା ଅଧିକାରୀଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ହେଲା ଅନାଥ ୩ ପିଲାଙ୍କୁ ପାଠ ପଢାଇବା ବ୍ୟବସ୍ଥା କରିବା, ଯୁକ୍ତଦୁଇରେ ପଢୁଥିବା ମୃତକଙ୍କ ଝିଅଙ୍କୁ ସରକାରୀ ଚାକିରୀ, ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଘର ଶୀଘ୍ର ସାରିବା, ମତୃକଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ଓ କେନ୍ଦୁଲିଭ କାର୍ଡ ଜନିତ ସରକାରୀ ସହାୟତା ମାସକ ମଧ୍ୟରେ ପ୍ରଦାନ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ନିଯୁକ୍ତି ପରାମର୍ଶ ଶିବିର

**ଟିଟିଲାଗଡ଼, ୧୯।୧୧(ଡି.ଏନ.ଏ.):** ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଓରମାସ ତଥା ଓଡିଶା ଜୀବିକା ମିଶନ ପକ୍ଷରୁ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ବିଡିଓ ମହେନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ ମୁଖ୍ୟଅତିଥି ତଥା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ପ୍ରଗତି ସହାୟକ ପଦ୍ମନାଭ ନାୟକ, ଏସଡିସି ସେଖ କମର ଅଞ୍ଜୁମ, ବ୍ଲକ ଜୀବିକା ମିଶନ ସଂଯୋଜକ ବିକାଶ ସାହୁ, ବିଏସଏସଓ ସୁମନ କଲ୍ୟାଣ ରଣା, ଡବ୍ଲୁଇଓ ଭରତ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜୟ ବେହେରା, ଅନୀଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଶିବିର ନେଇ ଲାଭାର୍ଥି ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମର ରଞ୍ଜିତ ବେହେରା, କ୍ଷିରୋଦ ରଣାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ବଲାଙ୍ଗୀର ଜିଲାର ଦାଦନ ପ୍ରବଣ ଟିଟିଲାଗଡ, ବଙ୍ଗୋମୁଣ୍ଡା, ଖପ୍ରାଖୋଲ, ମୁରିବାହାଲ, ତୁରକେଲା, ବେଲପଡା ଆଦି ୬ଟି ବ୍ଲକର ଯୁବତୀଯୁବକଙ୍କ ତାଲିମ ତଥା ଆତ୍ମନିଯୁକ୍ତି ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିବା ମଞ୍ଚାସୀନ ଅଧିକାରୀ କହିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୦ଟି ଟ୍ରେଡ ସଂସ୍ଥା ଆଗ୍ରହୀ ଯୁବତୀଯୁବକଙ୍କ ନାମ ପଞ୍ଜୀକରଣ କରିଥିଲେ। ମୋଟ ୨୧୫ ଜଣ ଯୁବତିଯୁବକ ବିଭିନ୍ନ ଧନ୍ଦାମୂଳକ ତାଲିମ ପାଇଁ ନିଜ ନାମ ପଞ୍ଜୀକୃତ କରିଥିଲେ।



### କେନ୍ଦୁଉଡ଼ାରରେ ନାଗବାଚା ଯାତ୍ରା

**ଟିକ୍ରାପଡା, ୧୯।୧୧(ଡି.ଏନ.ଏ.) :** ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାର ଗ୍ରାମରେ ମହାକାଳେଶ୍ୱର ନାଗବାଚା କମିଟି ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ନାଗବାଚା ଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। ଗୁରୁ କୁଳଧର ବଗର୍ତ୍ତା, ଅଶୋକ ବଗର୍ତ୍ତା, ହିରଣ୍ୟ ବଗର୍ତ୍ତା, ଡମ୍ବରୁ ମହାକୁର, ପରମେ ନିଆଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରୁଆଙ୍କ ଶରୀରରେ ଲାଙ୍ଗବୁଢା, ଚଣ୍ଡି, ସମଲାଇ, ସାତବହନି, ବନଦୁର୍ଗା, ମହାଦେବ, ହନୁମାନ ପ୍ରଭୃତି ଦେବୀ ଦେବତାଙ୍କ ଆବିର୍ଭାବ କରାଯାଇଥିଲା। ଦେବୀ ଦେବତାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁ ଦେବତାଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। କମିଟି ସଭାପତି ରାଏଚନ ମାଝି, ସମ୍ପାଦକ ପ୍ରମୋଦ ଭୋଇ, ସଦସ୍ୟ କଳିଙ୍ଗ ଦଳପେତ୍, କର୍ଣ୍ଣ ଘିଭେଲା, ବିହାରୀ ଘିଭେଲା, ଭରତ ଘିଭେଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଜିଲାପାଳ କ୍ଷେତ୍ର ଅନୁଧ୍ୟାନ କଲେ

# ରାସ୍ତା ପାଇଁ ସଙ୍କୁଚିତ ହେବନି ରୟାଲ ପଡ଼ିଆ

**ସୋନପୁର,୧୯।୧୧(ନି.ପ୍ର.)**

ରାସ୍ତା ପ୍ରଶସ୍ତୀକରଣ ନାଁରେ ରୟାଲ ପଡିଆକୁ ସଙ୍କୁଚିତ ପାଇଁ ଷଡଯନ୍ତ୍ର ଚାଲିଥିଲା। ପଡିଆ ସମ୍ମୁଖ ପଟୁ ୧୦.୭ ମିଟର ଓସାରର ପ୍ରାୟ ୨ଏକର ଜମି ପ୍ରଶାସନ ନିଜ ଅକ୍ତିଆରକୁ ନେଉଥିଲା। କିଛି ମାସ ପରେ ଦର୍ଶକ ଗ୍ୟାଲେରି ପାଇଁ ଆଉ ୩୦ ଫୁଟ୍ ଓସାରର ଜମି ଅଧିଗ୍ରହଣ ହୋଇଥାନ୍ତା। ପଡିଆ ଭିତରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ତାର ଟଣା ଯାଇଥିଲା। ଏ ସମ୍ପର୍କରେ ଗତ ଅକ୍ଟୋବର ୨୫ତାରିଖ ଧରିତ୍ରୀରେ ବଡ ବଡିଆଙ୍କୁ ଫାଇଦା ପାଇଁ ମସୁଧା, ସଙ୍କୁଚିତ ହେବ ରୟାଲ ପଡିଆ ଶୀର୍ଷକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସହରର ବୁଦ୍ଧିଜୀବୀ ଓ କ୍ରୀଡାବିତ୍ ପଡିଆର ସୁରକ୍ଷା ପାଇଁ ଦୁଇଟି ପର୍ଯ୍ୟାୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଦରଖାସ୍ତ ପ୍ରଦାନ କରିଥିଲେ। ମଙ୍ଗଳବାର ଜିଲାପାଳ ବାନାର୍ଜୀ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ପର୍ଯ୍ୟନ୍ତ ୩.୨୬୦କିମି. ୪ ଥାକିଆ ରାସ୍ତା ଓ ରୟାଲ ପଡିଆର କ୍ଷେତ୍ରୀୟ ତଦନ୍ତ କରିଥିଲେ। ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା ଓ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଜଗଦୀଶ ଚନ୍ଦ୍ର ମହାନନ୍ଦ ମଧ ଉପସ୍ଥିତ ଥିଲେ। ଅନୁଧ୍ୟାନ ପରେ ଜିଲାପାଳ କହିଥିଲେ ରୟାଲ ପଡିଆକୁ ସଙ୍କୁଚିତ କରାଯିବନି। ଅପରପାର୍ଶ୍ୱରେ ଥିବା ସରକାରୀ ଜମିରୁ ଜବରଦଖଲ ହଟା



ଜିଲାପାଳ ମୋନିଷା ବାନାର୍ଜୀ ଅଧିକାରୀଙ୍କ ସହ ରାସ୍ତା ପ୍ରଶସ୍ତୀକରଣ ପାଇଁ ସ୍ଥାନ ଅନୁଧ୍ୟାନ କରୁଛନ୍ତି।

**ସରକାରୀ ଜମିରୁ ଜବରଦଖଲ ହଟିବ**

ଯାଇ ରାସ୍ତା ନିର୍ମାଣ ହେବ। ଏଥିପାଇଁ ନୂତନ ସର୍ଭେ ହେବ। ରାସ୍ତା ପାଇଁ କ୍ଷତିଗ୍ରସ୍ତ ହେଉଥିବା ବିଦ୍ୟାଳୟ, ମାର୍କେଟ କମ୍ପ୍ଲେକ୍ସ, ଜିଲାପାଳଙ୍କ କାର୍ଯ୍ୟାଳୟ ଓ କୃଷି ବିଭାଗ କାର୍ଯ୍ୟାଳୟର ପ୍ରାଚୀର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଆବଶ୍ୟକ ଅର୍ଥ ପ୍ରଦାନ କରିବ। ନିୟମ ଅନୁଯାୟୀ ସରକାରୀ, ବେସରକାରୀ ଓ ଦେବୋତ୍ତର ଜମି ଅଧିଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ଆବଶ୍ୟକସ୍ଥଳେ ପଡିଆ ଭିତରୁ ବିଦ୍ୟୁତ୍ ଖୁଣ୍ଟ ହଟିବ।

ପ୍ରକାଶ ଯେ, ଏହି ରାସ୍ତା ନିର୍ମାଣ ପାଇଁ ୬କୋଟି ୭୯ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ତେବେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ନ କରି ବ୍ଲକ ଛକସ୍ଥିତ ୮ ଏକର ପରିମିତ ଅଞ୍ଚଳରେ ଥିବା ରୟାଲ ପଡିଆକୁ ନିଶ୍ଚିହ୍ନ କରି ଦେବାକୁ ସମସ୍ତ ଯୋଜନା ହୋଇଥିଲା। ଏହି ସମତଳ ପଡିଆରେ ମୁଖ୍ୟମନ୍ତ୍ରୀଙ୍କ ସଭାଠାରୁ ଆରମ୍ଭ କରି, ବିଭିନ୍ନ ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, ଫୁଟବଲ ଓ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟମାନ ବର୍ଷ ସାରା ଆୟୋଜନ ହୋଇଥାଏ। ପ୍ରାତଃ ଓ ସନ୍ଧ୍ୟା ସମୟରେ ସହରବାସୀ ପଡିଆରେ ଭ୍ରମଣ କରନ୍ତି। ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ଖେଳପଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପଡିଆରେ ଫୁଟବଲ ଖେଳ ପାଇଁ ଉଦ୍ଦିଷ୍ଟ ଦର୍ଶକ ଗ୍ୟାଲେରି ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୧ ବର୍ଷ ପୂର୍ବରୁ ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ମ୍ୟୁନିସିପାଲିଟି ୬କୋଟି ୨୮ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରିଛି। ଏହି ଗ୍ୟାଲେରି ତଳେ ୪୦ରୁ ଉର୍ଦ୍ଧ୍ୱ ଦୋକାନ ଘର ନିର୍ମାଣ କରାଯିବାର ଯୋଜନା ରହିଛି। ସରକାରଙ୍କ ଅନୁଦାନ ମିଳିଲେ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି।

### ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା ବୃଦ୍ଧି ଦାବି

**ଖପ୍ରାଖୋଲ, ୧୯।୧୧ (ଡି.ଏନ.ଏ.)**

ରାଜ୍ୟରେ କାର୍ଯ୍ୟରତ ୪୦ ହଜାର ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବୃଦ୍ଧି ଦାବିରେ ଖପ୍ରାଖୋଲ ଜୁନିୟର ଶିକ୍ଷକ ସଂଘ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ତରଫରୁ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠୀ ପ୍ରସାଦ ଝାଙ୍କରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ମାତ୍ର ୭ ହଜାର ୪ ଶହ ଟଙ୍କା ଦରମାରେ କାମ କରୁଥିବାବେଳେ ୫ଟି ମାଧ୍ୟମରେ ଗୁଣାତ୍ମକ ଶିକ୍ଷାର କଥା ସରକାର କହୁଛନ୍ତି। ହେଲେ ସଂଘର ଦାବିକୁ ରାଜ୍ୟ ସରକାର ଅଣଦେଖା କରୁଥିବାରୁ ଦାବି ପୂରଣ ନ ହେଲେ ୨୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂଘ ଆନ୍ଦୋଳକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ଅବସରରେ ସଂଘର ବ୍ଲକ ଶାଖା ସଭାପତି ମୁକେଶ ସୁନା, ଚନ୍ଦ୍ରଶେଖର ମାନସିଂ, ପ୍ରଭାସ ଭୋଇ, ସରୋଜ କୁମାର ସେଠ, ଲୋକନାଥ ବିଶି, କମଳ ବିଶ୍ୱାଳ, ରାଜେଶ ନାଗ, ତୋଫାନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଲୁହା ପ୍ରମୁଖ ଉପସ୍ଥିତ ଥିଲେ।

## ୭ ପ୍ରତିଯୋଗୀ ଜାତୀୟସ୍ତର କ୍ରୀଡ଼ାରେ ଅଂଶଗ୍ରହଣ କରିବେ



ପ୍ରତିଯୋଗୀ ଓ ଜିଲା କ୍ରୀଡା ସଂଘର କର୍ମକର୍ତ୍ତା ଜିଲାପାଳଙ୍କୁ ସାକ୍ଷାତ କରୁଛନ୍ତି।

**ସୋନପୁର,୧୯।୧୧(ନି.ପ୍ର.)**

ତିରୁପତିଠାରେ ହେବାକୁ ଥିବା ୧୭ତମ ଜାତୀୟ କ୍ରୀଡା ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘର ୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବାଳକଙ୍କ ମଧ୍ୟରେ ସୌମ୍ୟଶିଷ ପାଣିଗ୍ରାହୀ, ନମିତା ମୁଣ୍ଡା ଓ ଡଲି ମୁଣ୍ଡା ଏବଂ ୧୬ ବର୍ଷରୁ କମ୍ ବିଭାଗର ବାଳିକା ବାଳକଙ୍କ ମଧ୍ୟରେ ଦୟାନିଧି ମୁଣ୍ଡା, ରାକ୍ଷୀରାଣୀ ମୁଣ୍ଡା, କିଶୋରୀ ମୁଣ୍ଡା ଓ ପ୍ରତିପ୍ରଜ୍ଞା ପୂଜାରୀ ଆଦି୭ ଜଣପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ମଙ୍ଗଳବାର ଜିଲା କ୍ରୀଡା ସଂଘର ସମ୍ପାଦକ ପିୟୁଷ କୁମାର ପଣ୍ଡା, ଉପ ସଭାପତି ଚିତ୍ତରଞ୍ଜନ ତରାସିଆ, ଫୁଟବଲ ସମ୍ପାଦକ ରାଜୀବ ସାହୁ, ଭଲିବଲ ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ, ଜୟନାରାୟଣ ମେଣ୍ଡଲି, ବରିଷ୍ଠ ସଦସ୍ୟ କଇରୁ ସ୍ୱାଇଁ, ଗୌରିଶ୍ୟାମ ପଣ୍ଡା, ଜିତେନ୍ଦ୍ର ସାହୁ, ନନ୍ଦ କିଶୋର ତ୍ରିପାଠୀ, ବଳରାମ ପଟ୍ଟନାୟକ, ସତ୍ୟ ନାରାୟଣ ରାଓ, ୭ ପ୍ରତିଯୋଗୀ ଓ ପ୍ରଶିକ୍ଷକ କଲିମ ମହମ୍ମଦ ପ୍ରମୁଖ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ପ୍ରତିଯୋଗୀମାନେ ମଙ୍ଗଳବାର ତିରୁପତି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏସ୍‌ପି ଦେବୀପ୍ରସାଦ ଦାଶ ଓ ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ଉପସ୍ଥିତ ଥିଲେ।

### ଆବାସ ଯୋଜନା ହିତାଧିକାରୀଙ୍କୁ ମିଳିନି କାମର ପ୍ରାପ୍ୟ

**ଖପ୍ରାଖୋଲ, ୧୯।୧୧ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମାଟିଆଭଟା ଗାଁର ଉଡ୍‌କୁ ବରିହାଙ୍କ ପୁଅ ଟିକେଲାଲ ବରିହା ଗତ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀ ଆବସ ଯୋଜନାର କାର୍ଯ୍ୟାଦେଶ ପାଇଥିଲେ। ଘର ଛାତ ଯାଏଁ କାମ କରିଥିଲେ ବି ତିନି ମାସ ହେଲା ପାଉଣା ପାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ବାରମ୍ବାର ଜିଓଟେକ ଓ ବ୍ଲକକୁ ପାଉଣା ସମ୍ପର୍କରେ ପଚାରି ବୁଝିଲେ ଆଉ କିଛି ଦିନ ପରେ ଟଙ୍କା ପଡିବ ବୋଲି ହିତାଧିକାରୀ ଜଣକ କେବଳ ପ୍ରତିଶ୍ରୁତି ପାଉଛନ୍ତି। ହେଲେ ଟିକେଲାଲଙ୍କନାମରେ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ତାଙ୍କ ପାଉଣା ୨କିସ୍ତି ୩୫ ହଜାର ଟଙ୍କା ବ୍ଲକରୁ ଯାଇଥିବା ଜାଣିବାକୁ ପାଇ ବ୍ଲକ ପ୍ରଶାସନ ପାଖରେ ସେ ଅଭିଯୋଗ କରିଛନ୍ତି। ହିତାଧିକାରୀ ଜଣକ କାର୍ଯ୍ୟଦେଶ ପାଇଲା ସମୟରେ ଜମି ପଟ୍ଟା, ଆଧାର, ବ୍ୟାଙ୍କ ପାସ ବୁକ୍ ନମ୍ବର ଆଦି ଦେଉଥିଲେ ବି ଅନ୍ୟଲୋକଙ୍କ ଖାତାକୁ ଟଙ୍କା କିଭଳି ଗଲା ତାହା ତଦନ୍ତ ସାପେକ୍ଷ। ଏ ନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି। ତଦନ୍ତ ପରେ ହିତାଧିକାରୀଙ୍କୁ ତୁରନ୍ତ ପାଉଣା ଦେବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସହାୟ ଯୋଜନାରେ କୁଷ୍ଠରୋଗ ମୁକ୍ତଙ୍କୁ ସାମାଜିକ ସହାୟତା

**ସୋନପୁର,୧୯।୧୧(ନି.ପ୍ର.)**

ସୋନପୁର ସହରର ଶାନ୍ତି କୁଟୀର ଅନ୍ତେବାସୀ(କୁଷ୍ଠ ରୋଗ ମୁକ୍ତ)ଙ୍କ ନିମନ୍ତେ ସହାୟ ଯୋଜନାରେ ସାମାଜିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ୧୫ଜଣ ଅନ୍ତେବାସୀଙ୍କୁ ଜିଲାପାଳ ମୋନିଷା ବାନାର୍ଜୀ ବିଭିନ୍ନ ପ୍ରକାର ସାମଗ୍ରୀ ଯଥା କମ୍ବଳ, ଛତା, ତାରପୋଲିନ, ମଶାରୀ, ମଶିଣା, ଧୋତି, ଗାମୁଛା, ଶାଢୀ, ରୋଷେଇ ପାଇଁ ବାସନ, ଖାଇବା ପାଇଁ ବାସନ ଆଦି ପ୍ରଦାନ କରିଥିଲେ। ପୂର୍ବରୁ ଏହି ଯୋଜନାରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଛେଳି ଓ କୁକୁଡା ପାଳନ ପାଇଁ ପରିବାର ପ୍ରତି ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ସେମାନେ ଏହି ଟଙ୍କାରେ କୁକୁଡା ଓ ଛେଳି କିଣି ପାଳନ କରୁଛନ୍ତି। ଅନ୍ତେବାସୀମାନେ ନିଜ ଗୋଡରେ ନିଜେ ଛିଡା ହେବା ସହିତ ଆତ୍ମନିର୍ଭରଶୀଳ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ପଞ୍ଚାୟତ ସମିତି ଅଧକ୍ଷ ମନ୍ଦାକିନୀ ନାଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ପଟେଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁନୀଲ କୁମାର ମହାପାତ୍ର, ଡିଆଇପିଆରଓ ହରିଚରଣ ମିଶ୍ର ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ପରିଚାଳନା କରିଥିଲେ। ବ୍ଲକର ସହାୟକ ନିର୍ବାହୀ ଯନ୍ତ୍ରୀ ଇଂ. ଦୁଃଶାସନ ସାହୁ, ଆଶିଷ କୁମାର ଦାସ, ଜଳନ୍ଧର ଦୀପ, ବିଶ୍ୱନାଥ ଶତପଥୀ, ଅମରଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଝାଡ଼ାବାନ୍ତିରେ ଆଉ ଜଣଙ୍କ ମୃତ୍ୟୁ

**ତରଭା, ୧୯।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଅର୍ଡା ଗ୍ରାମରେ ଝାଡାବାନ୍ତିରେ ପୁଣି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ତରଣୀ କୁମ୍ଭାର(୪୮)। ଗତ ୧୨ତାରିଖରୁ ସେ ବୁର୍ଲାରେ ଚିକିତ୍ସିତ ହେଉଥିଲେ। ତରଣୀ ଗତ ୫ ତାରିଖ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନାଇକେନପାଲି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ୫ଦିନ ଚିକିତ୍ସିତ ହେବା ପରେ ଗୁରୁତର ହେବାରୁ ବୁର୍ଲା ସ୍ଥାନାନ୍ତର ହୋଇଥିଲେ। ତରଣୀଙ୍କ ମୃତଦେହ ମଙ୍ଗଳବାର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତରଣୀ ଜଣେ ଦିନ ମଜୁରିଆ ଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି। ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପୂର୍ବରୁ ଗତ ୧୦ତାରିଖ ଗ୍ରାମର ପ୍ରଭୁଦତ୍ତ କର୍ମୀଙ୍କର କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପ୍ରକାଶ ଯେ, ଗତ ୫ତାରିଖରେ ଗ୍ରାମରେ ପିଏଚ୍‌ଡି ପାଣି ପାଇପ ଫାଟିବା ପରେ ପାଣି ସଂକ୍ରମିତ ହୋଇଥିଲା। ଏହି ପାଣି ପିଇବା ପରେ ଝାଡାବାନ୍ତି ଆରମ୍ଭ ହୋଇଥିଲା ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଇତିମଧ୍ୟରେ ଝାଡାବାନ୍ତିରେ ପ୍ରାୟ ୪୪ ଜଣ ଆକ୍ରାନ୍ତ ହୋଇ ନାଇକେନପାଲି, ବଲାଙ୍ଗୀର, ବୁର୍ଲା ଓ କଟକରେ ଚିକିତ୍ସିତ ହୋଇଛନ୍ତି।

**ଆଜି କ'ଣ କେଉଁଠି** ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବଲାଙ୍ଗୀରରେ ମିଶନ୍ ଶକ୍ତି ଯୁଗ୍ମ ସଚିବ

**ବଲାଙ୍ଗୀର ଅଫିସ/ଦେଓଗାଁ, ୧୯।୧୧(ଡି.ଏନ୍.ଏ)**

ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତର କୁହିମୁଣ୍ଡା ଓ ମୁକୁନ୍ଦପୁର ପଞ୍ଚାୟତର ଥାଲବନ୍ଧ ଗ୍ରାମକୁ ମଙ୍ଗଳବାର ଓଡିଶା ମିଶନଶକ୍ତି ଯୁଗ୍ମ ସଚିବ ସୁଧାଂଶୁ ଏମ୍ ନାୟକ, ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଏକ ଟିମ୍ ପରିଦର୍ଶନ କରିଥିଲେ। କୁହିମୁଣ୍ଡା ରଣଘଣ୍ଟା ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ମାଛ ଚାଷ ପରିଦର୍ଶନ କରିଥିଲେ। ମା' ଦକ୍ଷିଣକାଳୀ, କୁଶଳେଶ୍ୱରୀ ଏସ୍‌ଏଚ୍‌ଜି ପକ୍ଷରୁ କରାଯାଇଥିବା ପନିପରିବା ଚାଷ ବୁଲି ଦେଖିଥିଲେ। ପରିଦର୍ଶନ ସମୟରେ ଡେପୁଟି ସେକ୍ରେଟେରୀ ବିନୋଦ କୁମାର ଜେନା, ଅଙ୍କିତ କୁମାର ସୁଦ୍, ଆରାଧନା ଶ୍ରୀବାସ୍ତବ, ହିମାଂଶୁ ଏସ୍ ବଳ ଉପସ୍ଥିତ ଥିଲେ। ସୀତା ସାହୁ, ରୁକ୍ମିଣୀ ପଧାନ, କଳ୍ପନା ସାହୁ, ଅହଲ୍ୟା ସାହୁ, କନକ ସାହୁ, ଯଶୋବନ୍ତି ପଧାନ ମହଲେଇ ଯୁଜିବି ଋଣ ଦେଉ ନ ଥିବା ନେଇ ଟିମ୍ ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ନବଜାତ ଶିଶୁ ଯତ୍ନ ସପ୍ତାହ ପାଳନ

**ଅମରପାଲି, ୧୯।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅନ୍ତର୍ଗତ ସ୍ଥାନୀୟ ଗାଁ କଲ୍ୟାଣ ସମିତି ତରଫରୁ ସଚେତନତା କାର୍ଯ୍ୟକ୍ରମ ଶିଶୁ ଯତ୍ନ ସପ୍ତାହ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମିତିର ସଭାପତି ଗୀତା ଜଗଦଲା ସଭାପତିତ୍ୱ କରିଥିଲେ। ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଶୁର ଶୈବାଳିନୀ ହୋତା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସରୋଜ କୁମାର ସାହୁ, ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକ, ଆଶାକର୍ମୀ ଯାଜ୍ଞସେନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନବ ଜନ୍ମିତ ଶିଶୁମାନଙ୍କର ଯତ୍ନ, ଖାଦ୍ୟ, ବିଶ୍ରାମ, ଟୀକାକରଣ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚନ୍ଦ୍ରକାନ୍ତି ସାହୁ ପ୍ରଥମ, ଜୟନ୍ତୀ ଭୋଇ ଦ୍ୱିତୀୟ ଓ ଚନ୍ଦ୍ରକାନ୍ତି ମେଣ୍ଡିଲି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ ସୁଦେଷ୍ଣା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମୁର୍ଷୁଣ୍ଡୀରେ ଶିଶୁ ଯତ୍ନ ପାଳନ ଅବସରରେ ଉପସ୍ଥିତ ମହିଳା।

ଭିକି ଏଣ୍ଡ ଗୁଡୁ ମୋମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ରାଉରକେଲା

**ସୋନପୁର,୧୯।୧୧(ନି.ପ୍ର.)**

ସୋନପୁର ନ୍ୟୁ ଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୫ମ ଭିକି ଏଣ୍ଡ ଗୁରୁ ମୋମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରୟାଲ ପଡିଆରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ରେଡ ରୋଜ୍ ସୋନପୁର ଓ କଟକ ସାଇରାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ କଟକର ସାଇରାମ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୫୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହାର ପିଛା କରି ରେଡ୍ ରୋଜ ୯.୩ ଓଭରରେ ୭ ଉଇକେଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଲାଲ ସ୍ପୋର୍ଟିଂ ସୋନପୁର ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲାଲ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭୩ ରନରେ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ରାଉରକେଲା ୭ ଉଇକେଟ୍‌ରେ ବିଜୟ ଲକ୍ଷ୍ୟ ହାସଲ କରି କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ୍ ରେଡ ରୋଜ ସୋନପୁର ବନାମ ରାଉରକେଲା ମଧ୍ୟରେ ହୋଇଥିଲା। ଏଥିରେ ରେଡ ରୋଜ୍ ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୭୩ ରନ କରିଥିଲା। ଯାହାକି ରାଉରକେଲା ଦଳ ୮ ଉଇକେଟ୍‌ରେ ବିଜୟ ହାସଲ କରି ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ଉନ୍ନିତ ହୋଇଛି। ଏହି ମ୍ୟାଚ୍‌କୁ ସରୋଜ କୁମ୍ଭାର, ଅରବିନ୍ଦ ଝା, ରମାକାନ୍ତ ସୁନା ଓ ପିଣ୍ଟୁ ସାମଲ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ନ୍ୟୁଷ୍ଟାର କ୍ଲବର ସମସ୍ତ ସଭ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଜନମୁରା ସରପଞ୍ଚ ଅରବିନ୍ଦ ବାରିକ, ଜିଲା କ୍ରୀଡା ସଂଘର ସଭାପତି ପଠାନ ପଣ୍ଡା, କ୍ରୀଡାବିତ୍ ଜୟନାରାୟଣ ମେଣ୍ଡଲି, ଅଜିତ ପୂଜାହାରୀ, ଦଧି ହରିପାଲ ଓ ଶ୍ରୀରାମ ସୁନା ପ୍ରମୁଖ ଯୋଗ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।



ଯେଉଁଟିକୁ ତୁମେ ଠିକ୍ ବୋଲି ଭାବୁଛ, ତାକୁ ନ କରିବାଟା ହେଉଛି ବ୍ୟର୍ଥତା। ଉଦ୍ୟମ କରି ବିଫଳ ହେବା ବ୍ୟର୍ଥତା ନୁହଁ।
– ଜର୍ଜ ଇଲିଅଟ



## ସଂକ୍ଷେପରେ

### ଭାରତୀୟ ଶିକ୍ଷକ ମଣ୍ଡଳର ଆଲୋଚନା ଚକ୍ର

ବୌଦ୍ଧ,୧୯।୧୧(ସ୍ୱ.ପ୍ର)
ଭାରତୀୟ ଶିକ୍ଷଣ ମଣ୍ଡଳ ବୌଦ୍ଧ ଜିଲା ଶାଖା ଦ୍ୱାରା ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଆବଶ୍ୟକତା ଶୀର୍ଷକ ଏକ ଆଲୋଚନା ଚକ୍ର ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧାପକ ପ୍ରଭାତ କୁମାର ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସ୍କାର ଯୁକ୍ତ ଶିକ୍ଷା ଦ୍ୱାରା ମୂଲ୍ୟବୋଧ ଶିକ୍ଷାର କାର୍ଯ୍ୟକାରିତା ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଅଧାପକ ଦିଲୀପ ଖୁଣ୍ଟିଆ ନିଜକୁ ପରିବର୍ତ୍ତନ କରିବା ସହ ଜୀବନ ପାଇଁ ଶିକ୍ଷା ଗ୍ରହଣ କଲେ ମୂଲ୍ୟବୋଧ ଆବଶ୍ୟକତା କରିହେବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ବିଇଓ ବିକାଶ କାନୁନଗୋ ସମାଜରେ ମୂଲ୍ୟବୋଧର ଅବକ୍ଷୟକୁ କେବଳ ସଚେତନ ନାଗରିକ ଓ ଶିକ୍ଷକ ସମାଜ ହିଁ ସଜାଡି ପାରିବ ବୋଲି ମତପ୍ରକାଶ କରିଥିଲେ। ଗନ୍ଧରାଡି ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ପ୍ରଭାତ କୁମାର ଶତପଥି ସଭାପତିତ୍ୱ କରିଥିବା ବେଳେ ରାଜ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜୟ କୁମାର ସାହୁ ଏବଂ ଅର୍ଜୁନ କୁମାର କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଲୋଚନା ଚକ୍ରରେ ହୃଷିକେଶ ପ୍ରଧାନ, ସୁଶାନ୍ତ ମଲିକ, ଶେଷଦେବ ପ୍ରଧାନ, ପଞ୍ଚାନନ ହେଦୁରୀ, ଧରଣୀଧର ମେହେର, ପ୍ରଦୀପ୍ତ ସାହୁ, ସତ୍ୟନାରାୟଣ ପ୍ରଧାନ ଓ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଶବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିଶୁ ସୁରକ୍ଷା ଅଧିକାର କର୍ମଶାଳା

ବରଗଡ଼ ଅଫିସ୍,୧୯।୧୧– ବରଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଶିଶୁ ସୁରକ୍ଷା ଅଧିକାର ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜ୍ଞାନ ନିରୀକ୍ଷକ ଡ. ମନୋଜ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ, ପୂର୍ବତନ ପୌର ଉପାଧ୍ୟକ୍ଷା କଳ୍ପନା ମାଝି, ଡା. ବିଭୂତି ଭୂଷଣ ମେହେର, ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟା କବିତା ମେହେର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା, ଆଡ଼ଭୋକେଟ୍ ସୁବାସ ଚନ୍ଦ୍ର ଗଡ଼ତିଆ, ଡା. ସୁଧିର କୁମାର ପଣ୍ଡା, ସୁରେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ଓ ସୁରକ୍ଷା ସ୍ଥିତି ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ଶିଶୁ ଗବେଷକ ପ୍ରୀତେଶ ସାହୁ, ଜୟନ୍ତ ପ୍ରଧାନ, ଶିବାନୀ କୁମ୍ଭାର, ମମତା ଭୋଇ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ ।

# ଆଜି ମା' ଭୈରବୀ ମହୋତ୍ସବ

## ପାଞ୍ଚ ଦିନ ଧରି କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ଦୁଲୁକିବ ମଞ୍ଚ





ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ସ୍ଥିତ ମିନି ଷ୍ଟାଡିୟମଠାରେ ମା'ଭୈରବୀ ମହୋତ୍ସବ ନେଇ ପ୍ରସ୍ତୁତି ଚାଲିଛି।

ବୌଦ୍ଧ,୧୯।୧୧(ସ୍ୱ.ପ୍ର.):

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀ ନାମରେ ପ୍ରଥମ ଥର ମା, ଭୈରବୀ ମହୋତ୍ସବ ବୁଧବାର ପୁରୁଣାକଟକସ୍ଥିତ ମିନି ଷ୍ଟାଡିୟମରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଏପରି କି ମହୋତ୍ସବ ସାଙ୍ଗକୁ ପଲ୍ଲୀଶ୍ରୀ ମେଳା ୨୦୧୯ ଅନୁଷ୍ଠିତ ହେବା ନେଇ ସୂଚନା ହୋଇଛି। ମହୋତ୍ସବ ୫ ଦିନ ଧରି ହେବାକୁ ଥିବାବେଳେ ଏଥିରେ ଜିଲାର ହରଭଙ୍ଗା ବ୍ଲକ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରାର ମିଳନ ଦେଖିବାକୁ ମିଳିବ। ଏପରି କି ମହୋତ୍ସବରେ ଅଞ୍ଚଳବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ, ମିନାବଜାର ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟର ମଜା ନେଇ ପାରିବେ। ଏନେଇ ମହୋତ୍ସବ ପଡ଼ିଆରେ ସରକାରୀ ଓ ବେସରକାରୀ ସଂସ୍ଥାର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ସ୍ଥାନିତ ହୋଇଛି। ମହୋତ୍ସବ ଆରମ୍ଭ ପୂର୍ବରୁ ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରୁ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ମଶାଲ ମହୋତ୍ସବ ପଡ଼ିଆରେ ପହଞ୍ଚିବ। ମାଶାଲ ଶୋଭାଯାତ୍ରା ସମୟରେ ଶତାଧିକ କଳାକାର ପାରମ୍ପରିକ ବେଶ ଭୂଷା ସହ ବାଦ୍ୟର ତାଳେ ତାଳେ ଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନ ଦିବସରେ ମୁଖ୍ୟଅତିଥି ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଦିବସରେ ଅନ୍ୟତମ ଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ଜିଲା ପ୍ରଶାସନ ଅଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବର ପ୍ରଥମ ଦିନରେ ପଶ୍ଚିମ ଓଡିଶାର ଲୋକ କଳା, ଢୋଲ, ନିଶାନ, ତାସା ଓ ଦୁଲଦୁଲି ରେ ମଞ୍ଚ ଦୁଲୁକିବ। ମହୋତ୍ସବରେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହା ସହ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଶାନ୍ତି ଶୃଙ୍ଖଳା ପାଇଁ ଦାୟିତ୍ୱ ନେଇଥିବା ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### କନ୍ଧମାଳରେ ଧାନକ୍ରୟ ପ୍ରଶିକ୍ଷଣ ଶିବିର

## ଟୋକନ ବ୍ୟବସ୍ଥା ଚାଷୀ ଅସନ୍ତୋଷର କାରଣ

କନ୍ଧମାଳ,୧୯।୧୧(ଡି.ଏନ.ଏ)
ବୌଦ୍ଧ ଜିଲା କନ୍ଧମାଳ କଲ୍ୟାଣ ମଣ୍ଡପରେ ସୋମବାର ଧାନକ୍ରୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି । ଏହି ଶିବିରରେ ସରକାରଙ୍କ ନୂତନ ଟୋକନ ବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ହାଡିବନ୍ଧୁ ମହାକୁଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଯୋଗାଣ ନିରୀକ୍ଷକ ବିପିନ ବିହାରୀ ମହାପାତ୍ର ଓ ସମବାୟ ନିରୀକ୍ଷକ ଗୁରୁପ୍ରସାଦ ଦାସ ଯୋଗ ଦେଇ ଚାଷୀଙ୍କ ଧାନକ୍ରୟ ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ନିରୀକ୍ଷକ ଦାସ ଧାନକ୍ରୟ ନିମନ୍ତେ ନୂତନ ଟୋକନ ବ୍ୟବସ୍ଥା ଉପରେ କହିଲେ ଯେ, ଚଳିତ ବର୍ଷ ଟୋକନ ବ୍ୟବସ୍ଥା ପ୍ୟାକ୍ସ ହାତରେ ରହିବ ନାହିଁ । ଏହା କେନ୍ଦ୍ରୀୟ ଭାବେ ପରିଚାଳିତ ହେବ । ୧୫ ଦିନ ଆଗରୁ ଧାନ କ୍ରୟର ତାରିଖ ନେଇ ଚାଷୀ ଓ ପ୍ୟାକ୍ସ ଅବଗତ ହେବେ । ଏହି ବ୍ୟବସ୍ଥା ସମ୍ପର୍କରେ ଚାଷୀ ମାଧବ ଚନ୍ଦ୍ର ସାହୁ ଓ ଗୋପବନ୍ଧୁ ସାହୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ମିଲର୍ସ ମାନଙ୍କ ଉପସ୍ଥିତି ନ ଥିବା ନେଇ ଚାଷୀ ଦୃଷ୍ଟି ଆକର୍ଷଣ କରିବା ସହ ଅତିରିକ୍ତ କଟନୀଛଟନୀ ନେଇ ବାହାର ଜିଲାର ମିଲର୍ସମାନଙ୍କୁ କ୍ରୟ ବ୍ୟବସ୍ଥାରେ ସାମିଲ କରିବା ପାଇଁ ଦାବି ଜଣାଇଥିଲେ । ସମ୍ପାଦକ ମହାକୁଡ ଧାନର ମାନ ପରୀକ୍ଷଣ ସହ ବିଭିନ୍ନ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ବିଭାଗୀୟ ସୂଚନା ମତେ ଚଳିତ ବର୍ଷ କନ୍ଧମାଳ ଅଞ୍ଚଳର ୧୫ଟି ପ୍ୟାକ୍ସ ଜରିଆରେ ଆସନ୍ତା ୨୨ ତାରିଖଠାରୁ ଧାନକ୍ରୟ ଆରମ୍ଭ ହେବ ।

## ସଫା ହେଲା ଆବର୍ଜନାରେ ଭରା ଡ୍ରେନ୍

ଗୁଡ଼ଭେଲା,୧୯।୧୧(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ତୁଷୁରା ଏନଏସିରେ ସ୍ୱଚ୍ଛ ଭାରତ ମିଶନ ଫେଲ ମାରିଛି। ସଫେଇ ହେଉ ନ ଥିବାରୁ ଡ୍ରେନସବୁ ଅଳିଆ ଆବର୍ଜନାରେ ଭରି ଯାଇଛି। ଏ ସମ୍ପର୍କରେ ୧୮ତାରିଖ ଧରିତ୍ରୀରେ 'ଆବର୍ଜନାରେ ଭରିଗଲାଣି ଡ୍ରେନ ଶୀର୍ଷକ' ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ତୁଷୁରା ଏନଏସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମଙ୍ଗଳବାର ୪ ଓ ୫ ନମ୍ବର ୱାର୍ଡରେ ଥିବା ଡ୍ରେନର ଆବର୍ଜନା ସଫା କରାଯାଇଥିଲା। ପଲିଥିନ, ପ୍ଲାଷ୍ଟିକ ଗ୍ଲାସ, ଥରମୋକୋଲ ପ୍ଲେଟ ଆଦିକୁ ଡ୍ରେନରୁ ବାହାର କରିଥିଲେ ସଫେଇ କର୍ମଚାରୀ। ଧରୁଆପଡା ଛକ ଓ ଅଗ୍ରସେନ ଭବନ ପାଖ ଡ୍ରେନରୁ ମଇଳା ବାହାର କରି ଦିଆଯାଇଥିବା ବେଳେ ମଶାମରା ତେଲ ପକାଇବା ପାଇଁ ପଡାବାସୀ ପକ୍ଷରୁ ଦାବି ହେଉଛି।

# ବନ୍ୟାର ୩ ମାସ ପରେ ସୁଧୁରିନି ସ୍ଥିତି





ବନ୍ୟାର ୩ ମାସ ପରେ ବି ଫଟକରା ଗାଁର ରାସ୍ତା ମରାମତି ହୋଇନାହିଁ (ବାମ)। ଫଟକରା ଗାଁରେ ଗ୍ରାମବାସୀ ଜରୁରୀ ବୈଠକ କରୁଛନ୍ତି ।

ବଲାଙ୍ଗୀର ଅଫିସ/ପୁଇଁତଲା, ୧୯।୧୧ (ଡି.ଏନ୍.ଏ.)

- ଫଟକରା ଗାଁକୁ ରାସ୍ତା ନାହିଁ, ଚିନ୍ତାରେ ଗ୍ରାମବାସୀ
- ବୈଠକରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି

ବଲାଙ୍ଗୀର ଜିଲାରେ ଗତ ଅଗଷ୍ଟ ମାସରେ ପ୍ରଳୟଙ୍କରୀ ବନ୍ୟା ବିପ୍ଳାତ ଦେଖାଦେଇଥିଲା । ରାସ୍ତାଘାଟ ଧୋଇ ହୋଇଯିବା ସହ ଘରଦ୍ୱାର ଭାଙ୍ଗି ପ୍ରଭୁତ କ୍ଷୟକ୍ଷତି ହୋଇଥିଲା । ପୁଇଁତଲା ବ୍ଲକ ଭାଲେର ପଞ୍ଚାୟତ ଅନ୍ତର୍ଗତ ଫଟକରା (କ) ଗାଁରେ ବନ୍ୟା ଜଳ ପଶି ଯାଇଥିଲା। ରାସ୍ତାଘାଟ ଧୋଇ ହୋଇଯିବା ସହ ଚାଷଜମି ବାଲିଚର ହୋଇ ଯାଇଥିଲା । ଇତିମଧ୍ୟରେ ବନ୍ୟା ହେବାର ୩ ମାସରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ ସ୍ଥିତି ସଳଖିନାହିଁ । ଫଟକରା ଛକରୁ ଗାଁ ଭିତରକୁ ଯାଇଥିବା ପ୍ରଧାନମନ୍ତ୍ରୀ ରାସ୍ତାର ଲକ୍ଷ୍ମୀଯୋର ପୋଲ ପାଖ ରାସ୍ତାର ୫ ମିଟର ଧୋଇ ହୋଇଯାଇଥିଲା । ଏହାବାଦ୍ ଉକ୍ତ ରାସ୍ତାର ଗାଁ ମୁଣ୍ଡରେ ପ୍ରାୟ ୧୮ ଫୁଟର ଗଭୀର ଗର୍ତ୍ତ ଖୋଳି ସେଠାରେ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିଲା। ଏହାବାଦ୍ ରାସ୍ତାର ଅନ୍ୟାନ୍ୟ ସ୍ଥାନରେ ମଧ ବର୍ଷାଜଳ କ୍ଷତିସାଧନ କରିଥିଲା। ବନ୍ୟା ପରେ କ୍ଷୟକ୍ଷତି ସମ୍ପର୍କରେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଗ୍ରାମବାସୀ ସୂଚନା ଦେଇଥିଲେ । ପଞ୍ଚାୟତ ନାଏବ ସରପଞ୍ଚ ଶଙ୍କର ଜାଲ ଏହି ଗାଁର ହୋଇଥିବାରୁ ତାଙ୍କ ନେତୃତ୍ୱରେ ଗ୍ରାମବାସୀ ଶୀଘ୍ର ରାସ୍ତା ମରାମତି ପାଇଁ ଦାବି ଜଣାଇଥିଲେ। ମାତ୍ର ବନ୍ୟାର ଦୀର୍ଘ ୩ ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ ସରପଞ୍ଚ, ବିଡିଓ, ତହସିଲଦାର, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ କେହି କିଛି ବି ପଦକ୍ଷେପ ନେଲେନାହିଁ । ଫଳରେ ଏହି ଗାଁର ଧୋଇ ହୋଇଯାଇଥିବା ରାସ୍ତା ମରାମତି କରାଯାଇନାହିଁ । ମରାମତି ନ ହେବାରୁ ଗାଁ ଲୋକେ ହଇରାଣ ହରକତ ହେଉଛନ୍ତି। ସନ୍ଧ୍ୟା ପରେ ଏହି ରାସ୍ତାରେ ଯାତାୟାତ କରିବା ବିପଜ୍ଜନକ ହୋଇପଡିଛି । ଅନେକ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଧୋଇହେବା ସହ ଅନେକ ଚାଷୀଙ୍କ ଜମିରେ ବାଲିଚର ହୋଇଯାଇ ଫସଲ ନଷ୍ଟ ହୋଇଛି। ଏବେ ଗ୍ରାମବାସୀ ତିଆରି କରିଥିବା ପାଦଚଲା ଅସ୍ଥାୟୀ ବାଟରେ ଗ୍ରାମବାସୀ ଯିବା ଆସିବା କରୁଛନ୍ତି । ପ୍ରଶାସନିକ ଅବହେଳାକୁ ଆଖି ଆଗରେ ରଖି ମଙ୍ଗଳବାର ଗାଁରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଗ୍ରାମବାସୀ ଜିଲାପାଳ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଥିଲେ। ଏଡି ବୈଠକରେ ନାଏବ ସରପଞ୍ଚ ଜାଲଙ୍କ ସହ ଗିରିଧାରୀ ନାଏକ, ଜଗଦାନନ୍ଦ ନାଏକ, ନୃପାନନ୍ଦ ନାଏକ, ବୀଣା ନାଏକ, ପ୍ରେମଲତା ନାଏକ, ସ୍ମୁରୀ ପଟେଲ, ସଞ୍ଜୁଲତା କୁଅଁର, ଅରୁଣ କୁମାର ନାଏକ, ପ୍ରମୋଦ ବାଗ, ସୁନୀଲ କାଲସାଏ, ସଞ୍ଜୟ ପଟେଲ, ସୀତାକାନ୍ତ ବାଗ ଆଲୋକ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଘଣ୍ଟାପଡ଼ା ଅଙ୍ଗନୱାଡ଼ିରେ ଅଙ୍କୁର ଦିବସ ପାଳନ

## ଶିଶୁଙ୍କ ବିକାଶ ଉପରେ ଗୁରୁତ୍ୱ

ଘଣ୍ଟାପଡ଼ା,୧୯।୧୧(ଡି.ଏନ.ଏ.):

କନ୍ଧମାଳ ବ୍ଲକ ଘଣ୍ଟାପଡା ଅଙ୍ଗନୱାଡି କେନ୍ଦ୍ର ୨ରେ ଅଙ୍କୁର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଙ୍ଗନୱାଡି କର୍ମୀ ପ୍ରତିଭା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଘଣ୍ଟାପଡ଼ା ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ଏବଂ ଶିଶୁଙ୍କ ବିକାଶ ଉପରେ ବୁଝାଇଥିଲେ । ସେବିକା ବାସନ୍ତୀ ନାଏକ ସହଯୋଗ କରିଥିଲେ। ଏଥିରେ ଯାଞ୍ଚ କମିଟି ସଭାପତି, ମାତୃମଞ୍ଚ ସଭାନେତ୍ରୀ ଏବଂ ମା'ମାନେ ଯୋଗଦେଇଥିଲେ । ଶିଶୁମାନଙ୍କ ପ୍ରତିଭାର ବିକାଶ ନେଇ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ପ୍ରତିମାସ ୧୯ତାରିଖରେ ଅଙ୍କୁର କାୟର୍ଯ୍ୟକ୍ରମ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କିଛି କେନ୍ଦ୍ରରେ ଏହା ପାଳନ କରାଯାଉଛି । ବିଭିନ୍ନ କେନ୍ଦ୍ରରେ ଏହା କାଗଜ, କଲମରେ ସୀମିତ ରହୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।



ଘଣ୍ଟାପଡା ଅଙ୍ଗନୱାଡି କେନ୍ଦ୍ର ୨ରେ ଅଙ୍କୁର କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ସୋହେଲାରେ ଜନ ଶୁଣାଣି ଶିବିର

ସୋହେଲା,୧୯।୧୧ (ଡି.ଏନ.ଏ)

ସୋହେଲା ବ୍ଲକ ସଭାଗୃହରେ ସୋମବାର ବରଗଡ ଜିଲାପାଳ ଜ୍ୟୋତି ରଞ୍ଜନ ପଧାନଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୮୧ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଏହିପରି ମୋଟ ୮୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଏହି ଶିବିରକୁ ଅଭିଯୋଗ ପାଇଁ ଆସିଥିବା ୩ଜଣଙ୍କୁ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ୨ଜଣଙ୍କ ଭିନ୍ନକ୍ଷମ ଭତ୍ତା ମଞ୍ଜୁର କରି ସେମାନଙ୍କୁ ଶିବିରରେ ଭତ୍ତା ପ୍ରଦାନ କରାଯାଇଥିଲା । ଜନ ଶୁଣାଣି ଶିବିରରେ ବରଗଡ ଏସ୍‌ପି ପଦ୍ମିନୀ ସାହୁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ପଦ୍ମପୁର ଉପ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ସହକାରୀ ଜିଲାପାଳ ସୁମତୀ ପଣ୍ଡା, ସୋହେଲା ବିଡିଓ ବିଶ୍ୱରଞ୍ଜନ କର, ତହସିଲଦାର ଅଶୋକ କୁମାର ଗଡତିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିବର୍ଦ୍ଧନ ବରିହା, ଜିଲା ସାମାଜିକ ନିରାପତ୍ତା ଅଧିକାରୀ ନବକୃଷ୍ଣ ସାହୁ, ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ରଙ୍କ ସମେତ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜନଶୁଣାଣି ଶିବିର ଅବସରରେ ସୋହେଲା କୃଷକ ବିକାଶ ମଞ୍ଚ ତରଫରୁ ସଭାପତି ଜୟକୃଷ୍ଣ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସେହିପରି ସୋହେଲା ନାଗରିକ କମିଟି ସଭାପତି ପ୍ରମୋଦ ଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରି ସୋହେଲାର ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ସମସ୍ୟା ଘେରରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ

ବୌଦ୍ଧ,୧୯।୧୧(ସ୍ୱ.ପ୍ର):



ଦାବିପତ୍ର ଦେବାକୁ ଆସିଥିବା ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରମାନେ।

- ଜିଲାପାଳଙ୍କ ପାଖରେ ଫେରାଦ ହେଲେ ଛାତ୍ର
- ନୂତନ ପୂର୍ଣ୍ଣାଙ୍ଗ ପରିଚଳନା ସମିତି ଗଠନ ଦାବି

ନାକ୍ କମିଟି ପକ୍ଷରୁ ବି'ଗ୍ରେଡ ମାନ୍ୟତା ପାଇଥିବା ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ଘେରରେ ରହିଥିବା ଅଭିଯୋଗ କରି ଛାତ୍ରମାନେ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଛାତ୍ରମାନେ ଦାବି କରିଛନ୍ତି। ଏପରି କି ମହାବିଦ୍ୟାଳୟରେ ପୂର୍ଣ୍ଣାଙ୍ଗ ପରିଚାଳନା ସମିତି ଗଠିତ ହୋଇପାରି ନ ଥିବା ବେଳେ ପରିଚାଳନା ସମିତି ସଭାପତିଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ମାସରେ ଶେଷ ହୋଇଛି। ତଥାପି କାର୍ଯ୍ୟରୁ ଅବ୍ୟାହତି ଦିଆଯାଇ ନ ଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ନୂତନ ପୂର୍ଣ୍ଣାଙ୍ଗ ପରିଚାଳନା ସମିତି ଗଠନ ଦାବି କରାଯାଇଛି। ମହାବିଦ୍ୟାଳୟରେ ଲକ୍ଷାଧିକ ଟଙ୍କାର ପୁସ୍ତକ ଥିବା ବେଳେ ସେସବୁ ଛାତ୍ରୀଛାତ୍ରୀଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ମହାବିଦ୍ୟାଳୟରେ ୧୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ପଢୁଥିବା ବେଳେ ଛାତ୍ରମାନଙ୍କ ପାଇଁ କୌଣସି କମନ୍‌ରୁମ ସୁବିଧା ନାହିଁ। ଏପରି କି ମହାବିଦ୍ୟାଳୟରେ ପିଇବା ପାଣି ନେଇ ୨ଟି ମେଶିନ ଲାଗିଥିବା ବେଳେ ତାହା ଖରାପ ହୋଇପଡିଛି। ମହାବିଦ୍ୟାଳୟର କେତେକ ଶ୍ରେଣୀ ଗୃହ ଅବସ୍ଥାରେ ରହିଥିବା ବେଳେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ମହାବିଦ୍ୟାଳୟରେ ପାଢପଠା ସମୟରେ ବାହାର ପିଲା ପଶୁଥିବା ବେଳେ ସନ୍ଧ୍ୟାରେ ମଦୁଆ ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟୁଛି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଛାତ୍ରମାନେ ଦାବି କରୁଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଛାତ୍ରମାନେ ଚେତାବନୀ ଦେଇଛନ୍ତି।



ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ



## ସଂକ୍ଷେପରେ

### ଘରେ ପଶି ଚୋରି ସହିତ ମରଣାନ୍ତକ ଆକ୍ରମଣ
## ପୋଲିସ ତଦନ୍ତ ଆରମ୍ଭ

ଭଟଲି,୧୯।୧୧(ଡି.ଏନ.ଏ.)
ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଭଟଲି-ଉଦେପାଲି ରାସ୍ତାର ନିଲଜୀ ଛକରେ ସୋମବାର ମଧରାତ୍ରିରେ ଏକ ଅଭାବନୀୟ ଘଟଣା ଘଟିଛି । ରାତି ପ୍ରାୟ ସାଢେ ୨ଟା ସମୟରେ ୩ଟି ବାଇକ୍ ଯୋଗେ ୫ଜଣ ଦୁର୍ବୃତ୍ତ ଛକ ନିକଟରେ ଥିବା ଶଙ୍କର୍ଷଣ ବାଙ୍କଙ୍କ ଘରକୁ ପଶି ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସୁରେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ପରେ ସେହି ଦୁର୍ବୃତ୍ତମାନେ ଘରେ ପଶି ଟଙ୍କା ଭର୍ତ୍ତି ଗୋଟିଏ ବାକ୍ସ ଏବଂ ୨ଟି ମୋବାଇଲ ନେଇ ଫେରାର ହୋଇଯାଇଥିବା ଭଟଲି ଥାନାରେ ଅଭିଯୋଗ ହୋଇଛି । ଖବର ପାଇ ଭଟଲି ଥାନା ଅଧିକାରୀ ରଞ୍ଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ଡଗ୍ ସ୍କ୍ୱାଡ଼ ସହାୟତାରେ ତଦନ୍ତ କରିଛନ୍ତି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୮୮/୧୯) ରୁଜୁ ହୋଇଛି ।

## ପୂର୍ବତନ ବାର୍ ସଭାପତି ଦେବେନ୍ଦ୍ର ଶତପଥୀଙ୍କ ପରଲୋକ

ବରପାଲି, ୧୯।୧୧ (ଡି.ଏନ.ଏ)
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବାର୍ ସଭାପତି ଦେବେନ୍ଦ୍ର ମୋହନ ଶତପଥି (୬୭)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବରଗଡର ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ପରଲୋକ ଘଟିଥିଲା। ପରେ ହସ୍ପିଟାଲରୁ ମୃତଦେହକୁ ବରପାଲି ଅଣାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ମଙ୍ଗଳବାର ସକାଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବାର୍ ସଭାପତି ତାରାପଦ ତ୍ରିପାଠୀ ଓ ଓକିଲ ସଂଘ ସଦସ୍ୟମାନେ ତାଙ୍କ ବାସଭବନକୁ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ଶତପଥି କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ଥାଇ ବରପାଲି ଏନଏସିର ସିଧାସଳଖ କାଉନସିଲର ଦ୍ୱିତୀୟ ଚେୟାରମ୍ୟାନ ନିର୍ବାଚିତ ହୋଇଥିଲେ । ଏହା ବ୍ୟତୀତ ସେ ବିଭିନ୍ନ ଅନୁଷ୍ଠାନ ସହ ରହିଥିଲେ । ସକାଳେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।



## ରେମଣ୍ଡା ଫୁଟବଲ: ଅତାବିରା ବିଜୟୀ

ଭେଡ଼େନ,୧୯।୧୧(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳ ପଡ଼ିଆରେ ରେମଣ୍ଡା ଫୁଟବଲ ମହୋତ୍ସବ ୨୦୧୯ର ଚତୁର୍ଥ ଦିବସ ମଙ୍ଗଳବାର ମ୍ୟାଚରେ ଅତାବିରା ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବିଜୟୀ ଦଳ ଲୁଇସିରା ଏକାଦଶକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ବିଜୟୀ ଦଳର ସମୀର ମହାପାତ୍ରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ରେମଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ପିତବାସ ସାହୁ ଏବଂ ରେମଣ୍ଡା ଡ଼ାକ୍ତରଖାନାର ଡ଼ା. ପ୍ରଶାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ରେଫରୀ ଅନୀଲ ବାଗ, ନିରଞ୍ଜନ ମହାକୁର ଏବଂ ଗୁଣବନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ତନଭି ସାହୁ ଏବଂ ସଞ୍ଜୟ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ । ବୁଧବାର ଜାଙ୍ଗେଡ଼ ଓ ଚିଚିଣ୍ଡା ମଧରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୁତ୍ରରୁ ପ୍ରକାଶ ।

## ଆଡ଼ଭୋକେଟ୍‌ଙ୍କ ପରଲୋକରେ ଶୋକ

ବରଗଡ଼ ଅଫିସ୍,୧୯।୧୧
ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଆଡ଼ଭୋକେଟ୍ ଦେବେନ୍ଦ୍ର ମୋହନ ଶତପଥୀଙ୍କ ପରଲୋକରେ ହୋଇଥିବା ଏହି ଶୋକସଭାରେ ଜିଲା ଓକିଲ ସଂଘର ସଭାପତି ବେଲାଲସେନ ସରାଫ, ସୁବାସ ମଜୁମଦାର, ଶିରିଶ ବଲ୍ଲଭ ମିଶ୍ର, ବିମଳ କିଶୋର ଦେବତା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ । ସଂଘର ଉପସଭାପତି ସରୋଜ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ କୁମାର ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ଓ ଅନ୍ୟ ସଦସ୍ୟ ଶୋକସଭାରେ ଉପସ୍ଥିତ ଥିଲେ ।

# ଆନ୍ଦୋଳନ ମୁହାଁ ଚାଷୀ

ବରଗଡ଼ ଅଫିସ୍/ ଅତାବିରା/ସରଣ୍ଡା, ୧୯।୧୧



ଅତାବିରାରେ ଚାଷୀମାନେ ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରୁଛନ୍ତି ।

- ଜିଲାପାଳ ଅଫିସରେ ପୋଲିସ ସହିତ ଠେଲାପେଲା
- ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କଲେ
- କୃଷକ ସଙ୍ଗଠନ ପକ୍ଷରୁ ଆଜି ଅତାବିରା ବନ୍ଦ ଡାକରା

ବରଗଡ଼ ଜିଲାରେ ନୂଆ ଟୋକନ ବ୍ୟବସ୍ଥା ବିରୋଧରେ ଚାଷୀ ଆନ୍ଦୋଳନ ତୀବ୍ର ହୋଇଛି । ମଙ୍ଗଳବାର ଜିଲାର ଚାଷୀମାନେ ବିଭିନ୍ନ ସରକାରୀ ଅଫିସରେ ତାଲା ପକାଇ ଦେଇଥିବାବେଳେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ବରଗଡ଼, ଭେଡ଼େନ, ଅତାବିରା ସମେତ ବିଭିନ୍ନ ଅଞ୍ଚଳରେ ସେମାନେ ଆନ୍ଦୋଳନ କରିଥିବା ବେଳେ ଅତାବିରାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସେହିପରି ବୁଧବାର କୃଷକ ସଙ୍ଗଠନ ପକ୍ଷରୁ ଅତାବିରା ବନ୍ଦ ଡାକରା ଦିଆଯାଇଛି ।

ପୂର୍ବାହ୍ନ ପ୍ରାୟ ୧୧ଟାରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ । କାର୍ଯ୍ୟାଳୟରେ ବସିଥିବା ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ, ସହକାରୀ ସମବାୟ ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ, ସହକାରୀ ଯୋଗାଣ ଅଧିକାରୀ ଡି.ସି ଭେସ୍ରାଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀଙ୍କୁ ସେଠାରୁ ବାହାର କରି ଚାଷୀମାନେ ତାଲା ପକାଇ ଦେଇଥିଲେ। ଏହାପରେ ଡିଆରସିଏସଙ୍କ ଅଫିସକୁ ଆସି ଚାଷୀମାନେ ସେଠାରେ ତାଲା ମାରିଥିଲେ । ସିଏସଓ ଏବଂ ଡିଆରସିଏସଙ୍କ ଅଫିସରେ ତାଲା ପକାଇବା ପରେ ଚାଷୀମାନେ ଜିଲାପାଳ ଅଫିସକୁ ଯାଇଥିଲେ। ସେଠାରେ ଟୋକନ ବ୍ୟବସ୍ଥା ନେଇ ଜିଲାପାଳ ସ୍ପଷ୍ଟୀକରଣ ଦେବା ପାଇଁ ଚାଷୀମାନେ ଦାବି କରିଥିଲେ । ତେବେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସେତେବେଳେ ଅଫିସରେ ଅନୁପସ୍ଥିତ ଥିଲେ। ଏହାପରେ ଚାଷୀମାନେ ଜିଲାପାଳ ଅଫିସ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ସଭାପତି ଗୌରଚନ୍ଦ୍ର ଖମାରୀ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ କଂଗ୍ରେସ ଯୁବନେତା ନିପନ କୁମାର ଦାଶ ଚାଷୀଙ୍କ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଅନ୍ୟପକ୍ଷେ ଟୋକନ ବ୍ୟବସ୍ଥାକୁ ନେଇ ଆଜି ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ପ୍ରଧାନ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରୀଆଙ୍କ ସମେତ ସମବାୟ, ଯୋଗାଣ, ଆରଏମସି କର୍ତ୍ତୃପକ୍ଷ ଏବଂ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ ଅତାବିରାରେ ଚାଷୀମାନେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରୁଛନ୍ତି। ବୈଠକରେ ଟୋକନ ବ୍ୟବସ୍ଥାକୁ ଚାଷୀ ପ୍ରତିନିଧି ବିରୋଧ କରିଥିଲେ । ଫଳରେ କୌଣସି ନିର୍ଯାସ ବାହାରି ପାରି ନ ଥିଲା । ପ୍ରକାଶଥାଉ କି, ସୋମବାରଠାରୁ ବରଗଡ଼ କଟାପାଲି ପ୍ୟାକ୍ସରେ ଚାଷୀମାନେ ତାଲା ପକାଇ ଧାରଣାରେ ବସିଥିବାବେଳେ ଅତାବିରାରେ ବ୍ଲକ, ତହସିଲ, ଏନଏସି ଏବଂ ସହକାରୀ କୃଷି ଅଧିକାରୀଙ୍କ ଅଫିସରେ ତାଲା ଝୁଲୁଛି ।



ଚାଷୀମାନେ ଧାନକୁ ଟ୍ରାକ୍ଟରରେ ଆଣି ମହୁଲପାଲି ୟାର୍ଡ ସ୍ଥିତ ଗୋଦାମରେ ଗଚ୍ଛିତ ରଖୁଛନ୍ତି ।

## ମଣ୍ଡିକୁ ଧାନ ଆସୁଛି, କିଣାବିକା ହେଉନି

ଗଣ୍ଡତୁରୁମ/ଭେଡେନ, ୧୯।୧୧ (ଡି.ଏନ.ଏ)

ଚଳିତ ଖରିଫ ଧାନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ସରକାର ପ୍ରଥମ କରି ଟୋକନ ବ୍ୟବସ୍ଥା କରିଛନ୍ତି। ମାତ୍ର ଏଥିରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ପରିଲକ୍ଷିତ ହୋଇଛି । ଯେଉଁ ଚାଷୀମାନେ ଧାନ ଅମଳ କରି ଖଳା ଓ ଘରେ ବିକ୍ରି ଉଦ୍ଦେଶ୍ୟରେ ଗଚ୍ଛିତ ରଖିଛନ୍ତି, ସେମାନଙ୍କର ଟୋକନ ଆସିନାହିଁ । ଅଥଚ ଧାନ ପାକଳ ହୋଇ ନ ଥିବା ଚାଷୀଙ୍କ ଟୋକନ ଆସିଛି । ଫଳରେ ଚାଷୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ପୂର୍ବ ଭଳି ପି-ପାସ୍ ଜରିଆରେ ଧାନ ବିକ୍ରି ଏବଂ ଟୋକନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଦାବି କରି ଚାଷୀମାନେ ମଙ୍ଗଳବାର ଭେଡେନ ବ୍ଲକର ୟାର୍ଡ ଗୁଡିକରେ ଆନ୍ଦୋଳନ କରିଛନ୍ତି । ଫଳରେ ଗତ ୧୫ ତାରିଖରୁ ଅତାବିରା ଆରଏମସି ଅନ୍ତର୍ଗତ ୟାର୍ଡ ଗୁଡିକ ଖୋଲା ଯାଇଥିଲେ ମଧ୍ୟ ମଙ୍ଗଳବାର ସୁଦ୍ଧା ଗୋଟାଏ ବସ୍ତା ଧାନ ବିକ୍ରି ହୋଇ ପାରିନାହିଁ। ଧାନ କ୍ରୟ କରିବା ପାଇଁ କୌଣସି ମିଲର୍ସ ମଧ୍ୟ ଆସୁନାହାନ୍ତି । ଅନେକ ଚାଷୀ ନିଜର କଷ୍ଟୋପାର୍ଜିତ ଧାନ ରଖିବା ପାଇଁ ସ୍ଥାନ ଅଭାବରୁ ୟାର୍ଡ ଗୁଡିକୁ ନେଇ ଗୋଦାମ ଘରେ ଏବଂ ଖୋଲା ଆକାଶ ତଳେ ପକାଇ ରଖୁଛନ୍ତି । ଏହି ପରିପ୍ରେକ୍ଷୀରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମଙ୍ଗଳବାର ବିଭିନ୍ନ ୟାର୍ଡ ପରିଦର୍ଶନ କରି ଆନ୍ଦୋଳନରତ ଚାଷୀମାନଙ୍କୁ ଟୋକନ ପ୍ରଚଳନ ଉପରେ ବୁଝାସୁଝା କରିଥିଲେ । ଟୋକନରେ ଧାନ ବିକ୍ରି କରିବା ଦ୍ୱାରା ପ୍ରକୃତ ଚାଷୀ ଉପକୃତ ହେବା ସହିତ ଦଲାଲ ଓ ବାହାର ରାଜ୍ୟର ଧାନ ପ୍ରବେଶ ଉପରେ ଅଙ୍କୁଶ ଲାଗିବ ବୋଲି ସେ କହିଥିଲେ। ମାତ୍ର ଚାଷୀମାନେ ନିଜ ଜିଦରେ ଅଟଳ ରହିଥିଲେ ।

ସୂଚନା ଅନୁସାରେ, ଗତ ୧୮ ତାରିଖରେ ଭେଡେନ ବ୍ଲକ ଖୁଣ୍ଟୁଲିପାଲି ୟାର୍ଡକୁ ଟାମ୍ପରସରା ପ୍ୟାକ୍ସରୁ ୬୦ଟି ଟୋକନରେ ୩୫ ଶହ, ୧୯ରେ ସଂକ୍ରୀଡା ପ୍ୟାକ୍ସରୁ ୧୭୨ଟି ଟୋକନରେ ୧୨ ହଜାର ୭ଶହ ୯୮ କୁଇଣ୍ଟାଲ ଧାନ ବିକ୍ରି ଅନୁମତି ମିଳିଛି। ସେହିପରି ସୋମବାର ରୁଖୁଡା ୟାର୍ଡକୁ ୧୫୬ଟି ଟୋକନରେ ୮ ହଜାର ଏବଂ ମଙ୍ଗଳବାର ୩୬ଟି ଟୋକନରେ ୨୫ ଶହ ୩୮ କୁଇଣ୍ଟାଲ ଓ ମହୁଲପାଲି ୟାର୍ଡକୁ ସିଆଳଖଣ୍ଡହଥା ପ୍ୟାକ୍ସ ଜରିଆରେ ୩ଦିନରେ ୧୮୬ଟି ଟୋକନରେ ଧାନ ବିକ୍ରି ପାଇଁ ଅନୁମତି ମିଳିଛି । ପପଙ୍ଗା, ଭେଡେନ, ରେମଣ୍ଡା, ଝରାପାଲି, ରେଶମ, ଟେଣ୍ଟୁଲିକ୍ରୋ, ସହଁରାକ୍ରୋ ୟାର୍ଡ ଗୁଡିକରେ ଅବ୍ୟବସ୍ଥା ଯୋଗୁ ଚାଷୀଙ୍କ ଗୋଟିଏ ବସ୍ତା ଧାନ ବିକ୍ରି ହୋଇପାରି ନ ଥିବା ଦେଖିବାକୁ ମିଳିଛି ।

## କ୍ୟାନସର ହସ୍‌ପିଟାଲ ଦାବିରେ ଧାରଣା

ବରଗଡ଼ ଅଫିସ୍,୧୯।୧୧




କ୍ୟାନସର ହସପିଟାଲ ଦାବିରେ ବରଗଡ଼ ଗାନ୍ଧିଛକରେ ଗଣଧାରଣା ।

ବରଗଡ଼ ଜିଲାରେ କ୍ୟାନସର ହସପିଟାଲ ଦାବି ପୁଣି ଜୋର୍ ଧରିଛି । ଏହି କ୍ରମରେ ମଙ୍ଗଳବାର ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲ ଇନ୍ ବରଗଡ଼ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକରେ ଗଣଧାରଣା ଦିଆଯାଇଥିଲା । ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଏହି ଧାରଣା ଚାଲିଥିଲା । ପରେ ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା ସେଠାକୁ ପହଞ୍ଚିଥିଲେ । ଫୋରମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ବରଗଡ଼ରେ କ୍ୟାନସର ହସପିଟାଲ ଦାବି ନେଇ ଗତ ଜାନୁୟାରୀ ୨୧ତାରିଖରେ ଫୋରମର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ ଏବଂ ଜିଲାରେ କ୍ୟାନସର ହସପିଟାଲ ସ୍ଥାପନର ଆବଶ୍ୟକତା ଉପରେ ଅବଗତ କରାଇଥିଲେ । ଏହାର ଠିକ୍ ମାସକ ପରେ ଅର୍ଥାତ୍ ଗତ ଫେବୃୟାରୀ ୨୧ତାରିଖ ମୁଖ୍ୟମନ୍ତ୍ରୀ ବରଗଡ଼ ଗସ୍ତରେ ଆସି ସୋହେଲା ବ୍ଲକ ଇଚ୍ଛାପାଲିର ଏକ ସମାବେଶରେ ବରଗଡ଼ରେ କ୍ୟାନସର ହସପିଟାଲ ସ୍ଥାପନ ନେଇ ଘୋଷଣା କରିଥିଲେ । ମାତ୍ର ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ଘୋଷଣାରେ ହିଁ ରହିଯାଇଥିବାରୁ ଫୋରମ ପକ୍ଷରୁ ଉଦବେଗ ପ୍ରକାଶ କରାଯିବା ସହିତ କ୍ୟାନସର ହସପିଟାଲ ସ୍ଥାପନ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ଦାବି ହୋଇଛି । ଫୋରମର ଆବାହକ ପ୍ରଦୀପ ଦେବତାଙ୍କ ନେତୃତ୍ୱରେ ହୋଇଥିବା ଗଣଧାରଣାରେ ଉପଦେଷ୍ଟା ଡା. ରାଜେଶ ତ୍ରିପାଠୀ, ଅଶ୍ୱିନୀ ଦର୍ଜୀ, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ସଭ୍ୟବୃନ୍ଦ ସାମିଲ ଥିଲେ । ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ଭାଜପା, କଂଗ୍ରେସ, ବରଗଡ଼ ସାମ୍ବାଦିକ ସଂଘ, ଓକିଲ ସଂଘ, ରେଳ ଉପଭୋକ୍ତା ସଂଘ, ଚେତନା, ବଣିକ ସଂଘ, ବରିଷ୍ଠ ନାଗରିକ ସଂଘ, ସୈନିକ ସଂଘ, କୋଶଳ ରାଜ୍ୟ ସମନ୍ୱୟ ସମିତି, ବୀର୍ସା ମୁଣ୍ଡା ସଂଘର୍ଷ ବାହିନୀ ଆଦି ଅନୁଷ୍ଠାନର କର୍ମକର୍ତ୍ତା, ସଭ୍ୟବୃନ୍ଦ ଧାରଣାସ୍ଥଳକୁ ପହଞ୍ଚିଥିଲେ।

## ଅଏଁଲାପାଲି ରେ ସଂକ୍ରାନ୍ତି ଉତ୍ସବ ଉଦ୍‌ଯାପିତ

ଭେଡ଼େନ,୧୯।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଶ୍ରୀରାମ ମନ୍ଦିର ପରିସରରେ ଜୟ ଶ୍ରୀରାମ ସତସଙ୍ଗ ମଣ୍ଡଳୀ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ଏକାଦଶ ବାର୍ଷିକ ସଂକ୍ରାନ୍ତି ଉତ୍ସବ ସୋମବାର ଅପରାହ୍ନରେ ଉଦଯାପିତ ହୋଇଛି। ରବିବାର ସକାଳୁ କଳସ ଶୋଭାଯାତ୍ରା ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ରବିବାର ଗୁଲିହାପଦର ଗ୍ରାମର ପ୍ରବଚକ ବ୍ୟାସଦେବ, ମହଦା ଗ୍ରାମର ପ୍ରବଚକ ଅଏଁଠୁ ସାହୁ ପ୍ରବଚନ ପ୍ରଦାନ କରିଥିବା ବେଳେ ସୋମବାର ପ୍ରଶାନ୍ତ ପ୍ରଧାନ ଏବଂ ପ୍ରବଚିକା ହରିପ୍ରିୟା ପ୍ରଧାନ ପ୍ରବଚନ ଦେଇଥିଲେ । ଏହାସହ ସିଂହେନପାଲିର ଭଜନମଣ୍ଡଳୀ ଭାଗବତ ପାରାୟଣ ପରିବେଷଣ କରିଥିଲେ । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବୀରବର ସାହୁ ଏବଂ ବବିତା ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ଲଳିତ ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

### ସୁପ୍ରିୟା ସ୍ମାରକୀ ଫୁଟବଲ
## ସାହାଜବାହାଲ, କଲାପାଣି ବିଜୟୀ

ବରଗଡ଼ ଅଫିସ୍,୧୯।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସାହାଜବାହାଲ ଓ କଲାପାଣି ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସାହାଜବାହାଲ ଓ ଅଇଁଠାପାଲି ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା । ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ସାହାଜବାହାଲ ୪-୨ ଗୋଲରେ ବିଜୟୀ ହୋଇଥିଲା । ସେହିପରି କଲାପାଣି ଓ ବୁଗବୁଗା ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ କଲାପାଣି ୧-୦ ଗୋଲରେ ବିଜୟୀ ହୋଇଥିଲା । ଦଳର ରୁନୁ ମହାପାତ୍ର ଗୋଟିଏ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ବୁଗବୁଗା ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ସଞ୍ଜୟ ଦାଶ, ଗୋପାଳ ନାୟକ, ଉମେଶ ଭୋଇ, ସୁରେଶ ବେହେରା, ପଞ୍ଚାନନ ପାତ୍ର, ରଞ୍ଜୁ ଛତ୍ରିଆ, ମନୋଜ ଭୂୟାଁ, ଶ୍ରୀନିବାସ ରାଓ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।



ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମ୍ମିଳନୀରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀବୃନ୍ଦ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମ୍ମିଳନୀ

ବୌଦ୍ଧ,୧୯।୧୧(ସ୍ୱ.ପ୍ର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବୌଦ୍ଧ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଏକ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବୌଦ୍ଧ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ପ୍ରତାପ ଚନ୍ଦ୍ର ରଥ ଛାତ୍ରମାନଙ୍କ ମଧ୍ୟରେ ରାଷ୍ଟ୍ରପ୍ରେମର ଉଦ୍ୟମ ପାଇଁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡି ହେବାକୁ ଆହ୍ୱାନ ଦେଇଥିଲେ। ସଂଘର ବୌଦ୍ଧ ନଗର କାର୍ଯ୍ୟବାହ ପଦ୍ମଚରଣ ମେହେର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ବଲାଙ୍ଗୀର ବିଭାଗ ସଂଯୋଜକ ଦେବାଶିଷ ଶତପଥି ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଓ ଆଦର୍ଶ ଉପରେ ବର୍ଣ୍ଣନା କରିଥିବା ବେଳେ ଜିଲା ସଂଯୋଜକ ଦେବାଶିଷ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବୌଦ୍ଧ ନଗର ପାଇଁ ନୂତନ କାର୍ଯ୍ୟକାରିଣୀ ମନୋନିତ କରାଯାଇଥିଲା । ଏଥିରେ ସଭାପତି ଭାବେ ଅଧ୍ୟାପକ ପ୍ରତାପ ରଥ, ସମ୍ପାଦକ ବ୍ରଜେଶ ଭାଇ, ସହ ସମ୍ପାଦକ ସୁନୀଲ ମଲିକ ଓ ବବୁଲ ଡାଙ୍ଗ, ଏସଏଫଡି ସଂଯୋଜକ ବ୍ରଜ ମୋହନ ପ୍ରଧାନ, ଏସଏଫଏସ ସଂଯୋଜକ ରାଜେଶ ମହେଶ୍ୱର ଓ ରାଷ୍ଟ୍ରିୟ କଳା ମଞ୍ଚର ଦେବାର୍ଚ୍ଚନ ପ୍ରଧାନଙ୍କୁ ମନୋନିତ କରାଯାଇଥିଲା ।

### ମିଲେଟ ମିଶନରେ ମଡିଆ ଚାଷ୍
## ଚାଷୀ ଅଭାବୀ ବିକ୍‌ରିର ଶିକାର ଅଭିଯୋଗ

ବିଜେପୁର, ୧୯।୧୧ (ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ବ୍ଲକ ଗୁଟେ ଶୁଖା ଅଂଚଲ। ଇଠାନର ଚଷୀଭାଇମାନେ ବରଷା ପାଏନ୍‌କେ ଆଶ୍ରା କରି ଚାଷବାସ୍ କରସନ୍। ସେନ୍‌ତା ବରଷା ପାଏନ୍ ଅଭାବୁ ୨୦୧୫ନୁ ୨୦୧୮ ତକ୍ ଲାଗ୍ ଲାଗ୍ ମର୍‌ଡି ପଡ଼ିଥିଲା। ଯେନ୍‌ଥିରଲାଗି ଚାଷୀର ମେରୁହାଡ଼ ଭାଂଗି ଯାଇଥିଲା। ଇଟାକେ ନିଘା କରି କୃଷି ବିଭାଗ ପହେଲା କରି ଚଲିତି ବଛର ବିଜେପୁର ବ୍ଲକରେ ମିଲେଟ୍ ମିଶନ ଜରିଆରେ ୬୮ ହେକ୍ଟର ଜମିରେ ମଡିଆ ଚାଷ ମୂଲ କରିଛେ। ଚଲତି ବଛର ପହେଲା ହୁମଡ଼ାଥି ମେଘ୍ ପାଏନ୍ ଛାଡ଼ି ଦେଲାକେ ମଡିଆ ଚାଷୀ ବନିହାଁ ନୁକ୍‌ସାନ ସହିଛନ୍। ଏଛେନ୍ ମଡିଆ ବିକ୍‌ରି କଟକନା ଲାଗି ଚାଷୀ ଅଭାବି ବିକ୍‌ରିର ଶିକାର ହେଉଥିବାର ଅଭିଯୋଗ ହେଉଛେ। ଇ ବାବଦେ ଆମେ ଭେଟିଥିଲୁଁ କେତେ ମଡିଆ ଚାଷୀକୁଁ।



ମହିଳାମାନେ ମଡିଆ ମଡ଼ାଦଳା ଉତାରୁ ସାଉଁଟୁଛନ୍।

### ଇମାନେ ଯାହା କହିଛନ୍...

"ଚଲତି ବଛର୍‌ପହେଲା କରି ଗୁଟେ ହେକ୍ଟର ଆଟ୍‌ଥି ମଡିଆ ଚାଷ କରିଥିଲି। ହେଲେ ବରଷା ପାଏନ୍ ଛାଡ଼ ଆର୍ ମହିଷା ରୋଗଥି ଅଧା ଫସଲ ଖପିଗଲା। ବାକି ଫସଲରେ ଆଠ ହଜାର ଟଁକା ଖରଚ କରି ୭ କୁଇଣ୍ଟାଲ ମଡିଆ ଅମଲ କରିଛେଁ। ହେଲେ ଦୁଖର କଥା ହେକ୍ଟର ପିଛା ଝନେ ଚାଷୀ ୩ କୁଇଣ୍ଟାଲ ନ ମଡିଆ ବିକି ପାରବା ବଲି ପରଶାସନ କଟକନା ଜାରି କରିଛେ। ଯେନ୍‌ଥିରଲାଗି ବାକି ୪ କୁଇଣ୍ଟାଲକେ ଅଲପ୍ ଦାମ୍‌ଥି ବେପାରିକେ ଦେବାକେ ପଡ଼ବା।

-ଗୋପାଳ ପଧାନ, ଚାଷୀ।

"ଗୁଟେ ହେକ୍ଟର ଜମିଥି ଆମର ଗ୍ରୁପ୍‌ର ସଭେ ମିଶି ମଡିଆ ଚାଷ କରିଥିଲୁଁ। ଭୁତି ଭୁତିଏର୍ ଛାଡ଼ି ସାର, ଉଷୋ, ବିହନ, ହଳନଂଗଲ ବାବ୍‌ଦେ ୫ରୁ ୬ ହଜାର ଟଁକା ଖରଚା ହେଇଛେ। ଗଲା ବଛରମାନ୍‌କେ ମୁଗ୍, ମୁଗ୍‌ଫଲି ଚାଷ କରୁଥିଲୁଁ। କୃଷି ବିଭାଗର ଆଗିଆଁମାନେ ଆସି ଆମକୁ ମଡିଆ ଚାଷ୍ କରବାକେ ମତାଲେ। କମ୍ ପାଏନ୍, କମ୍ ମେହେନତରେ ଭଲ ଫାଏଦା ମିଲୁଛେ। ହେଲେ ସରକାରୀ ପୋରଛାହନ୍ ମିଲ୍‌ଲେ ଆରଟିକେ ଭଲ ହେତା।

-ଚିତ୍ରରେଖା ଜାଲ, ମା' ଗାୟତ୍ରୀ, ଏସ୍‌ଏଚ୍‌ଜି, ଅଇଲପୁର।

"ଜହ ପାଏନ୍ ହେଲେ ମୁଗ୍, ମୁଗ୍‌ଫଲି ଫସଲ ନୁକ୍‌ସାନ ହେସି। ହେଲେ ମଡିଆ ଫସଲକେ ପାଏନର ଡର ନାଁଇଁ। ଇ ଚାଷରେ ଭଲ ଦୁଇ ପଏସା ଲାଭ ହେବା ବଲି ଆଶ୍ ଅଛେ। ହେକ୍ଟର ପିଛା ୫ ହଜାର ଟଁକା ପୋରଛାହନ୍ ଦିଆଯିବା ବଲି ପରଶାସନ୍ କହିଥିଲା। ହେଲେ ଚାଷବାସ ସରିଗଲା ଉତାରୁ ଭିଲ୍ କାଣି କଉଡ଼ିଟେ ନୁହେ ମିଲେ। ସେନ୍‌ତା ଅମଲ ହେଲା ସବୁ ମଡିଆକେ ସରକାର ଘିନ୍‌ଲେ ଚାଷୀ ଭାଇମାନେ ଇ ଚାଷକେ ଖୁବ୍ ମନ୍ କରବେ।

-ଯତିନ ସାହୁ, ଅଇଲପୁର।

"ଚଲତି ବଛର ବିଜେପୁର ବ୍ଲକରେ ୨୦୦ ହେକ୍ଟର ମଡିଆ ଚାଷ ହେବା ବଲି ଧାଯ୍ ହେଇଥିଲା। ପାଏନ୍‌କାଁଜ୍ ଲାଗି ୬୮ ହେକ୍ଟରରେ ଇ ଚାଷ ହେଇଛେ। ଅର୍ଡା ଆର ଏମ୍ ଶ୍ରୀଗିଡ଼ା ଧାନ ମଣ୍ଡିରେ ଚାଷୀକଁର ମଡିଆକେ କୁଇଣ୍ଟାଲ ପିଛା ୩୧୫୦ ଟଁକାରେ ଘିନବାର ଯୋଜନା ରହିଛେ। ଚାଷୀ ମଣ୍ଡିରେ ମଡିଆ ବିକି ସାଏଲେ ନିଅମ୍ ହିସାବେ ସରକାରୀ ପୋରଛାହନ୍ ଯୁଗେଇ ଦିଆଯିବା। ୨୦୦ କୁଇଣ୍ଟାଲ ମଡିଆ ଘିନବାର ବେବସ୍‌ତା କରାଯାଇଛେ।

-ଲକ୍ଷ୍ମୀପ୍ରସାଦ ପଟେଲ, ବ୍ଲକ ସହକାରୀ କୃଷି ଅଧିକାରୀ, ବିଜେପୁର।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ହାତୀ ଆକ୍ରମଣରେ ମୃତ ଚାଷୀଙ୍କୁ ସହାୟତା ଦେବାକୁ ଦାବି

**ଲୋଇସିଂହା, ୧୯।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଧଉଁରାଦାଦର ଗାଁର ଯୁବଚାଷୀ ଶ୍ରୀରାମ ବିଶାଳଙ୍କ ଗତ ୧୬ତାରିଖ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଜିଲା ଆଦିବାସୀ କଲ୍ୟାଣ ସଂଘ ଆଗଲପୁର ବ୍ଲକ ଶାଖା ସଭାପତି ବଳଦେବ ଭୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା, ଜିଲାପରିଷଦ ସଭ୍ୟ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ, ଆଗଲପୁର ବିଡିଓ, ତହସିଲଦାର, ଲୋଇସିଂହା ରେଞ୍ଜ ଅଫିସର ଓ ଥାନା ଅଧିକାରୀଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ହେଲା ଅନାଥ ୩ ପିଲାଙ୍କୁ ପାଠ ପଢାଇବା ବ୍ୟବସ୍ଥା କରିବା, ଯୁକ୍ତଦୁଇରେ ପଢୁଥିବା ମୃତକଙ୍କ ଝିଅଙ୍କୁ ସରକାରୀ ଚାକିରୀ, ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଘର ଶୀଘ୍ର ସାରିବା, ମତୃକଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ଓ କେନ୍ଦୁଲିଭ କାର୍ଡ ଜନିତ ସରକାରୀ ସହାୟତା ମାସକ ମଧ୍ୟରେ ପ୍ରଦାନ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ନିଯୁକ୍ତି ପରାମର୍ଶ ଶିବିର

**ଟିଟିଲାଗଡ଼, ୧୯।୧୧(ଡି.ଏନ.ଏ.):** ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଓରମାସ ତଥା ଓଡିଶା ଜୀବିକା ମିଶନ ପକ୍ଷରୁ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ବିଡିଓ ମହେନ୍ଦ୍ର ପ୍ରଧାନୀ ଅଧକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ ମୁଖ୍ୟଅତିଥି ତଥା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ପ୍ରଗତି ସହାୟକ ପଦ୍ମନାଭ ନାୟକ, ଏସଡିସି ସେଖ କମର ଅଞ୍ଜୁମ, ବ୍ଲକ ଜୀବିକା ମିଶନ ସଂଯୋଜକ ବିକାଶ ସାହୁ, ବିଏସଏସଓ ସୁମନ କଲ୍ୟାଣ ରଣା, ଡବ୍ଲୁଇଓ ଭରତ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜୟ ବେହେରା, ଅନୀଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୁର୍ବରୁ ଶିବିର ନେଇ ଲାଭାର୍ଥି ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମର ରଞ୍ଜିତ ବେହେରା, କ୍ଷିରୋଦ ରଣାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ବଲାଙ୍ଗୀର ଜିଲାର ଦାଦନ ପ୍ରବଣ ଟିଟିଲାଗଡ, ବଙ୍ଗୋମୁଣ୍ଡା, ଖପ୍ରାଖୋଲ, ମୁରିବାହାଲ, ତୁରେକେଲା, ବେଲପଡା ଆଦି ୬ଟି ବ୍ଲକର ଯୁବତୀଯୁବକଙ୍କ ତାଲିମ ତଥା ଆତ୍ମନିଯୁକ୍ତି ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିବା ମଞ୍ଚାସୀନ ଅଧିକାରୀ କହିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୦ଟି ଟ୍ରେଡ ସଂସ୍ଥା ଆଗ୍ରହୀ ଯୁବତୀଯୁବକଙ୍କ ନାମ ପଞ୍ଜୀକରଣ କରିଥିଲେ। ମୋଟ ୨୧୫ ଜଣ ଯୁବତିଯୁବକ ବିଭିନ୍ନ ଧନ୍ଦାମୂଳକ ତାଲିମ ପାଇଁ ନିଜ ନାମ ପଞ୍ଜୀକୃତ କରିଥିଲେ।

# ବନ୍ୟାର ୩ମାସ ପରେ ସୁଧୁରିନି ସ୍ଥିତି

**ବଲାଙ୍ଗୀର ଅଫିସ/ପୁଇଁତଲା, ୧୯।୧୧ (ଡି.ଏନ୍.ଏ.)**





ବନ୍ୟାର ୩ ମାସ ପରେ ବି ଫଟକରା ଗାଁର ରାସ୍ତା ମରାମତି ହୋଇନାହିଁ (ବାମ)। ଫଟକରା ଗାଁରେ ଗ୍ରାମବାସୀ ଜରୁରୀ ବୈଠକ କରୁଛନ୍ତି।

ବଲାଙ୍ଗୀର ଜିଲାରେ ଗତ ଅଗଷ୍ଟ ମାସରେ ପ୍ରଳୟଙ୍କରୀ ବନ୍ୟା ବିପ୍ଲାତ ଦେଖାଦେଇଥିଲା । ରାସ୍ତାଘାଟ ଧୋଇ ହୋଇଯିବା ସହ ଘରଦ୍ୱାର ଭାଙ୍ଗି ପ୍ରଭୁତ କ୍ଷୟକ୍ଷତି ହୋଇଥିଲା । ପୁଇଁତଲା ବ୍ଲକ ଭାଲେର ପଞ୍ଚାୟତ ଅନ୍ତର୍ଗତ ଫଟକରା (କ) ଗାଁରେ ବନ୍ୟା ଜଳ ପଶି ଯାଇଥିଲା। ରାସ୍ତାଘାଟ ଧୋଇ ହୋଇଯିବା ସହ ଚାଷଜମି ବାଲିଚର ହୋଇ ଯାଇଥିଲା । ଇତିମଧ୍ୟରେ ବନ୍ୟା ହେବାର ୩ ମାସରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ସ୍ଥିତି ସଳଖିନାହିଁ । ଫଟକରା ଛକରୁ ଗାଁ ଭିତରକୁ ଯାଇଥିବା ପ୍ରଧାନମନ୍ତ୍ରୀ ରାସ୍ତାର ଲକ୍ଷ୍ମୀଯୋର ପୋଲ ପାଖ ରାସ୍ତାର ୫ ମିଟର ଧୋଇ ହୋଇଯାଇଥିଲା । ଏହାବାଦ୍ ଉକ୍ତ ରାସ୍ତାର ଗାଁ ମୁଣ୍ଡରେ ପ୍ରାୟ ୧୮ ଫୁଟର ଗଭୀର ଗର୍ତ୍ତ ଖୋଳି ସେଠାରେ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିଲା। ଏହାବାଦ୍ ରାସ୍ତାର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବର୍ଷାଜଳ କ୍ଷତିସାଧନ କରିଥିଲା। ବନ୍ୟା ପରେ କ୍ଷୟକ୍ଷତି ସମ୍ପର୍କରେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଗ୍ରାମବାସୀ ସୂଚନା ଦେଇଥିଲେ । ପଞ୍ଚାୟତ ନାଏବ ସରପଞ୍ଚ ଶଙ୍କର ଜାଲ ଏହି ଗାଁର ହୋଇଥିବାରୁ ତାଙ୍କ ନେତୃତ୍ୱରେ ଗ୍ରାମବାସୀ ଶୀଘ୍ର ରାସ୍ତା ମରାମତି ପାଇଁ ଦାବି ଜଣାଇଥିଲେ। ମାତ୍ର ବନ୍ୟାର ଦୀର୍ଘ ୩ ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ସରପଞ୍ଚ, ବିଡିଓ, ତହସିଲଦାର, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ କେହି କିଛି ବି ପଦକ୍ଷେପ ନେଲେନାହିଁ । ଫଳରେ

- ଫଟକରା ଗାଁକୁ ରାସ୍ତା ନାହିଁ, ଚିନ୍ତାରେ ଗ୍ରାମବାସୀ
- ବୈଠକରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି

ଏହି ଗାଁର ଧୋଇ ହୋଇଯାଇଥିବା ରାସ୍ତା ମରାମତି କରାଯାଇନାହିଁ । ମରାମତି ନ ହେବାରୁ ଗାଁ ଲୋକେ ହଇରାଣ ହରକତ ହେଉଛନ୍ତି। ସନ୍ଧ୍ୟା ପରେ ଏହି ରାସ୍ତାରେ ଯାତାୟାତ କରିବା ବିପଜ୍ଜନକ ହୋଇପଡିଛି । ଅନେକ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଧୋଇହେବା ସହ ଅନେକ ଚାଷୀଙ୍କ ଜମିରେ ବାଲିଚର ହୋଇଯାଇ ଫସଲ ନଷ୍ଟ ହୋଇଛି। ଏବେ ଗ୍ରାମବାସୀ ତିଆରି କରିଥିବା ପାଦଚଲା ଅସ୍ଥାୟୀ ବାଟରେ ଗ୍ରାମବାସୀ ଯିବା ଆସିବା କରୁଛନ୍ତି। ପ୍ରଶାସନିକ ଅବହେଳାକୁ ଆଖି ଆଗରେ ରଖି ମଙ୍ଗଳବାର ଗାଁରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଗ୍ରାମବାସୀ ଜିଲାପାଳ ଅଫିସ ଫେରାଉ କରିବେ ବୋଲି ଚେତାବନୀ ଦେଇଥିଲେ। ଏଡି ବୈଠକରେ ନାଏବ ସରପଞ୍ଚ ଜାଲଙ୍କ ସହ ଗିରିଧାରୀ ନାଏକ, ଜଗଦାନନ୍ଦ ନାଏକ, ନୃପାନନ୍ଦ ନାଏକ, ବୀଣା ନାଏକ, ପ୍ରେମଲତା ନାଏକ, ସ୍ମୁରୀ ପଟେଲ, ସଞ୍ଜୁଲତା କୁଅଁର, ଅରୁଣ କୁମାର ନାଏକ, ପ୍ରମୋଦ ବାଗ, ସୁନୀଲ କାଲସାଏ, ସଞ୍ଜୟ ପଟେଲ, ସୀତାକାନ୍ତ ବାଗ ଆଲୋକ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଆବାସ ଯୋଜନା ହିତାଧିକାରୀଙ୍କୁ ମିଳିନି କାମର ପ୍ରାପ୍ୟ

**ଖପ୍ରାଖୋଲ, ୧୯।୧୧ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମାଟିଆଭଟା ଗାଁର ଉଚ୍ଛୁକୁ ବରିହାଙ୍କ ପୁଅ ଟିକେଲାଲ ବରିହା ଗତ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀ ଆବସ ଯୋଜନାର କାର୍ଯ୍ୟାଦେଶ ପାଇଥିଲେ । ଘର ଛାତ ଯାଏଁ କାମ କରିଥିଲେ ବି ତିନି ମାସ ହେଲା ପାଉଣା ପାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ବାରମ୍ବାର ଜିଓଟେକ ଓ ବ୍ଲକକୁ ପାଉଣା ସମ୍ପର୍କରେ ପଚାରି ବୁଝିଲେ ଆଉ କିଛି ଦିନ ପରେ ଟଙ୍କା ପଡିବ ବୋଲି ହିତାଧିକାରୀ ଜଣକ କେବଳ ପ୍ରତିଶ୍ରୁତି ପାଉଛନ୍ତି। ହେଲେ ଟିକେଲାଲଙ୍କନାମରେ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ତାଙ୍କ ପାଉଣା ୨କିସ୍ତି ୩୫ ହଜାର ଟଙ୍କା ବ୍ଲକରୁ ଯାଇଥିବା ଜାଣିବାକୁ ପାଇ ବ୍ଲକ ପ୍ରଶାସନ ପାଖରେ ସେ ଅଭିଯୋଗ କରିଛନ୍ତି। ହିତାଧିକାରୀ ଜଣକ କାର୍ଯ୍ୟଦେଶ ପାଇଲା ସମୟରେ ଜମି ପଟ୍ଟା, ଆଧାର, ବ୍ୟାଙ୍କ ପାସ ବୁକ୍ ନମ୍ବର ଆଦି ଦେଉଥିଲେ ବି ଅନ୍ୟଲୋକଙ୍କ ଖାତାକୁ ଟଙ୍କା କିଭଳି ଗଲା ତାହା ତଦନ୍ତ ସାପେକ୍ଷ । ଏ ନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି। ତଦନ୍ତ ପରେ ହିତାଧିକାରୀଙ୍କୁ ତୁରନ୍ତ ପାଉଣା ଦେବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା ବୃଦ୍ଧି ଦାବି

**ଖପ୍ରାଖୋଲ, ୧୯।୧୧ (ଡି.ଏନ.ଏ.)**

- ବିଡିଓଙ୍କୁ ଦାବିପତ୍ର ପ୍ରଦାନ
- ଦାବି ପୂରଣ ନ ହେଲେ ଆନ୍ଦୋଳନ

ରାଜ୍ୟରେ କାର୍ଯ୍ୟରତ ୪୦ ହଜାର ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବୃଦ୍ଧି ଦାବିରେ ଖପ୍ରାଖୋଲ ଜୁନିୟର ଶିକ୍ଷକ ସଂଘ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ତରଫରୁ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠୀ ପ୍ରସାଦ ଝାଙ୍କରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ମାତ୍ର ୭ ହଜାର ୪ ଶହ ଟଙ୍କା ଦରମାରେ କାମ କରୁଥିବାବେଳେ ୫ଟି ମାଧ୍ୟମରେ ଗୁଣାତ୍ମକ ଶିକ୍ଷାର କଥା ସରକାର କହୁଛନ୍ତି। ହେଲେ ସଂଘର ଦାବିକୁ ରାଜ୍ୟ ସରକାର ଅଣଦେଖା କରୁଥିବାରୁ ଦାବି ପୂରଣ ନ ହେଲେ ୨୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂଘ ଆନ୍ଦୋଳକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ଅବସରରେ ସଂଘର ବ୍ଲକ ଶାଖା ସଭାପତି ମୁକେଶ ସୁନା, ଚନ୍ଦ୍ରଶେଖର ମାନସିଂ, ପ୍ରଭାସ ଭୋଇ, ସରୋଜ କୁମାର ସେଠ, ଲୋକନାଥ ବିଶି, କମଳ ବିଶ୍ୱାଳ, ରାଜେଶ ନାଗ, ତୋଫାନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଲୁହା ପ୍ରମୁଖ ଉପସ୍ଥିତ ଥିଲେ ।



ବିଡିଓ ଷଷ୍ଠୀ ପ୍ରସାଦ ଝାଙ୍କରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ୬୬ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ

## ସମବାୟ ଆନ୍ଦୋଳନରେ ନୂଆ ଦେଶ ଗଠନ ସମ୍ଭବ

**ବଲାଙ୍ଗୀର ଅଫିସ, ୧୯।୧୧**

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଉପନିବନ୍ଧକ ସମବାୟ ସମିତି ସମୂହ ବଲାଙ୍ଗୀର ଆନୁକୂଲ୍ୟରେ ମଙ୍ଗଳବାର ୬୬ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯାଇଥିଲା । ଏହି ଅବସରରେ ନୂତନ ଭାରତ ଓ ନୂତନ ଓଡିଶା ନିର୍ମାଣରେ ସମବାୟର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଡିଆରସିଏସ୍ ବଙ୍କିମଚନ୍ଦ୍ର ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକଭାବେ ଅବସରପ୍ରାପ୍ତ ଅର୍ଥନୀତି ପ୍ରାଧ୍ୟାପକ ଡ ମହେଶ ପଟ୍ଟନାୟକ, ଶିକ୍ଷାବିତ୍ ନାଟ୍ୟଭୂଷଣ ଗଜଦାନନ୍ଦ ଛୁରିଆ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍ଗ ସଭାପତି ଲକ୍ଷ୍ମଣ କୁମାର ମେହେର, ବ୍ୟାଙ୍କ ସିଇଓ ବାଙ୍କାନିଧି ରାୟଗୁରୁ, ଜିଲା ଶିକ୍ଷ ତାଲିମ କେନ୍ଦ୍ର ଜିଏମ୍ ପ୍ରଭୁ ଚୌଧୁରୀ, ଏଆରସିଏସ୍ ଗଜେନ୍ଦ୍ର ପଣ୍ଡା ମଞ୍ଚାସୀନ ହୋଇଥିଲେ । ସମବାୟ ଆନ୍ଦୋଳନ ଜରିଆରେ ଦେଶ ଓ ରାଜ୍ୟର ବିକାଶ ସମ୍ଭବ ବୋଲି ବକ୍ତାମାନେ କହିଥିଲେ । ସମବାୟ ଆନ୍ଦୋଳନ ଜରିଆରେ ଲୋକଙ୍କୁ କିଭଳି ସଶକ୍ତ କରାଯାଇପାରିବ ସେନେଇ ପ୍ରଫେସର ପଟ୍ଟନାୟକ ଓ ଶିକ୍ଷାବିତ୍ ଛୁରିଆ ବିସ୍ତୃତ ଆଲୋଚନା କରିଥିଲେ । ସମବାୟ ଆନ୍ଦୋଳନ ସମ୍ପର୍କରେ ଜାତୀୟସ୍ତରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆଲୋଚନା କରି ଡିସିସି ବ୍ୟାଙ୍କ ସଭାପତି ମେହେର ସମବାୟ ବିଭାଗର ଦୁର୍ବଳତାକୁ ମଧ୍ୟ ଲୋକଲୋଚନକୁ ଆଣିଥିଲେ। ପାରସ୍ପରିକ ସହଯୋଗ ହେଲେ ଯାଇ ସମବାୟ ଆନ୍ଦୋଳନ ସଫଳ ହେବ ବୋଲି ସେ କହିଥିଲେ । ସଭାକୁ ଜ୍ୟୋତି ମିଶ୍ର ସଂଯୋଜନା କରିଥିଲେ। ଏହି ସଭାରେ ସମବାୟ ସମୂହ, ପ୍ୟାକ୍ସ, ସମବାୟ ବ୍ୟାଙ୍କର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠିତ କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।



ସମବାୟ ସପ୍ତାହ ପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କେନ୍ଦୁଉଡ଼ାରରେ ନାଗବାଚା ଯାତ୍ରା

**ଟିକ୍ରାପଡା, ୧୯।୧୧(ଡି.ଏନ.ଏ.)**

ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାର ଗ୍ରାମରେ ମହାକାଳେଶ୍ୱର ନାଗବାଚା କମିଟି ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ନାଗବାଚା ଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି । ଗୁରୁ କୁଳଧର ବଗର୍ତ୍ତା, ଅଶୋକ ବଗର୍ତ୍ତା, ହିରଣ୍ୟ ବଗର୍ତ୍ତା, ଡମ୍ବରୁ ମହାକୁର, ପରମେ ନିଆଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରୁଆଙ୍କ ଶରୀରରେ ଲାଙ୍କବୁଢା, ଚଣ୍ଡି, ସମଲାଇ, ସାତବହନି, ବନଦୁର୍ଗା, ମହାଦେବ, ହନୁମାନ ପ୍ରଭୃତି ଦେବୀ ଦେବତାଙ୍କ ଆର୍ବିର୍ଭାବ କରାଯାଇଥିଲା। ଦେବୀ ଦେବତାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁ ଦେବତାଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । କମିଟି ସଭାପତି ରାଏଟନ ମାଝି, ସମ୍ପାଦକ ପ୍ରମୋଦ ଭୋଇ, ସଦସ୍ୟ କଳିଙ୍ଗ ଦଳପେତ୍, କର୍ଣ୍ଣ ଘିଭେଲା, ବିହାରୀ ଘିଭେଲା, ଭରତ ଘିଭେଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



କେନ୍ଦୁଉଡାରଠାରେ ନାଗବାଚା ଯାତ୍ରା।

## ସଫା ହେଲା ଆବର୍ଜନାରେ ଭରା ଡ୍ରେନ୍

**ଗୁଡ଼ଭେଲା, ୧୯।୧୧(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

ତୁଷୁରା ଏନଏସିରେ ସ୍ୱଚ୍ଛ ଭାରତ ମିଶନ ଫେଲ ମାରିଛି। ସଫେଇ ହେଉ ନ ଥିବାରୁ ଡ୍ରେନସବୁ ଅଳିଆ ଆବର୍ଜନାରେ ଭରି ଯାଇଛି। ଏ ସମ୍ପର୍କରେ ୧୮ତାରିଖ ଧରିତ୍ରୀରେ 'ଆବର୍ଜନାରେ ଭରିଗଲାଣି ଡ୍ରେନ ଶୀର୍ଷକ' ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ତୁଷୁରା ଏନଏସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମଙ୍ଗଳବାର ୪ ଓ ୫ ନମ୍ବର ୱାର୍ଡରେ ଥିବା ଡ୍ରେନର ଆବର୍ଜନା ସଫା କରାଯାଇଥିଲା। ପଲିଥିନ, ପ୍ଲାଷ୍ଟିକ ଗ୍ଲାସ, ଥରମୋକୋଲ ପ୍ଲେଟ ଆଦିକୁ ଡ୍ରେନରୁ ବାହାର କରିଥିଲେ ସଫେଇ କର୍ମଚାରୀ। ଧରୁଆପଡା ଛକ ଓ ଅଗ୍ରସେନ ଭବନ ପାଖ ଡ୍ରେନରୁ ମଇଳା ବାହାର କରି ଦିଆଯାଇଥିବା ବେଳେ ମଶାମରା ତେଲ ପକାଇବା ପାଇଁ ପଡାବାସୀ ପକ୍ଷରୁ ଦାବି ହେଉଛି।

### ବଲାଙ୍ଗୀରରେ ମିଶନ୍ ଶକ୍ତି ଯୁଗ୍ମ ସଚିବ

## ଏସ୍‌ଏଚ୍‌ଜି ମହିଳାଙ୍କ ସହ କଲେ ଆଲୋଚନା

**ବଲାଙ୍ଗୀର ଅଫିସ/ଦେଓଗାଁ, ୧୯।୧୧(ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡା ଓ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଥାଲବନ୍ଧ ଗ୍ରାମକୁ ମଙ୍ଗଳବାର ଓଡିଶା ମିଶନଶକ୍ତି ଯୁଗ୍ମ ସଚିବ ସୁଧାଂଶୁ ଏମ୍ ନାୟକ, ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଏକ ଟିମ୍ ପରିଦର୍ଶନ କରିଥିଲେ । କୁହିମୁଣ୍ଡା ମା' ରଣଘଣ୍ଟା ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ମାଛ ଚାଷ ପରିଦର୍ଶନ କରିଥିଲେ। ଏଥିସହିତ ମା' ଦକ୍ଷିଣକାଳୀ, କୁଶଳେଶ୍ୱରୀ ଏସ୍‌ଏଚ୍‌ଜି ଦଳ ତରଫରୁ କରାଯାଇଥିବା ପନିପରିବା ଚାଷ ବୁଲି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ଡେପୁଟି ସେକ୍ରେଟେରୀ ବିନୋଦ କୁମାର ଜେନା, ଅଙ୍କିତ କୁମାର ସୁଦ୍, ଆରାଧନା ଶ୍ରୀବାସ୍ତବ, ହିମାଂଶୁ ଏସ୍ ବଳ ଉପସ୍ଥିତ ଥିଲେ । ଏହି ଅବସରରେ ସୀତା ସାହୁ, ରୁକ୍ମିଣୀ ପଧାନ, କଳ୍ପନା ସାହୁ, ଅହଲ୍ୟା ସାହୁ, କନକ ସାହୁ, ଯଶୋବନ୍ତି ପଧାନ ମହଲେଇ ଯୁଜିବି ଣଣ ଦେଉନଥିବା ନେଇ ଟିମ୍ ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଥାଲବନ୍ଧ ଗାଁରେ ମା'ଦୁର୍ଗା ଏସଏଚ୍‌ଜି ତରଫରୁ କିଣାଯାଉଥିବା ଧାନକିଣା କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଏହି ପରିଦର୍ଶନ ସମୟରେ ଓଡିଶା ଜୀବିକା ମିଶନ୍‌ର ପ୍ରକଳ୍ପ ସଂଯୋଜକ ପ୍ରଦୀପ ଛତ୍ରିଆ, ସିଡିପିଓ ପ୍ରତିମାରାଣୀ ଚୋପଦାର, ଶମ୍ଭୁପ୍ରସାଦ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



କୁହିମୁଣ୍ଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମିଶନ୍ ଶକ୍ତି ଯୁଗ୍ମ ସଚିବ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ସଦସ୍ୟମାନେ।

## ଫସଲ ବୀମା କ୍ଷତିପୂରଣ ଦାବିରେ ଆମରଣ ଅନଶନ

**ବଲାଙ୍ଗୀର ଅଫିସ, ୧୯।୧୧**



ଫସଲ ବୀମା କ୍ଷତିପୂରଣ ଦାବିରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୁଲତାପଡା-ଅର୍ଜୁନପୁର କୃଷକ ସଙ୍ଗଠନ ପକ୍ଷରୁ ଆମରଣ ଅନଶନ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ଓ ଅର୍ଜୁନପୁର ଗ୍ରାମପଞ୍ଚାୟତର ଶତାଧିକ ଚାଷୀଙ୍କୁ ୨୦୧୭-୧୮ ଓ ୨୦୧୮-୧୯ ବର୍ଷର ମରୁଡିଜନିତ ଫସଲହାନୀର କ୍ଷତିପୂରଣ ଟଙ୍କା ଏ ଯାଏଁ ମିଳିନାହିଁ । ବିଭାଗୀୟ ଅବହେଳା ଓ ପ୍ରଶାସନିକ ଉଦାସୀନତା କାରଣରୁ ଏହି ପଞ୍ଚାୟତର ଶତାଧିକ ଚାଷୀ ଫସଲ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି । କ୍ଷତିପୂରଣ ଦାବି ନେଇ ଚାଷୀମାନେ ପୂର୍ବରୁ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ସେତେବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କ ଦାବି ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ମାତ୍ର ଏହି ପ୍ରତିଶ୍ରୁତି ପାଳନ କରାଯାଇ ନ ଥିବାରୁ ମଙ୍ଗଳବାର ସକାଳେ ଉଭୟ ପଞ୍ଚାୟତର ଚାଷୀମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି । କୁଲତାପଡା-ଅର୍ଜୁନପୁର କୃଷକ ସଙ୍ଗଠନ ସଭାପତି ବିକ୍ରମ ସାହୁ ଓ ସମ୍ପାଦକ ଉମାକାନ୍ତ ଜାଲ ନେତୃତ୍ୱରେ ଅନୁଷ୍ଠିତ ଏହି ଆମରଣ ଅନଶନ କାର୍ଯ୍ୟକ୍ରମରେ କଂସାବୀର ବାଗ, ସହଦେବ ନାଗ, କବିରାଜ ରଣା, ପାର୍ଥ ମହାକୁର, ବିକଳ ପଧାନ, ଗଣେଶ୍ୱର ପୁଟା, ଫକୀର ଭୁକ୍ତା, ବଳିଷ୍ଠ ମହାନନ୍ଦ, ପ୍ରହ୍ଲାଦ ବିଶ୍ୱାଳ, ଉପେନ୍ଦ୍ର ଧରୁଆ, ବିମଳ ରଣା ୧୧ଜଣ ଚାଷୀ ଆମରଣ ଅନଶନରେ ବସିଛନ୍ତି । ଫସଲ ବୀମା କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଅନଶନ ଆରମ୍ଭ ହେବା ପରେ କୃଷି ବିଭାଗର ଜଣେ ଅଧିକାରୀ ଅନଶନ ସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ସେମାନଙ୍କୁ ଆଲୋଚନା ପାଇଁ ଡାକିଥିବା ଜଣାଇଥିଲେ। ଏହାପରେ ଅନଶନ କରୁଥିବା ଚାଷୀ ପ୍ରତିନିଧିମାନେ ଜିଲାପାଳ କାର୍ଯ୍ୟାଳୟ ଭିତରକୁ ଯାଇ ଜିଲାପାଳ ଅରିନ୍ଦମ ଡାକଆଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା

- କୁଲତାପଡା, ଅର୍ଜୁନପୁର ପଞ୍ଚାୟତ ଚାଷୀ ଦେଲେ ଧାରଣା
- ଜିଲାପାଳଙ୍କ ସହ ଚାଷୀଙ୍କ ଆଲୋଚନା ବିଫଳ

ଡିସେମ୍ବର ୪ ତାରିଖଠାରୁ ସ୍ଥାନୀୟ ସର୍କିଟ ହାଉସଠାରେ ଫସଲ ବୀମା ସଂକ୍ରାନ୍ତୀୟ ଅଭିଯୋଗଗୁଡିକୁ ନେଇ ବୀମା ଲୋକପାଳ କାର୍ଯ୍ୟକ୍ରମ ତରଫରୁ କ୍ୟାମ୍ପ କୋର୍ଟ କରାଯିବ ଓ ସେଠାରେ ଚାଷୀମାନେ ସେମାନଙ୍କ ବୀମା କ୍ଷତିପୂରଣ ସଂକ୍ରାନ୍ତୀୟ ଅଭିଯୋଗ କରିପାରିବେ ବୋଲି ଜିଲାପାଳ ସୂଚନା ଦେଇ ଅନଶନରୁ ଓହରି ଯିବାକୁ ଅନୁରୋଧ କରିଥିଲେ। ତେବେ ଚାଷୀମାନେ କ୍ଷତିପୂରଣ ମିଳିବ କି ନାହିଁ ଜାଣିଲା ପରେ ଯାଇ ଅନଶନରୁ ଓହରିବେ କହିଥିଲେ । ଏନେଇ ଜିଲାପାଳ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ବୁଝିନଥିଲେ ଓ ଅନଶନ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲେ। ଚାଷୀଙ୍କ ସହ କୃଷକ ସଙ୍ଗଠନର ଅଜିତ ରଣା, ରୂପାଧର ପୁଟା, ଉମେଶ ସାହୁ, ଅନନ୍ତ ବାରିକ, ଟଙ୍କଧର ଗଡତ୍ୟା, ବନମାଳୀ ବାଗ, ଉପେନ୍ଦ୍ର ଧରୁଆ, ସହଦେବ ବାଗ, ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ଅନଶନସ୍ଥଳକୁ ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର, ବଲାଙ୍ଗୀର ଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଜିଲା କୃଷକ ମହାସଂଘ ସମ୍ପାଦକ ଜତି ପଧାନ ଆସି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଚାଷୀଙ୍କୁ ତୁରନ୍ତ ବୀମା କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି ଜଣାଇଥିଲେ ।



ସ୍ୱାଧୀନତା ଓ ଉଚ୍ଛୃଙ୍ଖଳତା ଏକାର୍ଥ ବାଚକ ଶବ୍ଦ ନୁହେଁ।

- ଜନ୍ ମିଲଟନ



## ସଂକ୍ଷେପରେ



### କୁଷ୍ଠ ରୋଗୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ

କୋମନ,୧୯।୧୧(ଡି.ଏନ.ଏ.) ନୂଆପଡା ଜିଲା କୋମନା ବ୍ଲକ ସମ୍ମିଳନୀ କକ୍ଷରେ ମୁକ୍ତ କୁଷ୍ଠରୋଗୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଗୀମାନଙ୍କୁ ବିଭିନ୍ନ ପ୍ରକାର ନିତ୍ୟ ବ୍ୟବହାରିକ ଜିନିଷ ବଣ୍ଟନ କରି ଉତ୍ସାହିତ କରିଥିଲେ। ଶିବିରରେ ରୋଗୀମାନଙ୍କୁ ପୋଷାକ, ଦରି, ମଶାରୀ, ଛତା ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍କୁଲ ବ୍ୟାଗ ଭଳି ବିଭିନ୍ନ ସାମଗ୍ରୀ ପ୍ରଦାନ କରିବା ସହ ସରକାରଙ୍କ ଏଭଳି ପଦକ୍ଷେପକୁ ଧନ୍ୟବାଦ ଜଣାଇଥିଲେ । ଏଥିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିଥୁନ କୁମାର ତାଣ୍ଡି, ଜେସି ସିତାକାନ୍ତ ବନଗୋଲା, ଡିଇଓ ଯଶୋବନ୍ତ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ଜୁନାଗଡ,୧୯।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ସହର ବ୍ରାହ୍ମଣପଡାର ସାମାଜିକ କର୍ମୀ ଭାଗିରଥି ସାମନ୍ତରାୟ (୯୦)ଙ୍କ ମଙ୍ଗଳବାର ଭୋରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସ୍ଥାନୀୟ ମହାବିଦ୍ୟାଳୟ,ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା କରିଥିବାବେଳେ ସ୍ୱାଧୀନତା ସଂଗ୍ରାମୀ ଓ ସାମାଜିକ କର୍ମୀ ଭାବେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ଜିଲା ଉତ୍ସବରେ ସମ୍ମାନିତ କରାଯାଇଛି। ତାଙ୍କ ଶେଷ ଦର୍ଶନ ସମୟରେ ଅନେକ ଲୋକ ଉପସ୍ଥିତ ଥିଲେ। ତୃତୀୟ ପୁଅ ଫକୀର ନାରାୟଣ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



### ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

ଭବାନୀପାଟଣା,୧୯।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା କଂଗ୍ରେସ ପାର୍ଟି ଅଫିସରେ ମଙ୍ଗଳବାର ସକାଳେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଜିଲା ସଭାପତି ଭାରତ ଭୂଷଣ ବେମାଲ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ପୂର୍ବତନ ଜିଲା ସଭାପତି ହାଇଦର ଅଲ୍ଲି ଖାଁ, ଜିଲା ସାଧାରଣ ସମ୍ପାଦକ ବ୍ରଜମୋହନ ସାହୁ, ନଗର କଂଗ୍ରେସ ସଭାପତି ନିମାଞ୍ଚଳ ନାଏକ, ସାଧାରଣ ସମ୍ପାଦକ ସୁରେଶ ପଟ୍ଟନାୟକ, ମହିଳା କଂଗ୍ରେସ ସଭାପତି ସୁକାନ୍ତ ସରାଫ, ବରିଷ୍ଠ କଂଗ୍ରେସ ନେତା ସରତ ନାଏକ, ଚନ୍ଦ୍ର ଯୋଷୀ, ଭାଗବତ ଯାଦବ, ପ୍ରୀତମ ବେହେରା, ସତ୍ୟ ପ୍ରଧାନ ପ୍ରମୁଖ ଯୋଗଦାନ କରି ଇନ୍ଦିରାଙ୍କ ସ୍ମୃତି ଚାରଣ କରିଥିଲେ।

# ବନ ବିଭାଗ କର୍ମଚାରୀଙ୍କ ଫର୍ନିଚର ଚାଲାଣ

ନୂଆପଡା ଅଫିସ/ଖଡିଆଳ, ୧୯।୧୧(ଡି.ଏନ.ଏ.)

ମଙ୍ଗଳବାର ସନ୍ଧ୍ୟାରେ ବନବିଭାଗ କର୍ମଚାରୀ କାଠ ତିଆରି ଫର୍ନିଚର ଚାଲାଣ କରୁଥିବା ଖବର ପାଇ ଏକ ଗାଡିକୁ ସନ୍ଦିଗ୍ଧ ଅବସ୍ଥାରେ ଚଲାନପଡା ନିକଟରେ ଲୋକେ ଧରି ପୋଲିସରେ ଜିମା ଦେଇଥିଲେ। ପରବର୍ତ୍ତି ସମୟରେ କାଗଜାତ ଠିକ ଥିବା ନେଇ ପୋଲିସ ତାକୁ ଛାଡି ଦେଇଛି। ସନ୍ଧ୍ୟା ସାଢେ ୫ଟାରେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ କେତେକ ଯୁବକ ଏକ ପିକଅପ୍ ଭ୍ୟାନ (ନଂ. ଓଡି ୨୬-ଏ-୪୪୪୪)କୁ ପିଛା କରି ଅଟକାଇଥିଲେ। ପଚରାଉଚୁରା କରିବା ପରେ ଡ୍ରାଇଭର ଜଣକ ଠିକ ଉତ୍ତର ରଖିପାରି ନ ଥିଲେ। କାଠ ଫର୍ନିଚର ଭର୍ତ୍ତି ଗାଡି ଖଡିଆଳ ଫରେଷ୍ଟ ଅଫିସକୁ ଯାଉଥିବା କହିଥିବାବେଳେ କୌଣସି କାଗଜାତ ଦେଖାଇପାରି ନ ଥିଲେ। ଫଳରେ ସାଧାରଣରେ ସନ୍ଦେହ ବଢିଯାଇଥିଲା। ଏହାକୁ ଲୋକେ ଖଡିଆଳ ପୋଲିସରେ ଜିମା ଦେଇଥିଲେ। ପୋଲିସ ଏହାକୁ ଖଡିଆଳ ଫରେଷ୍ଟ ରେଞ୍ଜରଙ୍କୁ ତଦନ୍ତ କରିବାକୁ ହସ୍ତାନ୍ତର କରିଥିଲେ। ଏହା ଉପରେ ରେଞ୍ଜର ସଦାନନ୍ଦ ସୁନାନୀଙ୍କୁ ପଚାରିବାରୁ ଏହା ଡମ୍ବରୁ ଧର ସାହୁ ନାମକ ଜଣେ ଫରେଷ୍ଟ ଗାର୍ଡ ଝିଅ ବାହାଘର ସକାଶେ ଖରିଆରରୋଡରୁ





ଅଟକ ରଖାଯାଇଥିବା ପିକଅପ୍ ଭ୍ୟାନ।

**ତଦନ୍ତ ପରେ ଛଡ଼ାଗଲା**

ଫର୍ନିଚର ଆଣୁଥିଲେ। ଏହାକୁ ନେଇ ସେ ପରବର୍ତ୍ତି ସମୟରେ ବିଲ ଦାଖଲ କରିଥିବା କହିଛନ୍ତି। ଏହା ଉପରେ ଖଡିଆଳ ପୋଲିସ ସବ ଇନ୍ସପେକ୍ଟର ପୂର୍ଣ୍ଣ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଫରେଷ୍ଟ ବିଭାଗର ତଦନ୍ତ ରିପୋର୍ଟ ଦାଖଲ କରାଯିବା ପରେ ଗାଡିକୁ ଛାଡି ଦିଆଯାଇଛି। ଏଥିରେ ସୋଫା, ଟେବୁଲ ମିଶି ୪୭ ହଜାର ଟଙ୍କାର ଫର୍ନିଚର ନିଆଯାଉଥିବା ଦର୍ଶାଯାଇଛି। ହେଲେ ଜଣେ ବନବିଭାଗ କର୍ମଚାରୀ କିପରି ଏବଂ କାହିଁକି ନିଜ ରେଞ୍ଜ ଅନଚଳରୁ ଫର୍ନିଚର ଆଣୁଥିଲେ ଏହାକୁ ନେଇ ନାନା ଆଲୋଚନା ହେଉଛି। ଏହାର ଏକ ନିରପେକ୍ଷ ତଦନ୍ତ କରାଗଲେ ସବୁତଥ୍ୟ ପଦାକୁଆସିବ ବୋଲିକୁହାଯାଉଛି।

## ଗୋଲାମୁଣ୍ଡା ବୃନ୍ଦାବାହାଲ ରାସ୍ତାରେ ବ୍ଲାକସ୍ପଟ ଚିହ୍ନଟ ପାଇ ଦାବି

ଗୋଲାମୁଣ୍ଡା,୧୯।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ-ସିନାପାଲି ମୁଖ୍ୟରାସ୍ତା ଗୋଲାମୁଣ୍ଡାରୁ ବୃନ୍ଦାବାହାଲ ମଧ୍ୟରେ ଦିନକୁ ଦୁର୍ଘଟଣା ବଢୁଛି। ଉକ୍ତ ରାସ୍ତାର ଗୋଲାମୁଣ୍ଡାଠାରୁ ବୃନ୍ଦାବାହାଲ ପର୍ଯ୍ୟନ୍ତ ଅନେକ ଯାଗାରେ ବ୍ଲାକସ୍ପଟ ଚିହ୍ନଟ ସହ ହମସ୍ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳ ଲୋକେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ କଳାହାଣ୍ଡି ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ର ସାମାଜିକ କର୍ମୀ ପ୍ରସନ୍ନ ରାଉତଙ୍କ ଅଧକ୍ଷତାରେ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଦେବରାଜ ରାଉତ, ସଞ୍ଜୀବ ରାଉତ, ଯୌବନ ହଂସ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ନିଖିଳ ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘର ଜରୁରୀ ବୈଠକ

ସିନାପାଲି,୧୯।୧୧(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲିଠାରେ ନିଖିଳ ଓଡିଶା ରାଜ୍ୟ ଯୋଗାଣ ସହାୟକ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମନୋଜ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ଯୋଗାଣ ସହାୟକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ସରକାରଙ୍କଠାରେ ପୂର୍ବରୁ ଦାବି କରି ଆସୁଥିବା ବିଭିନ୍ନ ଦାବିକୁ ନେଇ ଆଲୋଚନା କରାଯାଇଥିଲା। ସଂଘ ପକ୍ଷରୁ ବିଭାଗୀୟ ମନ୍ତ୍ରୀଙ୍କୁ ପୂର୍ବରୁ ଦିଆଯାଇଥିବା ଦାବିପତ୍ରରେ ଅତିକମ୍ ୬ ହଜାରରୁ ୧୫ ହଜାରକୁ ପାରିଶ୍ରମିକ ବୃଦ୍ଧି, ଆଗାମୀ ୨୦୨୦-୨୧ ରେ ପିଡିଏସ୍ ଲାଇସେନସ୍ ପ୍ରଦାନ, ଠିକା କର୍ମଚାରୀ ମାନ୍ୟତା, ପଞ୍ଚାୟତରୁ ଦରମା ନ ଦେଇ ସିଧାସଳଖ ସରକାରଙ୍କ ପକ୍ଷରୁ ଆକାଉଣ୍ଟରେ ଦରମା ପ୍ରଦାନ, ୬ ବର୍ଷ କାର୍ଯ୍ୟକାଳ ପରେ ଗ୍ରେଡ ପେ ସହିତ ୯୩୦୦ ପେ ସ୍କେଲର ଦରମା, ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓଡିଶା ସରକାରଙ୍କ ଆବଶ୍ୟକ ପଦବୀ ପୂରଣରେ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ପ୍ରଭୃତି ଦାବି ଉପସ୍ଥାପନା କରାଯାଇଥିଲା। ପ୍ରକାଶ ଯୋଗ୍ୟ ଯେ, ଯୋଗାଣ ସହାୟକମାନେ ତାଙ୍କ ମୂଳ କାର୍ଯ୍ୟ ପିଡିଏସ୍ ବ୍ୟତୀତ ସରକାରଙ୍କ ବିଭିନ୍ନ କାର୍ଯ୍ୟ ଭତ୍ତା ବଣ୍ଟନ, ଆବାସ ଯୋଜନା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ନିର୍ବାଚନ, ପଲ୍ଲୀସଭା, ଗ୍ରାମସଭା ତଥା ବିଭିନ୍ନ କାର୍ଯ୍ୟକ୍ରମରେ ନିଯୁକ୍ତି ହୋଇ ସୂଚାରୁ ରୂପେ ସମ୍ପାଦନ କରିଆସୁଛନ୍ତି। ହେଲେ ସରକାର ଏମାନଙ୍କୁ ଅଣଦେଖା କରୁଥିବା ସଂଘ ତରଫରୁ କ୍ଷୋଭ ପ୍ରକାଶ ପାଇଛି। ଏସବୁକୁ ନେଇ ଆଗାମୀ ଦିନରେ ଏକ ସୁଚିନ୍ତିତ ରଣନୀତି ନେଇ ସରକାରଙ୍କ ପାଖରେ ନିଜର ଦାବି ଉପସ୍ଥାପନା କରିବା ସହିତ ଦାବି ପୂରଣ କ୍ଷେତ୍ରରେ ସଫଳ ହେବା ପାଇଁ ପରସ୍ପର ମଧ୍ୟରେ ବିଚାର ବିମର୍ଶ କରାଯାଇଥିଲା । ଉକ୍ତ ବୈଠକରେ ସୋଦନ ପଟେଲ, ହୀରାଲାଲ ସାହୁ, ଶିବ ରେଡି, ବାବୁ ସୁମନ ରାଓ, ରାମ ଭାଇ, ଜୟନ୍ତ ପ୍ରଧାନ, ଜ୍ୟୋସ୍ନାରାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ଦିନିକିଆ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଛାତ୍ରୀମାନେ।

କୋମନା,୧୯।୧୧(ଡି.ଏନ.ଏ.)

ନୂଆପଡା ଜିଲା କୋମନାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଛାତ୍ରୀମାନଙ୍କ ୧୨ ଦିନିକିଆ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ୍ୟ ପ୍ରଭାସ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ବିଭିନ୍ନ ସମୟରେ ଛାତ୍ରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ କୁଆଚରଣକୁ ଏହି ତାଲିମ ବଳରେ ଉପଯୁକ୍ତ ଭାବେ ମୁକାବିଲା କରିପାରିବା ସହିତ ନିଜକୁ ଶାରିରୀକ ଓ ମାନସିକସ୍ତରରେ ଦୃଢ଼ିଭୂତ କରିପାରିବେ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ତାଲିମ ଶିବିରରେ ମହାବିଦ୍ୟାଳୟ ଅଧ୍ୟାପକ ଫକିର ଚରଣ ପାଢୀ, ଦେବେନ୍ଦ୍ର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୬୨ ଜଣ ଛାତ୍ରୀ ତାଲିମ ନେଉଥିବା ବେଳେ ମାଷ୍ଟର ଟ୍ରେନର ସୁରେଖା ବାଗ ତାଲିମ ପ୍ରଦାନ କରୁଛନ୍ତି ।

## ଶିଶୁ ଅଧିକାର ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

ଭବାନୀପାଟଣା,୧୯।୧୧(ଡି.ଏନ.ଏ.)

ସ୍ଥାନୀୟ ଅମଲା ଭବନ ପରିସରରେ ଶିଶୁ ଅଧିକାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ରାଜେଶ ନାଏକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ସହ ଶିକ୍ଷା ଅଧିକାରୀ ବିଜୟ ସିଂହ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନାମୟୀ ପାତ୍ର, ଜୁଭେନାଲ ଜସ୍‌ଟିସ୍ ବୋର୍ଡ ରୂପେସ ହୋତା, ଉମାଶଙ୍କର କର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ବିଭିନ୍ନ ଅଧିକାର ବାଲ୍ୟ ବିବାହ, ଶିକ୍ଷା, ସ୍ୱାସ୍ଥ୍ୟ, ଅଙ୍ଗନୱାଡି ସେବା ଆଦି ସମ୍ପର୍କରେ ଓ ଶିଶୁ ସୁରକ୍ଷା ନିମନ୍ତେ ରହିଥିବା ବିଭିନ୍ନ ଆଇନ ଉପରେ ଆଲୋଚନା ହୋଇଥିଲା। ଜିଲାରେ ଗତ ୩୦ ତାରିଖରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ଶିଶୁ ଗବେଷକମାନଙ୍କ ଦ୍ୱାରା ଭବାନୀପାଟଣା ଓ ଲାଞ୍ଜିଗଡ ବ୍ଲକ ୩ଟି ଗ୍ରାମପଞ୍ଚାୟତ ୯ଟି ଗ୍ରାମରେ ୧୦ ରୁ ୧୮ ବର୍ଷ ଶିଶୁମାନଙ୍କ ସହ ଆଲୋଚନା ଏବଂ ପଞ୍ଚାୟତ ପ୍ରତିନିଧି, ଶିକ୍ଷକ, ଅଙ୍ଗନୱାଡି କର୍ମୀ ସହିତ ସାକ୍ଷାତକାର ଓ ତଥ୍ୟ ସଂଗ୍ରହ କରିଥିଲେ। ଏହି ସବୁ ତଥ୍ୟ ପ୍ରଥମେ ପଞ୍ଚାୟତସ୍ତରରେ ଉପସ୍ଥାପନ ପରେ ଜିଲାସ୍ତରରେ ଆଲୋଚନା ଏବଂ ସେମାନଙ୍କ ଇଚ୍ଛା ଓ ଆକାଂକ୍ଷା କଣ ତାହା ଉପସ୍ଥାପନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଭାରତ ଭୂଷଣ ଠାକୁର ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସରୋଜ କୁମାର ବାଗ ସଂଯୋଜନା କରିଥିବା ବେଳେ ଶିଶୁ ଗବେଷକ ସାବିତ୍ରୀ ମାଝି, ଆକାଶ ମାଝି, ସମୀର ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।





ଜିଲାସ୍ତରୀୟ ପ୍ରାଣୀ ସମ୍ପଦ ମହୋତ୍ସବରେ ମଞ୍ଚାସୀନ ଅତିଥି ।

# ଜିଲାସ୍ତରୀୟ ପ୍ରାଣୀ ସମ୍ପଦ ମହୋତ୍ସବ ଉଦ୍‌ଘାଟିତ

ବୋଡେନ,୧୯।୧୧(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ସୁକଲପୁର ଗାଁଠାରେ ଜିଲାସ୍ତରୀୟ ପ୍ରାଣୀ ସମ୍ପଦ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୋଡେନ ଏବିଡିଓ ମନୋଜ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କୃଷି ଅଧିକାରୀ, ଖଇରା ସରପଞ୍ଚ ଶୁକାନ୍ତି ନାଗ, ସଭାପତି ଭାବେ ଜିଲା ଭାରପ୍ରାପ୍ତ ପ୍ରାଣିଧନ ଅଧିକାରୀ ଡ. ଗୟାସାଗର ଦୁରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଷ୍ଟଲ, କୃଷି ବୈଜ୍ଞାନିକ କର୍ମଶାଳା ପ୍ରଦର୍ଶିତ କରାଯାଇଥିଲା। ଉତ୍ସବରେ ମନୋରଞ୍ଜନ ପାଇଁ ପାଲା ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୋଡେନ ପ୍ରାଣି ସମ୍ପଦ ଅଧିକାରୀ ଦିପ୍ତିରଞ୍ଜନ ସ୍ୱାଇଁ, ଖରିଆରରୋଡର ଡ. ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଏଲଆଇ ସୁଶାନ୍ତ ମାଝି, ଟିକେରାମ ମାଝି, କୃତିରାମ ମାଝିପ୍ରମୁଖ ସହଯୋଗ କରିଥିଲେ।

■ ବିଚ୍ଛିନ୍ନାଞ୍ଚଳ ମାଓବାଦୀ ଅଞ୍ଚଳରେ ବିଡିଓ, ତହସିଲଦାର

# ବିଭିନ୍ନ ଗ୍ରାମ ଯାଇ ଲୋକଙ୍କ ଦୁଃଖ ବୁଝିଲେ

ଭବାନୀପାଟଣା,୧୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ବିଚ୍ଛିନ୍ନାଞ୍ଚଳ ତଥା ମାଓବାଦୀ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକର ୫ଟି ପଞ୍ଚାୟତରେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ପ୍ରଶାସନ ପହଞ୍ଚିଛି। ବିଡିଓ ଏବଂ ତହସିଲଦାର ଏହି ୫ଟି ପଞ୍ଚାତୟର ବିଭିନ୍ନ ଗ୍ରାମ ଯାଇ ଲୋକଙ୍କ ଦୁଃଖ ବୁଝିବା ସହ ତତ୍‌କ୍ଷଣାତ୍ ଆଦିବାସୀଙ୍କୁ ଜମି, ପଟ୍ଟା, ଭତ୍ତା, ରାଶନ କାର୍ଡ ଓ ଇନ୍ଦିରାଆବାସ ଗୃହ ପ୍ରଦାନ କରିଛନ୍ତି। ସୂଚନା ଯେ, ଥୁଆମୂଳ ରାମପୁର ବିଡିଓ ନବୀନ ଚନ୍ଦ୍ର ନାଏକ ଓ ତହସିଲଦାର ବିନୟ ଭୋଇ ଦୀର୍ଘ କି.ମି. ଦୂର ଜଙ୍ଗଲି ପାଦଚଲା ରାସ୍ତାରେ ଚାଲି ଯାଇଥିଲେ। ବିଡିଓ ଏବଂ ତହସିଲଦାରଙ୍କୁ ଏହି ବ୍ଲକର ଜଣେ ସାମାଜିକ କର୍ମୀ ନବୀନ ନାଏକ ଆଦିବାସୀ ଇଲାକାକୁ ରାସ୍ତା ଦେଖାଇଥିଲେ। ସିନ୍ଧିପଦର ପଞ୍ଚାୟତ ସିନ୍ଧିପଦର, କାଞ୍ଜିଗୁଡା, ଦେରଲାଠି, ଗମ୍ଭାରୀଗୁଡା, ନାକରୁଣ୍ଡି ପଞ୍ଚାୟତର ନାକରୁଣ୍ଡି, କେଲୁଆ, କେରପାଇ ପଞ୍ଚାୟତର କେରପାଇଏ ପିଣ୍ଡାପଦର, ମୁରଲିମୁଇଁ, କୁଟ୍ରୁମାଲି, ସିଲେଟ ପଞ୍ଚାତୟର ସିକେରଗୁଡା, ଝାଞ୍ଜି, ମାଳତୀପାଦର, ସିଲେଟ, ବଣ୍ଡେଲ ଗୁଡା, ଡେଙ୍ଗେନ, ବିଲାମାଲ, ସରମାଣ୍ଡି, ଦୁବେଁଲଗୁଡା, ରୁପେନ, ଝାଞ୍ଜିଲ ବିଲାମାଲ, କାନ୍ଦୁଲଗୁଡା, ଡେଙ୍ଗେନ, ଫୁକିଜାଲ, ସେମିଖାଲ, ତଳଆମ୍ବ ପଦର ପଞ୍ଚାୟତର ଟୀଯମାଲି, କର୍ଲାପାଟ ପଞ୍ଚାୟତର କୁଆଙ୍ଗ, ପୋଡାପଦର ପଞ୍ଚାୟତର ବେଣାଖମାର ଆଦି ଗାଁକୁ ବିଡିଓ ଏବଂ ତହସିଲଦାର ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ଆଦିବାସୀମାନେ ଆଗରୁ ବିଡିଓ ଓ ତହସିଲଦାରଙ୍କୁ ଦେଖି ନ ଥିଲେ। ଉଭୟଙ୍କୁ ପାଖରେ ପାଇ ଖୁସିରେ ବିଭୋର ହୋଇଥିଲେ। ସେହିଭଳି ବିଚ୍ଛିନ୍ନାଞ୍ଚଳର ପୋଡାପଦର ପଞ୍ଚାୟତ ବେଣଖମାର ଗ୍ରାମର ୩୫ ଜଣ ଓ ସିନ୍ଧିପଦର ପଞ୍ଚାୟତ ଗମ୍ଭାରୀଗୁଡା ଗ୍ରାମର ୭ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ନାକରୁଣ୍ଡି ପଞ୍ଚାୟତର କେଲୁଆ ଗ୍ରାମବାସୀ ଅନ୍ୟତ୍ର ରହିବା ପାଇଁ ଦାବି କରିବାରୁ ସେମାନଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ।





ଦ୍ୱିତୀୟ ଦିବସ ଖେଳରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

■ ଆନ୍ତଃରାଜ୍ୟ ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୋନପୁରକୁ ହରାଇ ରାୟପୁର ବିଜୟୀ

କୋମନା,୧୯।୧୧(ଡି.ଏନ.ଏ.)

ନୂଆପଡା ଜିଲା କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲ ଖେଳ ପଡିଆରେ ଜୟ ଯବାନ କ୍ଲବ ଓ କୋମନା ଫୁଟବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୪ତମ ବ୍ୟାସଦେବ ପ୍ରଧାନ ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ସୋନପୁରକୁ ହରାଇ ରାୟପୁର ବିଜୟୀ ହୋଇଛି। ପୂର୍ବାହ୍ନରେ ସୋନପୁର ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ରାୟପୁର ଚାମ୍ପିୟନ କ୍ଲବ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟରେ ରାୟପୁର ଦଳ ସୋନପୁର ଦଳକୁ ୨ ଗୋଲ ଦେଇଥିଲା। ଏହାର ଜବାବରେ ସୋନପୁର ଦଳ କୌଣସି ଗୋଲ ଦେଇ ପାରି ନ ଥିଲା। ରାୟପୁର ଦଳ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଛତିଶଗଡର ପୂର୍ବତନ ମନ୍ତ୍ରୀ ପୁରନ୍ଦର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ କୋମନା ସରପଞ୍ଚ ସଦନ ତିବାରୀ, ପୂର୍ବତନ ଏବିଓ ଶରତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ପିଇଟି ମଗଶିର ମଲ୍ଲିକ, ଦୀପକ ରାଜହଂସ, ସୁଜିତ ରାଜହଂସ ଓ ପରେଶ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ। ଶଙ୍କର ରାଓ ଓ ଅଧ୍ୟାପକ ଦୀପକ ଦାସ ଧାରା ବୀବରଣୀ ପ୍ରଦାନ କରିଥିଲେ। ଆୟୋଜନ କମିଟି ସଭାପତି ପ୍ରମୋଦ କୁମାର ପାଢୀ, ସମ୍ପାଦକ ପ୍ରବିଣ କୁମାର ଭୋଇ, କେସିୟର ଭୁବନେଶ୍ୱର ନାଏକ, ଶଙ୍କର ରାଓ, କୈଳାସ ବାଗ, ରଜାକ ଖାନ, ରାଧେଶ୍ୟାମ କରୁଆଁ, ସମୀର ରଞ୍ଜନ ପାଣିଗ୍ରାହୀ, ଦିନେଶ ନାଏକ, ସାଗର ଠେଲା, ତୁଳସୀ ନିଆଁଲ, ବନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ବିଶାଖାପାଟଣା ଓ ରାୟପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

■ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ପାରିତୋଷିକ ବୃଦ୍ଧି ନିମନ୍ତେ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୁନାଗଡ,୧୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି ନିମନ୍ତେ ମଙ୍ଗଳବାର ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସୁଧାଂଶୁ ବାଳା ଦେବୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ/ଶିକ୍ଷକମାନେ ୭ ହଜାର ୪ ଶହ ଓ ୯ ହଜାର ଟଙ୍କାରେ ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଦରମା ବୃଦ୍ଧି ସମ୍ପର୍କରେ ବାରମ୍ବାର ସେମାନେ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ଏଥିପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ଫଳରେ ସେମାନେ ସ୍ୱଳ୍ପ ଦରମା ପାଇଁ ଦୁଶ୍ଚିନ୍ତା ତଥା ମାନସିକ ନିର୍ଯାତନା ଭିତରେ କାଳତିପାତ କରୁଛନ୍ତି। ସରକାର ଗୁଣାତ୍ମକ ଶିକ୍ଷା ସହିତ ଶିକ୍ଷକମାନଙ୍କ ଆର୍ଥିକ ସମସ୍ୟା ପ୍ରତି ଗୁରୁତ୍ୱାରୋପ କରି କେନ୍ଦ୍ରୀୟ(ପିଏବି) ଆଧାରରେ ଦରମା ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି। ଯଦି ସରକାର ଏହି ସମସ୍ୟାର ସମାଧାନ ନ କରନ୍ତି ତେବେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବୁ ଓ ରାଜଭବନ ଘେରାଉ କରିବୁ। ଏଥିପ୍ରତି ସରକାର ଦାୟୀ ରହିବେ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ଶୀଘ୍ର ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରେ ସେମାନେ ନିବେଦନ କରିଛନ୍ତି। ଦାବିପତ୍ର ଦେବା ସମୟରେ ଏବିଇଓ କୁଳମଣି ମାଝି, ମୁଖ୍ୟ କିରାଣୀ ବିହାରୀଲାଲ ମହାନନ୍ଦ, କନିଷ୍ଠ ଶିକ୍ଷକ ସଂଘ ଉପଦେଷ୍ଟା ସରୋଜ କୁମାର ପଣ୍ଡା, ସଭାପତି ବସନ୍ତ କୁମାର ନିଆଲ, କାର୍ଯ୍ୟକାରୀ ସଭାପତି ସୋମ୍ୟ ରଞ୍ଜନ ରାଉତ, ସାଧାରଣ ସମ୍ପାଦକ ଦୁଲେଶ୍ୱର କୁମାର, ଉପସଭାପତି ଅଜିତ କୁମାର ସିଂହ, ସିଆରସିସି ଲଳିତ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ନିର୍ବୋଧମାନଙ୍କ ଅଭିଧାନରେ ହିଁ
ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ



### ବିଶ୍ୱ ଶୌଚାଳୟ ଦିବସ

**କର୍ଲାମୁଣ୍ଡା,୧୯।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ସଭାଗୃହଠାରେ ମଙ୍ଗଳବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଜଳ ପରିମଳ ମିଶନର ତାଲିମଦାତା ଶଙ୍ଖାଳି ବେହେରା ଯୋଗଦେଇ ପାଇଖାନାର ବ୍ୟବହାର ତଥା ଡଷ୍ଟବିନ ବ୍ୟବହାର ପୃଥକୀ କରଣ ଉପରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଭୋଜବନ୍ତି ସାହୁ, ସମିତି ସଭ୍ୟା ଶୁଭଦ୍ରା ମାଝି, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ, ନାଏବ ସରପଞ୍ଚ ଖିଲାଧର ସାହୁ, ଜଳ ପରିମଳ ମିଶନ କନିଷ୍ଠଯନ୍ତ୍ରୀ ଦିଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ରିଞ୍ଜା ଗ୍ରାମପଞ୍ଚାୟତ ବିଭିନ୍ନ ଗାଁରୁ ଏସ.ଏଚ.ଜି, ସ୍ୱେଚ୍ଛାସେବୀ ଓ ଭଦ୍ରବ୍ୟକ୍ତିମାନେ ଅଂଶ ଗ୍ରହଣ କରିଥିଲେ।

### ନାଏବ ସରପଞ୍ଚ ଶୁକଦେବ ମାଝିଙ୍କ ପରଲୋକ

**ଗୋଲାମୁଣ୍ଡ,୧୯।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ବୃନ୍ଦାବାହାଲ ପଞ୍ଚାୟତ ନାଏବ ସରପଞ୍ଚ ଶୁକଦେବ ମାଝି (୫୬)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କ ଘର ବୈଜଲପୁର। ନାଏବ ସରପଞ୍ଚ ମାଝି ଜଣେ ଜଣାଶୁଣା ସାମାଜିକ କର୍ମୀ ଥିଲେ ଏବଂ ଆଗରୁ ମଧ୍ୟ ୨ ଥର ୱାର୍ଡମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ସେ ଦୀର୍ଘ ଦିନଠାରୁ କିଡ୍‌ନୀ ରୋଗରେ ପୀଡିତ ଥିଲେ। ସେ ଅନେକ ଡାକ୍ତରଖାନା ଯାଇ ଚିକିତ୍ସା ହେବା ପରେ ମଧ୍ୟ ତାଙ୍କୁ ସୁଫଳ ମିଳି ନ ଥିଲା। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି ।

### ଗୋଲାମୁଣ୍ଡାଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଗୋଲାମୁଣ୍ଡା,୧୯।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସଭାଗୃହ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ପରାଗ ଗାଭାଲି ହର୍ଷଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶବିରରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗ୍ରହଣ କରି ସେଗୁଡିକ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର, ପିଡି ଡିଆରଡିଏ ଜ୍ଞାନରନ ଭଦେଓ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଲେଶ୍ୱର ନାଏକ, ଡିଡିଓ ସ୍ନିଗ୍ଧାରାଣୀ ପ୍ରଧାନ,ଏବିଡିଓ ପଦ୍ମନାଭ ପାତ୍ରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଉକ୍ତ ଜନଶୁଣାଣି ଶିବିରରେ ଗ୍ରାମ ଉନ୍ନୟନ ବିଭାଗ, ପିଡବ୍ଲ୍ୟୁଡି ବିଭାଗ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଯଥାଶୀଘ୍ର ସମାଧାନ କରିବା ପାଇଁ ଜିଲାପାଳ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

■ ଆମ ଗାଁ, ଆମ ବିକାଶ ଯୋଜନାର ବାସ୍ତବିକ ଚିତ୍ର

# ଅଧାରୁ ଅଧିକ ପ୍ରକଳ୍ପ ଅସମ୍ପୂର୍ଣ୍ଣ

**ଭବାନୀପାଟଣା,୧୯।୧୧(ସ୍ୱ.ପ୍ର.)**

ରାଜ୍ୟରେ ଆମ ଗାଁ, ଆମ ବିକାଶ ଯୋଜନା କିଭଳି ଚାଲିଛି ତାହା କଳାହାଣ୍ଡି ଜିଲା ସ୍ଥିତିରୁ ଜଳଜଳ ହୋଇ ଦେଖାଯାଉଛି। କଳାହାଣ୍ଡି ଜିଲାରେ ସମୁଦାୟ ୨୯୨୫ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୧୧୧୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୧୮୧୦ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଏଥିରୁ ଏହି ଯୋଜନାର ବାସ୍ତବିକତାକୁ ନେଇ ପ୍ରଶ୍ନ ଉଠିଛି।

ସରକାର ନିର୍ବାଚନ ପୂର୍ବରୁ ଆମ ଗାଁ, ଆମ ବିକାଶ ଯୋଜନା ଆରମ୍ଭ କରିଥିଲେ। ଭିଡିଓ କନଫରେସିଂ ମାଧ୍ୟମରେ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ଗ୍ରାମର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ଓ ଏହାର ଅନୁଦାନ ରାଶି ଘୋଷଣା କରାଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ କଳାହାଣ୍ଡି ଜିଲାର ୧୩ଟି ବ୍ଲକ ପାଇଁ ୨୯୨୫ଟି ପ୍ରକଳ୍ପ ଲାଗି ୫୮କୋଟି ୪୫ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଏଥିରେ ଭବାନୀପାଟଣା ବ୍ଲକରେ ୩୯୩ ପ୍ରକଳ୍ପ ପାଇଁ ୮କୋଟି, ଜୁନାଗଡ ବ୍ଲକରେ ୩୫୬ ପ୍ରକଳ୍ପ ପାଇଁ ୫ କୋଟି ୭୦ ଲକ୍ଷ, ଗୋଲାମୁଣ୍ଡା ବ୍ଲକରେ ୨୯୦ଟି ପ୍ରକଳ୍ପ ପାଇଁ ୬ କୋଟି ୧୬ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା।



ଆମ ଗାଁ ଆମ ବିକାଶ ଯୋଜନାରେ ହୋଇଥିବା ଏକ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଛି।

**କଳାହାଣ୍ଡି ଜିଲା**

ସେହିପରି ଧର୍ମଗଡ ବ୍ଲକରେ ୨୧୨ଟି ପ୍ରକଳ୍ପ ପାଇଁ ୪ କୋଟି ୪୯ ଲକ୍ଷ, ଲାଞ୍ଜିଗଡ ବ୍ଲକରେ ୨୧୭ ପ୍ରକଳ୍ପ ପାଇଁ ୩ କୋଟି ୩୦ଲକ୍ଷ, କଲମପୁର ବ୍ଲକରେ ୯୪ଟି ପ୍ରକଳ୍ପ ପାଇଁ ୨କୋଟି ୨୦ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। କୋକସରା ବ୍ଲକରେ ୧୮୨ଟି ପ୍ରକଳ୍ପ ପାଇଁ ୩ କୋଟି ୭୫ଲକ୍ଷ, ଥୁଆମୂଳ ରାମପୁର ବ୍ଲକରେ ୨୫୨ଟି ପ୍ରକଳ୍ପ ପାଇଁ ୪କୋଟି ୪୦ଲକ୍ଷ, ଜୟପାଟଣା ବ୍ଲକରେ ୧୯୩ଟି ପ୍ରକଳ୍ପ ପାଇଁ ୪ କୋଟି ୨୦ ଲକ୍ଷ, କର୍ଲାମୁଣ୍ଡା ବ୍ଲକରେ ୧୩୯ଟି ପ୍ରକଳ୍ପ ପାଇଁ ୨ କୋଟି ୪୦ ଲକ୍ଷ, ନର୍ଲା ବ୍ଲକରେ ୨୨୧ଟି ପ୍ରକଳ୍ପ ପାଇଁ ୪ କୋଟି ୬୦ଲକ୍ଷ, କେସିଙ୍ଗା ବ୍ଲକରେ ୨୪୦ଟି ପ୍ରକଳ୍ପ ପାଇଁ ୫ କୋଟି ୪୪ ଲକ୍ଷ ୯୭ ହଜାର, ମ. ରାମପୁର ବ୍ଲକରେ ୧୩୬ ପ୍ରକଳ୍ପ ପାଇଁ ୩ କୋଟି ୮୦ଲକ୍ଷ ଟଙ୍କା ଅନୁଦାନ ଆସିଥିଲା।

ସେଥିମଧ୍ୟରୁ ଭବାନୀପାଟଣା ବ୍ଲକରେ ୩୯୩ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ମାତ୍ର ୬୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୩୩୧ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ସେହିପରି ଜୁନାଗଡ ବ୍ଲକରେ ୩୫୬ଟି ପ୍ରକଳ୍ପ ମଧ୍ୟରୁ ୧୩୮ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୨୧୮ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଗୋଲାମୁଣ୍ଡା ବ୍ଲକରେ ୨୯୦ଟି ପ୍ରକଳ୍ପ ମଧ୍ୟରୁ ୧୫୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୩୨ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଧର୍ମଗଡ ବ୍ଲକରେ ୨୧୨ଟି ପ୍ରକଳ୍ପ ମଧ୍ୟରୁ ୭୦ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୪୨ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଲାଞ୍ଜିଗଡ ବ୍ଲକରେ ୨୧୭ପ୍ରକଳ୍ପ ମଧ୍ୟରୁ ୮୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୩୪ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। କଲମପୁର ବ୍ଲକରେ ୯୪ଟି ପ୍ରକଳ୍ପ ମଧ୍ୟରୁ ୪୬ଟି ସମ୍ପୂର୍ଣ୍ଣ ଏବଂ ୪୮ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅଛି। କୋକସରା ବ୍ଲକରେ ୧୮୨ଟି ପ୍ରକଳ୍ପ ମଧ୍ୟରୁ ୧୧୮ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୬୪ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଥୁଆମୂଳ ରାମପୁର ବ୍ଲକରେ ୨୫୨ଟି ପ୍ରକଳ୍ପ ମଧ୍ୟରୁ ୯୫ଟି ପ୍ରକଳ୍ପ ସମ୍ପର୍ଣ୍ଣ ଏବଂ ୧୫୭ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଜୟପାଟଣା ବ୍ଲକରେ ୧୯୩ଟି ପ୍ରକଳ୍ପ ମଧ୍ୟରୁ ୧୭୨ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୨୧ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। କର୍ଲାମୁଣ୍ଡା ବ୍ଲକରେ ୧୩୯ଟି ପ୍ରକଳ୍ପ ମଧ୍ୟରୁ ୪୩ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୯୬ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ନର୍ଲା ବ୍ଲକରେ ୨୨୧ଟି ପ୍ରକଳ୍ପ ମଧ୍ୟରୁ ୪୭ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୭୪ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। କେସିଙ୍ଗା ବ୍ଲକରେ ୨୪୦ଟି ପ୍ରକଳ୍ପ ମଧ୍ୟରୁ ୪୬ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୯୪ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ମ ରାମପୁର ବ୍ଲକରେ ୧୩୬ ପ୍ରକଳ୍ପ ମଧ୍ୟରୁ ୩୭ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୯୯ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ (ପିଡିଡିଆରଡିଏ) ଜ୍ଞାନ ରଞ୍ଜନ ଭଞ୍ଜଦେଓଙ୍କୁ ପଚାରିବାରୁ ବିଭିନ୍ନ କାରଣରୁ ଉକ୍ତ ପ୍ରକଳ୍ପ ଗୁଡିକ ଅସମ୍ପୂର୍ଣ୍ଣ ହୋଇରହିଛି। ତେବେ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

**ରିପୋର୍ଟ- ଉତ୍ତମ କୁମାର ଦାଶ ।**



କଲମପୁର ବ୍ଲକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ଦାବିପତ୍ର

**କଲମପୁର,୧୯।୧୧(ଡି.ଏନ.ଏ.)**

କଲମପୁର ବ୍ଲକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦରମା ବୃଦ୍ଧି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ନବୀନ କୁମାର ଖମାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦରମା ବୃଦ୍ଧି ନେଇ ସଂଘ ବାରମ୍ବାର ଆନ୍ଦୋଳନ କରିବା ସତ୍ତ୍ୱେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ନଭେମ୍ବର ୨୦ ତାରିଖ ମଧ୍ୟରେ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଦାବିପତ୍ର ଗୁରୁତ୍ୱ ନ ଦେଲେ ସେମାନେ ସାମୁହିକ ଭାବେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ନିଜର ହକ ପାଇଁ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଏହି ଆନ୍ଦୋଳନ ପ୍ରତି କଲମପୁର ବ୍ଲକ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ସମର୍ଥନ ଜଣାଇଛି। କଲମପୁର ବ୍ଲକ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ସଭାପତି ଅଜୟ କୁମାର ପଲାଇ, ସମ୍ପାଦକ ଦେବଦତ୍ତ ନାଗ, ଜ୍ଞାନରଞ୍ଜନ ମହାରଣା, ଜିତେନ୍ଦ୍ର ନାୟକ ପ୍ରମୁଖ ଶିକ୍ଷକଙ୍କ ନେତୃତ୍ୱରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ଉପଦେଷ୍ଟା ମନ୍ମଥ କୁମାର ମିଶ୍ର, ଶୁଭେନ୍ଦୁ କୁମାର ପଣ୍ଡା, ଉଦୟନାରାୟଣ ସିଂ ମାଝିଙ୍କ ସମେତ ସଙ୍ଗଠନ ବହୁଲୋକ ଉପସ୍ଥିତ ଥିଲେ।



ଆତ୍ମସୁରକ୍ଷା ତାଲିମ ଶିବିରରେ ଯୋଗଦେଇଥିବା ଛାତ୍ରୀମାନେ ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ତୁଣ୍ଡଲା,୧୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଗତ ୪ ତାରିଖରୁ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବେଲଖଣ୍ଡି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ରାଧାମୋହନ ବାଣୁଆ, ମୁଖ୍ୟବକ୍ତା ଅଧ୍ୟାପକ ଡ. ମଦନମୋହନ ସାହୁ ରହିଥିବା ବେଳେ ଅଧ୍ୟାପକ ନିରଞ୍ଜନ ମାଝି, ଦୁର୍ଯ୍ୟୋଧନ ବିଶୋଇ, ବସନ୍ତ କୁମାର ସାହୁ, ଭକ୍ତବନ୍ଧୁ ପଧାନ, ଚଉବନ ପଧାନ, ବୁଦ୍ଧଦେବ ପଧାନ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ଛାତ୍ରୀମାନଙ୍କୁ କୁଶୁର୍ଲା ମହା ବିଦ୍ୟାଳୟ ଛାତ୍ରୀ ଦିବ୍ୟଭାରତୀ ମାଝି ଶିକ୍ଷାଦାନ କରିଥିଲେ। ମଞ୍ଚ ପରିଚାଳନା ସଦାନନ୍ଦ ଶତପଥି କରିଥିବା ବେଳେ ନିରଞ୍ଜନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍ ଘଟଣା, ୩ ଲୁଟେରା ଜେଲ ଗଲେ

**ଭବାନୀପାଟଣା,୧୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଧୀନରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ପୋଲିସ ୩ ଲୁଟେରାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ କୋକସରା ବ୍ଲକ କୋକସରା ଗାଁର ନିତେଶ (୨୩), ଧର୍ମଗଡ ବ୍ଲକ ପର୍ଲା ଗାଁର ନିତେଶ ଦାସ (୨୫) ଓ କୈଳାସ ଶବର (୨୧)। ତାଙ୍କଠାରୁ ପୋଲିସ ୪୫ ହଜାର ୫୦ ଟଙ୍କା ସହ ଲୁଟରେ ବ୍ୟବହାର ବାଇକ ଜବତ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ସୋମବାର ଜେଲକୁ ପଠାଯାଇଛି। ଜୟପାଟଣାଠାରେ ଥିବା ଭାରତ ପ୍ରାଇଭେଟ ଫାଇନାନ୍ସ କମ୍ପାନୀ କର୍ମଚାରୀ ଭାବଗ୍ରାହୀ ସାଙ୍କଠାରୁ ଗତ ୧୨ ତାରିଖରେ ଉକ୍ତ ବ୍ଲକ୍‌ର ସର୍ଗିଗୁଡାରୁ କୁଚାଗାଁ ରାସ୍ତା ମଝିରେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ନଗଦ ୧ ଲକ୍ଷ ୩୩ ହଜାର ୭୯୮ ଟଙ୍କା ଲୁଟି ନେଇଥିଲେ। ଏ ନେଇ ଜୟପାଟଣା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରି ୩ ଜଣଙ୍କୁ ଗିରଫ କରିଥିଲା। ଜୟପାଟଣା ଥାନା ଇନ୍ଚାର୍ଜ ଅଧିକାରୀ ଲିଙ୍ଗରାଜ ସେଠୀ, ତଦନ୍ତକାରୀ ଅଫିସର ସନ୍ତୋଷ କୁମାର ସାହୁ ଓ ଏଏସ୍‌ଆଇ ତ୍ରିସେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏହି ଧରପଗଡ ହୋଇଥିଲା।

## ବିଭିନ୍ନ ଦାବି ନେଇ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**କେଗାଁ,୧୯।୧୧(ଡି.ଏନ.ଏ.)**

**ମଖଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମଖଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ଏଥିପ୍ରତି ଶିକ୍ଷା ବିଭାଗ ଓ ପ୍ରଶାସନ ଦୃଷ୍ଟି ନ ଦେବାରୁ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଧାରଣାରେ ବସିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗରୁ ଅନୁଯାୟୀ ଯେ, ମଖଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧ ଡେସିମିଲ ଜାଗାକୁ ଗ୍ରାମର ଦୁଇ ଜଣ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ବିଦ୍ୟାଳୟରେ ଆବଶ୍ୟକ କୋଠରି ନ ଥିବାରୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୧୭୨ ଜଣ ଛାତ୍ରୀଛାତ୍ର ନନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟ ପରିସରରେ କୌଣସି ଜାଗା ନ ଥିବା ବେଳେ ନୂତନ ଗୃହ ପାଇଁ ଅନୁଦାନ ଆସିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଅପରପକ୍ଷରେ ୧୭୨ ଜଣ ଛାତ୍ରୀଛାତ୍ର ଏକା ସହିତ ଠିଆ ହୋଇ ବିଦ୍ୟାଳୟ ପରିସରରେ ପ୍ରାର୍ଥନା କରିବା ପାଇଁ ମଧ୍ୟ ଜାଗା ନାହିଁ। ଏ ନେଇ ଗତ ୫ ବର୍ଷ ହେଲା ଗ୍ରାମବାସୀ ଶିକ୍ଷା ବିଭାଗ ଓ ପ୍ରଶାସନ ପାଖରେ ଦାବି କରି ଆସୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁ ନ ଥିବାରୁ ଗ୍ରାମବାସୀ ବାଧ ହୋଇ ସ୍କୁଲରେ ତାଲା ପକାଇଥିବା କହିଛନ୍ତି। ଅନ୍ୟପକ୍ଷରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସ୍ଥାନୀୟ ନାଏବ ସରପଞ୍ଚ ଅଟଳ ବାଗ, ଶିକ୍ଷା କମିଟି ସଭାପତି ନୃପ ବାଗ, କେଦାର ବାଗ, ମକୁନ୍ଦ ବାଗ, ଚମ୍ପା ହରପାଲ, ସେବତି ନାଏକ, ସରାବନି ନାଏକ, ସନ୍ତରା ନାଏକ, ନବ କିଶୋର ନାଏକ, ଦ୍ରୋପଦୀ ତାଣ୍ଡି, କାର୍ମିନି ତାଣ୍ଡି ପ୍ରମୁଖ ଚେତାବନୀ ଦେଇଛନ୍ତି ।



ସ୍କୁଲରେ ତାଲା ପକାଇ ଗ୍ରାମବାସୀ ଧାରଣାରେ ବସିଛନ୍ତି।

■ ରାଜ୍ୟସ୍ତରୀୟ ଶିଶୁ ନାଟକ, ନୃତ୍ୟ ମହୋତ୍ସବ ତୃତୀୟ ସନ୍ଧ୍ୟା

## 'ନାଟୁଆ ଭାଲୁ', 'ଭୋର୍', 'ଛି ରେ କେଚକେଚା ମଞ୍ଚସ୍ଥ

**ଭବାନୀପାଟଣା,୧୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ କଳାହାଣ୍ଡି ଲେଖକ କଳା ପରିଷଦଠାରେ ସଙ୍ଗମ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ଷଷ୍ଠ ରାଜ୍ୟସ୍ତରୀୟ ଶିଶୁ ନାଟକ ଏବଂ ନୃତ୍ୟ ମହୋତ୍ସବର ସୋମବାର ଥିଲା ତୃତୀୟ ଦିବସ। ସଙ୍ଗମ ସଭାପତି ରାଜେନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଅତିରିକ୍ତ ଜିଲା ଅଧିକାରୀ ବିଜୟ କୁମାର ସିଂ, ସମ୍ମାନିତ ଅତିଥି ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଶୁଭ୍ରାଂଶୁ ଶେଖର ନନ୍ଦ ଧନ୍ୟବାଦ ଦେଇଥିଲେ। ଆଜି ପ୍ରଥମ ଶିଶୁ ନାଟକ ଭବାନୀପାଟଣା ବୃନ୍ଦାବତୀ ଶିଶୁ ବିଦ୍ୟାମନ୍ଦିର ନାଟୁଆ ଭାଲୁ ମଞ୍ଚସ୍ଥ ହୋଇଥିଲା। ଏହି ନାଟକକୁ ମିହିର କୁମାର ଭୋଇ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଦ୍ୱିତୀୟ ନାଟକ ଭୋର୍ ଦିଲ୍ଲୀ ପବ୍ଲିକ ସ୍କୁଲ ଶିଶୁମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଏହାକୁ ନିହାରିକା ବେହେରା ରଚନା କରିଥିବା ବେଳେ ମନମୋହନ ସିଂ ନିର୍ଦ୍ଦେଶନା ଦେଇଥିଲେ । ତୃତୀୟ ନାଟକ ହାଇଟେକ ପବ୍ଲିକ ସ୍କୁଲ ଶିଶୁମାନଙ୍କ ଦ୍ୱାରା ଛିରେ କେଚକେଚା ମଞ୍ଚସ୍ଥ ହୋଇଥିଲା। ଏହାକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ଶ୍ୱେତା ପ୍ରିୟଦର୍ଶିନୀ ଓ ସହ ନିର୍ଦ୍ଦେଶକ ଥିଲେ ସୌରଭ ପଣ୍ଡା। ଏହି ନାଟକ ପ୍ରତିଯୋଗିତାରେ ଉମେଶ ଚନ୍ଦ୍ର ଶତପଥି ଓ ନିମାଇଁ ଚରଣ ପାଣି ଜଜ୍ ଭୂମିକା ତୁଲାଇଥିଲେ। କାର୍ଯ୍ୟକ୍ରମରେ ଚକ୍ରଧର ମହାରଣା, ଯୋଗୀନ୍ଦ୍ର ରଣା, ଯତୀନ୍ଦ୍ର ପାଢୀ, ସୁଶାନ୍ତ ପ୍ରଧାନୀ, ନୃପେଶ ନାଗ ପ୍ରମୁଖ ସହଯୋଗ କରିଥିଲେ।



ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ ।

## ବାର୍‌ହା ଉପଦ୍ରବ, ବ୍ୟାପକ ଧାନଚାଷ ନଷ୍ଟ

■ ଜିଲାପାଳଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍

**କେସିଙ୍ଗା,୧୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିରୋଲ ଓ ପରଲସିଙ୍ଗା ପଞ୍ଚାୟତ ବିଭିନ୍ନ ଗ୍ରାମ ଚାଷୀଙ୍କ ଧାନ କ୍ଷେତ୍ରରେ ବାର୍‌ହା ଧାନ ଖାଇ ନଷ୍ଟ କରୁଛି। ଏ ନେଇ ସରପଞ୍ଚ ଓ ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ସିରୋଲ ଗ୍ରାମପଞ୍ଚାୟତ ପୋଢ଼ଖମ୍ଭ, ଡୁମେରମୁଣ୍ଡା, ସିରୋଲ ଏବଂ ପରଲସିଙ୍ଗା ଗ୍ରାମପଞ୍ଚାୟତର ସଅଁରାପଦର, ବାହାଦୂରପିଟା ଓ ମାଲିପଡା ନୂଆପଡା ଗ୍ରାମର ପ୍ରାୟ ୮୦ ରୁ ୯୦ ଜଣ ଚାଷୀଙ୍କ ୩୦୦ ହେକ୍ଟର ଜମିରେ ନିକଟସ୍ଥ ବଜରଗଡ ସଂରକ୍ଷିତ ଜଙ୍ଗଲରୁ ବାର୍‌ହା ପଲ ରାତିରେ ଧାନକ୍ଷେତକୁ ଆସି ନଷ୍ଟ କରୁଥିବାରୁ ବହୁ ଚାଷୀଙ୍କ ପାଚିଲା ଧାନ ଚାଷ ନଷ୍ଟ ହେଉଛି। ଚାଷୀମାନେ ରାତ୍ରିରେ ନିଆଁହୁଳା ଓ ବିଭିନ୍ନ ବାଜା ବଜାଇ ଘଉଡାଇଥାନ୍ତି। ଗୋଟିଏ ବଜା ବଜାଇ ନିଆଁ ହୁଳା ଦେଖାଇଲେ ଅନ୍ୟ ଧାନ କିଆରିରେ ପସି ଯାଇ ଧାନ ଖାଇ ମାଟି ଖୋଳି ନଷ୍ଟ କରୁଛନ୍ତି। ଏ ନେଇ ଗ୍ରାମବାସୀ ଓ ସିରୋଲ ସରପଞ୍ଚ ହେମନ୍ତ ନାଗ ଗତ ମାସରେ କେସିଙ୍ଗା ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲେଖିତ ଭାବେ ଅଭିଯୋଗ କରାଯାଇଥିଲା। କିନ୍ତୁ ଆଜକୁ ଏକ ମାସ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଫଳରେ ବାର୍‌ହାଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଭାବେ ଧାନ ଚାଷ ନଷ୍ଟ ହେବାରେ ଲାଗିଛି। ବିଶେଷ ସୂତ୍ରରୁ ପ୍ରକାଶ ଯେ, ଚାଷୀମାନେ ସରକାରୀ ଜମିରେ ଧାନ ଚାଷ କରିଥିବାରୁ କେସିଙ୍ଗା ବନାଞ୍ଚଳ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଏ ବିଷୟ ନେଇ ସିରୋଲ ଗ୍ରାମପଞ୍ଚାୟତର ସରପଞ୍ଚ ପଞ୍ଚାୟତ ସମିତି ମିଟିଂରେ ମଧ୍ୟ ପ୍ରସ୍ତାବ ଆଗତ କରିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ କେସିଙ୍ଗା ବନବିଭାଗ ରେଞ୍ଜର ଦୀନବନ୍ଧୁ ମେହେରଙ୍କୁ ପଚାରିବାରୁ ମୋ ପାଖରେ କୌଣସି ଚାଷୀ ଲିଖିତ ଅଭିଯୋଗ କରିନାହାନ୍ତି। ସରକାରୀ ଜମିରେ ଚାଷୀମାନେ ଧାନ ଚାଷ କରିଥିବାରୁ ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ରାଶି ପଇ ପାରିବେନାହିଁ ଏବଂ ଯାହାର ଧାନ ଚାଷ ନଷ୍ଟ ହୋଇଥାଏ, ତେବେ ରାଜସ୍ୱ ନିରୀକ୍ଷକ ଓ ବନ ବିଭାଗ କର୍ମଚାରୀଙ୍କ ମିଳିତ ଭାବେ ତଦନ୍ତ ପରେ ଯୋଗ୍ୟ ଚାଷୀଙ୍କୁ ପ୍ରୋତ୍ସାହନ ଅର୍ଥ ଦିଆଯାଇଥାଏ ବୋଲି ପ୍ରକାଶ କରିଥିଲେ।



ସିରୋଲ ଗ୍ରାମରେ ବାର୍‌ହା ଦ୍ୱାରା ନଷ୍ଟ ହୋଇଥିବା ଧାନଚାଷ।



ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ



## ସଂକ୍ଷେପରେ

### ରାଜ୍ୟରେ ୨୩୪୨୯ ଅତିଶୟ କମ୍ ଓଜନର ଶିଶୁ ଅଛନ୍ତି

ସୁନ୍ଦରଗଡ଼, ୧୯।୧୧ (ଡି.ଏନ୍.ଏ) ରାଜ୍ୟରେ ମୋଟ ୭୨୫୮୭ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଥିରେ ୧୪୭୪୮୧୦ଜଣ ପ୍ରାକ୍ ବିଦ୍ୟାଳୟର ଶିଶୁ ନିୟମିତ ଆସୁଛନ୍ତି। ଏଥିମଧ୍ୟରୁ ୨୩୪୨୯ ଜଣ ଶିଶୁ ଅତିଶୟ କମ୍ ଓଜନର ଓ ସେଥିମଧ୍ୟରୁ କଳାହାଣ୍ଡି ଜିଲାରେ ସର୍ବାଧିକ ଶିଶୁ ଥିବା ନେଇ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସୂଚନା ଦେଇଛନ୍ତି। ବିଧାନସଭାରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସାହୁ ଏହି ଉତ୍ତର ରଖିଛନ୍ତି। ବିଧାୟିକା ଟେଟେଙ୍କ ଏହି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଦେବାର ବ୍ୟବସ୍ଥା କରାଯାଇଛି ଓଏଥିପାଇଁ ୨୦୧୯-୨୦ ବର୍ଷରେ ୧୦୩୫୮୮.୦୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ସୁନ୍ଦରଗଡ ଜିଲା ସମେତ ରାଜ୍ୟର ସମସ୍ତ ଗ୍ରାମ ଓ ପଡା ଗ୍ରାମରେ ଏହି ଅଙ୍ଗନବାଡି ସେବା ଯୋଗାଇ ଦିଆଯାଉଛି। ନୂତନ ଅଙ୍ଗନବାଡି କେନ୍ଦ୍ର ଖୋଲାଯିବାର ପ୍ରସ୍ତାବକୁ ପୁର୍ନବିଚାର କରିବା ପାଇଁ ଜିଲାପାଳମାନଙ୍କୁ ଅନୁରୋଧ କରାଯାଇଛି।

## ଅସହାୟ ଜୀବନ ବିତାଉଛନ୍ତି ଦିବ୍ୟାଙ୍ଗ ପରିବାର

# ସରକାରୀ ଯୋଜନା ଅପହଞ୍ଚ

ଲେଫ୍ରିପଡା,୧୯।୧୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଛଟେନପାଲି ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବକ ଜୟକୁମାର ସୁନ୍ୟାନୀଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇ ରହିଯାଇଛି। ଅତିଅସହାୟ ଭାବେ ଜୀବନ ବିତାଉଛନ୍ତି। ଦିବ୍ୟାଙ୍ଗ ଜୟକୁମାର ଏକଦା ପରିବାରରେ ଶ୍ରମଜୀବି ଭାବେ ରହିଥିବା ବେଳେ ଦୁର୍ଘଟଣା ଘଟିବାରୁ ନିଜ ଗୋଡ ହରାଇବାକୁ ପଡିଥିଲା। ପରିବାରରେ ବର୍ତ୍ତମାନ ସ୍ତ୍ରୀଙ୍କ ସାହାରାରେ ଜୀବନ ଅତିବାହିତ କରୁଛନ୍ତି। ଆୟ ଉପାର୍ଜନ କରିପାରୁ ନ ଥିବାରୁ ଅତି ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି। ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ଦିବ୍ୟାଙ୍କ ପରିବାର ପାଇଁ ସାତସପନ ପାଲଟିଛି। ଦୁଇ ବର୍ଷ ତଳେ ଛଟେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସରକାରଙ୍କ ଗ୍ରାମୀଣ ଆବାସ ଯୋଜନା ଏବଂ ଭତ୍ତା



ସ୍ତ୍ରୀଙ୍କ ସହ ଦିବ୍ୟାଙ୍ଗ ଯୁବକ ଜୟକୁମାର ସୁନ୍ୟାନୀ।

ପାଇଁ ଆବେଦନ କରିଥିଲେ। ପରବର୍ତ୍ତୀ ସମୟରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଘର ତିଆରି ପାଇଁ ମଞ୍ଜୁରୀ କରାଯାଇ ସ୍ତ୍ରୀଙ୍କ ନାମରେ ଘର ନିର୍ମାଣ ସକାଶେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ଦିବ୍ୟାଙ୍ଗ ଜୟକୁମାରଙ୍କ ଘରଡିହ ପଟ୍ଟା ନ ଥିବାରୁ ବଞ୍ଚିତ ହୋଇ ରହିଛନ୍ତି ଏହି ଅସହାୟ ପରିବାର। ବର୍ତ୍ତମାନ ଭଙ୍ଗା, ଖପର ଘରେ ରହୁଛନ୍ତି। ସେହିପରି ଭତ୍ତା ମଧ୍ୟ ପାଇ ନ ଥିବାରୁ ଅତି ଦୁଃଖରେ ଚଳୁଛନ୍ତି ବୋଲି କହିଛନ୍ତି। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜଙ୍କୁ ପଚାରିବାରୁ ଘର ନିର୍ମାଣ ପାଇଁ ପୂର୍ବରୁ ପଦ୍ଧତି ଭିନ୍ନ ଥିଲା। ବର୍ତ୍ତମାନ ପଦ୍ଧତି ବଦଳି ଯାଇଥିବାରୁ ହିତାଧିକାରୀ ନିଜ ଘୋଷଣାନାମା ପ୍ରଦାନ କରି ଗୃହ ନିର୍ମାଣ କରିପାରିବେ। ତେଣୁ ସେହି କ୍ଷେତ୍ରରେ ସେହି ପରିବାରର ଗୃହ ନିର୍ମାଣ ହୋଇପାରିବ ବୋଲି କହିଥିଲେ। ଭତା କ୍ଷେତ୍ରରେ ହିତାଧିକାରୀ ନିଜ ଯୋଗ୍ୟ ପ୍ରମାଣପତ୍ର ପ୍ରଦାନ କଲେ ଅତିଶୀଘ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ପଦଯାତ୍ରା

ହେମଗିର, ୧୯।୧୧ (ଡି.ଏନ.ଏ)

ରାଜ୍ୟ ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକରି ଆସୁଥିବା ବେଳେ ଏହା ଜନସାଧାରଣଙ୍କ ଭିତରେ ମଧ୍ୟ ଜାଗ୍ରତ ହୋଇଥିବା ଦେଖାଯାଇଛି। ଜଗତସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଭଗବାନସିନ୍ଦୋଳ ଗ୍ରାମର ଜଣେ ଯୁବକ ସତ୍ୟବ୍ରତ ଦାସ ଏବେ ଦାବି ପାଇଁ ଓଡ଼ିଶା ଭ୍ରମଣରେ ବାହାରିଛନ୍ତି। ସେ ଗତ ଜୁଲାଇ ୧୦ରୁ ଯାଜପୁର ବଡଚଣାରୁ ବାହାରି ୯୪ ବ୍ଲକ ବୁଲି ହେମଗିର କନିକାରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଦାସ ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ପହଞ୍ଚି ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏପରି ସେ ଓଡିଶାରେ ଥିବା ୩୧୪ ବ୍ଲକରେ ପହଞ୍ଚି ଦାବି ଜଣାଇବା ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।



ହେମଗିର କନିକାରେ ସତ୍ୟବ୍ରତ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଯୁକ୍ତ ୨ କଲେଜରେ ଆତ୍ମରକ୍ଷା କୌଶଳ ତାଲିମ ଉଦ୍‌ଘାଟିତ

ବଡ଼ଗାଁ, ୧୯।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଘାଟିତ ହୋଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମାର୍ଶଲ ଆର୍ଟ ଉପରେ ଅଭିଜ୍ଞତା ରଖିଥିବା ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ମଣିଷର ସର୍ବାଧିକ ବାହ୍ୟ ଅଙ୍ଗ ଅସ୍ତ୍ର ଭାବେ ବ୍ୟବହାର କରିବାର କୌଶଳ ମାର୍ଶଲ ଆର୍ଟରେ ବିଶେଷତ୍ୱ ବୋଲି କହିବା ସହ ଦୈନନ୍ଦିନ ଅଭ୍ୟାସ ଦ୍ୱାରା ହାସଲ କରାଯାଇପାରିବ ବୋଲି ଛାତ୍ରୀମାନଙ୍କୁ ବୁଝାଇଥିଲେ। କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀ ଛାତ୍ରୀମାନଙ୍କୁ ମାର୍ଶଲ ଆର୍ଟ ଶିକ୍ଷା ବା ତାଲିମ ଦେବାପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବା ସୂଚନା ଦେଇ ଆତ୍ମବଳ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଛାତ୍ରୀ ଶିବିରକୁ ଠିକ୍ ସମୟରେ ଆସିବାକୁ କହିଥିଲା ବେଳେ ମାଷ୍ଟର ଟ୍ରେନର ପିଙ୍କି ମହାନନ୍ଦିଆ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଦୁର୍ବୃତ୍ତ, ଦୁଷ୍ଟ ପ୍ରକୃତିର ବ୍ୟକ୍ତିଙ୍କ ଦ୍ୱାରା ମହିଳାକୁ ଅସଦାଚରଣର ସମ୍ମୁଖୀନ ହେବାକୁ ପଡୁଥିବାରୁ ମାର୍ଶଲ ଆର୍ଟ ଶିକ୍ଷାର ଆବଶ୍ୟକତା ଥିବା କହିଥିଲେ। ତାଲିମ ପରିଚାଳନା ଦାୟୀତ୍ୱରେ ଥିବା ଅଧ୍ୟାପକ ନିରୋଜ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।



ବଡ଼ଗାଁ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ମାର୍ଶଲ ଆର୍ଟ ତାଲିମ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ।

## ପୋଷ୍ଟାଲ ଓଭରସିଅରଙ୍କୁ ଅଫିସରେ ଅଟକ ରଖିଲେ ଖାତାଧାରୀ

ବଡ଼ଗାଁ, ୧୯।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡଗାଁ ଶାଖା ଡାକଘର ଅଧିନରେ ଥିବା ପଞ୍ଚରା ନିକଟ ନୂଆଗାଁ ଝରନ ପୋଷ୍ଟ ଅଫିସକୁ ସୁନ୍ଦରଗଡର ପୋଷ୍ଟାଲ ଓଭରସିଅର୍ ଆସିଥିଲା ବେଳେ ନୂଆଗାଁ ପୋଷ୍ଟ ଅଫିସରେ ଖାତା ଖୋଲିଥିବା କେତେକ ବ୍ୟକ୍ତି ଅଫିସରେ ଅଟକ ରଖି ଦୀର୍ଘ ମାସ ହେଲା ପକାଇ ରଖିଥିବା କାମ ତୁରନ୍ତ କରିବାକୁ ଦାବି କରିଥିଲେ। ସୂଚନାନୁଯାୟୀ, ଓଭରସିଅର ଦିଲୀପ ପଟେଲ ମଧ୍ୟାହ୍ନରେ ନୂଆଗାଁ ବ୍ରାଞ୍ଚ ପୋଷ୍ଟ ଅଫିସର ଆଇପିପି କ୍ୟାମ୍ପ ଚାଲିଥିବାରୁ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ଜମାଖାତା ଖୋଲିଥିବା ଓ ପୋଷ୍ଟାଲ ଇନସ୍ୟୁରାନ୍ସ କରିଥିବା ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଫିସରେ ପହଞ୍ଚି ସେମାନଙ୍କ ପଲିସି ଓ ଜମାଖାତା ୪ମାସ ହେଲା ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ଅସନ୍ତୁଷ୍ଟ ଖାତା ଖୋଲିଥିବା ଲୋକେ ପଟେଲଙ୍କୁ ଜମାଖାତା ନଦେଲେ ଛାଡିବୁ ନାହିଁ କହି ଅଫିସରେ ଅଟକ ରଖିଥିଲେ। ସୂଚନାଯୋଗ୍ୟ ଯେ, ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପୋଷ୍ଟାଲ ବ୍ୟାଙ୍କ ଜରିଆରେ ବାର୍ଦ୍ଧକ୍ୟ ଭତ୍ତା ଦେବା ପାଇଁ ସରକାର ଘୋଷଣା କରିଥିଲା ବେଳେ ବିଭାଗୀୟ କର୍ମଚାରୀଙ୍କ କଛପ ଗତିରେ କାର୍ଯ୍ୟ ଯୋଗୁ ପଲିସି ଓ ଖାତା ଖୋଲିଥିବା ଲୋକେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ନୂଆଗାଁ ପୋଷ୍ଟମାଷ୍ଟର ସୁନୀଲ ଦଲେଇଙ୍କୁ ପଚାରିବାରେ ଓଭରସିଅରଙ୍କୁ ଲୋକେ ମଧ୍ୟାହ୍ନ ୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଟକ ରଖି ଦାବି କରିଥିଲେ। ଏହି ପୋଷ୍ଟ ଅଫିସ ଭଳି ନିକଟରେ ଥିବା କୁସୁମଡେଗୀ ପୋଷ୍ଟ ଅଫିସରେ ପଲିସି କରିଥିବା ଓ ଖାତା ଖୋଲିଥିବା ବ୍ୟକ୍ତିଙ୍କୁ ପାସବୁକ ବଣ୍ଟ ଅଢ଼େଇ ମାସ ହେଲା ଦିଆଯାଇ ନାହିଁ। ଏହି ଅଞ୍ଚଳରେ ମଧ୍ୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହି ପୋଷ୍ଟ ଅଫିସ ଗାଁରେ ଥିଲେ ମଧ୍ୟ ପଶ୍ଚିମ ଓଡ଼ିଶାରେ ସର୍ବାଧିକ ପଲିସ କରିଛି। ପୋଷ୍ଟ ମାଷ୍ଟର ଗୌରାଙ୍ଗ ପୃଷେଟଙ୍କୁ ପଚାରିବାରେ ଏଠାରେ ମଧ୍ୟ ଲୋକେ ଅସନ୍ତୁଷ୍ଟ ଥିବା ଓ ଦୀର୍ଘ ମାସ ବିଳମ୍ବ ଯୋଗୁ ସେମାନେ ସମସ୍ୟାରେ ପଡୁଥିବା କହିଛନ୍ତି। ତେବେ ସରକାର ପୋଷ୍ଟାଲ ମାଧ୍ୟମରେ ବାର୍ଦ୍ଧକ୍ୟ ଭତ୍ତା ବ୍ୟବସ୍ଥା କରିଥିଲା ବେଳେ କର୍ମଚାରୀମାନଙ୍କ କାର୍ଯ୍ୟରେ ଅବହେଳା ଯୋଜନା ପରିଚାଳନାରେ ସମସ୍ୟା ସୃଷ୍ଟି କରିବ। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସରକାରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ

ସୁନ୍ଦରଗଡ଼, ୧୯ ।୧୧ (ଡି.ଏନ୍.ଏ)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଠାରେ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଓ ଜିଲା ମହିଳା ଆତ୍ମସୁରକ୍ଷା ସଂଯୋଜକ ମୋହନ ମୁରାରି ବାରିକ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ଆବଶ୍ୟକତା ଓ ଏହାର କୌଶଳ ଶିକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପିକା ଡ. କୁମୁଦିନୀ ରାଉତରାୟ, ଅଧ୍ୟାପକ ଡ. ଲଳିତ ରଞ୍ଜନ ସାହୁ, ପ୍ରଦୀପ ବହିଦାର, ଅଜନ୍ତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ପ୍ରଶିକ୍ଷିକା ପ୍ରଭାସିନୀ ଗର୍ଡିଆ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର କୌଶଳ ଶିକ୍ଷା ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ପ୍ରତ୍ୟହ ସକାଳ ୬ ଓ ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ।

## ଜିଲା କଂଗ୍ରେସ କମିଟି ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ

ସୁନ୍ଦରଗଡ଼, ୧୯।୧୧ (ଡି.ଏନ୍.ଏ)

ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ପ୍ରାରମ୍ଭରେ ସ୍ୱର୍ଗତା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପୂର୍ବତନ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ ସ୍ୱର୍ଗତା ଇନ୍ଦିରାଜୀଙ୍କ ଦେଶପାଇଁ ତ୍ୟାଗ ଓ ବଳିଦାନ ଅତୁଳନୀୟ ଥିଲା ବୋଲି କହିଥିଲେ। ବର୍ତ୍ତମାନ ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ ଦେଶର ଆର୍ଥିକପରିସ୍ଥିତିଦିନକୁଦିନରସାତଳଗାମୀ ହେଉଛି। ଏଭଳି ପରିସ୍ଥିତିରେ କଂଗ୍ରେସ କର୍ମୀମାନେ ସଙ୍ଗଠିତ ଭାବେ କାର୍ଯ୍ୟକରି କଂଗ୍ରେସର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଅଜିତ ପ୍ରସାଦ, ନରେନ୍ଦ୍ର ସିଂ, ସୁବ୍ରତ ପୁରୋହିତ, ପ୍ରଣବ ସିଂ, ପ୍ରଫୁଲ୍ଲ ସୁନାନୀ, ସତ୍ୟନାରାୟଣ ସାହୁ,ସତ୍ୟଜିତ ପଣ୍ଡା, ହରିଶ ରକ୍ସା, ଅଞ୍ଜନ ପଟେଲ, ବିଶ୍ୱଜିତ ପଟ୍ଟନାୟକ, ରମଣୀରଞ୍ଜନ ଯୋଶୀ, ମୁନୁ ସରାଫ, ବବଲୁ ବେନିୱାଲ ଓଲତାଫ୍ ହୁସେନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।




ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ କଂଗ୍ରେସ କର୍ମୀ।

## ରାସ୍ତାର ନିର୍ମାଣ ଶୀଘ୍ର ସମ୍ପନ୍ନ ପାଇଁ ଦାବି ରଖିଲେ ବିଧାୟିକା

ସୁନ୍ଦରଗଡ, ୧୯।୧୧ (ଡି.ଏନ୍.ଏ)

ସୁନ୍ଦରଗଡ ସହରର ଶଙ୍କରା ଠାରୁ ସହର ଦେଇ ଲୁହୁରାଡିପା ସ୍ଥିତ ନୁଆଁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତା ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ବିଧାନସଭାରେ ଦାବି କରିଛନ୍ତି। ବିଧାୟିକା ଟେଟେ ଏନେଇ ପଚାରିଥିବା ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ନିର୍ମାଣ ,ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବିଧାନସଭାରେ ରଖିଥିବା ଏହି ପ୍ରଶ୍ନର ଉତ୍ତରରେ ସହରର ଶଙ୍କରାଠାରୁ ସହର ଦେଇ ନୂଆଁବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ବିଭାଗର ଅଧୀନରେ ନୁହେଁ। ସୁନ୍ଦରଗଡ ଡିଆରଡିଏ ଛକ ଠାରୁ ନୂଆବସଷ୍ଟାଣ୍ଡ ରାସ୍ତାର ଗଡିଆ ଯୋର ୧.୭୫୦ କିମି ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ପ୍ରାପ୍ତ ଅନୁଦାନକୁ ବିନିଯୋଗ କରି ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଛି। ଏହି ରାସ୍ତାର କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉଠାଯିବା ପାଇଁ ବର୍ତ୍ତମାନ ୧.୨୦କୋଟିର ଅନୁଦାନ ଯୋଗାଇ ଦିଆଯାଇଛି। ଅତିଶିଘ୍ର ଅଧୀକ୍ଷଣ ଯନ୍ତ୍ରୀ (ବିଦ୍ୟୁତ), ଭୁବନେଶ୍ୱର ରାସ୍ତା ଓଗୃହ ପୂର୍ତ୍ତମଣ୍ଡଳ ଜରିଆରେ ଟେଣ୍ଡର ଆହ୍ୱାନ କରାଯାଇ ଯଥାଶିଘ୍ର ବିଦ୍ୟୁତ ଖୁଣ୍ଟ ଉଠାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହିତ ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀରେ ୩୧୦.୫୩୧କିମି ରାସ୍ତା ପୂର୍ତ୍ତବିଭାଗ ଅଧୀନରେ ରହିଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା କୌଣସି ଆରଡି ରାସ୍ତା ପୂର୍ତ୍ତବିଭାଗ ଅଧୀନକୁ ଆସି ନାହିଁ ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି।

## ସୁନ୍ଦରଗଡ଼ଠାରୁ ଏମ୍‌ସିଏଲ୍ ରାସ୍ତା ପାଲଟିଛି ମରଣଯନ୍ତା

ଲେଫ୍ରିପଡା, ୧୯।୧୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରୁ ଏମ୍‌ସିଏଲ ରାସ୍ତା ମରଣଯନ୍ତା ପାଲଟିଥିବା ଦେଖାଦେଇଛି। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ୧୪ ଏବଂ ୧୬ଚକିଆ କୋଇଲା ପରିବହନକାରୀ ଟ୍ରକ, ଯାତ୍ରୀବାହୀ ବସ୍, ଅଟୋ ରିକ୍ସା ସହ ବାଇକ୍ ଯାତାୟତ ହୋଇଥାଏ। ରାସ୍ତା ବର୍ତ୍ତମାନ ବହୁ ସଂଖ୍ୟାରେ ବଡବଡ ଖାଲଖମାରେ ପରିଣତ ହୋଇଯାଇଥିବାବେଳେ କୌଣସି ବି ପରିସ୍ଥିତିରେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଅଭିଯୋଗ ହେଉଛି। ଜିଲା ସଦର ମହକୁମାକୁ ଲେଫ୍ରିପଡା ବ୍ଲକ୍, ହେମଗିର ବ୍ଲକ୍ ଏବଂ ଟାଙ୍ଗରପାଲି ବ୍ଲକ୍‌ର ଜନସାଧାରଣ ନିଜ କାମ ନେଇ ଦୈନନ୍ଦିନ ଯାଉଥିବା ବେଳେ ବର୍ତ୍ତମାନ ରାସ୍ତାର ପରିସ୍ଥିତିକୁ ଆଖି ଆଗରେ ରଖି ନିଜ ସୁରକ୍ଷା ଦିଗରେ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୁର୍ଗଡା ତାରିଣୀ ମନ୍ଦିରଠାରୁ ଛଟେନପାଲି ଗ୍ରାମ ପର୍ଯ୍ୟନ୍ତ ଅତ୍ୟନ୍ତ ବଡବଡ ଖାଲଖମା ହୋଇଯାଇଛି। ବର୍ତ୍ତନକେଲାଠାରେ ଏକ କଲଭର୍ଟ ନିକଟରେ ବିପଦସଙ୍କୁଳ ହୋଇପଡିଛି। ଏହି ରାସ୍ତାରେ ବହୁସଂଖ୍ୟାରେ ପ୍ରଶାସନିକ ଅଧିକାରୀ ଏବଂ ରାଜନେତା ପ୍ରତିଦିନ ଯାତାୟତ କରୁଥିଲେ ବି ରାସ୍ତା ପ୍ରତି କାହାରି ଆନ୍ତରିକତା ଦେଖାଦେଉ ନାହିଁ ବୋଲି ଜନସାଧାରଣ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାସ୍ତାର ମରାମତି ସକାଶେ ତୁରନ୍ତ ଜିଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ସୁନ୍ଦରଗଡ଼ଠାରୁ ଏମ୍‌ସିଏଲ ରାସ୍ତା ମରଣଯନ୍ତା ପାଲଟିଛି।

## ବିଭିନ୍ନ ଦାବିନେଇ ପ୍ରଶାସନକୁ ଘେରିଲେ ବସ୍ତିବାସିନ୍ଦା

ସୁନ୍ଦରଗଡ଼, ୧୯।୧୧ (ଡି.ଏନ୍.ଏ.)

ରାଶନକାର୍ଡଧାରୀଙ୍କୁ ମାଗଣା ଜମିପଟ୍ଟା ପ୍ରଦାନ, ଭୂମିହୀନଙ୍କୁ ଥଇଥାନ ଆଦି ବିଭିନ୍ନ ଦାବିନେଇ ମଙ୍ଗଳବାର ସୁନ୍ଦରଗଡ ସହରର ବିଭିନ୍ନ ୱାର୍ଡର ବସ୍ତିବାସିନ୍ଦା ଅତିରିକ୍ତ ଜିଲାପାଳ, ତହସିଲଦାର ଓ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଘେରାଉ କରିଥିଲେ। ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ବସ୍ତିବାସିନ୍ଦାମାନେ ସରକାରଙ୍କ ସମସ୍ତ ମୌଳିକ ସୁବିଧା, ସୁଯୋଗ ପ୍ରଦାନ ସକାଶେ ଦାବିକରି ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ। ଦୀର୍ଘବର୍ଷରୁ ସରକାରୀ ସ୍ଥାନରେ ବସବାସ କରିଆସୁଥିବା ହିତାଧିକାରୀଙ୍କୁ ଘରଡିହ ପଟ୍ଟା ପ୍ରଦାନ, କିସମ ଅସୁବିଧା ଥିଲେ ଅସୁବିଧା ନ ଥିବା ଜମିରେ ହିତାଧିକାରୀଙ୍କୁ ଥଇଥାନ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ, ସରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଘରଡିହ ଯୋଜନାରେ ସର୍ଭେ ବେଳେ ବାଦ ପଡିଥିବା ହିତାଧିକାରୀଙ୍କୁ ତୁରନ୍ତ ଘରଡିହ ପଟ୍ଟା ପ୍ରଦାନ, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ଓ ନିଃଶୁଳ୍କ ତଥା କମ୍ ଦରରେ ବିଜୁଳି ଯୋଗାଇଦେବା ନେଇ ବସ୍ତିବାସିନ୍ଦା ଦାବି କରିଥିଲେ। ବୈକୁଣ୍ଠ ସାହୁ, ଅନୀଲ ମହାନନ୍ଦିଆ, ପଙ୍କଜିନୀ ପେରୁଆ, ମହେଶ ତନ୍ତୀ, ପ୍ରଜ୍ଞାଶ୍ରୀ ପୁରୋହିତ, ଦୁଃଖ ପେରୁଆ, ନିଦ୍ରା ତନ୍ତୀ ପ୍ରମୁଖ ବସ୍ତିବାସିନ୍ଦା ନେତୃବୃନ୍ଦ ଉପସ୍ଥିତ ଥିଲେ।



ବିଭିନ୍ନ ଦାବିନେଇ ସୁନ୍ଦରଗଡ ସହରର ବସ୍ତିବାସିନ୍ଦା ପ୍ରଶାସନିକ ଅଧିକାରୀଙ୍କୁ ଘେରାଉ କରିଛନ୍ତି।



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ଯୋଗ ପ୍ରଶିକ୍ଷଣ କେନ୍ଦ୍ରର ୨୦ତମ ବାର୍ଷିକ ଉତ୍ସବ

**ରାଉରକେଲା ଅଫିସ, ୧୯।୧୧**
ରାଉରକେଲା ଇସ୍ପାତ କାରଖାନା ଅବସର ପ୍ରାପ୍ତ କର୍ମଚାରୀ ସଂଘ ଯୋଗ ପ୍ରଶିକ୍ଷଣ କେନ୍ଦ୍ରର ୨୦ତମ ବାର୍ଷିକ ଉତ୍ସବ ଇଂ.ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଆର୍‌ଏସ୍‌ପି ଚିକିତ୍ସା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ସୁଧାଂଶୁ ଶେଖର ପତି ମୁଖ୍ୟଅତିଥି, ପତଞ୍ଜଳି ଯୋଗ ସମିତି ରାଜ୍ୟ ସହପ୍ରଭାରୀ ଅଙ୍କୁର ମାର୍ଥା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ କପିଳେଶ୍ୱର ମହାରଣା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ମାର୍ଥା ନିରାମୟ ସ୍ୱାସ୍ଥ୍ୟ ରକ୍ଷାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଡା. ପତି ଚିକିତ୍ସା ବିଜ୍ଞାନ ସହିତ ଯୋଗାଭ୍ୟାସର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୋଗ ପରିବାର ସଦସ୍ୟମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଭାତୀ ସିଂ ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ନଳିନୀ ସୂତାର ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଯୋଗ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏ.କେ.ବାସାକ, ସନ୍ତୋଷିନୀ ମଲ୍ଲିକ ଏବଂ ପ୍ରଭାତୀ ସିଂ ଯଥାକ୍ରମରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ରେଣୁ ବାଳା, ଅକ୍ଷୟ କୁମାର, ସ୍ନିଗ୍ଧା, ଅନୀତା ସାନ୍ତ୍ୱନା ମୂଳକ ପୁରସ୍କାର ପାଇଥିଲେ। ଶେଷରେ ଯୋଗ ପରିବାର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### କମ୍ୟୁନିଷ୍ଟ ନେତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ରାଉରକେଲା ଅଫିସ,୧୦।୧୧-**
କମ୍ୟୁନିଷ୍ଟ ନେତା ତଥା ଆଇନଜୀବୀ ଦେବେନ୍ଦ୍ର ଶତପଥୀଙ୍କ ବିୟୋଗରେ ସିପିଆଇ ଜିଲା କମିଟି ପକ୍ଷରୁ ଶୋକ ବ୍ୟକ୍ତ କରାଯିବା ସହ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ଦାସ, ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ଯୁବ ସଂଘ ରାଜ୍ୟ ସଭାପତି ସଦାନନ୍ଦ ସାହୁ, ସିପିଆଇ ନେତା ଏସ.କେ. ଚାଟାର୍ଜୀ, ଅରୁଣ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଶତପଥୀଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ବିଶ୍ୱ ଶୌଚାଳୟ ଦିବସ

**କର୍ଲାମୁଣ୍ଡା,୧୯।୧୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ସଭାଗୃହଠାରେ ମଙ୍ଗଳବାର ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଜଳ ପରିମଳ ମିଶନର ତାଲିମଦାତା ଶଙ୍ଖାଳି ବେହେରା ଯୋଗଦେଇ ପାଇଖାନାର ବ୍ୟବହାର ତଥା ଡଷ୍ଟବିନ ବ୍ୟବହାର ପୃଥକୀ କରଣ ଉପରେ ତାଲିମ ପ୍ରଦାନ କରିଥିଲେ।

## ■ ଶିକ୍ଷା, ନିଯୁକ୍ତିରେ ବାଧକ ସାଜିଛି ଆଧାର କାର୍ଡ

# ଅନାଥାଶ୍ରମ ଅନ୍ତେବାସୀଙ୍କୁ ନେଇ ଚିନ୍ତା

**ରାଉରକେଲା ଅଫିସ,୧୯।୧୧:**
ଆଧାର କାର୍ଡ ଏଭଳି ଏକ ପରିଚୟ ପତ୍ର ଯାହା ଜଣଙ୍କୁ ଦେଶର ନାଗରିକ ଭାବେ ପରିଚୟ ଦେବା ସହ ଶିକ୍ଷା, ଚାକିରି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବେଶ୍ ଆବଶ୍ୟକତା ପ୍ରମାଣିତ କରୁଛି। ହେଲେ ଅସହାୟ, ଠିକଣାହୀନଙ୍କ ପାଇଁ ଆଧାର କାର୍ଡ ବିନା ତାଙ୍କୁ କୌଣସି ସରକାରୀ ସହାୟତା ସମ୍ଭବ ହୋଇପାରୁ ନାହିଁ। ଏନେଇ ଚିନ୍ତା ବଢ଼ିବାରେ ଲାଗିଛି। ଏଭଳିସ୍ଥିତିରେ ଅନାଥାଶ୍ରମ ଅନ୍ତେବାସୀଙ୍କ ମଧ୍ୟରୁ ଅନେକଙ୍କ ପରିଚୟ, ଠିକଣା ନ ଥିବା ବେଳେ କିଛି ବିଦ୍ୟାଙ୍ଗଙ୍କ ହାତ, ଗୋଡ କିମ୍ବା ଆଖି ନ ଥିବା ବେଳେ ତାଙ୍କ ପକ୍ଷେ ଆଧାର କାର୍ଡ କରିବା ସମ୍ଭବ ହେଉନାହିଁ। ଏଭଳି ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ଭାରତ ସରକାର ଆଧାର କାର୍ଡ ଯୋଗାଇବାକୁ କି ବ୍ୟବସ୍ଥା କରିଛନ୍ତି ଏନେଇ ବର୍ତ୍ତମାନ ମଧ୍ୟ ନୀତି ସ୍ପଷ୍ଟ ହୋଇପାରି ନ ଥିବା ଜଣାପଡିଛି। ଏପରି କି ବିଭାଗୀୟ ଅଧିକାରୀଙ୍କ ପାଖରେ ମଧ୍ୟ ଏନେଇ ଠୋସ ଖବର ନାହିଁ। ଫଳରେ ଅନେକ ଅସହାୟ ଆଧାର କାର୍ଡ ପାଇବାକୁ ଆଜି ବି ଆଶା ବାନ୍ଧି ବସିଛନ୍ତି। ସାଧାରଣତଃ ଅଧାର କାର୍ଡ ପ୍ରସ୍ତୁତି ବେଳେ କାହାର ଆଙ୍ଗୁଠି ଚିହ୍ନ, ଆଖିର ଜ୍ୟୋତି ସଂଗ୍ରହ କରିବା ସମ୍ଭବ ହେଉ ନ ଥିବା ବେଳେ କାହାର ପରିଚୟ, ଠିକଣା ମିଳିପାରୁ ନାହିଁ। ଫଳରେ ସେମାନଙ୍କ ଆଧାର କାର୍ଡ କରିବାରେ ସମସ୍ୟା ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏଭଳିସ୍ଥିତିରେ ସେମାନେ ଉଚ୍ଚ ଶିକ୍ଷା ସହ ଚାକିରୀ ଆଦି କ୍ଷେତ୍ରରେ ବଞ୍ଚିତ ରହୁଥିବା ଜଣାପଡିଛି। ମାଟ୍ରିକ ପାସ୍ ପରେ ଏଭଳି କିଛି ପିଲା ଉଚ୍ଚ ଶିକ୍ଷା ପାଇପାରୁ ନ ଥିବା ଦୃଷ୍ଟାନ୍ତ ରହିଛି। ଯାହା ସମ୍ପୃକ୍ତ ଅନାଥାଶ୍ରମ ପରିଚାଳକଙ୍କୁ ଅଡୁଆରେ ପକାଇଛି। ପ୍ରତ୍ୟେକ କଥାରେ ଆଧାର ଦାବି କରାଯାଉଛି। ଯାହା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏ ଦିଗରେ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ସେମାନେ ଯାହା କୁହନ୍ତି...

"ଅନେକ ସମୟରେ ଅଧାର କାର୍ଡ ନେଇ ସମସ୍ୟା ସୃଷ୍ଟି ହେଉଛି। ସରକାରଙ୍କ ଗାଇଡ ଲାଇନ ଅନୁସାରେ ଯିବାକୁ ପଡିବ। ଏଥିରେ ସାମାନ୍ୟ ବ୍ୟତିକ୍ରମ ହେଲେ ଆଧାର ମିଳିବା କଷ୍ଟ ସାଧ ହେଉଛି। ତେବେ ଏନେଇ ରହିଥିବା ବାଧକଗୁଡିକୁ କିପରି ଦୂର କରାଯାଇ ପାରିବ ସେ ଦିଗରେ ସରକାରଙ୍କୁ ଅବଗତ କରାଯାଇଛି।

**ଅଶୋକ ବିଶି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ**

"ସରକାରଙ୍କ ନୀତ ପ୍ରଣୟନ ବେଳେ ଅନାଥ ବା ପରିଚୟହୀନଙ୍କ ପାଇଁ କିପରି ଆଧାର କାର୍ଡ ମିଳି ପାରିବ ସେନେଇ ବ୍ୟବସ୍ଥା ରହିଛି। ତେବେ ଏହାକୁ ପାଳନ କରିବା ହେଉଛି ବଡ କଥା। ଆଗ୍ରହ ଅଭାବରୁ ଅନେକ ଆଶାୟୀ ଆଧାର କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି କି ବିଭିନ୍ନ କାରଣରୁ ସେମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସହଜ ସରଳ ଉପାୟରେ କିପରି ଆଧାର କାର୍ଡ ମିଳିବ ସେ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**କାର୍ତ୍ତିକ ପାଣ୍ଡବ, ଶ୍ରଦ୍ଧାର ସମ୍ପାଦକ**

"ଦୁର୍ଘଟଣାର ଶିକାର ହୋଇ ଅନେକ ଶିଶୁ, ଯୁବତୀ ଯୁବକଙ୍କୁ ଆଣାଯାଇ ବିଭିନ୍ନ ଅନାଥାଳୟ ବା ଆଶ୍ରୟସ୍ଥଳରେ ଛାଡି ଦିଆଯାଉଛି। ଯାହାଙ୍କ ନାମ, ଠିକଣା, ପରିଚୟ ନାହିଁ। ସେମାନଙ୍କ ପାଇଁ ଆଧାର କାର୍ଡ ଖଣ୍ଡେ ହାତେଇବାକୁ ନାକେଦମ୍ ହେବାକୁ ପଡୁଛି। ଆଧାର କାର୍ଡ ପ୍ରସ୍ତୁତିରେ ନିୟୋଜିତ କର୍ମଚାରୀ କିଛି ବୁଝୁ ନାହାଁନ୍ତି। ଏଭଳି ଅବସ୍ଥାରେ ପିଲା ଉଚ୍ଚ ଶିକ୍ଷା କିମ୍ବା ନିଯୁକ୍ତି ପାଇବା ସ୍ୱପ୍ନ ପାଲଟୁଛି। ଏ ଦିଗରେ ସରକାର ଦୃଷ୍ଟି ଦେବା ଆବଶ୍ୟକ।

**ଲକ୍ଷ୍ମୀଧର ନାୟକ, ମାନବ ସେବା ପ୍ରତିଷ୍ଠାନ ଜଗଦା**

"ଅନ୍ୟମାନଙ୍କ ପରି ସହରରେ ମାତୃ, ପିତୃହୀନ ନିରାଶ୍ରୟଙ୍କୁ ଆଧାର କାର୍ଡ ସହଜରେ ମିଳିବା ଦରକାର। ହେଲେ ଭଲ ଲୋକଙ୍କୁ ଏନେଇ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଥିରୁ ଅନୁମାନ ଜଣେ ଅନାଥାଶ୍ରମ ଅନ୍ତେବାସୀ ବା ପରିଚୟ ବିହୀନ ପିଲା କିପରି ଆଧାର କାର୍ଡ ପାଇବ। ଆଶ୍ରମ ଅନ୍ତେବାସୀଙ୍କ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ଆଧାର କାର୍ଡ ଯୋଗାଇ ଦିଆଯିବା ନିହାତି ଆବଶ୍ୟକ।

**ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ**

## ଏବିଭିପି ପକ୍ଷରୁ ମହାନଗର ସମ୍ମିଳନୀ

**ରାଉରକେଲା ଅଫିସ,୧୯।୧୧**
ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ଼ ଜିଲା ପକ୍ଷରୁ ରାଉରକେଲା ମହାନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ସହରର ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ଛାତ୍ର ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ସେ ଛାତ୍ରଜୀବନର ବ୍ୟକ୍ତିଗତ, ଦାୟିତ୍ୱ ଓ ସାମାଜିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏପରି କି ଦେଶର ବିକାଶ ତଥା ରାଷ୍ଟ୍ର ଗଠନରେ ଛାତ୍ର ସମାଜ କିପରି ଭାଗୀଦାରି ହୋଇପାରିବେ ସେନେଇ ଅବଗତ କରିଥିଲେ। ସମ୍ମାନିତ ଅତିଥି ଛାତ୍ର ନେତା ସମୀର ରାଉତ ଯୋଗଦେଇ ଛାତ୍ର ଜୀବନାଦର୍ଶକୁ ଅତୁଟ ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ। ମହାନଗର ସଭାପତି ଡ.ନୀହାରରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଗଠନର ପୁରାତନ କାର୍ଯ୍ୟକାରିଣୀକୁ ଭଙ୍ଗ କରାଯାଇ ନୂତନ କମିଟି ଘୋଷଣା କରାଯାଇଥିଲା। ଏଥିରେ ସଭାପତି ଭାବେ ନୀହାର ମିଶ୍ରଙ୍କୁ ଚୟନ କରାଯାଇଥିବା ବେଳେ ଛାତ୍ର ନେତା ହେମାନନ୍ଦ ଦାସଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଭାବେ ସ୍ୱଦେଶ ପଣ୍ଡା, ରମଣ ଝା, ଦେବାଶିଷ ପଟ୍ଟନାୟକ, ପ୍ରଭାତ ରଞ୍ଜନ ମହାରଣା, ଅଭିଜିତ ଦାସ, ଇପ୍‌ସିତା ରାଉତ ପ୍ରମୁଖ ମନୋନୀତ ହୋଇଥିଲେ।



କଲମପୁର ବ୍ଲକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ■ ଜିଲାପାଳ କ୍ଷେତ୍ର ଅନୁଧ୍ୟାନ କଲେ

# ରାସ୍ତା ପାଇଁ ସଙ୍କୁଚିତ ହେବନି ରୟାଲ ପଡ଼ିଆ

**ସୋନପୁର,୧୯।୧୧(ନି.ପ୍ର.)**
ରାସ୍ତା ପ୍ରଶସ୍ତୀକରଣ ନାଁରେ ରୟାଲ ପଡିଆକୁ ସଙ୍କୁଚିତ ପାଇଁ ଷଡଯନ୍ତ୍ର ଚାଲିଥିଲା। ପଡିଆ ସମ୍ମୁଖ ପଟୁ ୧୦.୭ ମିଟର ଓସାରର ପ୍ରାୟ ୨ଏକର ଜମି ପ୍ରଶାସନ ନିଜ ଅକ୍ତିଆରକୁ ନେଉଥିଲା। କିଛି ମାସ ପରେ ଦର୍ଶକ ଗ୍ୟାଲେରି ପାଇଁ ଆଉ ୩୦ ଫୁଟ୍ ଓସାରର ଜମି ଅଧିଗ୍ରହଣ ହୋଇଥାନ୍ତା। ପଡିଆ ଭିତରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ତାର ଟଣା ଯାଇଥିଲା। ଏ ସମ୍ପର୍କରେ ଗତ ଅକ୍ଟୋବର ୨୫ତାରିଖ ଧରିତ୍ରୀରେ ବଡ ବଡିଆଙ୍କୁ ଫାଇଦା ପାଇଁ ମସୁଧା, ସଙ୍କୁଚିତ ହେବ ରୟାଲ ପଡିଆ ଶୀର୍ଷକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସହରର ବୁଦ୍ଧିଜୀବୀ ଓ କ୍ରୀଡାବିତ୍ ପଡିଆର ସୁରକ୍ଷା ପାଇଁ ଦୁଇଟି ପର୍ଯ୍ୟାୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଦରଖାସ୍ତ ପ୍ରଦାନ କରିଥିଲେ। ମଙ୍ଗଳବାର ଜିଲାପାଳ ବାନାର୍ଜୀ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ପର୍ଯ୍ୟନ୍ତ ୩.୨୬୦କିମି. ୪ ଥାକିଆ ରାସ୍ତା ଓ ରୟାଲ ପଡିଆର କ୍ଷେତ୍ରୀୟ ତଦନ୍ତ କରିଥିଲେ। ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା ଓ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଜଗଦୀଶ ଚନ୍ଦ୍ର ମହାନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଅନୁଧ୍ୟାନ ପରେ ଜିଲାପାଳ କହିଥିଲେ ରୟାଲ ପଡିଆକୁ ସଙ୍କୁଚିତ କରାଯିବନି। ଅପରପାର୍ଶ୍ୱରେ ଥିବା ସରକାରୀ ଜମିରୁ ଜବରଦଖଲ ହଟା ଯାଇ ରାସ୍ତା ନିର୍ମାଣ ହେବ। ଏଥିପାଇଁ ନୂତନ ସର୍ଭେ ହେବ। ରାସ୍ତା ପାଇଁ କ୍ଷତିଗ୍ରସ୍ତ ହେଉଥିବା ବିଦ୍ୟାଳୟ, ମାର୍କେଟ କମ୍ପ୍ଲେକ୍ସ, ଜିଲାପାଳଙ୍କ କାର୍ଯ୍ୟାଳୟ ଓ କୃଷି ବିଭାଗ କାର୍ଯ୍ୟାଳୟର ପ୍ରାଚୀର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଆବଶ୍ୟକ ଅର୍ଥ ପ୍ରଦାନ କରିବ। ନିୟମ ଅନୁଯାୟୀ ସରକାରୀ, ବେସରକାରୀ ଓ ଦେବୋତ୍ତର ଜମି ଅଧିଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ଆବଶ୍ୟକସ୍ଥଳେ ପଡିଆ ଭିତରୁ ବିଦ୍ୟୁତ୍ ଖୁଣ୍ଟ ହଟିବ। ପ୍ରକାଶ ଯେ, ଏହି ରାସ୍ତା ନିର୍ମାଣ ପାଇଁ ୬କୋଟି ୭୯ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ତେବେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ନ କରି ବ୍ଲକ ଛକସ୍ଥିତ ୮ ଏକର ପରିମିତ ଅଞ୍ଚଳରେ ଥିବା ରୟାଲ ପଡିଆକୁ ନିଶ୍ଚିହ୍ନ କରି ଦେବାକୁ ସମସ୍ତ ଯୋଜନା ହୋଇଥିଲା। ଏହି ସମତଳ ପଡିଆରେ ମୁଖ୍ୟମନ୍ତ୍ରୀଙ୍କ ସଭାଠାରୁ ଆରମ୍ଭ କରି, ବିଭିନ୍ନ ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, ଫୁଟବଲ ଓ କ୍ରିକେଟ୍ ଟୁର୍ନାମେଣ୍ଟମାନ ବର୍ଷ ସାରା ଆୟୋଜନ ହୋଇଥାଏ। ପ୍ରାତଃ ଓ ସନ୍ଧ୍ୟା ସମୟରେ ସହରବାସୀ ପଡିଆରେ ଭ୍ରମଣ କରନ୍ତି। ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ଖେଳପଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପଡିଆରେ ଫୁଟବଲ ଖେଳ ପାଇଁ ଉଦ୍ଦିଷ୍ଟ ଦର୍ଶକ ଗ୍ୟାଲେରି ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୧ ବର୍ଷ ପୂର୍ବରୁ ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ମ୍ୟୁନିସିପାଲିଟି ୬କୋଟି ୨୮ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରିଛି। ଏହି ଗ୍ୟାଲେରି ତଳେ ୪୦ରୁ ଊର୍ଦ୍ଧ୍ୱ ଦୋକାନ ଘର ନିର୍ମାଣ କରାଯିବାର ଯୋଜନା ରହିଛି। ସରକାରଙ୍କ ଅନୁଦାନ ମିଳିଲେ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି।



ଜିଲାପାଳ ମୋନିଷା ବାନାର୍ଜୀ ଅଧିକାରୀଙ୍କ ସହ ରାସ୍ତା ପ୍ରଶସ୍ତୀକରଣ ପାଇଁ ସ୍ଥାନ ଅନୁଧ୍ୟାନ କରୁଛନ୍ତି।

### ସରକାରୀ ଜମିରୁ ଜବରଦଖଲ ହଟିବ

## ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ଦାବିପତ୍ର

**କଲମପୁର,୧୯।୧୧(ଡି.ଏନ.ଏ.)**
କଲମପୁର ବ୍ଲକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦରମା ବୃଦ୍ଧି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ନବୀନ କୁମାର ଖମାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦରମା ବୃଦ୍ଧି ନେଇ ସଂଘ ବାରମ୍ବାର ଆନ୍ଦୋଳନ କରିବା ସତ୍ତ୍ୱେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ନଭେମ୍ବର ୨୦ ତାରିଖ ମଧ୍ୟରେ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଦାବିପତ୍ର ଗୁରୁତ୍ୱ ନ ଦେଲେ ସେମାନେ ସାମୁହିକ ଭାବେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ନିଜର ହକ ପାଇଁ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଏହି ଆନ୍ଦୋଳନ ପ୍ରତି କଲମପୁର ବ୍ଲକ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ସମର୍ଥନ ଜଣାଇଛି। କଲମପୁର ବ୍ଲକ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ସଭାପତି ଅଜୟ କୁମାର ପଲାଇ, ସମ୍ପାଦକ ଦେବଦତ୍ତ ନାଗ, ଜ୍ଞାନରଞ୍ଜନ ମହାରଣା, ଜିତେନ୍ଦ୍ର ନାୟକ ପ୍ରମୁଖ ଶିକ୍ଷକଙ୍କ ନେତୃତ୍ୱରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ଉପଦେଷ୍ଟା ମନ୍ମଥ କୁମାର ମିଶ୍ର, ଶୁଭେନ୍ଦୁ କୁମାର ପଣ୍ଡା, ଉଦୟନାରାୟଣ ସିଂ ମାଝିଙ୍କ ସମେତ ସଙ୍ଗଠନ ବହୁଲୋକ ଉପସ୍ଥିତ ଥିଲେ।

## ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ ନିଯୁକ୍ତି ଦାବି

**ରାଉରକେଲା ଅଫିସ,୧୯।୧୧**
ଇସ୍ପାତ କାରଖାନା ଅଧୀନସ୍ଥ ନୂଆ ହଟ୍ ଷ୍ଟ୍ରିପ ମିଲଠାରେ ଏଲ୍‌ଏଣ୍ଡଟି କମ୍ପାନୀରେ କାମ କରୁଥିବା ବେଳେ ଶ୍ରମିକ ମନଷା ବିନ୍ଧାଣୀ(୫୬)ଙ୍କ ସୋମବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ସେ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଆଇଡିଏଲ ଫାଣ୍ଡି ନିକଟ ସମରାବସ୍ତିରେ ରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହେଲେ କ୍ଷତିପୂରଣ ସହ ନିଯୁକ୍ତି ଦାବିରେ ପରିବାର ଲୋକଙ୍କ ସହ ଓ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମଙ୍ଗଳବାର ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବିଭିନ୍ନ ଦାବି ନେଇ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**କେଗାଁ,୧୯।୧୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମଖଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ଏଥିପ୍ରତି ଶିକ୍ଷା ବିଭାଗ ଓ ପ୍ରଶାସନ ଦୃଷ୍ଟି ନ ଦେବାରୁ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଧାରଣାରେ ବସିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗରୁ ଅନୁଯାୟୀ ଯେ, ମଖଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧ ଡେସିମିଲ ଜାଗାକୁ ଗ୍ରାମର ଦୁଇ ଜଣ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ବିଦ୍ୟାଳୟରେ ଆବଶ୍ୟକ କୋଠରି ନ ଥିବାରୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୧୭୨ ଜଣ ଛାତ୍ରୀଛାତ୍ର ନନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟ ପରିସରରେ କୌଣସି ଜାଗା ନ ଥିବା ବେଳେ ନୂତନ ଗୃହ ପାଇଁ ଅନୁଦାନ ଆସିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଅପରପକ୍ଷରେ ୧୭୨ ଜଣ ଛାତ୍ରୀଛାତ୍ର ଏକା ସହିତ ଠିଆ ହୋଇ ବିଦ୍ୟାଳୟ ପରିସରରେ ପ୍ରାର୍ଥନା କରିବା ପାଇଁ ମଧ୍ୟ ଜାଗା ନାହିଁ। ଏ ନେଇ ଗତ ୫ ବର୍ଷ ହେଲା ଗ୍ରାମବାସୀ ଶିକ୍ଷା ବିଭାଗ ଓ ପ୍ରଶାସନ ପାଖରେ ଦାବି କରି ଆସୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁ ନ ଥିବାରୁ ଗ୍ରାମବାସୀ ବାଧ ହୋଇ ସ୍କୁଲରେ ତାଲା ପକାଇଥିବା କହିଛନ୍ତି। ଅନ୍ୟପକ୍ଷରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସ୍ଥାନୀୟ ନାଏବ ସରପଞ୍ଚ ଅଟଳ ବାଗ, ଶିକ୍ଷା କମିଟି ସଭାପତି ନୃପ ବାଗ, କେଦାର ବାଗ, ମକୁନ୍ଦ ବାଗ, ଚମ୍ପା ହରପାଲ, ସେବତି ନାଏକ, ସରାବନି ନାଏକ, ସନ୍ତରା ନାଏକ, ନବ କିଶୋର ନାଏକ, ଦ୍ରୋପଦୀ ତାଣ୍ଡି, କାମିନି ତାଣ୍ଡି ପ୍ରମୁଖ ଚେତାବନୀ ଦେଇଛନ୍ତି ।

### ମଖଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



ସ୍କୁଲରେ ତାଲା ପକାଇ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ■ ଭିକି ଏଣ୍ଡ ଗୁଡୁ ମୋମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

# ସେମିଫାଇନାଲରେ ରାଉରକେଲା

**ସୋନପୁର,୧୯।୧୧(ନି.ପ୍ର.)**
ସୋନପୁର ନ୍ୟୁ ଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୫ମ ଭିକି ଏଣ୍ଡ ଗୁରୁ ମୋମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରୟାଲ ପଡିଆରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ରେଡ ରୋଜ୍ ସୋନପୁର ଓ କଟକ ସାଇରାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ କଟକର ସାଇରାମ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୫୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହାର ପିଛା କରି ରେଡ୍ ରୋଜ ୯.୩ ଓଭରରେ ୭ ଉଇକେଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଲାଲ ସ୍ପୋର୍ଟିଂ ସୋନପୁର ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲାଲ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭୩ ରନରେ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ରାଉରକେଲା ୭ ଉଇକେଟ୍‌ରେ ବିଜୟ ଲକ୍ଷ୍ୟ ହାସଲ କରି କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । କ୍ୱାର୍ଟର ଫାଇନାଲ ମ୍ୟାଚ୍ ରେଡ ରୋଜ ସୋନପୁର ବନାମ ରାଉରକେଲା ମଧ୍ୟରେ ହୋଇଥିଲା। ଏଥିରେ ରେଡ ରୋଜ୍ ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୭୩ ରନ କରିଥିଲା । ଯାହାକି ରାଉରକେଲା ଦଳ ୮ ଉଇକେଟ୍‌ରେ ବିଜୟ ହାସଲ କରି ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ଉନ୍ନିତ ହୋଇଛି। ଏହି ମ୍ୟାଚ୍‌କୁ ସରୋଜ କୁମ୍ଭାର, ଅରବିନ୍ଦ ଝା, ରମାକାନ୍ତ ସୁନା ଓ ପିଣ୍ଟୁ ସାମଲ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ନ୍ୟୁଷ୍ଟାର କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଜନମୁରା ସରପଞ୍ଚ ଅରବିନ୍ଦ ବାରିକ, ଜିଲା କ୍ରୀଡା ସଂଘର ସଭାପତି ପଠାନ ପଣ୍ଡା, କ୍ରୀଡାବିତ୍ ଜୟନାରାୟଣ ମେଣ୍ଡଲି, ଅଜିତ ପୂଜାହାରୀ, ଦଧି ହରିପାଲ ଓ ଶ୍ରୀରାମ ସୁନା ପ୍ରମୁଖ ଯୋଗ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

## ସଂକ୍ଷେପରେ

ଟ୍ରେନ୍‌ରୁ ଖସି ଗୋଡ଼ ହରାଇଲେ ଯାତ୍ରୀ

### ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଝାରସୁଗୁଡ଼ା ଅଫିସ୍ / ଲଖନପୁର, ୧୯।୧୧ (ଡି.ଏନ୍.ଏ.): ଝାରସୁଗୁଡ଼ା ରୋଡ ଷ୍ଟେଶନରେ ମଙ୍ଗଳବାର ଏକ ପାସେଞ୍ଜର ଟ୍ରେନ୍‌ରେ ଜଣେ ଯାତ୍ରୀ ଚଢୁଥିବାବେଳେ ଅସାବଧାନତାବଶତଃ ଖସିପଡ଼ି ଚକା ତଳେ ପଡ଼ିଯାଇଥିଲେ। ଏଥିରେ ତାଙ୍କର ୨ଟି ଯାକ ଗୋଡ଼ କଟିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଝାରସୁଗୁଡ଼ା ଜିଆର୍‌ପି ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରଛି। ଜିଆର୍‌ପି ପୋଲିସ ସୂଚନା ଅନୁଯାୟୀ ମୃତ ଯାତ୍ରୀ ଜଣକ ହେଉଛନ୍ତି ଛତିଶଗଡ଼ ହଙ୍କରର ସଞ୍ଜୟ କର(୩୧)। ଏନେଇ ଜିଆର୍‌ପି ପୋଲିସ ମୃତକଙ୍କ ପରିବାରବର୍ଗଙ୍କୁ ଖବର ଦେଇଛି। ସୂଚନା ଅନୁଯାୟୀ ସମ୍ବଲପୁରରୁ ରାଉରକେଲା ଯାଉଥିବା ଡିଏମ୍‌ୟୁ ଟ୍ରେନ୍ ଝାରସୁଗୁଡ଼ା ରୋଡ୍ ଷ୍ଟେଶନରେ ଅଟକିଥିଲା। ଏହି ସମୟରେ ଯାତ୍ରୀ ଜଣଙ୍କ ଟ୍ରେନ୍‌ରେ ଚଢୁଥିବାବେଳେ ଅସାବଧାନତା ଯୋଗୁ ଟ୍ରେନ୍ ଚକାତଳେ ପଡ଼ିଯାଇଥିଲେ।

■ କୁମ୍ଭାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ପ୍ରସଙ୍ଗ

# ଅଞ୍ଚଳବାସୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଆଲୋଚନା

■ପ୍ରବେଶ ପଥକୁନେଇ ତୁଟୁଁନି ବିବାଦ

■ପୁନର୍ବାର ଆଲୋଚନା ପାଇଁ ବୈଠକରେ ନିଷ୍ପତ୍ତି

ଲଖନପୁର,୧୯।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ କୁମ୍ଭାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବହୁବିଧ ସମସ୍ୟାକୁ ନେଇ ଅଞ୍ଚଳବାସୀଙ୍କ ତରଫରୁ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ ମଙ୍ଗଳବାର କୁମ୍ଭାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଓ ସଚେତନ ନାଗରିକଙ୍କ ସହିତ ଆଲୋଚନା କରି ଫେରିଛନ୍ତି। ଏହି ଆଲୋଚନାରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଓ ଡା.ଡୋଲାମଣି ପଟେଲ, ଏଡିଏମ୍‌ଓ ଡା.ସୁପ୍ରଭା ବାରିକ, ଡା.ଜ୍ୟୋତି ପ୍ରକାଶ ସାମଲ, ଡା,ପ୍ରବିତାଞ୍ଜଳୀ ସାହୁ, ବିପିଏମ୍ ପ୍ରମୋଦ ପ୍ରଧାନ,ଏନ୍ଏଚ୍ଏମ୍ ଏଇ ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହିପରି ଅଞ୍ଚଳବାସୀଙ୍କ ତରଫରୁ ତିଳିଆ ସରପଞ୍ଚ ଠଣସୁନ୍ଦର ସାହୁ, ସମିତି ସଭ୍ୟ ସଞ୍ଜୟ ସାହୁ, କୁମ୍ଭାରବନ୍ଧ ସରପଞ୍ଚ ଅନିତା ବାରିକ, ସମିତି ସଭ୍ୟା ଅରୁଣା ବନଛୋର,ପିପିଲିକାନୀ ସରପଞ୍ଚ ମନ୍ଦାକିନୀ ନାୟକ, ଦଲଗାଁ ସରପଞ୍ଚ ଚିତ୍ରସେନ ଧୁରୁଆ, ପୂର୍ବତନ ସରପଞ୍ଚ ଗୁଣିନିଧି ବାରିକ, ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ପାଢୀ, ଭୂନାଥ ବଡେଇ, ହେମନ୍ତ ପ୍ରଧାନ, କମଳ ଲୋଚନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ରୋହିଦାସ, ତପନ ପାଇଯୋଶୀ, ଚକାନୟନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳବାସୀଙ୍କ ଦାବି ସମୁହ ମଧ୍ୟରେ ପିଏଚ୍‌ସିକୁ ସିଏସ୍‌ସିରେ ଅନ୍ତର୍ଭୁକ୍ତ, ଅଧିକ ଡାକ୍ତର ନିଯୁକ୍ତି, ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରକୁ ପାନୀୟଜଳ ଯୋଗାଣ, ଶବବାହାକ ଗାଡି, ଶଯ୍ୟାବୃଦ୍ଧି ସାଙ୍ଗକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଯୁକ୍ତ ପ୍ରବେଶ ପଥ ଆଦି ରହିଛି। ଏସବୁ ଦାବି ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ। ଖୁବ୍ ଶୀଘ୍ର ଡାକ୍ତର ନିଯୁକ୍ତି, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଆଦିର ବିକାଶ କରାଯିବ ବୋଲି ଏଡିଏମ୍‌ଓ ଡା.ପଟେଲ କହିଛନ୍ତି। ସୂଚନା ଥାଉକି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲା ଖଣିଜ ପାଣ୍ଠିରୁ ଏକ କୋଠା ନିର୍ମାଣ ଚାଲିଛି। ଏହି କୋଠା ନିର୍ମାଣ ହେବା ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଉ ଏକ ନୂଆ ପ୍ରବେଶପଥ ଖୋଲିବାକୁ ଯାଉଛି। ଏହି ନୂଆ ପ୍ରବେଶପଥ ନ ଖୋଲିବା ପାଇଁ କେତେକ ଅଞ୍ଚଳବାସୀ ଦାବି କରୁଛନ୍ତି। ସେହିପରି ଏହାକୁ ବିରୋଧ କରି କେତେକ ଅଞ୍ଚଳବାସୀ ଲୋକଙ୍କ ସୁବିଧା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ପ୍ରବେଶପଥ ରଖିବା ପାଇଁ ଦାବି କରିଛନ୍ତି। ଏହି ପ୍ରବେଶପଥକୁ ନେଇ ବୈଠକରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ବାଦବିବାଦ ଦେଖାଦେଇଛି। ଫଳରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଆଗମୀ ଦିନରେ ଅଞ୍ଚଳବାସୀଙ୍କୁ ନେଇ ପୁନର୍ବାର ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।


ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଟ୍ରକ୍ ଧକ୍କାରେ ସ୍କୁଲଫେରନ୍ତା ଛାତ୍ରୀ ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ


ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ଝାରସୁଗୁଡ଼ା ଅଫିସ୍ / ଲଖନପୁର, ୧୯।୧୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ବିଟିଏମ୍ ବାଇପାସ୍ ୪୯ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଅପରାହ୍ନରେ ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଲଫେରନ୍ତା ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣଙ୍କ ବିଟିଏମ୍‌ର ସ୍ୱପ୍ନା ଜେନା(୧୫) ବୋଲି ଜଣାପଡ଼ିଛି। ସେ ଏଚ୍‌କଣ୍ଟାପାଲି ରତ୍ନାକର ହାଇସ୍କୁଲ ୧୦ମ ଶ୍ରେଣୀ ଛାତ୍ରୀ। ମଙ୍ଗଳବାର ସ୍କୁଲ ଛୁଟି ପରେ ଛାତ୍ରୀ ଜଣଙ୍କ ସାଇକେଲରେ ଘରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଜନସାଧାରଣ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଖବରପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଏକ ଆଲୋଚନା ହୋଇଥିଲା। ଏଥିରେ ଉପଜିଲାପାଳ ଶିବ ଟପ୍ପୋ, ଅତିରିକ୍ତ ଏସ୍‌ପି ପ୍ରମୋଦ ପଟେଲ, ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଇନ୍‌ସ୍ପେକ୍ଟର ପବିତ୍ର କିଷାନ, ପିଡବ୍ଲ୍ୟୁଡି ନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ, ପ୍ରସନ୍ନ ପଣ୍ଡା ଛକରେ ୨୪ ଘଣ୍ଟିଆ ଟ୍ରାଫିକ୍ ନିୟନ୍ତ୍ରଣ, ଛକର ଚତୁଃପାର୍ଶ୍ୱରେ ହମ୍ପସ୍ ନିର୍ମାଣ ଆଦି ଦାବି କରିଥିଲେ। ଦାବିକୁ ପ୍ରଶାସନ ମାନିନେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ସନ୍ଧ୍ୟା ୭ଟା ୧୫ମି. ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁକରି ଛାତ୍ରୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଓଆର୍ ୨୩ଡି ୫୪୬୧ନଂ. ଟ୍ରକ୍‌କୁ ପୋଲିସ ଜବତ କରିଛି।

## ଦୁର୍ଘଟଣାରେ ବାଇକ ଆରୋହୀ ଆହତ

ଲଇକେରା, ୧୯।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ବାମରା ରାସ୍ତା ସାହାସପୁର ଡୁମେରଡ଼ିହିଠାରେ ମଙ୍ଗଳବାର ରାତି ୮ଟାରେ ଜଣେ ବାଇକ ଆରୋହୀ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀଙ୍କୁ ଫାଣ୍ଡି ପୋଲିସ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆହତ ବ୍ୟକ୍ତି ଜଣକ ରାଜଗାଙ୍ଗପୁରର ରାଜୀବ ଡୁଙ୍ଗଡୁଙ୍ଗ। ମଙ୍ଗଳବାର ରାତି ୮ଟାରେ ସେ ନିଜ ହୋଣ୍ଡା ଏକ୍ଟିଭା ଓଡି୨୩ ଏଫ୪୬୩୯ରେ ସମ୍ବଲପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ସାହାସପୁର ଡୁମେରଡ଼ିହିଠାରେ ରାସ୍ତା ଉପରେ ପଡ଼ିଥିବା ଏକ ଶୁଖିଲା ଗଛଡାଳରେ ପିଟି ହୋଇଥିଲେ। ପରେ ସ୍ଥାନୀୟ ଲୋକେ ଦୁର୍ଘଟଣା ସମ୍ପର୍କରେ ପୋଲିସ ଫାଣ୍ଡିକୁ ଖବର ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ରାସ୍ତା କଡ଼ରେ ଥିବା ଅନେକ ଶୁଖିଲା ଗଛରୁ ବିଭିନ୍ନ ସମୟରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହେଉଛି। ଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଥିପାଇଁ ସ୍ଥାନୀୟ ଲୋକେ ବନ ବିଭାଗକୁ ଅବଗତ କଲେ ସୁଦ୍ଧା ବିଭାଗୀୟ କର୍ମଚାରୀ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ଦିଗରେ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

## ରାଜପୁରରେ ଫୁଟବଲ ପ୍ରତିଯୋଗିତା


ଅତିଥିଙ୍କ ଗହଣରେ ଫୁଟ୍‌ବଲ ଖେଳାଳିମାନେ।

ବ୍ରଜରାଜନଗର, ୧୯।୧୧(ଡି.ଏନ୍.ଏ.)

ରାଜପୁର ଫୁଟ୍‌ବଲ ପଡ଼ିଆରେ ଚାଲିଥିବା ୨୮ତମ ପ୍ରଥମାଷ୍ଟମୀ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଦ୍ୱିତୀୟ ଦିନରେ ୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ କୁଚିଣ୍ଡା ଦଳ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ଓ ରାଜପୁର ଦଳ ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲକୁ ଯାଇଛି। ପ୍ରଥମ ଦିନ ୮ ଗୋଟି ଦଳ ମ୍ୟାଚ୍ ଖେଳିଥିଲେ। ତନ୍ମଧ୍ୟରୁ କିରାରମା ଓ ଜାହାଜପଡ଼ା ଉଭୟ ଦଳ ସେମି ଫାଇନାଲକୁ ଯାଇଥିଲେ। ବୁଧବାର ଅଷ୍ଟମୀରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଖେଳକୁ ରାଜପୁର ନେତାଜୀ କ୍ଲବ ଆୟୋଜନ କରିଛନ୍ତି।

ଲୋକ ସଭାରେ କେନ୍ଦ୍ର ସରକାର ଜଣାଇଲେ

## ୧୦ ସଂସ୍ଥାକୁ ଦିଆଯାଇଛି ଫୋନ୍ ଟ୍ୟାପିଙ୍ଗ୍ ଅନୁମତି

ନୂଆଦିଲ୍ଲୀ,୧୯।୧୧(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଭଳି ୧୦ଟି ତଦନ୍ତକାରୀ ସଂସ୍ଥାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଫୋନ୍ ଟ୍ୟାପିଙ୍ଗ୍ ପାଇଁ ଅନୁମତି ଦିଆଯାଇଛି। କୌଣସି ବ୍ୟକ୍ତିଙ୍କୁ ସର୍ଭିଲାନ୍ସରେ ରଖିବା ପୂର୍ବରୁ ସେହି ସଂସ୍ଥାଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁମତି ନେବା ଜରୁରୀ ବୋଲି ମଙ୍ଗଳବାର ଲୋକ ସଭାରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଟ୍ସଆପ୍ କଲ୍ ଓ ମେସେଜ୍ ଟ୍ୟାପିଙ୍ଗ୍ ସମ୍ପର୍କିତ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି, କୌଣସି କମ୍ପ୍ୟୁଟରରେ ସୂଚନା ପ୍ରସ୍ତୁତ, ପ୍ରେରଣ, ଗ୍ରହଣ ବା ସଂରକ୍ଷଣ କରାଯାଇଥିଲେ ତାକୁ ଆୟତ୍ତ, ଅନୁଧାନ କିମ୍ବା ବିଗୁଢ଼ କରିବା ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ, ୨୦୦୦ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଛି। ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ଦୃଷ୍ଟିରୁ ସରକାର ଆଇନଗତ ଭାବେ ଏବଂ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ୍ (ଏସ୍‌ଓପି) ଅନୁଯାୟୀ ଏଭଳି ପଦକ୍ଷେପ ନେଇପାରିବେ। ଏଥିଲାଗି ସମ୍ପୃକ୍ତ ସଂସ୍ଥାକୁ କେନ୍ଦ୍ର ସରକାରଙ୍କ କ୍ଷେତ୍ରରେ ସ୍ୱରାଷ୍ଟ୍ର ସଚିବ ଓ ରାଜ୍ୟ ସରକାରଙ୍କ କ୍ଷେତ୍ରରେ ଗୃହ ସଚିବଙ୍କ ମଞ୍ଜୁରୀ ଆବଶ୍ୟକ। କେନ୍ଦ୍ର ସରକାର ସିବିଆଇ, ଇଡି, ଆଇବି ସମେତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟାକ୍ସେସ୍, ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ, ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ, ରିସର୍ଚ୍ଚ ଆଣ୍ଡ ଅନାଲିସିସ୍ ୱିଙ୍ଗ୍ 'ର', ଡାଇରେକ୍ଟୋରେଟ୍ ଅଫ୍ ସିଗ୍ନାଲ ଇଣ୍ଟେଲିଜେନ୍ସ ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି।

■ ଖେଳ ପଡ଼ିଆରେ ଆବର୍ଜନା

## ଅସନ୍ତୋଷ ବ୍ୟକ୍ତକଲେ ବୁଦ୍ଧିଜୀବୀ

ବ୍ରଜରାଜନଗର, ୧୯।୧୧(ଡି.ଏନ୍.ଏ.)

ବ୍ରଜରାଜନଗର ପୌର ପରିଷଦ ଭଙ୍ଗ ପରଠାରୁ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଓରିଏଣ୍ଟ ପେପର ମିଲ୍ ଅଧୀନରେ ଥିବା ଖେଳ ପଡ଼ିଆରେ। ଏହି ପୁରାତନ ଖେଳ ପଡ଼ିଆ ଆଜି ଅବହେଳିତ ଅବସ୍ଥାରେ ରହିଛି। ପ୍ରତ୍ୟେକ ଦିନ ପଡ଼ିଆରେ ସହରବାସୀ ପ୍ରାତଃଭ୍ରମଣ ସହିତ ଯୋଗାଭ୍ୟାସ, ବ୍ୟାୟାମ ଆଦି କରିଥାନ୍ତି। ହେଲେ ରାତ୍ରି ସମୟରେ ଅସାମାଜିକ ବ୍ୟକ୍ତିମାନେ ଖେଳ ପଡ଼ିଆରେ ବସି ମଦ୍ୟପାନ କରିବା ସହିତ କାଚ ବୋତଲ, ପଲିଥିନ୍, ପେପର ଆଦି ପକାଇ ଆବର୍ଜନା ସୃଷ୍ଟି କରୁଛନ୍ତି। ହେଲେ ଏହା ସଫା ନ ହୋଇ ଦିନ ଦିନ ଧରି ପଡ଼ି ରହୁଛି। ଅତ୍ୟଧିକ ଆବର୍ଜନା ରହୁଥିବାରୁ ପୌର କର୍ମଚାରୀ ସଫେଇ ନ କରିବାରୁ ମଙ୍ଗଳବାର ୮୪ ଜଣ ପ୍ରାତଃଭ୍ରମଣକାରୀ ପୌର ନିର୍ବାହୀ ଅଧିକାରୀ ଦିଲୀପ ପଟେଲଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୁଜିତ ମହାନ୍ତିଙ୍କ ସହିତ ସୁଶୀଲ ପୁରୋହିତ, ବିଭୁତି ପଣ୍ଡା, ଏନ. ଲିଙ୍ଗରାଜ, ଗଜାନନ୍ଦ ଅଗ୍ରୱାଲ, ସମୀର ବଡପଣ୍ଡା, ରାମଜୀ ରାୟ, ମୁକେଶ ଗନେରିଆଲ ପ୍ରମୁଖ ଅଭିଯୋଗ କରିଥିଲେ। ଖେଳ ପଡ଼ିଆ ସଫା କରିବାକୁ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ଓବିସି ତାଲିକାରେ ବଢ଼େଇ ଜାତିକୁ ନେଇ ସଂଶୋଧନ ପାଇଁ ଅନୁରୋଧ କଲେ ଭର୍ତ୍ତୃହରି

ନୂଆଦିଲ୍ଲୀ,୧୯।୧୧

କେନ୍ଦ୍ରୀୟ ତାଲିକାର ଅନ୍ୟ ପଛୁଆ ବର୍ଗ (ଓବିସି)ରେ ରହିଥିବା 'ବଢ଼େଇ' ଜାତିରେ ସଂଶୋଧନ ପାଇଁ ମଙ୍ଗଳବାର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। କଟକ ଏମ୍‌ପି ଭର୍ତ୍ତୃହରି ଭର୍ତ୍ତୃହରି ମହତାବ ମଙ୍ଗଳବାର ଲୋକ ସଭା ପରିସରରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାୱରଚନ୍ଦ ଗେହଲଟଙ୍କୁ ସାକ୍ଷାତ କରି ଏକ ପତ୍ର ଦେଇଥିଲେ। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ହାଇକୋର୍ଟଙ୍କ ରାୟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ପରିପ୍ରେକ୍ଷୀରେ କେନ୍ଦ୍ରୀୟ ତାଲିକାର ଓବିସିରେ 'ବଢ଼େଇ' ଜାତିକୁ ନେଇ ସଂଶୋଧନ କରିବା ପାଇଁ ପଛୁଆ ବର୍ଗଙ୍କ ପାଇଁ ଜାତୀୟ ଆୟୋଗଙ୍କ ନିକଟକୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟକୁ ଦୁଇଟି ପ୍ରସ୍ତାବ ପଠାଇଛି। କିନ୍ତୁ ମନ୍ତ୍ରଣାଳୟ ପକ୍ଷରୁ ଅଦ୍ୟାବଧି ଏନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ଏହି ବର୍ଗର ଲୋକେ ଓବିସି ପ୍ରମାଣପତ୍ର ପାଇପାରୁ ନାହାନ୍ତି। ତେଣୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଁ ବିହିତ ପଦକ୍ଷେପ ନେବାକୁ ସେ ଗେହଲଟଙ୍କୁ ଅନୁରୋଧ କରିଛନ୍ତି।

■ ୬୫ତମ ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

# ଖେଳ ବୌଦ୍ଧିକ ଶିକ୍ଷାର ଏକ ପାହାଚ ସଦୃଶ

ବେଲପାହାଡ଼,୧୯।୧୧(ଡି.ଏନ୍.ଏ.)

୬୫ତମ ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ ଚାମ୍ପିୟନଶିପ୍ ଝାରସୁଗୁଡ଼ା ସରବାହାଲସ୍ଥିତ ସରକାରୀ ବିଦ୍ୟାଳୟ ଖେଳପଡ଼ିଆରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ୨୫ଟି ଜିଲାରୁ ସମୁଦାୟ ୪୧୬ଜଣ ୧୭ବର୍ଷରୁ କମ୍ ବାଳକ ଯୋଗ ଦେଇଛନ୍ତି। ଏମାନଙ୍କ ସହିତ ୨୫ଜଣ ଟିମ୍ ମ୍ୟାନେଜର, ୫୫ ଜଣ ରାଜ୍ୟ କାର୍ଯ୍ୟକର୍ତ୍ତା ଓ ୫ ଜଣ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଜିଲା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଖେଳାଳିମାନଙ୍କର ଅଭିବାଦନ ଗ୍ରହଣ କରିବା ସହିତ ପାରମ୍ପରିକ ରୀତିରେ ଚାମ୍ପିୟନସିପ୍‌ର ଶୁଭାରମ୍ଭ ଘୋଷଣା କରିଥିଲେ। ସେ ଉତ୍ସବରେ ଉଦ୍‌ବୋଧନ ଦେଇ ଖେଳ ବୌଦ୍ଧିକ ଶିକ୍ଷା ପାଇଁ ଏକ ପାହାଚ ସଦୃଶ। ସାମଗ୍ରିକ ଶିକ୍ଷା ପାଇଁ ବୌଦ୍ଧିକ ଶିକ୍ଷା ସହ ଶାରୀରିକ ଓ ନୈତିକ ଶିକ୍ଷା ଅର୍ଜନ କରିବା ଲାଗି କ୍ରୀଡ଼ା ଏକ ମଞ୍ଚ ସୃଷ୍ଟି କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ଏ ଅବସରରେ ସମ୍ମାନିତ ଅତିଥି ଭାବେ ବେଦାନ୍ତ ଆଲୁମିନିୟମ ଲିମିଟେଡ଼ର ପ୍ରଶାସନିକ ଅଧିକାରୀ ସୁନ୍ଦର ରାଜ, ଝାରସୁଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ କ୍ଷୀରୋଦ ପ୍ରଧାନ, ତଳାବିରା ଏନ୍ଏଲ୍‌ସି ଇଣ୍ଡିଆର ବରିଷ୍ଠ ଅଧିକାରୀ ପି.କ୍ରିଷ୍ଣାମୂର୍ତ୍ତି, କ୍ରୀଡ଼ା ସଂଯୋଜକ ରଞ୍ଜନ କୁମାର ଦାସ, ଜିଲା ବିଜ୍ଞାନ ନିରୀକ୍ଷକ ଜ୍ଞାନରଞ୍ଜନ ମିଶ୍ର ଓ ସଦାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସାଙ୍ଗଠନିକ ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଖେଳ ଶିକ୍ଷକ ଜଗବନ୍ଧୁ ପଟେଲ ମାର୍ଚ୍ଚପାଷ୍ଟ ପରିଚାଳନା କରିଥିଲେ। ରବି ନାରାୟଣ ପୂଜାରୀ ଓ ସଚ୍ଚିଦାନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବନହରପାଲି ଡି.ଏ.ଭି ସ୍କୁଲର ଛାତ୍ରୀଛାତ୍ର ଅତିଥି ସ୍ୱାଗତ କରିଥିଲେ। ଝାରସୁଗୁଡ଼ା ସେଣ୍ଟ ଥୋମାସ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗିତ ପରିବେଷଣ କରିଥିଲେ। ଶେଷରେ ଝାରସୁଗୁଡ଼ା ଡି.ଏ.ଭି ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଚିତ୍ତାକର୍ଷକ ପାଇକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଦର୍ଶକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଝାରସୁଗୁଡ଼ା ଡି.ଏ.ଭି ସ୍କୁଲର ଛାତ୍ରୀଛାତ୍ର ପାଇକ ନୃତ୍ୟ ପରିବେଷଣ କରୁଛନ୍ତି।